ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୬/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, February 26/2025 | Page 16 | ₹ 7.00 | RAYAGADA

୫୧ଶ ଭାଗ ୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 94 | ମୂଲ୍ୟ ₹୭/-


# ଡିଜିଟାଲ ଆରେଷ୍ଟ: କୁଳପତିଙ୍କୁ ଲୁଟିଲେ ୧୪ ଲକ୍ଷ

ଓଡ଼ିଶାରେ ସାଇବର ଅପରାଧୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ଗତ ୩ ବର୍ଷ ମଧ୍ୟରେ ରାଜ୍ୟ ତଥା ରାଜ୍ୟ ବାହାର ଅପରାଧୀମାନେ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ଲୋକଙ୍କୁ 'ଡିଜିଟାଲ ଆରେଷ୍ଟ'ର ଭୟ ଦେଖାଇ ଲୁଟିବାରେ ଲାଗିଛନ୍ତି। ୨୦୨୧ରୁ ୨୦୨୪ ମଧ୍ୟରେ ମୋଟ ୬,୩୬୮ ସାଇବର ଠକେଇ ମାମଲା ରୁଜୁ ହୋଇଥିବା ନେଇ ୨୦୨୪ ଡିସେମ୍ବରରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଥିଲେ। ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲେ ମଧ୍ୟ ଲୋକେ ସତର୍କ ହୋଇ ନ ପାରି ଅପରାଧୀଙ୍କ ଜାଲରେ ଫସୁଛନ୍ତି। ଏଭଳି ଠକେଇର ସଦ୍ୟ ଶିକାର ହୋଇଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି (ଭିସି) ପ୍ରଫେସର ଗୀତାଞ୍ଜଳି ଦାଶ। ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଫିସର ପରିଚୟ ଦେଇ ଗୀତାଞ୍ଜଳିଙ୍କୁ ସାଇବର ଠକମାନେ ଫୋନ୍ କରିଥିଲେ। ବିଶ୍ୱବିଦ୍ୟାଳୟର ଆର୍ଥିକ ଅନିୟମିତତାରେ କୁଳପତିଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ସାଇବର ଗ୍ୟାଙ୍ଗ୍ ତାଙ୍କଠାରୁ ୧୪ ଲକ୍ଷ ଟଙ୍କା ହଡ଼ପ କରିବାରେ ସଫଳ ହୋଇଛନ୍ତି। ଭିସି ମଙ୍ଗଳବାର ବ୍ରହ୍ମପୁର ସାଇବର ଥାନାରେ ଏନେଇ ଅଭିଯୋଗ କରିବା ପରେ ଘଟଣାଟି ଲୋକଲୋଚନକୁ ଆସିଛି। ଭିସି ଭଳି ଜଣେ ଉଚ୍ଚଶିକ୍ଷିତା ମହିଳା ଯଦି ଏପରି ଠକେଇର ଶିକାର ହେଉଛନ୍ତି ତେବେ ଅନ୍ୟମାନେ କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠିଲାଣି।

## ରାଜ୍ୟରେ ବଢ଼ୁଛି ସାଇବର ଅପରାଧ

**ବ୍ରହ୍ମପୁର (ସୁବାସ ଚନ୍ଦ୍ର ପାଢ଼ୀ)/ଭୁବନେଶ୍ୱର(ସୁନିତ୍ ମିଶ୍ର), ୨୫।୨**


ପ୍ରଫେସର ଗୀତାଞ୍ଜଳି ଦାଶ

ଗଞ୍ଜାମ ଜିଲାରେ ସାଇବର ଅପରାଧୀମାନେ ଜାଲ ବିଛାଇ ଚାଲିଛନ୍ତି। ବିଭିନ୍ନ ଆଳରେ ଏହି ଅଦୃଶ୍ୟ ଠକ ଗ୍ୟାଙ୍ଗ୍ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଉଛନ୍ତି। ସେ ଛାତ୍ର ହୁଅନ୍ତୁ କିମ୍ବା ଚାକିରିଆ କେହି ବି ଠକଙ୍କ କବଳରୁ ମୁକୁଳିପାରୁନାହାନ୍ତି। ବିଗତ ଦିନରେ ବ୍ୟାଙ୍କ କର୍ମଚାରୀ, ଅଧ୍ୟାପକ, ଡାକ୍ତର, ନର୍ସ, ଯୁବତୀଯୁବକମାନେ ଠକଙ୍କ ଜାଲରେ ପଡ଼ିଥିବାବେଳେ ଏବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ସାଇବର ଠକେଇର ଶିକାର ହୋଇଥିବା ସାମ୍ନାକୁ ଆସିଛି। ଠକ ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀ ବୋଲି ଭୟ ଦେଖାଇ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଆକାଉଣ୍ଟରୁ ୧୪ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୫/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, କୁଳପତି ଦାଶଙ୍କ ମୋବାଇଲ ଫୋନକୁ ଗତ ୧୨ ତାରିଖରେ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ଇଡି ଅଫିସର ବୋଲି ପରିଚୟ ଦେଇଥିଲେ। ଇଡି ତରଫରୁ ହୋଇଥିବା ଏକ ମାମଲାରେ କୁଳପତି ଦାଶଙ୍କ ନାମ ରହିଥିବା ବେଳେ ଉକ୍ତ ମାମଲାରେ ତାଙ୍କର ସମ୍ପୃକ୍ତି ଥିବା ସେ କହିଥିଲେ । କନାରା ବ୍ୟାଙ୍କରେ ତାଙ୍କ ନାମରେ ଏକ ଆକାଉଣ୍ଟ ଖୋଲାଯାଇ ସେଥିରେ ବହୁ ☞ପୃଷ୍ଠା-୪

## ଆୟକର ରିଟର୍ନ ଫାଇଲ୍ କରିଥିଲେ ମଧ୍ୟ କଟିବନି ରାଶନ କାର୍ଡ: ମନ୍ତ୍ରୀ ପାତ୍ର

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

**ଗ୍ରାମାଞ୍ଚଳରେ ୧୦ ହଜାର, ସହରାଞ୍ଚଳରେ ୧୫ ହଜାର ଆୟ ଥିଲେ କାର୍ଡ କଟିବ**

ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ଖୁସି ଖବର ଆଣିଛନ୍ତି। ଆୟକର ଫାଇଲ କରିଥିଲେ ବି ରାଶନ କାର୍ଡ କଟିବନାହିଁ। ଏନେଇ ରାଜ୍ୟ ସରକାର ଫିଜିକାଲ ଭେରିଫିକେଶନ କରିବେ। ଏଥିନେଇ ଲିଷ୍ଟ ସହ ଡୋର ଟୁ ଡୋର ବୁଲି ଫିଜିକାଲ ଭେରିଫିକେଶନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫିଜିକାଲ ଭେରିଫିକେଶନ ପରେ ନିଷ୍ପତ୍ତି ନିଆଯିବ ବୋଲି ମଙ୍ଗଳବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ମନ୍ତ୍ରୀ ପାତ୍ର କହିଛନ୍ତି, ଯେଉଁମାନେ ଆୟକର ଫାଇଲ କରିଛନ୍ତି, ସେମାନଙ୍କ କାର୍ଡ କଟିଯାଉଛି ବୋଲି ଅଭିଯୋଗ ଆସୁଛି। ହେଲେ କାହାରି ବି କାର୍ଡ କଟିବନହିଁ। ଅଧିକାରୀମାନଙ୍କ ପାଖକୁ ଲିଷ୍ଟ ଯାଇଛି। ☞ପୃଷ୍ଠା-୪

## ଓଡ଼ିଶାରେ ମୃଦୁ ଭୂକମ୍ପ

**ଭୁବନେଶ୍ୱର/ବାଲେଶ୍ୱର, ୨୫।୨ (ଅନୁରାଧା ମହାରଣା/ବାଞ୍ଛାନିଧି ଦେ)**

ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇଥିବା ଭୂମିକମ୍ପ ପ୍ରଭାବରେ ମଙ୍ଗଳବାର ସକାଳ ୬ଟା ୧୦ ମିନିଟ ୨୫ ସେକେଣ୍ଡରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ରାଜଧାନୀ ଭୁବନେଶ୍ୱର ସମେତ ବାଲେଶ୍ୱର, ପାରାଦୀପ ଓ ପୁରୀ ଆଦି ସ୍ଥାନରେ ଭୂକମ୍ପ ଅନୁଭୂତ ହୋଇଛି। ୨ରୁ ୩ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପ ପ୍ରଭାବ ରହିଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୧ ଥିଲା। ବାଲେଶ୍ୱର ଜିଲାର ସିମୁଳିଆ, ଔପଦା, ସୋର, ଖଇରା, ବାହାନଗା, ଭୋଗରାଇ, ରେମୁଣା, ନୀଳଗିରି ସମେତ ବାଲେଶ୍ୱର ସହରର କିଛି ଅଞ୍ଚଳରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିବା ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏଥିଯୋଗୁ ଅଚାନକ ଘରର ଝରକା, ☞ପୃଷ୍ଠା-୪

## ସ୍ୱାମୀଙ୍କ ଭର୍ଚୁଆଲ ବୁଡ଼

### ସଙ୍ଗମରେ ମୋବାଇଲ ବୁଡ଼ାଇଲେ ସ୍ତ୍ରୀ



**ପ୍ରୟାଗରାଜ, ୨୫।୨**

ପ୍ରୟାଗରାଜରେ ଦେଢ଼ ମାସ ଧରି ଚାଲିଥିବା ମହାକୁମ୍ଭ ମେଳା ବୁଧବାର ମହାଶିବରାତ୍ରି ଅବସରରେ ଶେଷ ହେବ। ଏହି ମେଳାରେ ଦେଶ ବିଦେଶରୁ ବହୁ ଶ୍ରଦ୍ଧାଳୁ ଯୋଗଦେବା ସହ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ପବିତ୍ର ସ୍ନାନ କରିଥିଲେ। ଏହାରି ମଧ୍ୟରେ ମଙ୍ଗଳବାର ସଙ୍ଗମର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ ମହିଳା ନିଜ ସ୍ୱାମୀଙ୍କ ଭର୍ଚୁଆଲ ବୁଡ଼ ପାଇଁ ହାତରେ ଧରିଥିବା ମୋବାଇଲକୁ ସଙ୍ଗମ ଜଳରେ ବୁଡ଼ାଇଥିଲେ। ଶିଳ୍ପା ଚୌହାନ ନାମ୍ନୀ ଜଣେ ମହିଳା ନିଜ ସ୍ୱାମୀଙ୍କ ବିନା ମହାକୁମ୍ଭ ମେଳାକୁ ଆସିଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ମାଛଧରା ବିବାଦ










# ୧୯୮୭ରେ ରୁଷିଆର ଗୁପ୍ତଚର ଥିଲେ ଟ୍ରମ୍ପ୍

## ପୂର୍ବତନ କେଜିବି ଅଫିସରଙ୍କ ଅଭିଯୋଗ


ଡୋନାଲ୍ଡ ଟ୍ରମ୍ପ୍

**ମସ୍କୋ,୨୫।୨**

୧୯୮୭ରେ ଡୋନାଲ୍ଡ ଟ୍ରମ୍ପ୍ ରୁଷିଆର ଗୁପ୍ତଚର ନିଯୁକ୍ତ ହୋଇଥିଲେ ବୋଲି କେଜିବିର ପୂର୍ବତନ ଅଫିସର ଅଲ୍ନୁର ମୁସାୟେଭ୍ ଅଭିଯୋଗ ଆଣି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ସେତେବେଳେ ଟ୍ରମ୍ପ୍ଙ୍କ କୋଡ୍ ନେମ୍ 'କ୍ରାସ୍ନୋଭ୍' ରଖାଯାଇଥିଲା। ମୁସାୟେଭ୍ଙ୍କ ଏହି ଅଭିଯୋଗକୁ ନେଇ ଗଣମାଧ୍ୟମରେ ଜୋର୍‌ଦାର ଚର୍ଚ୍ଚା ହେଉଛି। ଉକ୍ତ ଗୋଇନ୍ଦା ବିଭାଗରେ ଉଚ୍ଚ ପଦବୀରେ ଥିବା କାଜାକିସ୍ତାନୀ ଅଫିସର ମୁସାୟେଭ୍ କହିଛନ୍ତି, ୮୦ ଦଶକର ଶେଷ ଭାଗରେ ପୁଞ୍ଜିବାଦ ଜଗତରେ ପ୍ରବେଶ ପାଇଁ ସୋଭିଏତ୍ ୟୁନିୟନ ଟ୍ରମ୍ପ୍ଙ୍କ ଭଳି ପାଶ୍ଚାତ୍ୟ ଉଦ୍ୟୋଗୀମାନଙ୍କୁ ଟାର୍ଗେଟ କରିଥିଲା। ରିଅଲ୍ ଇଷ୍ଟେଟ୍ ବ୍ୟବସାୟୀ ଟ୍ରମ୍ପ୍ ମସ୍କୋରେ ସମ୍ଭାବ୍ୟ ବ୍ୟବସାୟ ସୁଯୋଗ ବିଶେଷକରି ହୋଟେଲ୍ ଖୋଲିବା ପାଇଁ ୧୯୮୭ରେ ସୋଭିଏତ୍ ୟୁନିୟନ ଯାଇଥିଲେ। ତେବେ ସୋଭିଏତ୍ ନେତାମାନଙ୍କ ସହ ତାଙ୍କର ବୈଠକ କେବଳ ବ୍ୟାବସାୟିକ ନ ଥିଲା। ତାଙ୍କ ଗସ୍ତର ପ୍ରକୃତ ଉଦ୍ଦେଶ୍ୟ ସୋଭିଏତ୍ ଗୋଇନ୍ଦା ଏଜେଣ୍ଟ ଭାବେ ତାଲିକାଭୁକ୍ତ ହେବା ଥିଲା ବୋଲି ମୁସାୟେଭ୍ କହିଛନ୍ତି। ୮୦ ଦଶକର ଗୋଇନ୍ଦା ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, ଖ୍ୟାତନାମା ପାଶ୍ଚାତ୍ୟ ବ୍ୟକ୍ତିଙ୍କୁ ଗୁପ୍ତଚର ବା ସୂଚନାଦାତା ଭାବେ ନିଯୁକ୍ତି ପାଇଁ କେଜିବି ସକ୍ରିୟ ଭାବେ ଉଦ୍ୟମ ଚଳାଇଥିଲା। ଟ୍ରମ୍ପ୍ଙ୍କ କେଜିବି ଫାଇଲ ଏବେ ବି ଖୋଲା ରହିଛି ଏବଂ ତାଙ୍କ ଘନିଷ୍ଠ ବନ୍ଧୁ ତଥା ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏହାକୁ ପରିଚାଳନା କରୁଛନ୍ତି ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଯଦିଓ ମୁସାୟେଭଙ୍କ ଅଭିଯୋଗର କୌଣସି ପ୍ରମାଣ ନାହିଁ, ଟ୍ରମ୍ପ୍ ସୋଭିଏତ୍‌ର ଏକ ଆସେଟ୍ ବୋଲି ପୂର୍ବରୁ ରହିଥିବା ଧାରଣାକୁ ଏହା ଜାଗ୍ରତ କରିଛି। ତେବେ ଟ୍ରମ୍ପ୍ ଅଭିଯୋଗକୁ କ୍ରମାଗତ ଖଣ୍ଡନ କରିବା ସହ ଏହାକୁ କୌତୂହଳପ୍ରଦ ଏବଂ ମିଥ୍ୟା ଖବର ବୋଲି କହିଆସିଛନ୍ତି। ଏହା ସତ୍ତ୍ୱେ ଟ୍ରମ୍ପ୍ଙ୍କ କେତେଜଣ ପୂର୍ବତନ ସହଯୋଗୀ ତାଙ୍କର ରୁଷିଆ ସପକ୍ଷ ନୀତି ଓ ପୁଟିନ୍ଙ୍କୁ ସମର୍ଥନକୁ ନେଇ ବିସ୍ମିତ ହୋଇଛନ୍ତି।

# ୩ ଜଳିଗଲେ: ଜଣେ ମୃତ, ୨ ଗୁରୁତର

## ଟ୍ରକ୍ -କେଟିଏମ୍ ବାଇକ୍ ମୁହାଁମୁହିଁ ଧକ୍କା

**ଚିକିଟି,୨୫।୨(ପ୍ରକାଶ ଚନ୍ଦ୍ର ସାହୁ)**

ବ୍ରହ୍ମପୁର ପୋଲିସ ଜିଲା କ. ନୂଆଗାଁ ଥାନାଠାରୁ ପ୍ରାୟ ଦେଢ଼ କି.ମି. ଦୂର ମା' ରତନେଶ୍ୱରୀ ମନ୍ଦିର ନିକଟରେ ମଙ୍ଗଳବାର ସନ୍ଧ୍ୟା ସାଢେ ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ମାଲବୋଝେଇ ଟ୍ରକ୍ ସହ କେଟିଏମ୍ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯିବା ସହ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଅର୍ଦ୍ଧଦଗ୍ଧ ହୋଇ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଇ. ଲକ୍ଷ୍ମଣ। ଗୁରୁତର ଆହତ ହୋଇଥିବା ୨ଜଣ ହେଲେ ସି. ଲୋକନାଥ ଓ ଏନ୍. ରାଜୁ। ଏହି ୩ଜଣ ଆନ୍ଧ୍ର ପ୍ରଦେଶ କାବେଟି ତହସିଲ ଅନ୍ତର୍ଗତ ଇଚ୍ଛାପୁର ନିକଟସ୍ଥ ରାଜପୁର ଅଞ୍ଚଳର ବୋଲି ପୋଲିସ ପ୍ରାଥମିକ ତଦନ୍ତ ବେଳେ ଜାଣିବା ପରେ ଏନେଇ ସୂଚନା ଦେଇଛି।

ଖବରରୁ ଜଣାପଡିଛି, ଏକ ମାଲବୋଝେଇ ଟ୍ରକ୍ ଦିଗପହଣ୍ଡିଠାରୁ ଭାୟା ଦେଓଖାଲି ଦେଇ ଚିକିଟି ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ କେଟିଏମ୍ ବାଇକ୍‌ରେ ଆସୁଥିବା ରାଜପୁର ଅଞ୍ଚଳର ଲକ୍ଷ୍ମଣ, ଲୋକନାଥ ଓ ରାଜୁ ଚିକିଟି ଦେଇ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ମା' ରତନେଶ୍ୱରୀ ମନ୍ଦିର ନିକଟରେ ଟ୍ରକ୍ ସହ ସେମାନଙ୍କର ମୁହାଁମୁହିଁ ଧକ୍କାହୋଇଥିଲା। ଘଟଣାସ୍ଥଳରେ ବାଇକ୍ ସମ୍ପୂର୍ଣ୍ଣ ଜଳିଯିବା ସହ ଲକ୍ଷ୍ମଣଙ୍କ ମୃତ୍ୟୁ ଘଟିଥିଲା। ଲୋକନାଥ ଓ ରାଜୁ ଅର୍ଦ୍ଧଦଗ୍ଧ ହୋଇ ଗୁରୁତର ହୋଇଥିଲେ। ସେମାନଙ୍କୁ ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାରକରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ କ. ନୂଆଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ମଧୁମେହ ନିୟନ୍ତ୍ରଣ ପାଇଁ ନୂଆ ଏଆଇ ମଡେଲ


ନୂଆ ମଡେଲ ବିକଶିତ କରିଥିବା ଏନ୍‌ଆଇଟି ପ୍ରଫେସର।

**ରାଉରକେଲା,୨୫।୨(ସଙ୍ଗୀତା ଜେନା)**

ରାଉରକେଲା ଏନ୍‌ଆଇଟିର ବାୟୋଟେକ୍ନୋଲୋଜି ଆଣ୍ଡ ମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ମିର୍ଜା ଖାଲିଦ୍ ବେଗ୍ଙ୍କ ନେତୃତ୍ୱରେ ଏକ ଗବେଷକ ଦଳ ମଧୁମେହ ରୋଗୀଙ୍କ ରକ୍ତ ଶର୍କରା ପୂର୍ବାନୁମାନରେ ଉନ୍ନତି ଆଣିବା ପାଇଁ ଏକ ନୂତନ ଏଆଇ ମଡେଲ ବିକଶିତ କରିଛି। ବର୍ତ୍ତମାନ ଏହି ଗବେଷଣା ବ୍ୟାପକ କ୍ଲିନିକାଲ ଟ୍ରାଏଲ୍ ମାଧ୍ୟମରେ ବିକଶିତ ଜ୍ଞାନକୌଶଳ ପରୀକ୍ଷଣ ଦିଗରେ ଯୋଜନା କରାଯାଉଛି। ପ୍ରଫେସର ବେଗ୍ ଏବଂ ରିସର୍ଚ୍ଚ ସ୍କଲାର ଦୀପଜ୍ୟୋତି କଲିତାଙ୍କ ମିଳିତ ଭାବେ ଲିଖିତ ଏହି ଅଧ୍ୟୟନର ଫଳାଫଳ ସମ୍ମାନଜନକ ଆଇଟ୍ରିପଲ୍ଇ ଜର୍ନାଲ୍ ଅଫ୍ ବାୟୋମେଡିକାଲ ଆଣ୍ଡ ହେଲ୍‌ଥ ଇନ୍‌ଫର୍ମେଟିକ୍ସରେ ପ୍ରକାଶିତ ହୋଇଛି।

ମଧୁମେହ ଭାରତର ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ବିଶେଷଜ୍ଞଙ୍କ ଅଭାବ, ସ୍ୱାସ୍ଥ୍ୟସେବାରେ ଅସମାନତା, କମ୍ ଔଷଧ ଅନୁପାଳନ, ଦୁର୍ବଳ ଆତ୍ମଯତ୍ନ ଯୋଗୁ ଏହି ରୋଗ ପରିଚାଳନାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏହି ଗବେଷଣାକୁ ନେଇ ପ୍ରଫେସର ବେଗ୍ କହିଛନ୍ତି, ୨୦୨୩ରେ ପ୍ରକାଶିତ ଆଇସିଏମ୍‌ଆର୍ ଓ ଆଇଏନ୍‌ଡିଆଇବି ଅଧ୍ୟୟନ ଅନୁଯାୟୀ, ଦେଶରେ ୧୧.୪ ପ୍ରତିଶତ ମଧୁମେହ ରୋଗୀ ଏବଂ ୧୫.୩ ପ୍ରତିଶତ ପ୍ରିଡାଇବେଟିକ୍ ରୋଗୀ ଅଛନ୍ତି। ଏହି ନୂତନ କୌଶଳ ପାରମ୍ପରିକ ପୂର୍ବାନୁମାନ କୌଶଳକୁ ପଛରେ ପକାଇ ଦେଇଛି। ଏହି ଡିଭାଇସ୍ ଦ୍ୱାରା ରକ୍ତ ଶର୍କରାର ଠିକ୍ ଡାଟା ମିଳିଥାଏ। ଦୀର୍ଘକାଳୀନ ଭାବେ ଏଆଇ ପରିଚାଳିତ ପଦ୍ଧତି ବିଭିନ୍ନ ଆପ୍ଲିକେଶନ ମାଧ୍ୟମରେ ମଧୁମେହ ଚିକିତ୍ସାକୁ ବୃଦ୍ଧି କରିବାର କ୍ଷମତା ରଖିଛି। ନୂତନ କୌଶଳରେ ଇନ୍‌ସୁଲିନ୍ ପମ୍ପରେ ସଂଯୋଜିତ କରାଇ ଇନ୍‌ସୁଲିନ୍ ବିତରଣକୁ ସ୍ୱୟଂଚାଳିତ କରାଯାଇପାରିବ। ରିଅଲ୍ ଟାଇମ୍ ଗ୍ଲୁକୋଜ ଟ୍ରାକିଂ ପାଇଁ ମୋବାଇଲ ହେଲ୍‌ଥ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇପାରିବ ବୋଲି ବେଗ୍ ସୂଚନା ପ୍ରଦାନ କରିଛନ୍ତି।

# ସୁନାମି ଆଶଙ୍କାରେ ଲୋକେ ଭୟଭୀତ


## ବଙ୍ଗୋପସାଗର ତଟ ବତିଘର ପଞ୍ଚାୟତରେ ଭୂକମ୍ପ ଅନୁଭୂତ


**ମହାକାଳପଡ଼ା,୨୫।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବତିଘର ପଞ୍ଚାୟତ ବଡ଼ଚୁବି ଗ୍ରାମରେ ମଙ୍ଗଳବାର ସକାଳ ୬ଟା୧୦ରେ ଭୂକମ୍ପ ଅନୁଭୂତ ହୋଇଥିଲା। ଫଳରେ ଲୋକମାନେ ପ୍ରଥମେ ଜାଣି ପାରି ନ ଥିବାବେଳେ ପରେ ଭୂକମ୍ପ ଅନୁଭୂତ ହୋଇଥିବା ଜାଣିବାକୁ ପାଇଥିଲେ। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ସୁନାମି ଆଶଙ୍କାରେ ଲୋକଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି ବୋଲି ବତିଘର ପଞ୍ଚାୟତ ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳ କହିଛନ୍ତି।

ଜିଲାର ଉପକୂଳ ଅଞ୍ଚଳ ସୁନାମି ପ୍ରବଣ ଅଞ୍ଚଳ ଭାବେ ପୂର୍ବରୁ ଚିହ୍ନଟ ହୋଇଛି। ଏଥିପାଇଁ ୧୦ଟି ସୁନାମି ସତର୍କ ସୂଚନା ଟାୱାର ନିର୍ମାଣ କରାଯାଇଛି। ସ୍ଥାନୀୟ ୧୮ଟି ଗ୍ରାମ ସୁନାମି ପ୍ରବଣ ଅଞ୍ଚଳ ବୋଲି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଗଭୀର ସମୁଦ୍ରରେ ଭୂକମ୍ପ ସୃଷ୍ଟି ହେଲେ ଉଚ୍ଚ ତରଙ୍ଗ ସୃଷ୍ଟି ହୋଇ ସାମୁଦ୍ରିକ ଜୁଆର ବା ସୁନାମି କୂଳ ଅଭିମୁଖେ ମାଡ଼ିଆସିବା ଆଶଙ୍କା ରହିଛି। ଅପରପକ୍ଷରେ ସମୁଦ୍ରରେ ସୁନାମି ସୃଷ୍ଟି ହେବାର ୪୫ ମିନିଟ୍ ପୂର୍ବରୁ ସିଧାସଳଖ ସ୍ୱୟଂଚାଳିତ ଭାବେ ସତର୍କ ଟାୱାରରେ ସାଇରନ ବାଜି ଉଠିବ। ତାହା କୂଳଠାରୁ ୨ କିମି ଦୂର ପର୍ଯ୍ୟନ୍ତ ବାସିନ୍ଦାଙ୍କୁ ସୂଚନା ଦେବ। ଏହି ସମୟରେ ସ୍ଥାନୀୟ ବାସିନ୍ଦାଙ୍କୁ ନିକଟସ୍ଥ ଉଚ୍ଚ ସୁରକ୍ଷିତ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇପାରିବ। ସୁନାମି କୂଳ ଅଭିମୁଖେ ମାଡ଼ି ଜଳମଗ୍ନ କରିବା ସହ ଧନ ଜୀବନ କ୍ଷତି ପହଞ୍ଚାଇବାର ଆଶଙ୍କା କରାଯାଉଛି। ବ୍ଲକର ସୁନାମି ଚିହ୍ନଟ ହୋଇଥିବା ୧୮ ଗ୍ରାମ ମଧ୍ୟରେ ୧୦ଟି ସତର୍କ ଟାୱାର ନିର୍ମାଣ ହୋଇଛି। ସେଗୁଡ଼ିକ ହେଲା ତନ୍ତିଆପାଳ, ନରସିଂହପୁର, ଶାସନପେଟା, ରଚପଙ୍କ, ସୁନୀତି, ଉତ୍ତର ଜମ୍ବୁ, କଣ୍ଡରା ପାଟିଆ, ଜମ୍ବୁଲଙ୍କ, କଳଜପାଟିଆ, ବଡ଼ ଚୁବି ଓ ମହାକାଳପଡ଼ା ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ନିର୍ମାଣ କରାଯାଇଛି। ସମସ୍ତ ଟାୱାର ମୁଖ୍ୟ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ହାଇଦ୍ରାବାଦରେ ଅବସ୍ଥାପିତ କରାଯାଇଛି। ଫଳରେ ଅଞ୍ଚଳରେ ସୁନାମି ଆଶଙ୍କାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି, ମହାନଦୀ ତ୍ରିକୋଣ ଭୂମି ଅବବାହିକା ଅଞ୍ଚଳ ଭୂକମ୍ପ ଜୋନ ପୂର୍ବରୁ ପ୍ରକାଶ ପାଇଥିଲା। ଏଥିସହ ଭୂକମ୍ପ ପରେ ସୁନାମି ହେବାର ଆଶଙ୍କା ମଧ୍ୟ ରହିଛି। ବତିଘର ପଞ୍ଚାୟତ ବଡ଼ଚୁବି ଗାଁର ସଂଗ୍ରାମ ଭାଙ୍ଗି, ଶୁକଦେବ ଜେନା କହିଛନ୍ତି, ସକାଳ ୬ ଭୂକମ୍ପ ଯୋଗୁ ଘର ଖଟ ହଠାତ୍ ଖଟ ଥରି ଉଠିଥିଲା। ଠିଆ ହୋଇଥିବା ବେଳେ ଗୋଡ ଥରି ଉଠିଥିଲା। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ପଚାରିବାରେ ସୁନାମି ଲାଗି କୌଣସି ସତର୍କ ସୂଚନା ଆସିନାହିଁ। ତେଣୁ ଲୋକମାନେ ଭୟଭୀତ ହେବାର କାରଣ ନାହିଁ ବୋଲି ସେ କହିଛନ୍ତି।


ବ୍ଲକର ତନ୍ତିଆପାଳ ଗ୍ରାମ ସୁନାମି ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବା ସୂଚନା ବୋର୍ଡ।




# ଆଧାର କାର୍ଡ ନ ଥିବାରୁ ପାଠପଢ଼ାରୁ ୨ ଶିଶୁ ବଞ୍ଚିତ

## ତଦନ୍ତ ରିପୋର୍ଟ ଦାଖଲ ପାଇଁ ଏନ୍‌ସିପିସିଆରଙ୍କ ନିର୍ଦ୍ଦେଶ

ଯାଜପୁର,୨୫।୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦାନଗଦି ବ୍ଳକ ଟମ୍‌କା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୨ଜଣ ଅନୁସୂଚିତ ଜନଜାତି ଶିଶୁଙ୍କ ଆଧାର କାର୍ଡ ନ ଥିବାରୁ ସେମାନଙ୍କ ନାମ ନ ଲେଖାଇ ବିଦ୍ୟାଳୟରୁ ବାହାର କରିଦେବା ଘଟଣାରେ ନ୍ୟାଶନାଲ କମିଶନ ଫର ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ (ଏନ୍‌ସିପିସିଆର) ହସ୍ତକ୍ଷେପ କରିଛନ୍ତି। ଏନ୍‌ସିପିସିଆର ୨୦।୨।୨୦୨୫ରେ ଯାଜପୁର ଜିଲାପାଳଙ୍କୁ ବିଦ୍ୟାଳୟରୁ ବାହାର କରାଯାଇଥିବା ଶିଶୁମାନଙ୍କୁ ଆଇନ ଅନୁସାରେ ଥଇଥାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଉକ୍ତ ପତ୍ରରେ ଆହୁରି ଦର୍ଶାଯାଇଛି, ଶିକ୍ଷା ଅଧିକାର ଆଇନ-୨୦୦୯, ଶିଶୁ ଓ କିଶୋର ଶ୍ରମ ଆଇନ ଅଧିନିୟମ-୧୯୮୬ ଓ ଶିଶୁ ଓ କିଶୋର ନ୍ୟାୟ ଅଧିନିୟମ -୨୦୧୫ ଉଲ୍ଲଂଘନ କରିଥିବାରୁ ଯଥାଶୀଘ୍ର ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ୨୦ଦିନ ମଧ୍ୟରେ ଏନ୍‌ସିପିସିଆରଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସଙ୍କ ଅଭିଯୋଗ ଅନୁଯାୟୀ, କିଆଝର ପଞ୍ଚାୟତ ଆମ୍ବବେଡ଼ା ଗ୍ରାମରେ ବସବାସ କରୁଥିବା ବିଲୁପ୍ତ ପ୍ରାୟ ଜନଜାତିର ଲୋକଙ୍କ ପାଖରେ ଆଧାର କାର୍ଡ ନାହିଁ। ଫଳରେ ସେମାନେ ଖାଦ୍ୟ ଓ ଶିକ୍ଷା ଅଧିକାରରୁ ବଞ୍ଚିତ ହେଉଛନ୍ତି। ରାଶନକାର୍ଡ ନ ଥିବାରୁ ଦିନ ମଜୁରିଆ ତଥା ଭିକ୍ଷାବୃତ୍ତି କରି ଚଳୁଛନ୍ତି । ଏପରି କି ସେମାନଙ୍କ ଶିଶୁମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ନ ପାରି ଶିଶୁ ଶ୍ରମିକ ଭାବେ ନିୟୋଜିତ କରୁଛନ୍ତି। ଏହି କ୍ରମରେ ଗ୍ରାମର ୨ ଜଣ ଶିଶୁ ଶ୍ରମିକ ଭାବେ ନିୟୋଜିତ ହୋଇଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ଉଦ୍ଧାର କରିବା ସହ ଶିଶୁମଙ୍ଗଳ କମିଟିରେ ହାଜର କରି ଟମ୍‌କା ଆଶ୍ରମ ବିଦ୍ୟାଳୟରେ ଥଇଥାନ କରିଥିଲେ। ପରେ ଶିଶୁ ମଙ୍ଗଳ କମିଟି ପକ୍ଷରୁ ଏକ ପତ୍ର ମାଧ୍ୟମରେ ପିଲାମାନଙ୍କ ନାମ ପଞ୍ଜୀକୃତ କରିବା ପାଇଁ ଆଶ୍ରମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ପିଲାମାନଙ୍କ ନାମ ନ ଲେଖାଇ ୧ ମାସ ବିଦ୍ୟାଳୟରେ ରଖି ଡିସେମ୍ବର ଶୀତକାଳୀନ ଛୁଟିରେ ସେହି ୨ ଶିଶୁଙ୍କୁ ଘରେ ଛାଡି ଦେଇଥିଲେ। ପରେ ସେହି ଶିଶୁଦ୍ୱୟ ପୁଣି ଶ୍ରମିକ ଓ ଭିକ୍ଷାବୃତ୍ତିରେ ନିୟୋଜିତ ହୋଇଥିଲେ। ଏନେଇ ଅଭିଯୋଗ ହେବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏକ ତଦନ୍ତ କମିଟି ପଠାଇଥିଲେ। ଏଥିରେ ପ୍ରଧାନ ଶିକ୍ଷକ ଆଧାର କାର୍ଡ ନ ଥିବାରୁ ନାମ ଲେଖାଇ ନ ଥିବା ସ୍ପଷ୍ଟୀକରଣ ରଖିଥିଲେ। ପରେ ଏହି ଘଟଣାକୁ ନେଇ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଜାତୀୟ ଶିଶୁ ଅଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇ ଶିଶୁ ଅଧିକାର ସୁନିଶ୍ଚିତ ପାଇଁ ଅନୁରୋଧ କରିଥିଲେ।

# ଅନ୍ଧାରରେ ୨୫ କି.ମି. ଚାଲିଲେ ଶତାଧିକ ପିଲା

- ନିମ୍ନମାନର ଖାଦ୍ୟ ଓ ଗାଳିଗୁଲଜକୁ ନେଇ କଲେ ଅଭିଯୋଗ
- ମିଳିତ ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

ବାରିପଦା,୨୫।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଚାଲିଚାଲି ଆସି ବାରିପଦାରେ ପହଞ୍ଚିଥିବା ଛାତ୍ରମାନେ।

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ଅଧୀନ ବାସିପିଠାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ(ଏସ୍ଏସ୍‌ଡି) ଦ୍ୱାରା ପରିଚାଳିତ ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟର ଶତାଧିକ ଅନ୍ତେବାସୀ ଜିଲାପାଳଙ୍କୁ ଭେଟିବା ପାଇଁ ସୋମବାର ରାତି ଅନ୍ଧାରରେ ୨୫ କି.ମି. ଚାଲି ଚାଲି ବାରିପଦାଠାରେ ପହଞ୍ଚିବା ଘଟଣା ଆଲୋଡ଼ନ ସୃଷ୍ଟିକରିଛି। ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯିବା ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗାଳିଗୁଲଜ କରୁଥିବା ସମ୍ପର୍କରେ ଛାତ୍ରମାନେ ଅଭିଯୋଗ କରିଛନ୍ତି। ଜିଲାପାଳ ହେମକାନ୍ତ ସୟ ଆଭାସୀ ମାଧ୍ୟମରେ ଛାତ୍ରଙ୍କ ସମସ୍ୟା ଶୁଣିବା ସହ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ପରେ ଏକ ବସ୍ ଯୋଗେ ସମସ୍ତ ଅନ୍ତେବାସୀଙ୍କୁ ବିଦ୍ୟାଳୟକୁ ପଠାଯାଇଥିଲା। ଉଦଳା ଉପଜିଲାପାଳ ଓ ଜିଲା ମଙ୍ଗଳ ଅଧିକାରୀ ମିଳିତ ଭାବେ ତଦନ୍ତକରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି। ସୂଚନାଯୋଗ୍ୟ, ବାସିପିଠାଠାରେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏକ ଆବାସିକ ଉଚ୍ଚ ବିଦ୍ୟାଳୟ ରହିଛି। ଏଠାରେ ୪୧୦ ଛାତ୍ରଙ୍କ ନିମନ୍ତେ ହଷ୍ଟେଲର ସୁବିଧା ରହିଥିବା ବେଳେ ସେଥି ମଧ୍ୟରୁ ଶହେ ଛାତ୍ର ଅନ୍ୟ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟରେ ମୋଟ ୩୫୫ ଛାତ୍ର ଅଧ୍ୟୟନ କରୁଥିବା ବେଳେ ୧୧ଜଣ ଶିକ୍ଷକ ଶିକ୍ଷାଦାନ କରିଆସୁଛନ୍ତି। କିଛିଦିନ ହେଲା ସ୍କୁଲର ପ୍ରଧାନ ଶିକ୍ଷକ ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ପରିବେଷଣ କରିବା, ମାଡ଼ ମାରିବା ଓ ବିଭିନ୍ନ ସମୟରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ଏଭଳି ଅଭିଯୋଗକୁ ନେଇ ସୋମବାର ରାତି ୧୨ଟା ସମୟରେ ଅନ୍ତେବାସୀମାନେ ହଷ୍ଟେଲରୁ ବାହାରି ସ୍କୁଲ ଗେଟ୍ ଖୋଲି ଜିଲାପାଳଙ୍କୁ ଭେଟିବାକୁ ବାହାରିଥିଲେ। ଖବରପାଇ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ସଦର ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା ଓ ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଛାତ୍ରମାନଙ୍କ ଅଭିଯୋଗ ଶୁଣିଥିଲେ। ଦୀର୍ଘ ବର୍ଷ ଧରି ଉକ୍ତ ଶିକ୍ଷାନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ବିଶେଷ ସଫଳତା ସାଉଁଟିଥିବା ବେଳେ ଏହା ଜିଲା ତଥା ରାଜ୍ୟସ୍ତରରେ ଏକ ସୁନାମଧନ୍ୟ ବିଦ୍ୟାଳୟ ଭାବେ ପରିଚିତ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଦୀପ୍ତିକାନ୍ତ ଜେନା କୁହନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଛାତ୍ରମାନେ ପାଠପଢ଼ା ପ୍ରତି ଧ୍ୟାନ ନ ଦେଇ ମୋବାଇଲ ବ୍ୟବହାର କରିବା ଏବଂ କୁଅଭ୍ୟାସରେ ପଡୁଥିବାରୁ ବିଦ୍ୟାଳୟର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ଚେଷ୍ଟା କରାଯାଉଥିଲା। ଏପରିକି ହଷ୍ଟେଲ ମଧ୍ୟରୁ ୧୦୦ରୁ ଊର୍ଦ୍ଧ୍ୱ ମୋବାଇଲ ଜବତ କରାଯିବା ସହ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ନୟାବ୍ରଜନନ୍ଦନପୁର ଗ୍ରାମର ଅଭିଭାବକ ଗୋପାଳ ମାରାଣ୍ଡି କୁହନ୍ତି, ଖାଦ୍ୟପେୟ ସମ୍ପର୍କରେ ପୂର୍ବରୁ କୌଣସି ଅଭିଯୋଗ ହୋଇ ନ ଥିଲା। ସବୁ ଠିକ୍‌ଠାକ୍ ଚାଲିଥିଲା। ଏହା କୌଣସି ଏକ ସୁଚିନ୍ତିତ ଯୋଜନା ବୋଲି ସେ କହିଛନ୍ତି। ତେବେ ଛାତ୍ରମାନଙ୍କୁ ଶିକ୍ଷକମାନେ ତାଗିଦ କରିବାରୁ ସେମାନେ ଏଭଳି କରିଛନ୍ତି ନା ଛାତ୍ରମାନଙ୍କ ଅଭିଯୋଗରେ ସତ୍ୟତା ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଆଲୋଚନା ହେଉଛି ।

# ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବହିଷ୍କୃତ

**ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନା ଅର୍ଥ ହରିଲୁଟ ଘଟଣା**

## ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ

କୋରୁକୋଣ୍ଡା,୨୫।୨(ଶିବଦତ୍ତ ସାହୁ)

ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନାରେ ଅର୍ଥ ହଡ଼ପ ନେଇ କୋରୁକୋଣ୍ଡା ବ୍ଲକ୍ ଡୁଡାମେଟା ପଞ୍ଚାୟତ ଏମ୍‌ଭି-୨୩ ଓ ଆଖପାଖ ଗାଁରୁ କିଛିଦିନ ପୂର୍ବେ ଅଭିଯୋଗ ଆସିଥିଲା। ସୋମବାର ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ଥିବା କୋରୁକୋଣ୍ଡା ସିଡିପିଓଙ୍କ କାର୍ଯ୍ୟାଳୟରେ ଏଜେନ୍ସି ମାଧ୍ୟମରେ କାର୍ଯ୍ୟରତ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମନୋଜ ବାରୋଇ ମମତା ଯୋଜନାରେ ୧୫ଜଣଙ୍କୁ ହିତାଧିକାରୀ ଦର୍ଶାଇ ଟଙ୍କା ଆତ୍ମସାତ୍ କରିଛନ୍ତି। ତେଣୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସିଡିପିଓ,ସୁପରଭାଇଜର ବାସନ୍ତୀଲତା ଦେଇ, ଅଙ୍ଗନୱାଡି କର୍ମୀ ସବିତା ରାଣାଙ୍କ ମାଧ୍ୟମରେ ଏଭଳି ଘଟଣା ଘଟିଥିବାରୁ ସେମାନଙ୍କୁ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତଦନ୍ତ ଜାରି ରହିଛି, ଶେଷ ହେବା ପରେ ଏଥିରେ କେଉଁମାନଙ୍କର ସମ୍ପୃକ୍ତି ରହିଛି ତାହା ସ୍ପଷ୍ଟହେବ ବୋଲି ଉପଜିଲାପାଳ ଭୋଇ ସୂଚନା ଦେଇଛନ୍ତି।

ସିଡିପିଓ ରେଖା ଶୋଭାସୁନ୍ଦରଙ୍କୁ ପଚାରିବାରୁ ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ସେ ମଙ୍ଗଳବାର କୋରୁକୋଣ୍ଡା ସଦର ଥାନାରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟଙ୍କ ବିରୋଧରେ ଏହି ଘଟଣାକୁ ନେଇ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଏ ସମ୍ପର୍କରେ କୋରୁକୋଣ୍ଡା ଥାନା ଅଧିକାରୀ ହିଂମାଂଶୁ ଶେଖର ବାରିକଙ୍କୁ ପଚାରିବାରୁ ସିଡିପିଓଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ହସ୍ତଗତ ହୋଇଛି। ଉକ୍ତ ଏତଲାକୁ ଭିତ୍ତିକରି ମାମଲା ରୁଜୁକରିବା ସହ ଘଟଣାର ତଦନ୍ତ ଶୀଘ୍ର କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଟଙ୍କା ହଡ଼ପ ନେଇ ମାଲକାନଗିରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ନେତୃତ୍ୱରେ ଡିଏସ୍‌ଡବ୍ଲ୍ୟୁଓ ତେରେସ୍କୋଭା ମଲିକ, ଜିଲା ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ମମତା ଚୌଧୁରୀ, ମମତା ଯୋଜନାର ଜିଲା ପ୍ରକଳ୍ପ ସଂଯୋଜକ ସ୍ମିତା ବେହେରା ପ୍ରମୁଖ କୋରୁକୋଣ୍ଡା ସିଡିପିଓଙ୍କ କାର୍ଯ୍ୟାଳୟରେ ଗତ ୨୨ତାରିଖରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ସିଡିପିଓ ରେଖା ଶୋଭାସୁନ୍ଦର, ସୁପରଭାଇଜର ରଜନୀ ବେହେରା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ସେହି ଦିନ ହୋଇଥିବା ପ୍ରାଥମିକ ତଦନ୍ତ ପରେ ଉପ ଜିଲାପାଳ ଭୋଇଙ୍କୁ ପଚାରିବାରୁ ତଦନ୍ତରୁ ୧୫ ଜଣଙ୍କୁ ଚିହ୍ନଟ କରାଯାଇଛି। ଏବେ ବି ତଦନ୍ତ ଜାରି ରହିଛି। ରିପୋର୍ଟ ଜିଲା ପ୍ରଶାସନଙ୍କ ନିକଟରେ ଦାଖଲ କରାଯିବ। ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲାପାଳ ଭୋଇ କହିଥିଲେ।




# ମାଟ୍ରନ ବହିଷ୍କୃତ, ଏଏନ୍‌ଏମ୍ ନିଲମ୍ବିତ

**୧୦ମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା**

ମାଲକାନଗିରି, ୨୫।୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଳକ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟରେ ଜଣେ ୧୦ ମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣାରେ ମଙ୍ଗଳବାର ମାଟ୍ରନ ସୁଚିତ୍ରା ଚର୍ଚ୍ଚି ବହିଷ୍କୃତ ହୋଇଥିବା ବେଳେ ଏଏନ୍‌ଏମ୍ କବିତା କୁମାରୀ ପାତ୍ର ନିଲମ୍ବିତ ହୋଇଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ ଲାଗି ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚିତ୍ରକୋଣ୍ଡା ବ୍ଳକ ଉକ୍ତ ବିଦ୍ୟାଳୟର ଜଣେ ୧୦ମ ଶ୍ରେଣୀ ନାବାଳିକା ଛାତ୍ରୀ ସ୍ଥାନୀୟ ବାଳକ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଦେଇ ହଷ୍ଟେଲକୁ ଫେରିଲା ପରେ ସନ୍ଧ୍ୟାରେ ଗର୍ଭଯନ୍ତ୍ରଣା ଅନୁଭବ କରିଥିଲେ। ପରେ ଛାତ୍ରାବାସ ଛାତ ଉପରେ ଏକ ସନ୍ତାନ ଜନ୍ମ ଦେଇଥିଲେ। ଏହି ଘଟଣା ଜଣାପଡିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ନାବାଳିକାଙ୍କ ବାପାଙ୍କୁ ଜଣାଇଥିଲେ। ଝିଅର ଏ ଅବସ୍ଥା ଦେଖି ତାଙ୍କ ବାପା ଚିତ୍ରକୋଣ୍ଡା ଥାନାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀକରି ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ନାବାଳିକାଙ୍କ ସହ ନବଜାତକକୁ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ମାଲକାନଗିରି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଚିତ୍ରକୋଣ୍ଡା ପୋଲିସ ପ୍ରାଥମିକ ତଦନ୍ତ ପରେ ଦିସାରିଗୁଡା ଗ୍ରାମର ଜଣଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏ ଘଟଣା ଜାଣିଲା ପରେ ମଙ୍ଗଳବାର ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ ଚିତ୍ରକୋଣ୍ଡା ଯାଇ ତଦନ୍ତ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଅଭିଭାବକ ମହାସଂଘ, ସୈନିକ ସ୍କୁଲ ଅଭିଭାବକ ସଂଘ, ଗାଡ଼କଣ ଗ୍ରାମବାସୀଙ୍କ ଉପସ୍ଥିତିରେ ବୈଠକ, ସ୍ଥାନ: ଦାଶାରଜା ମନ୍ଦିର ପ୍ରାଙ୍ଗଣ, ସୈନିକ ସ୍କୁଲ ନିକଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ମୁକ୍ତି ଚିନ୍ତାମଣିଶ୍ୱର ମହାଦେବଙ୍କ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ସମ୍ବର୍ଦ୍ଧନା ସଭା ଓ ପ୍ରସାଦ ସେବନ, ସ୍ଥାନ: ଚିନ୍ତାମଣିଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ମହାଶିବରାତ୍ରି ଉପଲକ୍ଷେ ଜଳେଶ୍ୱର ଡ୍ରାମାଟିକ୍ କ୍ଲବ ପକ୍ଷରୁ ମଞ୍ଚସ୍ଥ ନାଟକ 'ଆଖିର ଜନମ କାନ୍ଦିବା ପାଇଁ', ସ୍ଥାନ: କଳାରାହାଙ୍ଗ ପଡ଼ିଆ, ସମୟ: ରାତି ୮ଟା।

## ଖୋର୍ଦ୍ଧା

- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହାଶିବରାତ୍ରି ପାଳନ ଓ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ପ୍ରଦର୍ଶନୀ, ସ୍ଥାନ: ଅଗ୍ରୱାଲ ଧର୍ମଶାଳା, ମେନରୋଡ୍ ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ବାଲୁଙ୍କେଶ୍ୱର ଦେବଙ୍କ ପଞ୍ଚବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ବାଛରା ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ବାବା ଆଖଣ୍ଡଳମଣି ଦେବଙ୍କ ଜାଗରଯାତ୍ରା, ସ୍ଥାନ: ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ରାତି ୧୦ଟା।
- ଧବଳେଶ୍ୱର ପୀଠରେ ମହାଦୀପ ଦର୍ଶନ, ସ୍ଥାନ: ଗୁରୁଜଙ୍ଗ, ଖୋର୍ଦ୍ଧା, ସମୟ: ରାତି ୧୧ଟା।
- ଶ୍ରୀହଟକେଶ୍ୱରଙ୍କ ପୀଠରେ ମହାଦୀପ ଦର୍ଶନ, ସ୍ଥାନ: ଅଟ୍ରି, ସମୟ: ରାତି ୧୧ଟା।

## ବାଲେଶ୍ୱର

- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ବାର୍ଷିକ ଉତ୍ସବ ଜଲସା, ସ୍ଥାନ: ମନ୍ଦାରସାହି କ୍ରିକେଟ ପଡ଼ିଆ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ଶିବ କଥାମୃତ ପ୍ରବଚନ ସଭା, ସ୍ଥାନ: ଶ୍ରୀହରିହର କ୍ଷେତ୍ର, ମୀର୍ଜାପୋଖରୀ ଲେନ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ପ୍ରାତଃ ୫ଟା ୧୫।
- ବାବା ଲୋକନାଥଙ୍କ ଜାଗର ଯାତ୍ରା, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ପ୍ରସନ୍ନ କ୍ଷେମେଶ୍ୱରଙ୍କ ପୀଠରେ ଜାଗର ଯାତ୍ରା, ସ୍ଥାନ: ବୈକୁଣ୍ଠପୁର, ବାସୁଦେବପୁର, ସମୟ: ସକାଳ ୭ଟା।
- ଝାଡ଼େଶ୍ୱର ମହାଦେବଙ୍କ ପୀଠରେ ଜାଗର ଯାତ୍ରା, ସ୍ଥାନ: ଅଲବଗା, ବାସୁଦେବପୁର, ସମୟ: ସକାଳ ୭ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ମିଶ୍ରପୁର ପ୍ରିମିୟର ଲିଗ୍ କ୍ରିକେଟ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଜୀଉଙ୍କ ସୁନା ବେଶ ଓ ମହାଦୀପ ଉଠିବା ନେଇ ପ୍ରସ୍ତୁତି, ସ୍ଥାନ: ଆରଡ଼ି, ସମୟ: ରାତି ୧ଟା ୩୦।

## କେନ୍ଦୁଝର

- ଶିବରାତ୍ରି ପାଇଁ ସର୍ବଧର୍ମ ଶୋଭାଯାତ୍ରା, ସ୍ଥାନ: କିରିବୁରୁ ଛକ, ବଡ଼ବିଲ,ସମୟ: ପୂର୍ବାହ୍ନ ୧୦ଟା।
- ଶିବ ବିବାହ ଶୋଭାଯାତ୍ରା, ସ୍ଥାନ: ଓଏମ୍‌ସି ଛକ ସ୍ଥିତ ଶିବ ମନ୍ଦିରରୁ ବିକାଶ ମହଲ, ବଡ଼ବିଲ, ସମୟ: ଅପରାହ୍ନ ୪ଟା।
- ଶିବରାତ୍ରି ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୬ଟା।
- ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ଶୁଭାଧିବାସ, ସ୍ଥାନ: ଅଣା, ଛେନାପଦି, ସମୟ ସନ୍ଧ୍ୟା ୭ଟା।
- ୯ମ ବାର୍ଷିକ ନାମଯଜ୍ଞ ଓ ଅଷ୍ଟପ୍ରହର ଶୁଭାଧିବାସ, ସ୍ଥାନ: ବଡ଼ତିରା, ଛେନାପଦି, ସମୟ: ରାତି ୮ଟା।

- ଜାଗର ଉତ୍ସବ, ସ୍ଥାନ: ହାଟଡିହି ବ୍ଲକ ଶୈବପୀଠ, ଛେନାପଦି, ସମୟ: ରାତି ୯ଟା।
- ଜାଗର ଯାତ୍ରା ଓ ମହାଦୀପ ପ୍ରଜ୍ୱଳନ, ସ୍ଥାନ: ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱରଶିବ ମନ୍ଦିର, ସ୍ୱାମ ସୋମେଶ୍ୱର ମନ୍ଦିର, ତୁରୁମୁଙ୍ଗା ଗିରିଜା ଶଙ୍କର ମନ୍ଦିର, ସାହରପଡ଼ା ବ୍ଲକ ମୁଖ୍ୟାଳୟ ସର୍ବେଶ୍ୱର ଶିବ ମନ୍ଦିର, ସମୟ:ସକାଳ ୫ଟାରୁ ରାତି ୧୦ଟା୩୦।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପକ୍ଷରୁ ପଦଯାତ୍ରା, ସ୍ଥାନ:ଚମ୍ପୁଆ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମହାଶିବରାତ୍ରି ଓ ଜାଗର ମେଳା, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି, ସମୟ: ପ୍ରାତଃ ୪ଟା।
- ମହାଶିବରାତ୍ରି ଜାଗର ମେଳା,ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗିରିପୋଷି, ,ସମୟ: ପ୍ରାତଃ ୪ଟା।
- ମହାଶିବରାତ୍ରି ଓ ଜାଗର ମେଳା, ସ୍ଥାନ:ବାବା ବୁଢ଼େଶ୍ୱର ମହାଦେବଙ୍କ ମନ୍ଦିର, ଦେବଶୂଳ, ରାସଗୋବିନ୍ଦପୁର, ସମୟ: ପ୍ରାତଃ ୪ଟା।
- ଜାଗର ମେଳା,ସ୍ଥାନ:ବାବା ବାରୁଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ବାରୁଣୀ, ମଧୁବନ, ବାରିପଦା,ସମୟ: ପ୍ରାତଃ ୪ଟା।
- ମହାଶିବରାତ୍ରି ଜାଗର ମେଳା, ସ୍ଥାନ: ବାବା ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ସିଂହଡିଆ, ବଡ଼ସାହି,ସମୟ: ପ୍ରାତଃ ୪ଟା।
- ମହାଶିବରାତ୍ରି ଓ ଜାଗର ମେଳା,ସ୍ଥାନ: ବାବା ବିଲ୍ୱେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ବେଲପାଳ, ବଡ଼ସାହି, ସମୟ: ପ୍ରାତଃ ୪ଟା।
- ମହାଶିବରାତ୍ରି ଜାଗର ମେଳା, ସ୍ଥାନ: ବାବା ଭୂତେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ବଦଳିଗାଁ, ବଡ଼ସାହି, ସମୟ: ପ୍ରାତଃ ୪ଟା।
- ମହାଶିବରାତ୍ରି ଓ ଜାଗର ମେଳା,ସ୍ଥାନ: ବାବା ଝିଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଝିଙ୍କପଦା, କପ୍ତିପଦା, ସମୟ: ପ୍ରାତଃ ୪ଟା।
- ବାବା ଧନେଶ୍ୱର ଶିବମନ୍ଦିର କମିଟି ପକ୍ଷରୁ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ:ଧନପୁର, ଶାମାଖୁଣ୍ଟା, ସମୟ: ସକାଳ ୭ଟା।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ଗଞ୍ଜାମ

- ଶିବରାତ୍ରୀ ମହୋତ୍ସବ,ସ୍ଥାନ: ବୁଗୁଡ଼ା ବୁଦ୍ଧଖୋଲ,ସମୟ: ସକାଳ ୬ଟାରୁ ଆରମ୍ଭ।
- ପୁଡୁଗେଶ୍ୱରଙ୍କ ପୀଠରେ ୧ ଲକ୍ଷ ୮ ଦୀପଯଜ୍ଞ, ସ୍ଥାନ: ପୁଡୁଗେଶ୍ୱରପଲ୍ଲୀ, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସକାଳ ୯ଟା ୩୦।

## କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: କ. ନୂଆଗାଁ ବ୍ଲକ ଗୁଣ୍ଡିବାଡ଼ି, ସମୟ: ସକାଳ ୮ଟା ୪୫।

## ଢେଙ୍କାନାଳ

- ପ୍ରସିଦ୍ଧ ଜାଗର ଯାତ୍ରା, ସ୍ଥାନ: କପିଳାସ ପୀଠ, ସମୟ: ସନ୍ଧ୍ୟା ୬ଟାରେ ଆରତୀ।

## ଜଗତ୍‌ସିଂହପୁର

- ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିବଜୟନ୍ତୀ ମହୋତ୍ସବ, ସ୍ଥାନ: ପ୍ରଜାପିତା ଆଶ୍ରମ, ମଧୁବନ,ପାରାଦୀପ, ସମୟ: ସକାଳ ୯ଟା।
- ମୁକ୍ତେଶର ମହାଦେବ ମନ୍ଦିରରେ ଅଷ୍ଟମପ୍ରହରୀ ନାମଯଜ୍ଞ ଓ ମହାଦୀପ ଉଠାଣ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଲୋକନାଥ ମନ୍ଦିରରେ ଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ଶୈବ ପୂଜା ଓ ମହାଦୀପ,ସ୍ଥାନ: ପାରାଦୀପଗଡ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ରଣସିଂସାହି, ବଡପାଳ, ମାର୍ଶାଘାଇ, ସମୟ: ସକାଳ ୬ଟା।
- ଜାଗର ମହୋତ୍ସବ, ସ୍ଥାନ: ମହାଦେବ ମନ୍ଦିର, କପାଳେଶ୍ୱର, କେନ୍ଦ୍ରାପଡ଼ା, ସ୍ୱପ୍ନେଶ୍ୱର ମନ୍ଦିର, ତୁଳସୀ ଶାସନ, ମେଣ୍ଟପୁର, ଆଳି, କପିଳେଶ୍ୱର ମନ୍ଦିର, ଲୋକାପଡ଼ା, ଆଳି, ଇଶାନେଶ୍ୱର ମନ୍ଦିର, ବହଡିହ, ଆଳି, ଆଖଣ୍ଡଳମଣି, କୁସୁନପୁର, ମାର୍ଶାଘାଇ, ସଦ୍ଧେଶ୍ୱର, ଦଶିପୁର, ମାର୍ଶାଘାଇ, କପିଳେଶ୍ୱର ପୀଠ, କାଟଣା, ରାଜକନିକା, କଂଟକେଶ୍ୱର ମନ୍ଦିର, କଂଟପଦା, ରାଜକନିକା, ନୀଳକଣ୍ଠେଶ୍ୱର ମନ୍ଦିର, ଦଲୁଆଣି, ଗରଦପୁର, ଗୋଠେଶ୍ୱର ମନ୍ଦିର, ନଡିଆବରେଇ, ଗରଦପୁର, ସମୟ: ସକାଳ ୬ଟା।
- ଗ୍ରାମେଶ୍ୱର ମହୋତ୍ସବ, ସ୍ଥାନ: ମନ୍ଦିର ପରିସର, ଜମ୍ବିଲୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମହାବିନାୟକ ପୀଠରେ ମହାଶିବରାତ୍ରି, ସ୍ଥାନ: ବଡଚଣା ବ୍ଲକ ଅନ୍ତର୍ଗତ ମହାବିନାୟକ ପୀଠ, ସମୟ: ସକାଳ ୬ଟା।
- ମହାଶିବରାତ୍ରୀ ଅବସରରେ ଜାଗର ଯାତ୍ରା,ସ୍ଥାନ : ଯାଜପୁର ରୋଡ଼ କହ୍ନେଇପୁର ଚନ୍ଦ୍ରଶେଖର ମହାଦେବ ମନ୍ଦିର, ନହକା ଅଭୟେଶ୍ୱର ମନ୍ଦିର, ଧବଳଗିରି ଧବଳେଶ୍ୱର ମନ୍ଦିର, ନଟପଡା ନୀଳକଣ୍ଠେଶ୍ୱର, ବୀରମଣିପୁର ସପ୍ନେଶ୍ୱର, ମହାତାବନଗର ଦେବେଶ୍ୱର ମନ୍ଦିର, ବଗେଇ ବିଶେଶ୍ୱର ମନ୍ଦିର, ଚାନ୍ଦମା ଚନ୍ଦନେଶ୍ୱର ମନ୍ଦିର ପରିସର। ସମୟ : ରାତି ୧୦ଟା।
- ଶିରିଡି ଏବଂ ନାସିକକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆରମ୍ଭ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସର, ସମୟ : ଅପରାହ୍ନ ୨ଟା।

## ନୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୧୯ତମ ଦିବସ, ସ୍ଥାନ:କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ଶିବ ମନ୍ଦିରରେ ମହାଶିବରାତ୍ରୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକର କନ୍ଧମିରିଗି, ସମୟ: ସକାଳ ୮ଟା।
- ନୀଳକଣ୍ଠେଶ୍ୱର ଶୈବ ପୀଠରେ ମହାଶିବରାତ୍ରୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ବେଣାଗାଡିଆ, ସମୟ: ସକାଳ ୮ଟା।
- ଲଡୁକେଶ ମହେଶଙ୍କ ପୀଠରେ ମହାଶିବରାତ୍ରୀ, ସ୍ଥାନ:ଗୋଡିପଡ଼ା, ସମୟ: ସକାଳ ୭ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିବସ ମ୍ୟାଚରେ ରକ୍ଷ୍ଟାର କଟକ ବନାମ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର , ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ସାଢ଼େ ୩ଟା।
- ମହିଷାଷୁଣୀ ପୀଠରେ ମହାଶିବରାତ୍ରୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ଜଗନ୍ନାଥ ପ୍ରସାଦ, ସମୟ: ଅପରାହ୍ନ ୨ଟା।
- ଲଡୁବାବାଙ୍କ ପୀଠରେ ମହାଶିବରାତ୍ରୀ ଅବସରରେ ଅବକାଶ ନୀତି, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ରାତି ସାଢ଼େ ୧୨ଟା।

## ରାୟଗଡ଼ା

- ଶିବରାତ୍ରି ଅବସରେ ବିଭିନ୍ନ ଶୈବ ପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର, ଜ୍ୟୋତି ମହଲ ଛକ ଶିବ ମନ୍ଦିର, ସମୟ: ସକାଳ ୫ରୁ ଆରମ୍ଭ।
- ତ୍ରିବେଣୀ ସଙ୍ଗମରେ ଭକ୍ତଙ୍କ ବୁଡ଼ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ମୀନାଖୋଲା, ଚନ୍ଦ୍ରପୁର, ସମୟ: ସକାଳ ୫ ଟା।
- ଶିବରାତ୍ରି ଅବସରରେ ବିଶେଷ ପୂଜାବିଧି ଅଷ୍ଟାଧାୟୀରେ ହୋମ ଆଳତି, ସ୍ଥାନ: ପିଏଚଡି ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡା, ସମୟ: ସକାଳ ୭ରୁ ଆରମ୍ଭ।

- ଅଦ୍ୱୈତ ବେଦାନ୍ତ ଆଶ୍ରମରେ ଠାକୁରଙ୍କ ରାଜ ରାଜେଶ୍ୱର ବେଶ, ସ୍ଥାନ: ବିକ୍ରମପୁର, ଗୁଣପୁର, ସମୟ: ସନ୍ଧ୍ୟା ୫ ଟା।
- କାଶୀ ବିଶ୍ୱନାଥ ମନ୍ଦିରରେ ମହାଦୀପ ଉଠିବା କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର କଲେଜ ନିକଟ ମନ୍ଦିର ପରିସର, ସମୟ: ରାତ୍ର ୧୨ଟା ୪୫।

## ନବରଙ୍ଗପୁର

- ମହାଦୀପ ଦର୍ଶନ, ସ୍ଥାନ: ଡାବୁଗାଁ କଳିଆ ଶୈବପୀଠ, ସମୟ: ରାତି ୧୦ଟା।

## କୋରାପୁଟ

- ମହା ଶିବରାତ୍ରୀ, ସ୍ଥାନ: ବଦଳିକୁଡୁମା ସ୍ଥିତ ଜଳେଶ୍ୱର ଶୈବ ପୀଠ, ଦଶମନ୍ତପୁର, ସମୟ: ସକାଳ ୬ଟା।
- ମହାଦୀପ ଉଠା କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ମୃତ୍ତିକା ସଂରକ୍ଷଣ କଲୋନୀ ନିକଟ ଶବରେଶ୍ୱର ମନ୍ଦିର, ସମୟ: ରାତି ୧ଟା।

## ସମ୍ବଲପୁର

- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ୮୯ତମ ତ୍ରିମୂର୍ତ୍ତି ଶିବ ଜୟନ୍ତି ମହୋତ୍ସବ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୯ଟାରୁ ରାତି ୯ଟା।
- କଲମ ପରିବାର ଆୟୋଜିତ ପାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଏମୟାଇଜେ ଏଫସି ମୁମ୍ବାଇ ବନାମ ଓଡ଼ିଶା ଏଫସି ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୪ଟା ୩୦।

## ରାଉରକେଲା

- ବିଭିନ୍ନ ଶୈବପୀଠରେ ମହାଶିବରାତ୍ର, ସ୍ଥାନ: ବେଦବ୍ୟାସ ପୀଠ ଓ ଉଦିତନଗର ଶୈବପୀଠ, ସମୟ: ସକାଳ ୬ଟା ୩୦।
- ନୀଳକଣ୍ଠେଶ୍ୱର ପରିସରରେ ଭଜନ ସନ୍ଧ୍ୟା, ସ୍ଥାନ: ଛେଣ୍ଡ ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଶିବରାତ୍ରି ଉପଲକ୍ଷେ ଅଷ୍ଟ ପ୍ରହରି ନାମ ସଂକୀର୍ତ୍ତନ,ସ୍ଥାନ:କୁତ୍ରା ବ୍ଲକ କଲୋନି ସ୍ଥିତ ଆଶୁତୋଷ ବାବା ମନ୍ଦିର ପରିସର,ସମୟ:ସକାଳ ୭ଟା୩୦।
- ମହାଶିବରାତ୍ରି ଉପଲକ୍ଷେ ସୁନ୍ଦରଗଡ ଇବ ନଗର(ଆରଆରଆଇଟି କଲୋନୀ)ନୀଳ କଣ୍ଠେଶ୍ୱର ବାବାଙ୍କ ଜାଗର ଯାତ୍ରା, ମହାଦ୍ୱୀପ ଉଠାଯିବ, ସ୍ଥାନ:ମନ୍ଦିର ପରିସର,ସମୟ:ରାତି୧୦ଟା।

## ବରଗଡ଼

- ଶିବରାତ୍ରୀ ଅବସରରେ ଶିବ ପୁରାଣ ପାରାୟଣ,ସ୍ଥାନ: ଭୁଡିବାହାଲ, ଗାଇସିଲେଟ୍,ସମୟ: ସକାଳ ୭ଟା।
- ବାବା ବାଲୁଙ୍କେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ସୁନାରୀବନ୍ଧ, ୱାର୍ଡ଼ ନଂ–୩, ବରଗଡ଼,ସମୟ: ସକାଳ ୮ଟା।
- ଶନି ଓ ମାଁ ସମରପାଟ୍ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ସିଲାଟ୍, ଅତାବିରା, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ଶ୍ରୀ ବରାଡ଼ ବାଲୁଙ୍କେଶ୍ୱର ଶୈବପୀଠ, ଗାଇସୀମା, ବରଗଡ଼,ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଶ୍ରୀ ଝାଡ଼େଶ୍ୱର ଶୈବପୀଠ, ରେଙ୍ଗାଲପାଲି, ବରଗଡ଼, ସମୟ: ସକାଳ ୮ଟା।
- ମହାଶିବରାତ୍ରୀ ମହୋତ୍ସବ ପାଳନ, ସ୍ଥାନ: ଶ୍ରୀ ସତ୍ୟସାଇ ବୀର ବ୍ରହ୍ମୋସ୍ୱାମୀ, ସିଦ୍ଧି ଲିଙ୍ଗେଶ୍ୱର ବାବା ମନ୍ଦିର, ଚକୁଲିଫାର୍ମ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍କନ ପକ୍ଷରୁ ହରେକୃଷ୍ଣ ମହାମନ୍ତ୍ର ଓ ପ୍ରବଚନ,ସ୍ଥାନ: ସୁନାରୀବନ୍ଧ, ୱାର୍ଡ଼ ନଂ–୩, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଜାଗର ମେଳା ପାଇଁ ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ବ୍ଲକ,ଚିର୍ଚିଗୁଡା,ସମୟ:ସକାଳ ୬ଟା।
- ଭକ୍ତି ଚେତନା କାର୍ଯ୍ୟକ୍ରମ, ସାମିଲ ହେବେ ଭବାନୀପାଟଣା ବିଧାୟକ, ସ୍ଥାନ: ଭବାନୀପାଟଣା ପୁରୁଣା ପଡା ବାଲୁଙ୍କେଶ୍ୱର ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କରଞ୍ଜକଟା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ବାବା କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା, ସମୟ: ସକାଳ ୮ଟା।
- ଦ୍ୱିତୀୟ ସେବା ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ ସକାଳ ୯ଟା।

## ଦେବଗଡ଼

- ମହା ଶିବରାତ୍ରି, ଜାଗର ଯାତ୍ରା ଅନ୍ନ ପ୍ରସାଦ ସେବନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଓପେରା, ସ୍ଥାନ: ତିଲେଇବଣି, ବ୍ଲକ ନିକ୍ରିମାଲ ଗ୍ରାମ ସିଦ୍ଧେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟାରୁ ଆରମ୍ଭ।
- ମହା ଶିବରାତ୍ରି ଜାଗର ଯାତ୍ରା, ସ୍ଥାନ: ସିଦ୍ଧେଶ୍ୱର ମନ୍ଦିର, ମଠସାହି, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ଇଷ୍ଟ ଦେବତା ସୁବର୍ଣ୍ଣମେରୁ ମନ୍ଦିରରେ ଶିବରାତ୍ରୀ ମେଳା ଓ ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଶିବରାତ୍ରୀ ଅବସରରେ ସାମୂହିକ ବ୍ରତୋପନୟନ, ସ୍ଥାନ: ରାମେଶ୍ୱର ସୋନପୁର ମନ୍ଦିର ପରିସର, ସମୟ: ସକାଳ ୭ଟା ୩୦।
- ଅଷ୍ଟ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ଗୌଡଗଡ,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୮ଟା।
- ତରଭା ନୀକଣ୍ଠେଶ୍ୱର ମନ୍ଦିରରେ ଶିବରାତ୍ରୀ ମେଳା ଓ ମହାଦୀପ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ତରଭା ଧବଳେଶ୍ୱର ମନ୍ଦିରରେ ଶିବରାତ୍ରୀ ମେଳା, ସ୍ଥାନ: ବଡବନ୍ଧ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ବଡ଼ବର୍ଣ୍ଣାକଟା ଶିବ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।

# ଚନ୍ଦ୍ରଶେଖର ହୋତା ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ

**ଭୁବନେଶ୍ୱର,୨୫।୨**
**(ସୌମ୍ୟରଞ୍ଜନ ରାଉତ)**



ଡ. ଚନ୍ଦ୍ରଶେଖର ହୋତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବେ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ଏନେଇ ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଚନ୍ଦ୍ରଶେଖର ବର୍ତ୍ତମାନ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗରେ ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି। ଏଥିସହିତ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶ ସ୍ଥାନରେ ତିନୋଟି ଗ୍ରହ ଥିବାରୁ ସାମଗ୍ରିକ ସୁଖ, ସମ୍ମାନ ଲାଭରେ ସମର୍ଥ ହେବେ। ପରିସ୍ଥିତିବଶତଃ ଆଶଙ୍କା କରୁଥିବା ବିବାଦୀୟ ଘଟଣାରେ ସେମିତି କିଛି ହେବ ନାହିଁ। ଆତ୍ମୀୟଙ୍କ ପାରିବାରିକ ବିବାଦର ସମାଧାନ ପାଇଁ ଚିନ୍ତିତ ହେବେ। ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ବୃଷ** ଆଜି ରାହୁ ଓ ଶୁକ୍ରଙ୍କ ସ୍ଥିତି ପ୍ରଭାବରୁ ଶିକ୍ଷା, ସନ୍ତାନ, ସମ୍ପର୍କକୁ କେନ୍ଦ୍ରକରି ଦୁଶ୍ଚିନ୍ତା ସୃଷ୍ଟି ହେବ। କଳା ସାହିତ୍ୟ ଓ ବାଣିଜ୍ୟ, ପରିବହନରେ ସମସ୍ୟା ସମାଧାନ ହେବ। ସରକାରୀ ସ୍ତରରୁ ଦୀର୍ଘ ପ୍ରତୀକ୍ଷା ପରେ ଆଶା କରୁଥିବା ଖବରଟି ଆଜି ପାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ, ଚୁକ୍ତିପତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କର୍ମରେ ନିୟୋଜିତ ରହିବା ଭଲ।

**ମିଥୁନ** ବୁଧ କୁମ୍ଭ ରାଶିସ୍ଥ ଯୋଗୁ କୌଣସି ଅସୁବିଧା ନ ଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା ସବୁ କାମକୁ ବିଗାଡ଼ି ଦେବ। ନିଜେ କିଛି କରି ନ ପାରିବା ସହିତ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। କୌଣସି ବିବାଦୀୟ କଥା ଚିନ୍ତାକରି ଅଯଥା ଅନ୍ୟମନସ୍କ ରହିପାରନ୍ତି। ପାରିବାରିକ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସମ୍ଭାବନା ରହିଛି।

**କର୍କଟ** ଆଜିର ଚନ୍ଦ୍ର ରାଶିକୁ ଦେଖୁଥିବାରୁ ଯେଉଁ କାମରେ ହାତ ଦେବେ ତାହା ସମାପନ ହୋଇପାରିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା, ଗାଡ଼ି ମରାମତି, ଜମିଜମା କିଣା, ବିକା ପ୍ରତି ଆଗ୍ରହ ବଢ଼ିପାରେ। ବାରମ୍ବାର ଅସଫଳ ହେତୁ ମନ ଅସ୍ଥିର ରହିବ। ବନ୍ଧୁଙ୍କ କାମ ସକାଶେ ବାହାରକୁ ଯିବାକୁ ପଡ଼ିପାରେ।

**ସିଂହ** ରାଶିକୁ ରବି ଅବଲୋକନ କରୁଥିବାରୁ ଆପଣଙ୍କ ଶାଳୀନତାପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆକର୍ଷିତ କରିବ। ବାଧ୍ୟବାଧକତାବଶତଃ କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ମଘା ନକ୍ଷତ୍ର ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**କନ୍ୟା** ଭାଗ୍ୟସ୍ଥାନରେ ବୃହସ୍ପତିଥିବାରୁ ପରିବାରରୁ ଆଦର, ବାହାର ଲୋକଙ୍କଠାରୁ ସମ୍ମାନ, ବ୍ୟବସାୟରେ ଉନ୍ନତି, କର୍ମକ୍ଷେତ୍ରରେ ପ୍ରଗତିର ସୂଚନା ରହିଛି। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ସକାଳୁ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ଅନ୍ୟଦ୍ୱାରା ପ୍ରରୋଚିତ ହୋଇ କାମକଲେ ଅପଦସ୍ଥ ହେବାର ଆଶଙ୍କାକୁ ଏଡ଼ିହେବ ନାହିଁ।

**ତୁଳା** ଆଜି ଶୁକ୍ରଯୁକ୍ତ ରାହୁ ହେତୁ ପାଇବେ ଯେମିତି ଖର୍ଚ୍ଚ ମଧ୍ୟ କରିବେ ସେମିତି। କିନ୍ତୁ କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମକରି ମଧ୍ୟ ନିନ୍ଦା ଶୁଣିବାକୁ ପଡ଼ିପାରେ। ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ଏକଜିଦିଆ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ବିଛା** ଆଜି ଅନୁକୂଳ ଗ୍ରହସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ ସୁଖ,ସୁବିଧା ଓ ସମ୍ମାନ ଲାଭକରି ଉପକୃତ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ବିବାଦ ହୋଇପାରେ। ଅଦାଲତର ରାୟ ଆପଣଙ୍କ ସପକ୍ଷରେ ଯାଇପାରେ। ଶତ୍ରୁତା କରୁଥିବା ଲୋକମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** ଦୁଃସ୍ଥାନସ୍ଥ ଗୁରୁଙ୍କ ଯୋଗୁ କାମ ଶୃଙ୍ଖଳିତ ହେବାରେ ପ୍ରତିବନ୍ଧକ ଆସିପାରେ। ତଥାପି ଉତ୍ତରାଷାଢ଼ା ନକ୍ଷତ୍ର ଅଯାଚିତ ଭାବରେ ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ନିଜର ଅସୁସ୍ଥ ମାନସିକତା କାରଣରୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର** ଆପଣଙ୍କର କୌଣସି ଅସୁବିଧା ନ ଥିଲେ ମଧ୍ୟ ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ମାନସିକ ଚାପରେ ରହିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ପୂରଣ ହେବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବାରେ କୌଶଳପୂର୍ଣ୍ଣ କାର୍ଯ୍ୟକଳାପ ସହାୟକ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** କର୍ମାଧିପ କୋଣଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟରେ ନୂତନ ଦିଗନ୍ତ ସୃଷ୍ଟି ହେବ ଏବଂ ଆଶାର ଆଲୋକ ଦେଖିବେ। ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ସମସ୍ୟା ଭିତରକୁ ଟାଣିହୋଇପାରନ୍ତି। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରି ଖୁସି ରହିବେ।

**ମୀନ** ବୃହସ୍ପତିଙ୍କ ନବମକୁ ଦୃଷ୍ଟିଥିବାରୁ ଆଜି ପୂର୍ବଦିନଗୁଡ଼ିକ ଅପେକ୍ଷା ଭଲ ରହିବ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାରିବାରିକ ସ୍ଥିତିରେ ସମସ୍ୟା ସମାଧାନ ସକାଶେ ବ୍ୟସ୍ତ ହୋଇପଡ଼ିବେ। ଅଫିସରେ ଥିବା ସମୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ଫେବୃଆରୀ ୨୬ ତାରିଖ, ମହାଶିବରାତ୍ରି, ଜାଗର, ପ୍ରୟାଗତୀର୍ଥେ ମହାକୁମ୍ଭ ସ୍ନାନ, ଫାଲ୍‌ଗୁନ କୃଷ୍ଣପକ୍ଷର ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ବୁଧବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶରଣ, ବୀର ସାବରକରଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର–ଶ୍ରବଣା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬/୧୨ମି. ଗତେ ଘ.୦୭/୪୪ମି. ମଧ୍ୟେ, ଘ.୧୦.୩୨ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୯ ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁକାଳ।

## ଡିଜିଟାଲ ଆରେଷ୍ଟ...

ପ୍ରଥମ ପୃଷ୍ଠାରୁ...

କୋଟି ବେଆଇନ ଟଙ୍କା ଜମା କରାଯାଇଛି। ତେଣୁ ତାଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଛି ବୋଲି ନକଲି ଅଫିସର ଜଣଙ୍କ କୁଳପତି ଦାଶଙ୍କୁ କହିଥିଲେ। ଡିଜିଟାଲ ଆରେଷ୍ଟ ନାଁ ଶୁଣିବା ପରେ କୁଳପତି ଭୟଭୀତ ହୋଇଯାଇଥିଲେ। ଏଥିରୁ ମୁକୁଳିବାକୁ ହେଲେ ୧୪ ଲକ୍ଷ ଟଙ୍କା ଦେବାକୁ ହେବ ବୋଲି ସାଇବର ଗ୍ୟାଙ୍ଗ୍ କହିଥିଲେ। ପରେ ସେ ଠକ ଗ୍ୟାଙ୍ଗ୍ ଦେଇଥିବା ଆକାଉଣ୍ଟରେ ନିଜ ଆକାଉଣ୍ଟର ଚେକ୍ ଜରିଆରେ ୧୪ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। କୁଳପତି ଠକେଇର ଶିକାର ହୋଇଥିବା ଜାଣିପାରି ପରେ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ କୁଳପତିଙ୍କ ବିଭିନ୍ନ ମୋବାଇଲ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

ପ୍ରକାଶ ଯେ, ରାଜ୍ୟରେ ୨୦୨୧, ୨୦୨୨ ଏବଂ ୨୦୨୩ରେ ମୋଟ ୬,୩୬୮ ସାଇବର ଠକେଇ ଅପରାଧ ନେଇ ମାମଲା ରୁଜୁକରାଯାଇଛି। ଏହା ଉପରେ ଅନୁଧ୍ୟାନ କଲେ ସାଇବର ଅପରାଧ ମାମଲା ପ୍ରତିବର୍ଷ ବୃଦ୍ଧି ପାଉଥିବା ନଜରକୁ ଆସିଛି। ୨୦୨୧ରେ ରାଜ୍ୟରେ ମୋଟ୍ ୨,୦୩୭ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ଏହି ସଂଖ୍ୟାରେ ସାମାନ୍ୟ ହ୍ରାସ ଘଟିଥିବା ଲକ୍ଷ୍ୟ କରାଯାଇଛି। ୨୦୨୧ ତୁଳନାରେ ୨୦୨୨ରେ ମାତ୍ର ୫୪ଟି ମାମଲା କମ୍ ହୋଇଛି। ଏହିବର୍ଷ ରାଜ୍ୟରେ ମୋଟ୍ ୧,୯୮୩ଟି ମାମଲା ସାଇବର ଅପରାଧ ନେଇ ରୁଜୁ କରାଯାଇଛି। ହେଲେ ୨୦୨୩ରେ ରାଜ୍ୟରେ ମୋଟ୍ ୨,୩୪୮ଟି ସାଇବର ଆପରାଧିକ ମାମଲା ବିଭିନ୍ନ ଥାନାରେ ରୁଜୁ କରାଯାଇଛି ; ଯାହାକି ୨୦୨୧ ତୁଳନାରେ ୩୧୧ ଏବଂ ୨୦୨୨ ତୁଳନାରେ ୩୬୫ଟି ଅଧିକ ମାମଲା ରୁଜୁ ହୋଇଥିବା ବିଧାନସଭା ତଥ୍ୟରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ଏହି ୩ ବର୍ଷ ଭିତରେ ୬,୩୬୮ଟି ସାଇବର ଅପରାଧ ମାମଲାରେ ଗିରଫଦାରି ସଂଖ୍ୟା ବହୁତ କମ୍ ରହିଛି। ୬,୩୬୮ଟି ମାମଲାରେ ମୋଟ ୧୩୮୮ ଜଣଙ୍କୁ ଗିରଫ କରାଯାଇଛି। ୨୦୨୧ରେ ୪୨୫, ୨୦୨୨ରେ ୪୪୧ ଏବଂ ୨୦୨୩ରେ ୫୨୨ ଜଣଙ୍କୁ ଏହିସବୁ ମାମଲାଗୁଡ଼ିକରେ ଗିରଫ କରାଯାଇଛି। ଆହୁରି ଚିନ୍ତାଜନକ ବିଷୟ ହେଉଛି ପ୍ରତ୍ୟେକ ବର୍ଷ ସାଇବର ଠକେଇରେ ଅଧିକ ପରିମାଣର ଅର୍ଥରାଶି ହଡ଼ପ ହେଉଛି। ୨୦୨୧ରେ ମୋଟ ୪୦ କୋଟି ୩୯ ଲକ୍ଷ ୭୦ ହଜାର ୫୧୪ ଟଙ୍କାର ଅର୍ଥ ରାଶି ଠକେଇ କରାଯାଇଥିବାବେଳେ ୨୦୨୨ରେ ଏହି ରାଶି ୩୭ କୋଟି ୨୮ ଲକ୍ଷ ୯୬ ହଜାର ୯୮୨ ଟଙ୍କା ରହିଛି। ୨୦୨୧ ତୁଳନାରେ ୩ କୋଟି ୧୦ ଲକ୍ଷ ୭୩ ହଜାର ୫୩୨ ଟଙ୍କା କମ୍ ଅର୍ଥ ରାଶି ହଡ଼ପ ହୋଇଛି। ହେଲେ ୨୦୨୩ରେ ମୋଟ୍ ୪୭ କୋଟି ୯୪ ଲକ୍ଷ ୫୦ ହଜାର ୧୭୮ ଟଙ୍କାର ଅର୍ଥ ରାଶି ହଡ଼ପ କରାଯାଇଛି। ଏହା ୨୦୨୨ ତୁଳନାରେ ୧୦ କୋଟି ୬୫ ଲକ୍ଷ ୫୩ ହଜାର ୧୯୬ ଟଙ୍କା ଅଧିକ । ସେହିପରି ୨୦୨୧ ତୁଳନାରେ ୨୦୨୩ରେ ୭ କୋଟି ୫୪ ଲକ୍ଷ ୭୯ ହଜାର ୬୬୪ କୋଟି ଟଙ୍କା ଅଧିକ ହଡ଼ପ ହୋଇଛି।

ପ୍ରତିବର୍ଷ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଏହାକୁ ରୋକିବା ଲାଗି ରାଜ୍ୟ ସରକାର ୨୦୧୩ ଏପ୍ରିଲ ୧ରୁ ପଦକ୍ଷେପ ନେଇଥିବା କଥା ଦର୍ଶାଇଛନ୍ତି। ଏହି ଅପରାଧ ରୋକିବା ସକାଶେ ସରକାର ସାଇବର କ୍ରାଇମ ଶାଖା, ସାଇବର କ୍ରାଇମ ୟୁନିଟ୍ ମଧ୍ୟରେ ଅନେକ ବିଶେଷ ସବ୍ ୟୁନିଟ୍ ପ୍ରତିଷ୍ଠା କରିଥିବା କହୁଛନ୍ତି। କେବଳ ସେତିକି ନୁହେଁ, ସରକାର ବିଧାନସଭା ଉତ୍ତରରେ ଆହୁରି ଦର୍ଶାଇଛନ୍ତି, ସାଇବର ଅପରାଧ ରୋକିବା ଲାଗି ୧୯୩୦ ସାଇବର ଅପରାଧ ହେଲ୍‌ପଲାଇନ, ସୋସିଆଲ ମିଡିଆ ୟୁନିଟ୍, ଶିଶୁ ଓ ମହିଳା ଅନ୍‌ଲାଇନ ଅପବ୍ୟବହାର ମନିଟରିଂ ବିଭାଗ, ସାଇବର ତଦନ୍ତ ବିଭାଗ ଆଦି ଖୋଲିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୪ଟି ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୋଲିସ ଥାନା ଭୁବନେଶ୍ୱର ସହରାଞ୍ଚଳ, କଟକ ସହରାଞ୍ଚଳ, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ଅନୁଗୋଳ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଓ କନ୍ଧମାଳଠାରେ ପ୍ରତିଷ୍ଠା ହୋଇଛି। ଏହିଭଳି ବହୁ ମାତ୍ରାରେ ସାଇବର ଅପରାଧ ରୋକିବା ଲାଗି ସରକାର ବ୍ୟବସ୍ଥା ଗ୍ରହଣ କରିଥିବା ବିଷୟରେ ସୂଚନା ଦେଇଥିଲେ ସୁଦ୍ଧା ଏହି ସମ୍ବନ୍ଧୀୟ ଅପରାଧ ସଂଖ୍ୟା ବୃଦ୍ଧି ପାଇଚାଲିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସରକାରଙ୍କ ସଚେତନତା ଲୋକଙ୍କ ପାଇଁ ସେତେ ମାତ୍ରାରେ କାମ ଦେଉ ନ ଥିବା ସାଇବର ବିଶେଷଜ୍ଞମାନେ ମଧ୍ୟ ମତ ରଖିବା ଆରମ୍ଭ କରିଛନ୍ତି।

## ଆୟକର ରିଟର୍ନ...

ସେମାନେ ଡୋର ଟୁ ଡୋର ବୁଲି ଦେଖିବେ। କାହାର ଆୟ କେତେ ତା'ପରେ କାର୍ଡ କଟିବ। କାହାର କାର୍ଡ କାଟନ୍ତୁ ନାହିଁ କି ଚାଉଳ ବନ୍ଦ କରନ୍ତୁ ନାହିଁ ବୋଲି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକୃତରେ ଯିଏ ଗରିବ ଥିବ କାର୍ଡ ରହିବ, ଧନୀ ଲୋକ ହାତେଇଥିଲେ କଟିବ, ସେଥିପାଇଁ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ। ଯଦି କରିଛି ବିଭାଗକୁ ଜଣାନ୍ତୁ, ତଦନ୍ତକରି ସେମାନଙ୍କୁ ସାମିଲ କରାଯିବ। ଗ୍ରାମାଞ୍ଚଳରେ ମାସିକ ୧୦ ହଜାର ଏବଂ ସହରାଞ୍ଚଳରେ ୧୫ ହଜାର ଟଙ୍କା ଆୟ ଥିଲେ କାର୍ଡ କଟିବାକୁ ନିର୍ଦ୍ଦେଶ ଆସିଛି। ଯେଉଁମାନେ ପ୍ରକୃତରେ ଗରିବ ସେମାନଙ୍କର କାର୍ଡ ରହୁ, ସେଥିପାଇଁ ଫିଜିକାଲ ଭେରିଫିକେଶନ ହେବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

## ଓଡ଼ିଶାରେ ମୃଦୁ...

କବାଟ ପ୍ରଭୃତି ଥରିଉଠିଥିଲା। ଲୋକେ ଭୟରେ ଘର ବାହାରକୁ ବାହାରି ଆସିଥିଲେ। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଭୂମିକମ୍ପ ଟିକିଏ ଅଧିକ ଅନୁଭୂତ ହୋଇଥିବା ଜଣାପଡ଼ିଛି। ଓଡ଼ିଶା ପୂର୍ବଉପକୂଳର ୯୧ କିମି ସମୁଦ୍ର ଭିତରେ ଏହାର କେନ୍ଦ୍ରସ୍ଥଳ ରହିଥିବାବେଳେ ପୁରୀଠାରୁ ୨୮୬ କି.ମି., ଭୁବନେଶ୍ୱରଠାରୁ ୨୯୭ କି.ମି. ଏବଂ ବ୍ରହ୍ମପୁରଠାରୁ ୩୯୪ କି.ମି. ଦୂରରେ ଭୂମିକମ୍ପ କେନ୍ଦ୍ରୀଭୂତ ହୋଇଥିଲା। ତେବେ ଏହାର ପ୍ରଭାବରେ କୌଣସି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ। ଅନ୍ୟପକ୍ଷରେ କୋଲକାତା ଓ ବାଂଲାଦେଶରେ ମଧ୍ୟ ଭୂମିକମ୍ପର ପ୍ରଭାବ ଅନୁଭୂତ ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ ଭୂମିକମ୍ପ ପ୍ରଭାବରେ ଉପକୂଳ ଓଡ଼ିଶାରେ ସୁନାମି ଭୟ ରହିଥିବା ପାଣିପାଗ ବିଶେଷଜ୍ଞ କହିଛନ୍ତି।

## ସ୍ୱାମୀଙ୍କ ଭର୍ଚୁଆଲ...

ସଙ୍ଗମରେ ନିଜେ ବୁଡ଼ ପକାଇବା ପୂର୍ବରୁ ସେ ତାଙ୍କ ସ୍ୱାମୀ ଆଦିତ୍ୟ ଚୌହାନଙ୍କୁ ଭିଡିଓ କଲ୍ କରିଥିଲେ। ସ୍ୱାମୀ ନିଜ ବେଡ୍ ଉପରେ ବସି ଭିଡିଓ କଲ୍ ଜରିଆରେ ସଙ୍ଗମର ପରିବେଶକୁ ଉପଭୋଗ କରିଥିଲେ। ସ୍ୱାମୀଙ୍କ ଭର୍ଚୁଆଲ ବୁଡ଼ ପାଇଁ ଶିଳ୍ପା ତାଙ୍କ ମୋବାଇଲକୁ ୨ରୁ ୩ ଥର ସଙ୍ଗମ ଜଳରେ ବୁଡ଼ାଇ ଥିଲେ। ଏହି ସମୟରେ ଭିଡିଓ କଲ୍‌ରେ ଥିବା ଶିଳ୍ପାଙ୍କ ସ୍ୱାମୀ ହାତ ଯୋଡ଼ି ନିଜ ମୋବାଇଲକୁ ଚାହିଁ ରହିଥିଲେ। ସଙ୍ଗମରେ ବୁଡ଼ ପକାଉଥିବାର ଭିଡିଓକୁ ଶିଳ୍ପା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଗୋଟିଏ ଭିଡିଓରେ ସେ ତାଙ୍କ ମୋବାଇଲ ଫୋନ୍‌କୁ ସଙ୍ଗମ ଜଳରେ ବୁଡ଼ାଇ ସ୍ୱାମୀଙ୍କୁ ଭର୍ଚୁଆଲ ସ୍ନାନ କରାଇଥିବାବେଳେ ଅନ୍ୟ ଏକ ଭିଡିଓରେ ସେ ସଙ୍ଗମ କୂଳରେ ପୂଜାର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଛି। ସେହିପରି ଶିଳ୍ପା ନିଜେ ସଙ୍ଗମରେ ବୁଡ଼ ପକାଉଥିବା ନେଇ ଆଉ ଏକ ଭିଡିଓ ମଧ୍ୟ ଅପ୍‌ଲୋଡ୍ କରିଛନ୍ତି। ତେବେ ସ୍ୱାମୀଙ୍କୁ ଭର୍ଚୁଆଲ ସ୍ନାନ କରାଉଥିବାର ଶିଳ୍ପାଙ୍କ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ୧ ଲକ୍ଷ ୯୬ ହଜାର ଲୋକ ଲାଇକ୍ କରିଥିବାବେଳେ ୯ ଲକ୍ଷ ୧୭ ହଜାର ୟୁଜର୍ସ ଶେୟାର କରିଛନ୍ତି। ସେହିପରି ୧୨,୮୦୦ ଜଣ ୟୁଜର୍ସ ଏହି ପୋଷ୍ଟରେ ବିଭିନ୍ନ ମଜାଳିଆ କମେଣ୍ଟ କରିବା ସହ ଶିଳ୍ପାଙ୍କୁ ସମାଲୋଚନା କରିଛନ୍ତି। ଜଣେ ୟୁଜର କମେଣ୍ଟ କରି ଲେଖିଛନ୍ତି, ଯଦି ଶିଳ୍ପାଙ୍କ ହାତରୁ ମୋବାଇଲଟି ଖସିଯାଇଥାନ୍ତା ତେବେ ବୋଧହୁଏ ତାଙ୍କ ସ୍ୱାମୀଙ୍କର ତୁରନ୍ତ ମୋକ୍ଷପ୍ରାପ୍ତି ହୋଇଯାଇଥାନ୍ତା। ସେହିପରି ଜଣେ ୟୁଜର କମେଣ୍ଟ କରି ପ୍ରଶ୍ନ କରିଛନ୍ତି, ଫୋନ୍ ଖରାପ ହୋଇନାହିଁ ତ। ଆଉ ଜଣେ ୟୁଜର ଶିଳ୍ପାଙ୍କୁ ସମାଲୋଚନା କରି ଲେଖିଛନ୍ତି, କଳିଯୁଗରେ ମୂର୍ଖଙ୍କର ସଂଖ୍ୟା କମ୍ ନୁହେଁ। ଅନ୍ୟ କେତେଜଣ ଲେଖିଛନ୍ତି ସ୍ୱାମୀଙ୍କ ପାପ ଧୋଇବା ପାଇଁ ମୋବାଇଲକୁ ବଳି ପକାଇଲେ ସ୍ତ୍ରୀ। ଉତ୍ତରପ୍ରଦେଶ ସରକାରଙ୍କ ତଥ୍ୟ ଅନୁଯାୟୀ, ଚଳିତ ମହାକୁମ୍ଭରେ ଦେଶ ବିଦେଶରୁ ୬୩ କୋଟିରୁ ଅଧିକ ଲୋକ ଆସି ବୁଡ଼ ପକାଇଛନ୍ତି। ତେବେ କେତେଜଣ ଲୋକ ବିଭିନ୍ନ କାରଣବଶତଃ ମହାକୁମ୍ଭକୁ ଆସିପାରି ନ ଥିବା ନିଜ ସମ୍ପର୍କୀୟଙ୍କ ଫଟୋକୁ ସଙ୍ଗମ ଜଳରେ ବୁଡ଼ାଇ ସେମାନଙ୍କର ଭର୍ଚୁଆଲ ସ୍ନାନ କରାଉଥିବା ନେଇ କିଛି ଭିଡିଓ ପୂର୍ବରୁ ଭାଇରାଲ ହୋଇଥିଲା। ସେହିପରି କିଛିଦିନ ତଳେ ଦୀପକ ଗୋଏଲ ନାମକ ଜଣେ ବ୍ୟକ୍ତି ୧୧୦୦ ଟଙ୍କା ନେଇ ଲୋକଙ୍କର ଫଟୋକୁ ସଙ୍ଗମ ଜଳରେ ବୁଡ଼ାଇ ମହାକୁମ୍ଭରେ ସେମାନଙ୍କର ଡିଜିଟାଲ ସ୍ନାନ କରାଉଛନ୍ତି ବୋଲି ଦାବି କରିଥିଲେ।

# ଜାତିସଂଘ ପ୍ରସ୍ତାବ ବିରୋଧରେ ଭୋଟ ଦେଲା ଆମେରିକା

## ୟୁକ୍ରେନ୍ ଯୁଦ୍ଧ

### ମତଦାନରୁ ବିରତ ରହିଲେ ଭାରତ, ଚାଇନା

ଜାତିସଂଘ,୨୫।୨

ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିବାର ୩ ବର୍ଷ ପରେ ଆମେରିକା ଏବଂ ୟୁରୋପୀୟ ମେଣ୍ଟ ମଧ୍ୟରେ ଫାଟ ଦେଖାଦେଇଛି। ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆକୁ ଦାୟୀ କରି ଜାତିସଂଘରେ ସୋମବାର ଅଣାଯାଇଥିବା ୩ଟି ପ୍ରସ୍ତାବ ସପକ୍ଷରେ ଭୋଟ ଦେବାକୁ ଆମେରିକା ମନା କରିଦେଇଛି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଟ୍ରାନ୍ସଆଟଲାଣ୍ଟିକ୍ ସମ୍ପର୍କରେ ନାଟକୀୟ ପରିବର୍ତ୍ତନ ଦେଖାଦେଇଛି। ଜାତିସଂଘ ସାଧାରଣ ସଭାରେ ଆମେରିକା ରୁଷିଆ ସହ ହାତ ମିଳାଇ ୟୁରୋପ ସମର୍ଥିତ ୟୁକ୍ରେନ୍ ପ୍ରସ୍ତାବ ବିରୋଧରେ ଭୋଟ ଦେଇଛି। ତୁରନ୍ତ ରୁଷିଆ ସୈନ୍ୟଙ୍କୁ ପ୍ରତ୍ୟାହାର କରିନେବା ଓ ଆକ୍ରମଣ ବନ୍ଦ କରିବା ପାଇଁ ପ୍ରସ୍ତାବରେ ଆହ୍ୱାନ ଦିଆଯାଇଥିଲା। ୟୁରୋପୀୟ ଏବଂ ଆମେରିକା ବ୍ୟତୀତ ଅନ୍ୟ ଜି୭ ଦେଶଗୁଡ଼ିକ ଚିଠାପ୍ରସ୍ତାବ ସପକ୍ଷରେ ଭୋଟ ଦେବା ପରେ ଏହା ଗୃହୀତ ହୋଇଛି। ତେବେ ଭୋଟଦାନ ବେଳେ ଭାରତ ଏବଂ ରୁଷିଆର ଅନ୍ୟତମ ସହଯୋଗୀ ଚାଇନା ଅନୁପସ୍ଥିତ ରହିଥିଲେ। ୧୯୩ ସଦସ୍ୟ ଥିବା ଜାତିସଂଘ ସାଧାରଣ ସଭାରେ ପ୍ରସ୍ତାବ ସପକ୍ଷରେ ୯୩ ଦେଶ ଭୋଟ ଦେଇଥିବାବେଳେ ରୁଷିଆ, ଆମେରିକା, ଇସ୍ରାଏଲ୍, ହଙ୍ଗେରୀ ଆଦି ୧୮ ଦେଶ ବିରୋଧରେ ଭୋଟ ଦେଇଥିଲେ। ଭାରତ, ଚାଇନା, ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ସାଉଦି ଆରବ, କାତାର, କୁଏଟ୍, ୟୁଏଇ, ଇରାନ, ଇରାକ, ଆର୍ଜେଣ୍ଟିନା ସମେତ ୬୫ ଦେଶ ଭୋଟଦାନରୁ ବିରତ ରହିଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ ରୁଷିଆ ଆକ୍ରମଣକୁ ନିନ୍ଦା କରି ଅଣାଯାଇଥିବା ପ୍ରସ୍ତାବ ସପକ୍ଷରେ ୧୪୦ରୁ ଊର୍ଦ୍ଧ୍ୱ ଦେଶ ଭୋଟ ଦେଇଥିଲେ। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ୩ ବର୍ଷ ମଧ୍ୟରେ ସବୁଥର ଆମେରିକା ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ରୁଷିଆକୁ ବିରୋଧ କରି ଭୋଟ ଦେଉଥିଲା। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନିକଟରେ ପୁଟିନ୍‌ଙ୍କୁ ସମର୍ଥନ କରି ମନ୍ତବ୍ୟ ଦେଇଥିବାବେଳେ ଯୁଦ୍ଧ ବନ୍ଦ ପାଇଁ ରିୟାଧରେ ଅନୁଷ୍ଠିତ ବୈଠକରେ ୟୁକ୍ରେନ୍ ଏବଂ ୟୁରୋପର କୌଣସି ପ୍ରତିନିଧି ଉପସ୍ଥିତ ନ ଥିଲେ। ଏଥର ଭୋଟଦାନରୁ ଭାରତ ବିରତ ରହିବା ନୂଆ କଥା ନୁହେଁ। ପୂର୍ବରୁ ଯେତେଥର ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଭୋଟ ହୋଇଛି, ଭାରତ ଅନୁପସ୍ଥିତ ରହିଛି। ଉଭୟ ଆମେରିକା ଏବଂ ରୁଷିଆ ସହ ଭାରତର ରଣନୀତିକ ସହଭାଗିତା ଥିବାରୁ ଏହା କୂଟନୈତିକ ସ୍ତରରେ ସମଦୂରତ୍ୱ ରକ୍ଷାକରି ଆସିଛି।

ଯୁଦ୍ଧର ୩ ବର୍ଷ ପୂର୍ତ୍ତି ଅବସରରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଥିଲେ, ଏହି ଯୁଦ୍ଧ କେବଳ ୟୁରୋପ୍‌ର ଶାନ୍ତି ଓ ସୁରକ୍ଷା ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିନାହିଁ, ବରଂ ଜାତିସଂଘର ପ୍ରତିଷ୍ଠା ଓ ମୂଳ ନୀତି ପ୍ରତି ବିପଦ ଆଣିଛି। ଯୁଦ୍ଧରେ ପ୍ରାଣ ହରାଇଥିବା ଲୋକମାନଙ୍କ ପାଇଁ 'ଦି ପାଥ୍ ଟୁ ପିସ୍' ନାମରେ ଆମେରିକା ଏକ ପ୍ରସ୍ତାବ ଆଣିଥିଲା। ୯୩ ଭୋଟ ସହ ଉକ୍ତ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ବିପକ୍ଷରେ ୮ ଭୋଟ ପଡ଼ିଥିଲା ଏବଂ ୭୩ ସଦସ୍ୟ ଅନୁପସ୍ଥିତ ରହିଥିଲେ।



ଜାତିସଂଘ ସାଧାରଣ ସଭାରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ ପ୍ରସ୍ତାବ ଉପରେ ସଦସ୍ୟମାନେ ଭୋଟ ଦେଉଛନ୍ତି।

## ନମାମି ଗଙ୍ଗେ କାର୍ଯ୍ୟକ୍ରମ ପାଣ୍ଠିର ପୂରା ବିନିଯୋଗ ହେଉନି


ନୂଆଦିଲ୍ଲୀ,୨୫।୨(ପି.ଟି.)

ଗଙ୍ଗାନଦୀକୁ ସଫା କରିବା ପାଇଁ ଆରମ୍ଭ ହୋଇଥିବା ନମାମି ଗଙ୍ଗେ କାର୍ଯ୍ୟକ୍ରମ ଠିକ୍ ଭାବେ ଆଗଉ ନ ଥିବା ଜଣାପଡ଼ିଛି। ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚର ବିଶ୍ଳେଷଣ ଅନୁଯାୟୀ, ୨୦୨୪-୨୫ ବର୍ଷରେ ଉକ୍ତ କାର୍ଯ୍ୟକ୍ରମ ପାଇଁ ମଞ୍ଜୁରୀ ଅର୍ଥର ମାତ୍ର ୬୯ ପ୍ରତିଶତ ବ୍ୟୟ ହୋଇଛି। ଗଙ୍ଗାନଦୀର ଜଳ ଗୁଣବତ୍ତାରେ କିଛିଟା ଉନ୍ନତି ଆସିଥିଲାବେଳେ ଶିଳ୍ପ ବର୍ଜ୍ୟ ପ୍ରମୁଖ ପ୍ରଦୂଷିତ ଉପାଦାନ ରହିଆସିଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି। ୪୫୦ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ପ୍ରଦୂଷଣ ନିୟମ ପାଳନ କରିବାରେ ବିଫଳ ହୋଇଥିବା କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ଖର୍ଚ୍ଚଦାବି ବିଶ୍ଳେଷଣ କରି ପିଆର୍‌ଏସ୍ କହିଛି। ଦିନକୁ ୭,୦୦୦ ନିୟୁତ ଲିଟର ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ଲକ୍ଷ୍ୟ ରଖାଯାଇଥିବାବେଳେ ମାତ୍ର ୫୨ ପ୍ରତିଶତ ହାସଲ କରାଯାଇପାରିଛି। ନମାମି ଗଙ୍ଗେ ପାଇଁ ମଞ୍ଜୁର ପାଣ୍ଠିରୁ ଏକ ବଡ଼ ଭାଗ ବ୍ୟବହାର ହେଉ ନ ଥିବା ୨୦୨୪ରେ ପବ୍ଲିକ୍ ଆକାଉଣ୍ଟସ୍ କମିଟି କହିଥିଲେ।

## ସଂକ୍ଷେପରେ

### 'ଗ୍ଲେସିଅର ସଂରକ୍ଷଣରେ ଅଗ୍ରଣୀ ଭୂମିକା ନେଉ ଭାରତ'

#### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୋନମ ୱାଙ୍ଗଚୁକ୍



ନୂଆଦିଲ୍ଲୀ, ୨୫।୨

ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ୍ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ଖୋଲା ଚିଠି ଲେଖିଛନ୍ତି। ଗ୍ଲେସିଅର ସଂରକ୍ଷଣରେ ଭାରତ ଅଗ୍ରଣୀ ଭୂମିକା ନେଉ ବୋଲି ସେ ପ୍ରଧାନମନ୍ତ୍ରୀଙ୍କୁ ଅପିଲ କରିଛନ୍ତି। ହିମାଳୟରେ ଗ୍ଲେସିଅରର ସ୍ଥିତି ଗମ୍ଭୀର ରହିଛି। ଜଳବାୟୁ ପରିବର୍ତ୍ତନ କାରଣରୁ ହିମାଳୟରେ ଦ୍ରୁତ ଗତିରେ ଗ୍ଲେସିଅର ତରଳିବାରେ ଲାଗିଛି। ଏହି ଗ୍ଲେସିଅରଗୁଡ଼ିକର ସଂରକ୍ଷଣ ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ ନ କରାଗଲେ ଆଗାମୀ ମହାକୁମ୍ଭ ବେଳକୁ ଦେଶର ପବିତ୍ର ନଦୀଗୁଡ଼ିକ ଶୁଖିଯାଇ ମରୁଭୂମିରେ ପରିଣତ ହୋଇଯାଇଥିବ ବୋଲି ସେ କହିଛନ୍ତି। ହିମାଳୟରେ ଥିବା ଗ୍ଲେସିଅରଗୁଡ଼ିକ ଉତ୍ତର ଭାରତରେ ବହୁଥିବା ନଦୀଗୁଡ଼ିକର ପ୍ରମୁଖ ଉତ୍ସ ହୋଇଥିବାବେଳେ ଏବେ ଏହାର ଅସ୍ତିତ୍ୱ ବିପଦରେ ରହିଛି। ପ୍ରକାଶ ଯେ, ହିମାଳୟରେ ଗ୍ଲେସିଅର ସଂରକ୍ଷଣକୁ ନେଇ ୱାଙ୍ଗଚୁକ୍ ଅନେକ ଦିନ ଧରି କାର୍ଯ୍ୟ କରି ଆସୁଛନ୍ତି। ଏଥିପାଇଁ ସେ ଲଦାଖରୁ ଦିଲ୍ଲୀ ଏବଂ ପରେ ଆମେରିକା ଯାତ୍ରା କରିଥିଲେ।

### ୫ ଜଣଙ୍କୁ ହତ୍ୟା ପରେ ଥାନାରେ ଆତ୍ମସମର୍ପଣ

ଥିରୁଭାନନ୍ତପୁରମ୍,୨୫।୨

କେରଳ ଥିରୁଭାନନ୍ତପୁରମ୍‌ର ଜଣେ ୨୩ ବର୍ଷୀୟ ଯୁବକ ସୋମବାର ସନ୍ଧ୍ୟାରେ ନିଜ ଜେଜେମା', ନାବାଳକ ଭାଇ ଓ ବାନ୍ଧବୀଙ୍କ ସମେତ ୫ ଜଣଙ୍କୁ ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅଳ୍ପ କେତେ ଘଣ୍ଟା ମଧ୍ୟରେ ସେ ୩ଟି ଭିନ୍ନ ଭିନ୍ନ ସ୍ଥାନରେ ହତ୍ୟାକାଣ୍ଡ ଘଟାଇଥିଲେ। ଅଫାନ୍ ନାମକ ଉକ୍ତ ଯୁବକ ଥାନାରେ ଆତ୍ମସମର୍ପଣ କରି ୬ ଜଣଙ୍କୁ ହତ୍ୟା କରିଥିବା ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ତେବେ ଅଫାନ୍‌ଙ୍କ ୧୩ ବର୍ଷୀୟ ଭାଇ ଅହସାନ, ଜେଜେମା' ସଲମା ବିବି, ଦାଦା ଲତିଫ, ଖୁଡ଼ୀ ଶାହିବା ଏବଂ ଗର୍ଲଫ୍ରେଣ୍ଡ ଫର୍ସାନାଙ୍କ ମୃତ୍ୟୁ ଘଟିଥିବା ପୋଲିସ ସ୍ପଷ୍ଟ କରିଛି। ମାଆ ଗୁରୁତର ଅବସ୍ଥାରେ ଥିରୁଭାନନ୍ତପୁରମ୍ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଫାନ୍ ବିଷ ପିଇଥିବା ପୋଲିସକୁ ଜଣାଇବା ପରେ ତାଙ୍କୁ ମଧ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଗଣହତ୍ୟା ପଛର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ କରୁଛି।


ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବି.ଆର୍. ଆମ୍ବେଡ୍‌କରଙ୍କ ଫଟୋ ହଟାଯିବା ପ୍ରତିବାଦରେ ବିଧାନସଭା ପରିସରରେ ମଙ୍ଗଳବାର ବିରୋଧୀ ଦଳ ନେତ୍ରୀ ଆତିଶୀ ଏବଂ ଆପ୍ ବିଧାୟକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସର୍ବଦଳୀୟ ବୈଠକ ଡକାଇଲେ ଷ୍ଟାଲିନ୍

### ଲୋକ ସଭା ନିର୍ବାଚନମଣ୍ଡଳୀ ପୁନର୍ଗଠନ ମାମଲା

ଚେନ୍ନାଇ, ୨୫।୨


ଆଗକୁ ହେବାକୁ ଥିବା ଲୋକ ସଭା ନିର୍ବାଚନମଣ୍ଡଳୀ ସୀମା ପୁନର୍ଗଠନକୁ ନେଇ ଆଲୋଚନା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଆସନ୍ତା ମାର୍ଚ୍ଚ ୫ରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ମଙ୍ଗଳବାର ରାଜ୍ୟ କ୍ୟାବିନେଟ ବୈଠକର ଅଧ୍ୟକ୍ଷତା କରିବା ପରେ ସେ ଏହି ଘୋଷଣା କରିଛନ୍ତି। ଏହି ସର୍ବଦଳୀୟ ବୈଠକରେ ଯୋଗଦେବା ପାଇଁ ଷ୍ଟାଲିନଙ୍କ ପକ୍ଷରୁ ଦେଶର ୪୦ଟି ପଞ୍ଜୀକୃତ ରାଜନୈତିକ ଦଳକୁ ନିମନ୍ତ୍ରଣ କରାଯାଇଛି। ଷ୍ଟାଲିନ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, ୨୦୨୬ରେ ହେବାକୁ ଥିବା ଲୋକ ସଭା ନିର୍ବାଚନମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟାରେ ଜନସଂଖ୍ୟାକୁ ଭିତ୍ତି କରି ତାମିଲନାଡୁ ପ୍ରାୟ ୮ ଆସନ ହରାଇବାକୁ ଯାଉଛି। ଅନେକ ଦଶନ୍ଧି ଧରି ବିଭିନ୍ନ ପରିବାର ନିୟନ୍ତ୍ରଣ ଯୋଜନା ମାଧ୍ୟମରେ ତାମିଲନାଡୁ ନିଜ ଜନସଂଖ୍ୟାକୁ ନିୟନ୍ତ୍ରଣ କରି ରଖିଛି। ଏହି କାରଣରୁ ରାଜ୍ୟର ଲୋକ ସଭା ଆସନ ସଂଖ୍ୟା କମାଗଲେ ରାଜ୍ୟବାସୀଙ୍କ ପ୍ରତି ଅନ୍ୟାୟ ହେବ। ତେଣୁ ସେ ଆସନ୍ତା ମାର୍ଚ୍ଚ ୫ରେ ସର୍ବଦଳୀୟ ବୈଠକ ଡକାଇଥିବା ସହ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟଗୁଡ଼ିକର ଲୋକ ସଭା ଆସନ ସଂଖ୍ୟା କମାଇବା ପ୍ରକ୍ରିୟା ବିରୋଧରେ ଏକତା ଦେଖାଇବା ପାଇଁ ସମସ୍ତ ରାଜନୈତିକ ଦଳଗୁଡ଼ିକୁ ଅପିଲ କରିଛନ୍ତି। ଷ୍ଟାଲିନ୍ ଆହୁରି କହିଛନ୍ତି, କେନ୍ଦ୍ର ସରକାର ନିଜର ୩ ଭାଷା ନୀତି ଜରିଆରେ ହିନ୍ଦୀ ଭାଷାକୁ ତାମିଲନାଡୁ ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଥୋପିବା ପାଇଁ ପ୍ରୟାସ କରୁଛନ୍ତି। ଏହା ବିରୋଧରେ ତାମିଲନାଡୁର ଲୋକେ ଆଉ ଏକ ଭାଷା ଯୁଦ୍ଧକୁ ଆରମ୍ଭ କରିବା ପାଇଁ ପ୍ରସ୍ତୁତ ବୋଲି ସେ କେନ୍ଦ୍ର ସରକାରଙ୍କୁ ଚେତାଇଛନ୍ତି।


ଏମ୍.କେ. ଷ୍ଟାଲିନ୍

## ଶିଖ୍ ବିରୋଧୀ ଦଙ୍ଗା ମାମଲା: ସଜ୍ଜନ କୁମାରଙ୍କୁ ଆଜୀବନ ଜେଲ

ନୂଆଦିଲ୍ଲୀ,୨୫।୨

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ବେଳେ ବାପପୁଅଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ତତ୍କାଳୀନ କଂଗ୍ରେସ ଏମ୍‌ପି ସଜ୍ଜନ କୁମାରଙ୍କୁ ଦିଲ୍ଲୀ ରାଉସ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ମଙ୍ଗଳବାର ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ଅଞ୍ଚଳ ସହ ଜଡ଼ିତ ଅନ୍ୟ ଏକ ଦଙ୍ଗା ମାମଲାରେ ସଜ୍ଜନ ଏବେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ୧୯୮୪ ନଭେମ୍ବର ୧ରେ ସରସ୍ୱତୀ ବିହାରର ଯଶୱନ୍ତ ସିଂ ଏବଂ ତାଙ୍କ ପୁଅ ତରୁଣଦୀପ୍ ସିଂଙ୍କୁ ବୀଭତ୍ସ ଭାବେ ହତ୍ୟା କରାଇବା ଘଟଣାରେ ସଜ୍ଜନଙ୍କୁ ଗତ ୧୨ ତାରିଖରେ ଅଦାଲତ ଦୋଷୀସାବ୍ୟସ୍ତ କରିଥିଲେ। ଟାର୍ଗେଟେଡ୍ କିଲିଙ୍ଗରେ ସଜ୍ଜନଙ୍କର ପ୍ରମୁଖ ଭୂମିକା ଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ସରକାରୀ ଓକିଲ ଦାବି କରିଥିବାବେଳେ ଅଦାଲତ ତାହାକୁ ଅଗ୍ରାହ୍ୟ କରିଦେଇଛନ୍ତି। କେସ୍ ରେକର୍ଡ ଅନୁଯାୟୀ, ସଜ୍ଜନଙ୍କ ଦ୍ୱାରା ଉତ୍ତେଜିତ ହୋଇ ଗୋଟିଏ ଗୋଷ୍ଠୀ ପଶ୍ଚିମ ଦିଲ୍ଲୀର ରାଜନଗର ଅଞ୍ଚଳରେ ଆକ୍ରମଣ କରି ଯଶୱନ୍ତ ଓ ତାଙ୍କ ପୁଅଙ୍କୁ ହତ୍ୟା କରିଥିଲେ।



## ଅବକାରୀ ନୀତି ଯୋଗୁ ଦିଲ୍ଲୀ ସରକାରଙ୍କ ୨,୦୦୨ କୋଟି କ୍ଷତି

■ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ

■ବିଶୃଙ୍ଖଳିତ ଆଚରଣ ପାଇଁ ୨୧ ଆପ୍ ବିଧାୟକ ନିଲମ୍ବିତ

ନୂଆଦିଲ୍ଲୀ,୨୫।୨

ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାର ବେଳର ଅବକାରୀ ନୀତିରେ ଅନେକ ଭୁଲ ନିଷ୍ପତ୍ତି ଯୋଗୁ ରାଜ୍ୟ ସରକାରଙ୍କୁ ୨,୦୦୨.୬୮ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଛି। ମଙ୍ଗଳବାର ଦିଲ୍ଲୀ ବିଧାନସଭାରେ ଉପସ୍ଥାପନ କରାଯାଇଥିବା କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦୨୧ ନଭେମ୍ବରରେ ଏହି ତ୍ରୁଟିପୂର୍ଣ୍ଣ ଅବକାରୀ ନୀତି କାର୍ଯ୍ୟକାରୀ ହୋଇଥିବାବେଳେ ୨୦୨୨ ସେପ୍ଟେମ୍ବରରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା। ଏହି ନୀତିରେ ଅନିୟମିତତା ଓ ଲାଞ୍ଚ କାରବାର ଅଭିଯୋଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସମେତ ଅନ୍ୟ ନେତାମାନଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଗତ ମାସରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଆପ୍ ହାରିଯିବାର ଏହା ପ୍ରମୁଖ କାରଣ ଥିଲା।

ପ୍ରବଳ ହଟ୍ଟଗୋଳ ମଧ୍ୟରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଥିବାବେଳେ ଗୃହରେ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ବିରୋଧୀ ଦଳ ନେତା ଆତିଶୀଙ୍କ ସମେତ ୨୧ ଆପ୍ ବିଧାୟକଙ୍କୁ ୨୮ ତାରିଖ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ଆପ୍‌ର ଏକମାତ୍ର ବିଧାୟକ ଅମନତୁଲ୍ଲା ଖାନ୍ ମଙ୍ଗଳବାର ଅନୁପସ୍ଥିତ ଥିବାରୁ ତାଙ୍କୁ ନିଲମ୍ବନ କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ମ୍ୟୁନିସିପାଲିଟିର ସ୍ପଷ୍ଟ ହୋଇ ନ ଥିବା ସ୍ଥାନରେ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆ ନ ଯିବାରୁ ୯୪୧.୫୩ କୋଟି ଟଙ୍କା କ୍ଷତି ହୋଇଥିବାବେଳେ ଲାଇସେନ୍ସ ଫେରାଯାଇଥିବା ୧୯ଟି ଜୋନ୍ ପାଇଁ ଟେଣ୍ଡର ଜାରି କରା ନ ଯିବାରୁ ୮୯୦.୧୫ କୋଟି କ୍ଷତି ସହିବାକୁ ପଡ଼ିଥିଲା। ଲାଇସେନ୍ସ ସରେଣ୍ଡର ଫଳରେ ସେହିସବୁ ଜୋନ୍‌ରୁ କୌଣସି ଅବକାରୀ ରାଜସ୍ୱ ମିଳି ନ ଥିଲା। ଏହା ବ୍ୟତୀତ କୋଭିଡ୍-୧୯ ନାଁରେ ଲାଇସେନ୍ସଧାରୀଙ୍କ ଦେୟକୁ ଛାଡ଼ କରାଯିବାରୁ ୧୪୪ କୋଟି ଟଙ୍କା କ୍ଷତି ହୋଇଥିଲା। ସେହିପରି ଜୋନାଲ ଲାଇସେନ୍ସଧାରୀଙ୍କଠାରୁ ସିକ୍ୟୁରିଟି ଜମା ସଂଗ୍ରହ କରିବାରେ ତ୍ରୁଟି ଯୋଗୁ ୨୭ କୋଟି କ୍ଷତି ହୋଇଥିଲା। ଦିଲ୍ଲୀ ଅବକାରୀ ବିଭାଗ ଦିଲ୍ଲୀ ଅବକାରୀ ନିୟମାବଳୀ, ୨୦୧୦ର ରୁଲ୍ ୩୫କୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରି ନ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଏହି କାରଣରୁ କେତେଜଣ ବେଶ୍ ଲାଭବାନ ହୋଇଥିଲେ। ଅନେକେ ମଦ ପାଇକାରୀ ବ୍ୟବସାୟୀ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍) ନିୟମାବଳୀ ଅନୁପାଳନ ଯାଞ୍ଚର ବାଧ୍ୟତାମୂଳକ ଗୁଣବତ୍ତା ପରୀକ୍ଷା କରି ନ ଥିଲେ। ଅବକାରୀ ନୀତିକୁ ବିରୋଧର ଅନ୍ୟତମ କାରଣ ହେଲା ସେଥିରେ ହୋଲ୍‌ସେଲର ମାର୍ଜିନକୁ ୫%ରୁ ୧୨%କୁ ବଢ଼ାଯାଇଥିଲା। ଏହି ୧୨ ପ୍ରତିଶତରୁ ଅଧା ହୋଲ୍‌ସେଲରମାନେ ଆପ୍ ନେତାଙ୍କୁ ଲାଞ୍ଚ ଭାବେ ଦେଇଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବରୁ କହିଥିଲା।

ମଙ୍ଗଳବାର ବାଚସ୍ପତି ବିଜେନ୍ଦର ଗୁପ୍ତା ୨୧ ଆପ୍ ବିଧାୟକଙ୍କୁ ୩ ଦିନ ପାଇଁ ନିଲମ୍ବନ କରିଛନ୍ତି। ଏହା ପୂର୍ବରୁ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ଭାଷଣ ବେଳେ ସ୍ଲୋଗାନ ଦେବାରୁ ଆତିଶୀ ଏବଂ ପୂର୍ବତନ ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାୟଙ୍କ ସମେତ ୧୨ ଜଣ ଆପ୍ ବିଧାୟକଙ୍କୁ ନିଲମ୍ବନ କରାଯାଇଥିଲା।

## ଫୁରସତ୍

### ପ୍ରଥମ ଉଡ଼ନ୍ତା କାର୍‌ର ସଫଳ ପରୀକ୍ଷଣ

ୱାଶିଂଟନ୍

ଟ୍ରାଫିକ ଜାମ୍ ସମସ୍ୟା କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱର ବଡ ବଡ଼ ସହରରେ ରହିଛି ଏବଂ ଏହାର ମୁକାବିଲା ପାଇଁ ଅନେକ ପ୍ରୟାସ କରାଯାଉଛି। ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ଆମେରିକୀୟ ଅଟୋମୋଟିଭ୍ ଆଣ୍ଡ୍ ଆଭିଏଶନ କମ୍ପାନୀ ଆଲେଫ୍ ଏରୋନଟିକ୍ସ ଏକ ନିଆରା ସମାଧାନର ବାଟ ବାହାର କରିଛି। ଏହି କମ୍ପାନୀ ବିଶ୍ୱର ପ୍ରଥମ ଉଡ଼ନ୍ତା କାର୍‌ର ସଫଳ ପରୀକ୍ଷଣ କରିଛି। କାଲିଫର୍ନିଆର ଏକ ସୁରକ୍ଷିତ ଏବଂ ବନ୍ଦ ରାସ୍ତାରେ ଏହି ଆଶ୍ଚର୍ଯ୍ୟଜନକ ଅନନ୍ୟ କାର୍‌ର ଏକ ପ୍ରୋଟୋଟାଇପ୍ ମଡେଲ 'ଆଲେଫ୍ ମଡେଲ୍ ଜିରୋ'ର ସଫଳ ଟ୍ରାଏଲ ରନ୍ କରାଯାଇଛି। ଆଲେଫ୍ ଏରୋନଟିକ୍ସ କମ୍ପାନୀ ପକ୍ଷରୁ ଏହି ପରୀକ୍ଷଣର ଏକ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରାଯାଇଛି, ଯାହା ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଏକ କଳାରଙ୍ଗର ଇଲେକ୍ଟ୍ରିକ୍ ପ୍ରୋଟୋଟାଇପ୍ କାର୍ 'ଆଲେଫ୍ ମଡେଲ୍ ଜିରୋ'ର ପରୀକ୍ଷଣ କରାଯାଉଛି। ପ୍ରଥମେ ଉକ୍ତ ପ୍ରୋଟୋଟାଇପ୍ କାର୍‌ଟି ରାସ୍ତାରେ କିଛି ସମୟ ପାଇଁ ଚାଲିବା ପରେ ସିଧାସଳଖ ଉଡ଼ିବା ଆରମ୍ଭ କରିଦେଉଥିବା ଦେଖିବାକୁ ମିଳିଛି। ଉଡ଼ନ୍ତା କାର୍‌ର ଏହି ସଫଳ ଟ୍ରାଏଲ ରନ୍ ପରେ କମ୍ପାନୀ ଆସନ୍ତା ବର୍ଷ ଏହାର ବ୍ୟବସାୟିକ ମଡେଲ ଲଞ୍ଚ କରିବାକୁ ପ୍ରସ୍ତୁତି କରୁଛି।

ଭର୍ଟିକାଲ୍ ଟେକ୍ ଅଫ୍ କରିପାରୁଥିବା ବିଶ୍ୱର ପ୍ରଥମ କାର୍ ବିକଶିତ କରିବା ଦିଗରେ ଆଲେଫ୍ ଏରୋନଟିକ୍ସ କମ୍ପାନୀ ୨୦୧୫ରୁ ନିଜ କାର୍ଯ୍ୟ ଆରମ୍ଭ କରିଥିଲା। ବିଭିନ୍ନ ଅତ୍ୟାଧୁନିକ ହାର୍ଡୱେର୍, ସଫ୍ଟୱେର୍, ଅଲ୍ଟ୍ରା-ଲାଇଟ୍ ବ୍ୟବହାର କରି ଏହି ଉଡ଼ନ୍ତା କାର୍‌କୁ ବିକଶିତ କରାଯାଇଛି। ଏ ଦିଗରେ ଟ୍ରାଏଲ ରନ୍ କରିବା ପାଇଁ ୨୦୨୩ରେ ଆଲେଫ୍ ଏରୋନଟିକ୍ସ କମ୍ପାନୀକୁ ଆମେରିକାର ଫେଡେରାଲ୍ ଆଭିଏଶନ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏଫ୍‌ଏଏ) ନିକଟରୁ ଫ୍ଲାଇଙ୍ଗ୍ ସାର୍ଟିଫିକେଟ୍ ମିଳିଥିଲା।

ତେବେ ବର୍ତ୍ତମାନ ସୁଦ୍ଧା ଏହି କାର୍‌କୁ ବଜାରରେ ଲଞ୍ଚ୍ କରାଯାଇ ନାହିଁ। ଆଲେଫ୍ ଏରୋନଟିକ୍ସ ଅନୁଯାୟୀ, ବଜାରରେ ଏହାର ମୂଲ୍ୟ ପ୍ରାୟ ୨.୫ କୋଟି ଟଙ୍କା ରହିବ ଏବଂ ଏହା ସାଧାରଣ କାର୍ ପରି ରାସ୍ତାରେ ମଧ୍ୟ ଚାଲିପାରିବ। କେବଳ ୧୩ ହଜାର ଟଙ୍କାରେ ଏହି କାର୍ କିଣିବା ପାଇଁ ବୁକିଂ ରାଶି ଜମା କରାଯାଇପାରିବ ବୋଲି କମ୍ପାନୀ କହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ ପାଇଁ ୩,୩୦୦ରୁ ଅଧିକ ପ୍ରି-ଅର୍ଡର ମିଳିଛି, ଯାହା ଏହି ଉଡ଼ନ୍ତା କାର୍ ପାଇଁ ଲୋକଙ୍କ ଉତ୍ସାହକୁ ଦର୍ଶାଉଛି ବୋଲି କମ୍ପାନୀ କହିଛି। ଆଲେଫ୍ ଏରୋନଟିକ୍ସ କମ୍ପାନୀର ସିଇଓ ଜିମ୍ ଦୁଖୋୱନି ଏହି କାର୍‌କୁ ବିଶ୍ୱର ପ୍ରଥମ ଉଡ଼ନ୍ତା କାର୍ ଭାବେ ବର୍ଣ୍ଣନା କରି କହିଛନ୍ତି, ଏହି କାର୍ କେବଳ ରାସ୍ତାରେ ଚାଲିପାରିବ ନାହିଁ ବରଂ ଆକାଶରେ ମଧ୍ୟ ଉଡ଼ିପାରିବ। ୨ ଜଣଙ୍କୁ ବସିବାର ସୁବିଧା ଥିବା ଏହି କାର୍‌କୁ ଅଟୋପାଇଲଟ ମୋଡ୍‌ରେ ମଧ୍ୟ ଉଡ଼ାଯାଇପାରିବ। ଉକ୍ତ କାର୍‌ରେ ୮ଟି ରୋଟର୍ ରହିଛି, ଯାହା ସାହାଯ୍ୟରେ ଏହାକୁ ଅତି ସହଜରେ ବାୟୁରେ ଉଡାଯାଇ ପାରିବ। ପ୍ରକାଶ ଯେ, ଆଲେଫ୍ ଏରୋନଟିକ୍ସ କମ୍ପାନୀ ୨୦୧୫ରେ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟାଳୟ ଆମେରିକାର କାଲିଫର୍ନିଆରେ ରହିଛି।





### ମାର୍ଚ୍ଚ ୧୪ରେ 'ଦି ଡିପ୍ଲୋମାଟ୍'

ମୁମ୍ବାଇ

ଅଭିନେତା ଜନ୍ ଆବ୍ରାହମ୍ ସମ୍ପ୍ରତି ନିଜର ଆଗାମୀ ଫିଲ୍ମ 'ଦି ଡିପ୍ଲୋମାଟ୍'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ଏହି ଫିଲ୍ମର ଟ୍ରେଲରକୁ ରିଲିଜ୍ କରାଯାଇଥିଲା, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ତେବେ ଏହି ଫିଲ୍ମର ରିଲିଜ୍ ତାରିଖକୁ ସପ୍ତାହେ ଘୁଞ୍ଚା ଯାଇଥିବା ନେଇ ମଙ୍ଗଳବାର ଘୋଷଣା କରାଯାଇଛି। ଏନେଇ ଫିଲ୍ମ ନିର୍ମାତା କମ୍ପାନୀ 'ଟି ସିରିଜ୍ ଫିଲ୍ମସ୍' ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ ସୂଚନା ଦିଆଯାଇଛି। ଆସନ୍ତା ମାର୍ଚ୍ଚ ୭ରେ 'ଦି ଡିପ୍ଲୋମାଟ୍' ଫିଲ୍ମ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ତେବେ କୌଣସି କାରଣ ବଶତଃ ଏହି ଫିଲ୍ମ ମାର୍ଚ୍ଚ ୭ରେ ନୁହେଁ ବରଂ ମାର୍ଚ୍ଚ ୧୪ରେ ରିଲିଜ୍ ହେବ ବୋଲି 'ଟି ସିରିଜ୍ ଫିଲ୍ମସ୍' ପକ୍ଷରୁ ଘୋଷଣା କରାଯାଇଛି। ତେବେ 'ଦି ଡିପ୍ଲୋମାଟ୍'ର ରିଲିଜ୍ ତାରିଖ ପରିବର୍ତ୍ତନ ହେବାର କାରଣ ସମ୍ପର୍କରେ ଜଣାପଡ଼ିନାହିଁ। ଜନ୍ ସମ୍ପ୍ରତି ଏହି ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ନିକଟରେ ଏକ ସାକ୍ଷାତ୍କାର ଦେଇ ସେ 'ଦି ଡିପ୍ଲୋମାଟ୍' ଫିଲ୍ମକୁ ନେଇ କହିଥିଲେ, କୂଟନୀତି ହେଉଛି ଏପରି ଏକ ଯୁଦ୍ଧ କ୍ଷେତ୍ର ଯେଉଁଥିରେ ଶବ୍ଦଗୁଡ଼ିକର ଅସ୍ତ୍ରଠାରୁ ଅଧିକ ଓଜନ ରହିଥାଏ। କିପରି କୂଟନୀତି ସାହାଯ୍ୟରେ ବୁଦ୍ଧି, ସ୍ଥିରତା, ଶାନ୍ତି ଏବଂ ସାହସିକତାର ସହ ବଡ଼ ବଡ଼ ଯୁଦ୍ଧକୁ ମଧ୍ୟ ହରାଯାଇ ପାରିବ ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। 'ଦି ଡିପ୍ଲୋମାଟ୍' ଫିଲ୍ମରେ ଜନ୍‌ଙ୍କୁ ଜଣେ ଭାରତୀୟ କୂଟନୀତିଜ୍ଞଙ୍କ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମରେ ତାଙ୍କ ଚରିତ୍ର ଦ୍ୱାରା ପାକିସ୍ତାନରେ ଫସିଥିବା ଜଣେ ଭାରତୀୟ ଯୁବତୀଙ୍କୁ ଫେରାଇ ଆଣିବା ପାଇଁ ପ୍ରୟାସ କରାଯାଉଛି, ଯାହାକୁ ନେଇ ପୂରା ଫିଲ୍ମର କାହାଣୀ ଆଧାରିତ।

# ମାଛଧରା ବିବାଦ

ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେଖା (ଆଇଏମ୍‌ବିଏଲ୍) ଡେଇଁ ଭାରତୀୟ ମତ୍ସ୍ୟଜୀବୀ ଶ୍ରୀଲଙ୍କା ଜଳରାଶି ଭିତରକୁ ପ୍ରବେଶ କରିବା ସାଧାରଣ ଘଟଣାରେ ପରିଣତ ହୋଇଯାଇଛି। ନିକଟରେ ବେଆଇନ ମାଛ ଧରିବାକୁ ଚାଲିଯାଇଥିବା ୩୨ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା କର୍ତ୍ତୃପକ୍ଷ ଗିରଫ କରିଥିବା ବେଳେ ୫ ମାଛଧରା ଡଙ୍ଗାକୁ ଜବତ କରିଛନ୍ତି। ୨୭ ଜାନୁଆରୀରେ ଶ୍ରୀଲଙ୍କା ନୌସେନା ଭାରତୀୟ ଡଙ୍ଗା ଉପରକୁ ଗୁଳି କରିବାରୁ ୫ ଜଣ ମତ୍ସ୍ୟଜୀବୀ ଆହତ ହୋଇଥିଲେ। ଏହି ପ୍ରସଙ୍ଗ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢ଼ାଇଥିଲା। ଏପରିକି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଶ୍ରୀଲଙ୍କାର କାର୍ଯ୍ୟକାରୀ ଉଚ୍ଚାୟୁକ୍ତଙ୍କୁ ଏହି ଘଟଣାକୁ ନେଇ ସମନ ଜାରି କରିଥିଲା। ଏକ ଦଶନ୍ଧିର ଇତିହାସକୁ ଦେଖିଲେ ଭାରତୀୟ ମତ୍ସ୍ୟଜୀବୀଙ୍କ ଗିରଫ ସଂଖ୍ୟା ବଢ଼ି କେବଳ ୨୦୨୪ରେ ୫୦୦ ଟପିଯାଇଛି। ୨୦୨୫ର ଦୁଇମାସ ନ ପୂରୁଣୁ ଅଟକ ରହିଥିବା ମତ୍ସ୍ୟଜୀବୀଙ୍କ ସଂଖ୍ୟା ୧୦୦ରୁ ଅଧିକ ହେଲାଣି। ପୂର୍ବରୁ ଯେଉଁମାନେ ଗିରଫ ହେଉଥିଲେ, ସେମାନଙ୍କୁ ପ୍ରାୟତଃ ଛାଡ଼ି ଦିଆଯାଉଥିଲା। କିନ୍ତୁ ଏବେ ଅନେକଙ୍କୁ ଦୋଷୀ କରାଯାଇ ଦଣ୍ଡିତ କରାଯାଉଛି। ଏଠାରେ ଜଣାଶୁଣା ଯେ, କିଛିବର୍ଷ ହେବ ଭାରତ ସହ ପଡ଼ୋଶୀ ଦେଶଗୁଡ଼ିକର ସମ୍ପର୍କ ଭଲ ନାହିଁ। ଯେହେତୁ ଭାରତୀୟ ମତ୍ସ୍ୟଜୀବୀ ବେଆଇନ ଭାବେ ଶ୍ରୀଲଙ୍କା ଜଳସୀମାକୁ ପଶି ଯାଉଛନ୍ତି, ସେହେତୁ ସେମାନଙ୍କ ବିରୋଧରେ ଦଣ୍ଡବିଧାନ କରାଯାଉଛି।

ଭାରତୀୟ ମତ୍ସ୍ୟଜୀବୀ କାହିଁକି ବାରମ୍ବାର ନିୟମ ଉଲ୍ଲଂଘନ କରି ଦଣ୍ଡିତ ହେଉଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତାମିଲନାଡୁଠାରୁ ଶ୍ରୀଲଙ୍କାର ଉତ୍ତରାଞ୍ଚଳ ଯାଏ ବ୍ୟାପିଥିବା ପାକ୍ ଷ୍ଟ୍ରେଟ୍‌କୁ ଆଇଏମ୍‌ବିଏଲ୍ ଅନୁଯାୟୀ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଭାରତୀୟ ଅଞ୍ଚଳରେ ଅତ୍ୟାଧୁନିକ ଟ୍ରଲର ସାହାଯ୍ୟରେ ସମ୍ପୂର୍ଣ୍ଣ ତଳ ଜଳରାଶିରୁ ବ୍ୟାପକ ଭାବେ ମାଛ ଧରାଯାଉଥିବାରୁ ମାଛସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଛି। ଶ୍ରୀଲଙ୍କାରେ ଏଭଳି ମାଛଧରା ପଦ୍ଧତି ଅବଲମ୍ବନ କରାଯାଉ ନ ଥିବାରୁ ସେଠାକାର ଜଳରାଶିରେ ପ୍ରଚୁର ମାଛ ରହୁଛି। ତେଣୁ ଲୋଭର ବଶବର୍ତ୍ତୀ ହୋଇ ଭାରତୀୟ ମତ୍ସ୍ୟଜୀବୀ ଜାଣିଶୁଣି ବେଆଇନ ଭାବେ ବାରମ୍ବାର ସେହି ଅଞ୍ଚଳକୁ ପ୍ରବେଶ କରୁଥିବାରୁ ଏଭଳି ଅସ୍ୱାଭାବିକ ସ୍ଥିତି ଉପୁଜୁଛି। ଏଥିସହିତ ୨୮୫ ଏକର ବିଶିଷ୍ଟ କଚ୍ଚାଥିବୁ ଦ୍ୱୀପ ପ୍ରସଙ୍ଗ ମଧ୍ୟ ଏହି ଆଲୋଚନା ପରିସରକୁ ଆସୁଛି। ଉଲ୍ଲେଖଯୋଗ୍ୟ, ୧୯୭୪ରେ ଏହା ଶ୍ରୀଲଙ୍କା ଅଧୀନକୁ ଯାଇଥିଲା। କିନ୍ତୁ ବୁଝାମଣା ଅନୁଯାୟୀ ଭାରତୀୟ ମତ୍ସ୍ୟଜୀବୀମାନେ ସେଠାରେ କେବଳ ଜାଲ ଶୁଖାଇ ପାରିବାର ବ୍ୟବସ୍ଥା ରଖାଯାଇଥିଲା। ହେଲେ ଏବେ ତାମିଲନାଡୁ ନେତାମାନେ ତାହାକୁ ଭାରତକୁ ଫେରାଇ ଆଣିବାକୁ ଦାବି କରୁଛନ୍ତି, ଯାହାଫଳରେ ଏହା ଅନ୍ୟତମ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ଗୋଟିଏ ପଟେ ରାଜନେତାଙ୍କ ଦାବିକୁ ଦେଖି ମତ୍ସ୍ୟଜୀବୀମାନେ ଉତ୍ସାହିତ ହୋଇ ଶ୍ରୀଲଙ୍କା ଜଳରାଶି ଭିତରକୁ ପ୍ରବେଶ କରିଯାଉଛନ୍ତି। ଅନ୍ୟପଟେ ଶ୍ରୀଲଙ୍କା କର୍ତ୍ତୃପକ୍ଷ ନିଜ ଅଧିକାର ସାବ୍ୟସ୍ତ କରିବାକୁ ଚାହିଁ ବେଆଇନ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ କରି ଦଣ୍ଡିତ କରିବାରେ ଲାଗିଛନ୍ତି। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୨୨ ନଭେମ୍ବର ୨୦୨୪ ସୁଦ୍ଧା ୧୪୧ ଭାରତୀୟ ମତ୍ସ୍ୟଜୀବୀ ଶ୍ରୀଲଙ୍କା ଅଧୀନରେ ରହିଥିବା ବେଳେ ୧୯୮ ମାଛଧରା ଡଙ୍ଗାକୁ ଜବତ କରାଯାଇଛି। ୪୫ ଜଣଙ୍କ ବିଚାର ଚାଲିଥିବା ବେଳେ ୯୬ ଜଣ ମତ୍ସ୍ୟଜୀବୀ ଦଣ୍ଡିତ ହୋଇଛନ୍ତି। ଏହି ସମୟ ମଧ୍ୟରେ ୩୬୩ ଜଣଙ୍କୁ ଭାରତ ସରକାର ମୁକୁଳାଇବାରେ ସକ୍ଷମ ହୋଇଛନ୍ତି।

ଏଭଳି ପରିପ୍ରେକ୍ଷୀରେ ଭାରତ ସରକାର ତା'ର ମତ୍ସ୍ୟଜୀବୀମାନଙ୍କୁ ଆଇଏମ୍‌ବିଏଲ୍ ନିୟମ ମାନି ଚଳିବାକୁ ପରାମର୍ଶ ଦେବା ସହିତ ସେମାନଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି। ଏହି ପ୍ରସଙ୍ଗରେ ତାମିଲନାଡୁ ସରକାର ଯେହେତୁ ସର୍ବଦା ହସ୍ତକ୍ଷେପ କରୁଛନ୍ତି, କେନ୍ଦ୍ର ସରକାର ମଧ୍ୟ ତାଙ୍କ ସହ ଆଲୋଚନା ଟେବୁଲରେ ବସିବା ଦରକାର। ଏଭଳି ବିବାଦକୁ ପ୍ରତିହତ କରିବାକୁ ହେଲେ ଭାରତ ଓ ଶ୍ରୀଲଙ୍କା ସରକାର କଥାବାର୍ତ୍ତା ବେଳେ ଉଭୟ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କୁ ମଧ୍ୟ ବିଶ୍ୱାସକୁ ନେଇ ସମାଧାନର ବାଟ ବାହାର କରିବାର ଆବଶ୍ୟକତା ପଡ଼ିଲାଣି। ଏଥିସହିତ ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କୁ ଦୋଷ ଦେବା ପରିବର୍ତ୍ତେ ଭାରତ ଏକ ବ୍ୟବସ୍ଥିତ ଓ ସ୍ଥାୟୀ ମତ୍ସ୍ୟନୀତି କରି କୂଟନୈତିକ ସ୍ତରରେ ଉକ୍ତ ଘଟଣାକୁ ପରିଚାଳନା କରିବା ଆବଶ୍ୟକ।

> **ମାଛଧରା ବିବାଦକୁ ପ୍ରତିହତ କରିବାକୁ ହେଲେ ଭାରତ ଓ ଶ୍ରୀଲଙ୍କା ସରକାର କଥାବାର୍ତ୍ତା ବେଳେ ଉଭୟ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କୁ ମଧ୍ୟ ବିଶ୍ୱାସକୁ ନେଇ ସମାଧାନର ବାଟ ବାହାର କରିବାର ଆବଶ୍ୟକତା ପଡ଼ିଲାଣି। ଏଥିସହିତ ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କୁ ଦୋଷ ଦେବା ପରିବର୍ତ୍ତେ ଭାରତ ଏକ ବ୍ୟବସ୍ଥିତ ଓ ସ୍ଥାୟୀ ମତ୍ସ୍ୟନୀତି କରି କୂଟନୈତିକ ସ୍ତରରେ ଉକ୍ତ ଘଟଣାକୁ ପରିଚାଳନା କରିବା ଆବଶ୍ୟକ।**

# ଗବେଷଣାର ଗତିପଥ

ଡ. ସୁବାସ ସାହୁ

ସାମ୍ପ୍ରତିକ ସମୟରେ ବଦଳି ଯାଇଛି ବୈଜ୍ଞାନିକ ଗବେଷଣାର ଗତିପଥ। ପାରମ୍ପରିକ ଗବେଷଣା ସହିତ ଯୋଡ଼ି ହୋଇଯାଇଛି ଜୈବ ପ୍ରଯୁକ୍ତିବିଦ୍ୟା, ନାନୋବିଜ୍ଞାନ, ପରିବେଶ ବିଜ୍ଞାନ, ଆଣବିକ ବିଜ୍ଞାନ, କମ୍ପ୍ୟୁଟର ପ୍ରୟୋଗ, କୃତ୍ରିମ ବୁଦ୍ଧିମତ୍ତା, ଜଳବାୟୁ ପରିବର୍ତ୍ତନ ଆଦି ଅନେକ ବିଷୟ। ବିଭିନ୍ନ ବିଷୟମାନଙ୍କ ମଧ୍ୟରେ ସମନ୍ୱୟ ଘଟାଇ ଜଟିଳ ଗବେଷଣାମାନ କରାଯାଉଛି। ବହୁବିଧ ଗବେଷଣାର ଫଳାଫଳ ଯୋଗୁ ବିକାଶ ଲାଭ କରୁଛି ନୂତନ ସାମଗ୍ରୀ ଏବଂ ସ୍ଥିରୀକୃତ ହେଉଛି ନବ୍ୟ କାର୍ଯ୍ୟପଦ୍ଧତି। ଏଥିସହିତ ବୈଜ୍ଞାନିକ ଗବେଷଣାକୁ ସ୍ୱୀକୃତି ଦେଉଛି ଉଚ୍ଚକୋଟୀର ନିବନ୍ଧ, ବୈଜ୍ଞାନିକ ତଥ୍ୟ ସମ୍ବଳିତ ପୁସ୍ତକ ଏବଂ ଅନ୍ୟାନ୍ୟ ପ୍ରକାଶନ। ଗବେଷଣାରୁ ଉଦ୍ଭବ ଜ୍ଞାନକୋଷକୁ ସୁରକ୍ଷିତ କରିବା ପାଇଁ ଏହାର ଉଦ୍ଭାବକମାନଙ୍କୁ ପ୍ୟାଟେଣ୍ଟ ପ୍ରଦାନ କରାଯାଉଛି।

ସାମ୍ପ୍ରତିକ ସମୟରେ ଭାରତରେ କରାଯାଉଥିବା ବୈଜ୍ଞାନିକ ଗବେଷଣା ବେଶ୍ ଅଗ୍ରଗତି ହାସଲ କରିପାରିଛି। ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଉଥିବା ଗବେଷଣା ସମ୍ବନ୍ଧୀୟ ପ୍ରକାଶନର ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିବା ଏହାର ପ୍ରମାଣ। ବିଗତ ୨୦୧୦–୨୦ ଦଶନ୍ଧି ମଧ୍ୟରେ ଭାରତୀୟ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣା ସମ୍ବନ୍ଧୀୟ ପ୍ରକାଶନର ସଂଖ୍ୟା ବାର୍ଷିକ ୯.୪ ଭାଗ ହାରରେ ବୃଦ୍ଧି ପାଇଛି। ଏହି ସମୟ ଅବଧି ମଧ୍ୟରେ ବିଶ୍ୱରେ ଗବେଷଣା ସମ୍ପର୍କିତ ପ୍ରକାଶନର ଅଭିବୃଦ୍ଧି ହାର ମାତ୍ର ୪.୩ ପ୍ରତିଶତ ମଧ୍ୟରେ ସୀମିତ ରହିଛି। ୨୦୧୦ ମସିହାରେ ଭାରତର ବୈଜ୍ଞାନିକମାନଙ୍କ ଦ୍ୱାରା ୬୦,୫୫୫ ସଂଖ୍ୟକ ଗବେଷଣା ସଂକ୍ରାନ୍ତୀୟ ପ୍ରକାଶନ ରହିଥିବାବେଳେ ୨୦୨୦ ବେଳକୁ ଏହା ଅଢେଇ ଗୁଣ ବୃଦ୍ଧି ପାଇ ୧,୪୯,୨୧୩ରେ ପହଞ୍ଚି ପାରିଥିଲା।

ଗବେଷଣା ସମ୍ବନ୍ଧୀୟ ଗୋଟିଏ ପ୍ରକାଶନର ମାନ ଏହାର ଉଦ୍ଧୃତ (CITATION) ସଂଖ୍ୟା ଉପରେ ନିର୍ଭର କରିଥାଏ। ଅର୍ଥାତ୍ ଗୋଟିଏ ଗବେଷଣା ନିବନ୍ଧର ତଥ୍ୟକୁ ଯେତେ ଅଧିକ ଗବେଷକ ସେମାନଙ୍କ ନିବନ୍ଧ ବା ପୁସ୍ତକ ପ୍ରକାଶନରେ ଉଲ୍ଲେଖ କରିଥିବେ ଅଥବା ଏହାର ତଥ୍ୟକୁ ନିଜ ପ୍ରକାଶନରେ ବ୍ୟବହାର କରିଥିବେ, ଏହାର ମାନ ସେତେ ଉନ୍ନତ ବୋଲି ବୁଝିବାକୁ ହେବ। ତେବେ ଦେଖାଯାଏ ଯେ ଭାରତୀୟ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରକାଶିତ ନିବନ୍ଧମାନଙ୍କୁ ବିଶେଷ ଭାବେ ଉଦ୍ଧୃତ କରାଯାଇ ନ ଥାଏ। ନେଚର ପତ୍ରିକାରେ ପ୍ରକାଶିତ ସୂଚନା ଅନୁସାରେ ୨୦୨୦ ମସିହାରେ ଭାରତରୁ ପ୍ରକାଶ ପାଇଥିବା ଗବେଷଣା ନିବନ୍ଧ ମଧ୍ୟରୁ ଶତକଡ଼ା ୩୦ ଭାଗକୁ କୌଣସି ବୈଜ୍ଞାନିକ ଉଦ୍ଧୃତ କରିନାହାନ୍ତି। ଏଥିରୁ ଜଣାପଡ଼େ ଯେ ଭାରତୀୟ ବୈଜ୍ଞାନିକଙ୍କ ଗବେଷଣା ଆଧାରିତ



ପ୍ରକାଶନ ସଂଖ୍ୟା ଦୃଷ୍ଟିରୁ ଅଧିକ ହୋଇପାରେ, ମାତ୍ର ଏହା ବିଜ୍ଞାନ ଜଗତରେ ସେତେଟା ପ୍ରଭାବ ବିସ୍ତାର କରିପାରୁ ନାହିଁ। ଅବଶ୍ୟ କେତେକ ଭାରତୀୟ ବୈଜ୍ଞାନିକଙ୍କର ଉତ୍କର୍ଷ ଗବେଷଣା ଅନ୍ୟମାନଙ୍କ ଦ୍ୱାରା ଆଦୃତି ଲାଭ କରିପାରିଛି। କିନ୍ତୁ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବାର ଆବଶ୍ୟକତା ରହିଛି।

ଆମ ଗବେଷଣା ପ୍ରକାଶନର ମାନ ହ୍ରାସପାଇବା ପଛରେ ବହୁବିଧ କାରଣ ରହିଛି। ସାଧାରଣତଃ ବିଶ୍ୱବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନର ଅଧ୍ୟାପକ ଏବଂ ବିଭିନ୍ନ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକମାନଙ୍କ ଅନେକ ସଂଖ୍ୟାରେ ଗବେଷଣା ନିବନ୍ଧ ରଚନା କରିଥାନ୍ତି। ସେମାନଙ୍କ ନିଯୁକ୍ତି ବା ପଦୋନ୍ନତି ପାଇଁ ଗବେଷଣା ନିବନ୍ଧର ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଥିଯୋଗୁ ଅଧିକ ସଂଖ୍ୟାରେ ଗବେଷଣା ନିବନ୍ଧ ପ୍ରକାଶ ପାଇଁ ସେମାନେ ଚାପଗ୍ରସ୍ତ ହୋଇଥାନ୍ତି। ଗବେଷଣାର ଗୁଣବତ୍ତା ଏବଂ ପତ୍ରିକାର ମାନ କଥା ବିଚାରକୁ ନ ନେଇ ଅଧିକ ସଂଖ୍ୟାରେ ନିବନ୍ଧ ପ୍ରକାଶ ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥାଏ। ଫଳରେ ଅନେକ ବୈଜ୍ଞାନିକଙ୍କ ଆଲେଖ୍ୟ ସ୍ଥାନୀୟ ପତ୍ରିକାରେ ପ୍ରକାଶିତ ହୁଏ, ଯାହାକି ଦେଶବିଦେଶର ଗବେଷକମାନଙ୍କ ନଜରକୁ ଆସି ନ ଥାଏ। ଏହାଛଡ଼ା ଆମ ଦେଶରେ ଉନ୍ନତ ମାନର ବୈଜ୍ଞାନିକ ଗବେଷଣା ପାଇଁ ଭିତ୍ତିଭୂମିର ଅଭାବ ରହିଛି। ଉଚ୍ଚ ମାନର ଗବେଷଣାଗାର ଏବଂ ଜଟିଳ ଯନ୍ତ୍ରପାତି ଉପଲବ୍ଧ ନ ହେବା କାରଣରୁ ଅତ୍ୟାଧୁନିକ ବିଷୟବସ୍ତୁ ଉପରେ ଗବେଷଣା କରିବା ସମ୍ଭବ ହୋଇ ନ ଥାଏ। ଏଥିପାଇଁ ଅର୍ଥର ଅଭାବ ଅନ୍ୟତମ କାରଣ ବୋଲି କେହି କେହି କହିଥାନ୍ତି।

ଆମ ଦେଶର ଗବେଷଣା ସମ୍ପର୍କିତ ଆଲେଖ୍ୟମାନ ବହୁଳ ଭାବେ ଇଂରାଜୀ ଭାଷାରେ ପ୍ରକାଶ ପାଇଥାଏ। କିନ୍ତୁ ଇଂରାଜୀ ଭାରତୀୟମାନଙ୍କର ମାତୃଭାଷା ନୁହେଁ। ଫଳରେ ଭାଷାଗତ ସମସ୍ୟା ଯୋଗୁ କେତେକ ବୈଜ୍ଞାନିକ ନିଜ ମତକୁ ସ୍ପଷ୍ଟ ଭାବରେ ଉପସ୍ଥାପନ କରିପାରି ନ ଥାନ୍ତି। ଫଳରେ ସେମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣାର ଫଳାଫଳ ବୃହତ୍ତର ବୈଜ୍ଞାନିକ ସମାଜରେ ଉପଯୁକ୍ତ ଭାବେ ଉପସ୍ଥାପିତ ହୋଇପାରେ ନାହିଁ। ଏକ ଅନୁଧ୍ୟାନରୁ ଜଣାଯାଏ ଯେ ମାତୃଭାଷା ଇଂରାଜୀ ହୋଇ ନ ଥିବା ବେଳେ ବୈଜ୍ଞାନିକମାନେ ଗବେଷଣା ପାଇଁ ଉପଯୋଗ କରୁଥିବା ସମୟର ଶତକଡ଼ା ପ୍ରାୟ ୨୦–୩୦ ଭାଗ ସମୟ ପାଣ୍ଡୁଲିପି ପ୍ରସ୍ତୁତି, ନିର୍ଭୁଲ ବ୍ୟାକରଣ ଚୟନ ଏବଂ ଭାଷା ସଂଶୋଧନ ପାଇଁ ବିନିଯୋଗ କରିଥାନ୍ତି। ଏହାଛଡ଼ା ଭାରତରେ ଅନେକ ନିମ୍ନମାନର ଗବେଷଣା ପତ୍ରିକା ପ୍ରକାଶିତ ହେଉଛି। ଗବେଷଣାରୁ ଉପଲବ୍ଧ ତଥ୍ୟ ଏବଂ ପ୍ରସ୍ତୁତ କରାଯାଉଥିବା ନିବନ୍ଧର ଯଥାଯଥ ସମୀକ୍ଷା ନ କରି ଏହିସବୁ ପତ୍ରିକା ସେସବୁକୁ ପ୍ରକାଶ କରିଥାନ୍ତି। କୌଣସି ସ୍ପଷ୍ଟୀକରଣ ବା ସଂଶୋଧନର ଆବଶ୍ୟକତା ନ ଥାଇ ଖୁବ୍ କମ୍ ସମୟ ମଧ୍ୟରେ ଲେଖା ପ୍ରକାଶ ପାଉଥିବାରୁ ଅନେକ ଗବେଷକ ପ୍ରଲୋଭିତ ହୋଇ ଏସବୁ ପତ୍ରିକାକୁ ନିବନ୍ଧମାନ ପଠାଇଥାନ୍ତି। କିନ୍ତୁ ଏହିସବୁ ପତ୍ରିକାରେ ପ୍ରକାଶିତ ତଥ୍ୟମାନ ଅନ୍ୟାନ୍ୟ ବୈଜ୍ଞାନିକମାନଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥାଏ।

କେତେକ ସମୟରେ ବହୁଳ ଭାବେ ପ୍ରଚଳିତ ତତ୍ତ୍ୱ, ପୂର୍ବରୁ ପ୍ରମାଣ ହୋଇସାରିଥିବା ସିଦ୍ଧାନ୍ତ ଅଥବା ପୂର୍ବରୁ ବିକଶିତ ସାମଗ୍ରୀ ଉପରେ ପୁନଃଗବେଷଣା କରାଯାଇଥାଏ। ଏହି ଗବେଷଣାରୁ ମଧ୍ୟ କୌଣସି ନୂତନତ୍ୱ ନ ଥାଏ। ତେଣୁ ଏହି ଗବେଷଣାରୁ ନିଷ୍କର୍ଷ ତଥ୍ୟକୁ ନିବନ୍ଧ ଆକାରରେ ପ୍ରକାଶ କରାଗଲେ ଏଥିପ୍ରତି ଅନ୍ୟାନ୍ୟ ବୈଜ୍ଞାନିକମାନେ ଆକୃଷ୍ଟ ହୋଇ ନ ଥାନ୍ତି। ତେଣୁ ଏହି ନିବନ୍ଧ ଉଦ୍ଧୃତ ପାଇଁ କେହି ଆଗ୍ରହ ପ୍ରକାଶ କରନ୍ତି ନାହିଁ।

ଗବେଷଣାର ଫଳାଫଳ ଉପରେ ବୈଜ୍ଞାନିକଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପ୍ୟାଟେଣ୍ଟ ପ୍ରଦାନ କରାଯାଇଥାଏ। ବିଗତ କେତେ ବର୍ଷ ମଧ୍ୟରେ ଭାରତରେ ପ୍ୟାଟେଣ୍ଟ ଆବେଦନର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବା ଶୁଭ ଲକ୍ଷଣ। ଭାରତରେ ୨୦୨୩ରେ ୯୦,୩୦୦ ପ୍ୟାଟେଣ୍ଟ ଆବେଦନ କରାଯାଇଛି। ଅର୍ଥାତ୍ ପ୍ୟାଟେଣ୍ଟ ପାଇବା ପାଇଁ ପ୍ରତି ୬ ମିନିଟ୍‌ରେ ଗୋଟିଏ ଦରଖାସ୍ତ ଦାଖଲ ହୋଇଛି। ଭାରତରେ ଗବେଷଣାର ଅଗ୍ରଗତି ନେଇ ଏହି ପରିସଂଖ୍ୟାନ ସ୍ପଷ୍ଟ ସୂଚନା ପ୍ରଦାନ କରିଥାଏ। ପ୍ୟାଟେଣ୍ଟ ମିଳିବା ପରେ ଏହା ଯଥାଯଥ ଉପଯୋଗ ହେବା ଗୁରୁତ୍ୱପୂର୍ଣ୍ଣ। ଏହା ହୋଇପାରିଲେ ବୈଜ୍ଞାନିକ ଗବେଷଣାର ସୁଫଳ ସମାଜର ଉପକାରରେ ଆସିପାରିବ। କିନ୍ତୁ ଭାରତରେ ପ୍ରଦାନ କରାଯାଇଥିବା ପ୍ୟାଟେଣ୍ଟଗୁଡ଼ିକର ବ୍ୟାବସାୟିକ ଉପଯୋଗ ସେତେଟା ସନ୍ତୋଷଜନକ ନୁହେଁ। ଏହାର ବିଭିନ୍ନ କାରଣ ହୋଇପାରେ। ହୁଏତ ଆମ ପ୍ୟାଟେଣ୍ଟଗୁଡ଼ିକୁ ଗ୍ରହଣ କରିବା ପାଇଁ ଶିଳ୍ପଜଗତ ପ୍ରସ୍ତୁତ ହୋଇନାହିଁ। ନତୁବା ପ୍ୟାଟେଣ୍ଟ ଗୁଡ଼ିକ ବ୍ୟାବସାୟିକ ଦୃଷ୍ଟିକୋଣରୁ ଲାଭଜନକ ହେବ ବୋଲି ଉଦ୍ୟୋଗୀମାନଙ୍କ ମନରେ ବିଶ୍ୱାସ ଜନ୍ମିପାରୁନାହିଁ। ବେଳେବେଳେ ପ୍ୟାଟେଣ୍ଟର ବିଶେଷ ନୂତନତ୍ୱ ନ ଥିଲେ ଏହା ଆକର୍ଷଣୀୟ ହୋଇପାରେ ନାହିଁ।

ଏସବୁ ଦୃଷ୍ଟିରୁ ବିଚାର କଲେ ଭାରତରେ ଗବେଷଣାର ଗୁଣାତ୍ମକ ପରିବର୍ତ୍ତନ ଅଣାଯିବା ଦରକାର। ଗବେଷଣାଜନିତ ପ୍ରକାଶନ ହେଉ ବା ପ୍ୟାଟେଣ୍ଟ ପ୍ରଦାନ; ପ୍ରତି କ୍ଷେତ୍ରରେ ଗୁଣାତ୍ମକ ମାନ ଉପରେ ଗୁରୁତ୍ୱ ଦେବାକୁ ହେବ।

ଶତାବ୍ଦୀ ନଗର, ଭୁବନେଶ୍ୱର
ମୋ: ୯୪୩୭୪୪୫୧୮୪

# ଇକୋମାର୍କ କାହିଁକି ଜରୁରୀ

ଡା. ତପନ କୁମାର ପାଳ

ରାତି ପାହିଲେ ଆମେ ବଜାରକୁ ଯାଉଛୁ। ଖାଇବା ଜିନିଷଠାରୁ ପନିପରିବା, ପୂଜା ସାମଗ୍ରୀଠାରୁ କପଡ଼ାପତ୍ର, ପାଣି ବୋତଲ ହେଉ ବା ହେଲ୍‌ମେଟ ଯେକୌଣସି ଜିନିଷ ଆମେ କିଣୁ ଆମକୁ କେବଳ ଏହାର ବାହ୍ୟ ଚାକଚକ୍ୟ କ୍ଷେତ୍ରରେ ଆକର୍ଷିତ କରିଥାଏ। କିନ୍ତୁ ଏହା ଅସଲି କି ନିକିଲି? ଏଥିରେ ବିଶୁଦ୍ଧତା ଓ ନିରାପତ୍ତା ଜିନିଷ ସବୁ ଠିକ୍ ରହିଛି କି ନାହିଁ ଆମେ ସେ ସମ୍ପର୍କରେ ପ୍ରାୟତଃ ଜାଣିବାକୁ ସେପରି ଇଚ୍ଛାକରି ନ ଥାଉ। ଆମ ନିତିଦିନିଆ ଜୀବନରେ ଅନେକ ଲୋକ ଏହି କାରଣରୁ ଠକିହୋଇଥିବା ଘଟଣା ଆମେ ଶୁଣିବାକୁ ପାଇଥାଉ। ଆମମାନଙ୍କର ସାମାନ୍ୟ ସଚେତନତା ଅଭାବରୁ ଆମେ ଠକି ହେବା ସାର ହୋଇଥାଏ। ଆମେ କିଣୁଥିବା ଉତ୍ପାଦର ଗୁଣମାନ ନେଇ ନିଶ୍ଚିତ ହେବାକୁ ସେଥିରେ ଆଇଏସ୍‌ଆଇ ମାର୍କ ବା ଚିହ୍ନ ଅଛି ନା ନାହିଁ ଦେଖୁ। ଠିକ୍ ସେମିତି ଆଜିକାଲି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିବା ବେଳେ ଉତ୍ପାଦଟି କେତେ ଷ୍ଟାର ମାନ୍ୟତା ପାଇଛି ତାହା ଦେଖିବାକୁ ଭୁଲୁନାହୁଁ। ବର୍ତ୍ତମାନ ଉତ୍ପାଦ ଖରିଦ କରିବା ବେଳେ ଖାଉଟିମାନଙ୍କୁ ଦେଖିବାକୁ ପଡ଼ିବ ତାହା ପରିବେଶ ଅନୁକୂଳ କି ନୁହେଁ। ଆଉ ଏହା ସୂଚାଇଦେବ ଇକୋଲେବୁଲ ବା ଇକୋମାର୍କ। ପ୍ରସ୍ତୁତିରୁ ଅଚଳ ବା ନଷ୍ଟହେବା ପର୍ଯ୍ୟନ୍ତ ପରିବେଶ ଉପରେ ଅତି କମ୍ କୁପ୍ରଭାବ ପକାଉଥିବା ଯେକୌଣସି ସାମଗ୍ରୀ ବା ଉତ୍ପାଦ ଚିହ୍ନଟକରିବା ଲାଗି ଇକୋମାର୍କ ମଞ୍ଜୁର କରାଯାଇଥାଏ।

ଅନ୍ୟାନ୍ୟ ଦେଶର ସରକାରଙ୍କ ଭଳି ପରିବେଶର କ୍ଷତି କରୁ ନ ଥିବା ସାମଗ୍ରୀଗୁଡ଼ିକୁ ପ୍ରୋତ୍ସାହିତ କରିବା ଲାଗି ଭାରତ ସରକାର ମଧ୍ୟ ଖାଦ୍ୟ, ପ୍ରସାଧନ ସାମଗ୍ରୀ, ସାବୁନ, ଡିଟରଜେଣ୍ଟ ଓ ରଙ୍ଗ ଆଦି ଉତ୍ପାଦରେ ଇକୋମାର୍କ ଲେବୁଲ ଲଗାଇବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏଥିପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ନିୟମାବଳୀ (ଇକୋ ମାର୍କ ରୁଲ୍ସ ୨୦୨୫) ପ୍ରକାଶ କରିଛି। ଉତ୍ପାଦ ଉପରେ ଇକୋମାର୍କ ସଙ୍କେତ ରହିଲେ ଖାଉଟି କିଣୁଥିବା ଉତ୍ପାଦ ସମ୍ବନ୍ଧରେ ସବିଶେଷ ସୂଚନା ପାଇପାରିବେ। ସରକାରୀ ଭାବେ ଇକୋ ମାର୍କ ଲୁଚ୍ଚା ଭଙ୍ଗକାରୀଙ୍କ ବିରୋଧରେ ବ୍ୟାପକ ଓ କଠୋର କଡ଼ା ଆଇନର ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ ସୂଚାଇ ଦିଆଯାଇପାରେ, ୨୦୨୧ରେ ସୁପ୍ରିମକୋର୍ଟଙ୍କ ଏକ ଡିଭିଜନ ବେଞ୍ଚ ଏ ପ୍ରସଙ୍ଗରେ ଇକୋ ମାର୍କିଂ ସାଧୁତା, ସ୍ୱଚ୍ଛତା ସମ୍ପର୍କରେ ଖାଉଟିମାନଙ୍କୁ ବ୍ୟାପକଭାବେ ତଥ୍ୟ ଭିତ୍ତିକ ସୂଚନା ଦେବା ସମ୍ପର୍କରେ ବ୍ୟାପକ ନିର୍ଦ୍ଦେଶାବଳୀ ଜାରି କରିଥିଲେ।

ପରିବେଶ ଉପରେ ଅପେକ୍ଷାକୃତ କମ୍ ପ୍ରତିକୂଳ ପ୍ରଭାବ ପକାଉଥିବା ଉତ୍ପାଦର ଚାହିଦା




ବୃଦ୍ଧି କରିବା ହେଉଛି ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ। ଉକ୍ତ ବ୍ୟବସ୍ଥା ସ୍ୱଳ୍ପ ଶକ୍ତି ଉପଯୋଗ, ସମ୍ବଳର ସୁବିନିଯୋଗ, ସଂରକ୍ଷଣ, ଉତ୍ପାଦର ପୁନଃ ବ୍ୟବହାର ଓ ପୁନଃ ପ୍ରକ୍ରିୟାକରଣ ଇତ୍ୟାଦି ପ୍ରୋତ୍ସାହିତ କରେ। ଏହାଦ୍ୱାରା କୌଣସି ଉତ୍ପାଦ ପରିବେଶ ପାଇଁ କ୍ଷତିକାରକ ବୋଲି ହେଉଥିବା ଅପପ୍ରଚାର ବା ବିଭ୍ରାନ୍ତିକର ଦାବି ପ୍ରତିହତ କରିବାରେ ମଧ୍ୟ ଏହି ବ୍ୟବସ୍ଥା ସହାୟକ ହେବ। ଇକୋମାର୍କ ପାଇବା ଲାଗି ଯୋଗ୍ୟ ବିବେଚିତ ହେବାକୁ ଯେକୌଣସି ଉତ୍ପାଦ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ୍ସ ଲାଇସେନ୍ସ ବା ସୁନିଶ୍ଚିତତା ପ୍ରମାଣପତ୍ର କରିଥିବା ବାଞ୍ଛନୀୟ। ଇକୋମାର୍କ ମଞ୍ଜୁରି ହାସଲ କରିବା ପାଇଁ ନିୟମାବଳୀ ପ୍ରସ୍ତୁତ କରାଯାଇଛି। ବର୍ଜ୍ୟ ସାମଗ୍ରୀ ଯଥାସମ୍ଭବ କମ୍ ବା ହଟାଇବା ସହ ଏହି ଉତ୍ପାଦ ବାଷ୍ପ ଉତ୍ତାପ ଓ ଆଲୋକ ଇତ୍ୟାଦି ନିର୍ଗମନ ନ କରି ପ୍ରଦୂଷଣ ହ୍ରାସ କରୁଥିବ। ଏହି ଉତ୍ପାଦ ପୁନଃ ବ୍ୟବହାର ଉପଯୋଗୀ ହୋଇପାରୁଥିବ ଅଥବା ପୁନଃ ବ୍ୟବହାର ଉପଯୋଗୀ ସାମଗ୍ରୀରୁ ନିର୍ମିତ ହୋଇଥିବ। ସେହିପରି ଏ ଉତ୍ପାଦ ଅଣ–ଅକ୍ଷୟ ଶକ୍ତି ସମ୍ବଳ ଓ ପ୍ରାକୃତିକ ସମ୍ବଳ ସମେତ ଅଣ–ଅକ୍ଷୟ ସମ୍ବଳ ଉପରେ ନିର୍ଭରଶୀଳତା ହ୍ରାସ କରୁଥିବ। ଏହା ମଧ୍ୟ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ସାମଗ୍ରୀ ବ୍ୟବହାର ହ୍ରାସ କରାଉଥିବ। ଏହି ବ୍ୟତିରେକ, ଉତ୍ପାଦନ ପ୍ରକ୍ରିୟା, ପ୍ରାକୃତିକ ସମ୍ବଳ ବ୍ୟବହାର, ପରିବେଶୀୟ ପ୍ରଭାବ, ବର୍ଜ୍ୟ ନିର୍ଗମନ, ଉତ୍ପାଦ ବିନଷ୍ଟ ଓ ପ୍ୟାକେଜିଂ ଆଦି କଥା ବିଚାରକୁ ନିଆଯିବ। ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ଉକ୍ତ ଆଧାରରେ କମ୍ପାନୀଗୁଡ଼ିକର ଇକୋମାର୍କ ପାଇଁ ଆବେଦନ କରିପାରିବେ। ଦରଖାସ୍ତ ପାଇବା ପରେ ବୋର୍ଡ ନିଜେ ବା କାହାରି ଦ୍ୱାରା ଉତ୍ପାଦ ଯାଞ୍ଚ କରାଇବ। ସବୁ ଠିକ୍‌ଠାକ୍ ଥିଲେ ଇକୋମାର୍କ ମିଳିବ ଏବଂ ତାହା ୩ ବର୍ଷ ପାଇଁ ବୈଧ ରହିବ।

ଇକୋମାର୍କ ମଞ୍ଜୁରି ପାଇଁ ରଙ୍ଗ, ପ୍ରସାଧନ ସାମଗ୍ରୀ, ବ୍ୟାଟେରି, ଖାଇବା ତେଲ, ଚା, କଫି, ଡିଟରଜେଣ୍ଟ ଓ କାଗଜ ସମେତ ୧୬ଟି ବର୍ଗର ଉତ୍ପାଦ ନିମନ୍ତେ ଯୋଗ୍ୟତା ନିରୂପଣ କରାଯାଇଛି। ସେଗୁଡ଼ିକ ହେଉଛି ଦେହଲଗା ପାଉଡର, ଦାନ୍ତଘଷା ପାଉଡର ଓ ପେଷ୍ଟ, ସ୍କିନ୍ କ୍ରିମ୍, କେଶତେଲ, ଶାମ୍ପୁ, ଗାଧୁଆ ସାବୁନ, ହେୟାର କ୍ରିମ୍, ନେଲ୍ ପଲିସ୍, ଆଫ୍ଟରସେଭ୍ ଲୋସନ, ସେଭିଂ କ୍ରିମ୍, କସ୍ମେଟିକ ପେନ୍‌ସିଲ, ଲିପ୍‌ଷ୍ଟିକ୍ ଭଳି ପ୍ରସାଧନ ସାମଗ୍ରୀ। ସେହିପରି ଟେଲିଭିଜନ, ଫ୍ରିଜ୍, ଫୁଡ୍ ମିକ୍ସର, ଗିଜର, ଇଲେକ୍ଟ୍ରିକାଲ/ଷ୍ଟିମ୍ ଆଇରନ, ଟୋଷ୍ଟର, କୁଲର ଓ ବୟନ ଉତ୍ପାଦ ବା ବସ୍ତ୍ର ଆଦି ଉତ୍ପାଦ ପାଇଁ ବି ଇକୋମାର୍କ ମଞ୍ଜୁର କରାଯାଉଛି। ଇକୋମାର୍କ ବ୍ୟବସ୍ଥା ଦ୍ୱାରା ଉତ୍ପାଦ ସାମଗ୍ରୀଟି କେତେ ମାତ୍ରାରେ ସୁରକ୍ଷିତ ଏବଂ ଏହାର କ୍ୱାଲିଟି ବା ଗୁଣବତ୍ତା ସମ୍ପର୍କରେ ବିଶେଷ ଭାବେ ସୂଚିତ ହୋଇଥାଏ। ବଜାରରେ ଅନେକ ସାମଗ୍ରୀ ବିନା ଇକୋମାର୍କ ଦ୍ୱାରା ବିକ୍ରି ଅର୍ଥ ଏହା ପ୍ରଥମତଃ ଅପମିଶ୍ରଣର ସମ୍ଭାବନା ଏବଂ ଦ୍ୱିତୀୟତଃ ବଜାର ଢାଲିଥାଏ ସହ ଏମାନେ ଆୟକର ବିଭାଗ ଓ ସରକାରୀ ବ୍ୟବସ୍ଥାଠାରୁ ଦୂରେଇ ଏକ ପ୍ରକାର ଗୋପନୀୟ କାରବାର କରିଥାନ୍ତି। ତେଣୁ ଇକୋମାର୍କ ବ୍ୟବସ୍ଥା ଦ୍ୱାରା ଖାଉଟି ସୁରକ୍ଷିତ ରହିବା ସହ ସରକାରଙ୍କ ଦୃଷ୍ଟି ଏହି ବ୍ୟବସ୍ଥା ଉପରେ ରହିଥାଏ।

ମୋ: ୭୭୩୬୭୭୬୭୬୩

## ଏଇ ଭାରତରେ

ଚେନ୍ନାଇର ୩୭ ବର୍ଷୀୟା ଡି. ଉମାରାଣୀ ଅସହାୟ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ବିଶେଷକରି ଅନ୍ୟମାନଙ୍କ ଘରେ କାମ କରୁଥିବା ଗରିବ ମହିଳା, ଶ୍ରମିକ ଶ୍ରେଣୀର ଲୋକ କିମ୍ବା ପରିବାର ଛାଡ଼ି ଦେଇଥିବା ଅସହାୟ ଅବସ୍ଥାରେ ରହୁଥିବା ୮୦୦ ଲୋକଙ୍କୁ ପ୍ରତିଦିନ ଦୁଇବେଳା ମାଗଣାରେ ଖାଇବାକୁ ଦେଉଛନ୍ତି। ଏଭଳି କାର୍ଯ୍ୟ ପାଇଁ ଲୋକେ ଉମାଙ୍କୁ 'ଅନ୍ନପୂର୍ଣ୍ଣା' ଅର୍ଥାତ୍ ଖାଦ୍ୟଦେବୀ ବୋଲି ସମ୍ବୋଧନ କରୁଛନ୍ତି। ଉମା ଚେନ୍ନାଇ କିଲାବାକ୍କାମର ଉଜଭାର ସଣ୍ଡାଇ ନିକଟରେ ରହୁଛନ୍ତି। ସେ କୋଭିଡ୍ ମହାମାରୀ ପରେ ଏହି ସେବା ଆରମ୍ଭ କରିଥିଲେ। ସେତେବେଳେ ତିରୁଭାନ୍ନା ମଲାଇରେ ଜଣେ ନର୍ସିଂ ଷ୍ଟାଫର ଭାବେ କାମ କରୁଥିବା ଉମା ତାଙ୍କ ସଞ୍ଚିତ ଅର୍ଥରେ ମାଗଣା ଖାଦ୍ୟ ଯୋଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ମଧ୍ୟ ତାହା ଜାରି ରଖିଛନ୍ତି। ଏଠାରେ ସେ ଅନ୍ନ, ସମ୍ବର, ପରିବା ତରକାରି, ମାଣ୍ଡିଆ ଯାଉ ଆଦି ଦେଉଛନ୍ତି। ଖାଇବାକୁ ଦେଉଥିବା ଜାଗାର ନାମ ରଖିଛନ୍ତି ଥାଭାମୋଷି ଅନ୍ନଧନ କୋଡାମ(ଥାଭାମୋଷି ମାଗଣା ଖାଦ୍ୟ କେନ୍ଦ୍ର)। ଖାଦ୍ୟ ପ୍ରସ୍ତୁତ କରିବାରେ କେତେଜଣ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି। ଉମାଙ୍କ ଏପରି କାର୍ଯ୍ୟ ପାଇଁ କେତେକ ବ୍ୟକ୍ତି ଆର୍ଥିକ ସହାୟତା ମଧ୍ୟ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଫେବୃଆରୀ ୧୯୭୬

- କେନ୍ଦ୍ର ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ବିଭାଗ ମନ୍ତ୍ରୀ ରାଜ୍‌ବାହାଦୁରଙ୍କ ଦ୍ୱାରା ପାଲାମ ବିମାନ ବନ୍ଦରରେ ଏକ ନୂତନ କଣ୍ଟ୍ରୋଲ ଟାୱାର ଉଦ୍‌ଘାଟିତ।
- ଲଳିତକଳା ଏକାଡେମୀର ନୂଆ ଚେୟାରମ୍ୟାନ୍ ଭାବେ ରାମନିବାସ ମିର୍ଦ୍ଧାଙ୍କୁ ନିଯୁକ୍ତି ପ୍ରଦାନ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 7 | 8 | 5 | | |
| | 4 | | | 9 | | 1 | | |
| | 9 | 8 | 4 | | | | | 6 |
| | | | | | | | | |
| | | 3 | | 5 | 9 | 7 | | |
| 9 | 2 | | | | | | | |
| | | | | | | 8 | 4 | |
| | | | 1 | | 5 | | | |
| | | | 2 | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 5 | 3 | 4 | 7 | 1 | 2 | 8 |
| 3 | 8 | 2 | 6 | 1 | 5 | 4 | 7 | 9 |
| 4 | 7 | 1 | 8 | 2 | 9 | 5 | 3 | 6 |
| 5 | 1 | 9 | 4 | 3 | 8 | 2 | 6 | 7 |
| 7 | 6 | 3 | 2 | 9 | 1 | 8 | 5 | 4 |
| 8 | 2 | 4 | 7 | 5 | 6 | 9 | 1 | 3 |
| 9 | 3 | 6 | 5 | 8 | 2 | 7 | 4 | 1 |
| 2 | 4 | 8 | 1 | 7 | 3 | 6 | 9 | 5 |
| 1 | 5 | 7 | 9 | 6 | 4 | 3 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଦେୟ ବୃଦ୍ଧି ନ ହେଉ

ମହାଶୟ,

ରାଜ୍ୟରେ ବିଦ୍ୟୁତ୍ ବିଲ୍ ଘରୋଇ କ୍ଷେତ୍ରରେ ଅଧିକ ବୃଦ୍ଧି କରା ନ ଯାଉ। ବାଣିଜ୍ୟ କ୍ଷେତ୍ରରେ ବହୁ କମ୍ପାନୀ ଉପରେ ବିଦ୍ୟୁତ୍ ଦେୟ ବାକି ପଡ଼ିଛି। କିନ୍ତୁ ସେମାନଙ୍କଠାରୁ ଆଦୌ ଆଦାୟ କରାଯାଉନାହିଁ। ଅନ୍ୟପଟେ ବହୁ ଗରିବ ତଥା ମଧ୍ୟବିତ୍ତ ଉପଭୋକ୍ତାମାନେ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି। ଏଣୁ ବିଦ୍ୟୁତ୍ ବିଲ୍ ବୃଦ୍ଧି ସେମାନଙ୍କ ପାଇଁ ଆର୍ଥିକ ବୋଝ ହୋଇଯିବ। ସେମାନେ ଠିକ୍ ସମୟରେ ବିଲ୍ ପଇଠ କରିବାରେ ସକ୍ଷମ ହେବେ ନାହିଁ। ଏଡାକୁ ଲକ୍ଷ୍ୟ କରି ଟାଟା କମ୍ପାନୀ ଏବଂ ରାଜ୍ୟ ସରକାର ପୁନର୍ବିଚାର କରନ୍ତୁ। ସେହିପରି ସ୍ମାର୍ଟ ମିଟର ଲଗାଇବା ପୂର୍ବରୁ ପୁରୁଣା ମିଟର ଭଲ ଥିଲେ ପରିବର୍ତ୍ତନ କରା ନ ଯାଉ। ଏହାସହ କଟକ ପୋଲିସ ମୁଖ୍ୟାଳୟରୁ ନିଯୁକ୍ତି ବୋର୍ଡ ଭୁବନେଶ୍ୱରକୁ ସ୍ଥାନାନ୍ତର ନ ହେଉ। ଏଥିପ୍ରତି ରାଜ୍ୟ ସରକାର ପଦକ୍ଷେପ ନେବା ଆବଶ୍ୟକ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

## ଚିରନ୍ତନୀ

ଫଟାଇ ସେ ଧରଣୀର ଗୁଡ଼
ଡାକି ଉଠେ ପୁଣି ଗୁଆ ଗୁଆ
ପଞ୍ଝମୀ ଜୋଛନାକୁ ଠେଲି
ସେ ବାଣୀ ଗଗନେ ଯାଏ ମେଲି
କ୍ରନ୍ଦନ କୁଆଁ କୁଆଁ କୁଆଁ
ଡାକି ଉଠେ ପୁଣି ଗୁଆ ଗୁଆ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦାବି ପୂରଣ ହେଉ ନ ଥିବା କହି ବୈଠକ ବର୍ଜନ କରି ଧାରଣା

**ନବରଙ୍ଗପୁର,୨୫।୨(ସଦାଶିବ ପ୍ରହରାଜ)**



ସମିତି ସଭ୍ୟମାନେ ଧାରଣାରେ ବସିଛନ୍ତି।

**ନବରଙ୍ଗପୁର ଜିଲା ପରିଷଦ ସାଧାରଣ ପରିଷଦ ବୈଠକ**

■ ବୁଝାଶୁଝା ପରେ ବୈଠକରେ ବସିଲେ ସମିତି ସଭ୍ୟମାନେ

ନବରଙ୍ଗପୁର ଜିଲା ପରିଷଦର ୭ମ ସାଧାରଣ ପରିଷଦ ବୈଠକ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ସିଂ, ଏମ୍‌ପି ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଷୋୟୀ, ଉମରକୋଟ ବିଧାୟକ ପ୍ରତିନିଧି ମୃତ୍ୟୁଞ୍ଜୟ ମହାରଣା, ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଘାନ ମଞ୍ଚାସୀନ ଥିଲେ। ବୈଠକରେ ପ୍ରଥମେ ସ୍ୱାସ୍ଥ୍ୟ ଓ ଖାଉଟି କଲ୍ୟାଣ ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ କୌଣସି ସମସ୍ୟା ସମାଧାନ ହୋଇପାରୁ ନ ଥିବାରୁ ଏହାର ପ୍ରତିବାଦରେ ବୈଠକ ବର୍ଜନ କରି ସମିତି ସଭ୍ୟମାନେ ଧାରଣାରେ ବସିଥିଲେ। ଜିଲାପାଳ ଡ. ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ସିଡିଓ ବିରଞ୍ଚି ନାରାୟଣ ଦରଘାନ ଓ ଉପାଧ୍ୟକ୍ଷା ଲିପିକା ବରାଳ ଧାରଣାସ୍ଥଳକୁ ଯାଇ ସଭ୍ୟମାନଙ୍କ ସହ ଆଲୋଚନା କରିବା ସହ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାପରେ ସେମାନେ ଧାରଣାରୁ ଉଠିଥିଲେ। ପରେ ବୈଠକ ଯଥାରୀତି ଚାଲିଥିଲା।

ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପଣ୍ଡା ସ୍ୱାସ୍ଥ୍ୟ ବିଭାଗ ସଂକ୍ରାନ୍ତରେ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ। ଜଗନ୍ନାଥପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବିନା ଡାକ୍ତର, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟକର୍ମୀରେ ଚାଲିଥିବା ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର ଅଭିଯୋଗ କରିଥିଲେ। ଏ ନେଇ ବାରମ୍ବାର ଦାବି କରିଥିଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଆଟେଣ୍ଡାଣ୍ଟଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଚାଲିଥିବା କହିଥିଲେ। କୋଷାଗୁମୁଡା ସିଏଚ୍‌ସିରେ ଶଯ୍ୟା ନ ଥିବାରୁ ରୋଗୀ ତଳେ ଶୋଉଛନ୍ତି। ଏକ୍ସ-ରେ ମେସିନ୍ ଥାଇ କାମକରୁନି ବୋଲି ଅଭିଯୋଗ କରାଯାଇଛି। ଶଯ୍ୟା ପାଇଁ ଆବଶ୍ୟକ କୋଠା ଲାଗି ପଦକ୍ଷେପ ନିଆଯାଇଥିବା ଜିଲାପାଳ ଉତ୍ତର ଦେଇଥିଲେ। ଏହି ସମସ୍ୟା ନେଇ ବହୁ ଦିନ ଧରି ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। କୋଠା ଥାଇ ମଧ୍ୟ ଶଯ୍ୟାର ବ୍ୟବସ୍ଥା କରାଯାଉନି। ୭ ଦିନ ମଧ୍ୟରେ ଏକ୍ସ-ରେ ଟେକ୍ନିସିଆନକୁ ବଦଳି କରିବାକୁ ଜିଲା ପରିଷଦ ସଭ୍ୟ ଲିପିକା ମାଝୀ ଦାବି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜିଲା ଚିକିତ୍ସାଳୟର ମାନ୍ୟତା ମିଳିନି। ଏପରି ସ୍ଥଳରେ ମେଡିକାଲ କଲେଜ ଦାବି କିପରି କରାଯିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ରାଜ୍ୟର ସବୁଠାରୁ କମ୍ ଇ-କେୱାଇସି ଦାଖଲ ନବରଙ୍ଗପୁର ଜିଲାରେ ହୋଇଥିବା ଜିଲାପାଳ କହିଥିଲେ। ଘରକୁ ଘର ଯାଇ ଯାଞ୍ଚ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଖରାଦିନ ପୂର୍ବରୁ ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ପାନୀୟ ଜଳ ଯୋଗାଇବାକୁ ଦାବି ହୋଇଥିଲା। ୫ଟି ମେଗା ପ୍ରକଳ୍ପ ମଧ୍ୟରୁ ୩ଟିରେ ଅବଧି ୨୦୨୧ରେ ସରିଥିଲେ ମଧ୍ୟ କାମ ଶେଷ ହୋଇନି। ସେଥିରୁ ଠିକା ସଂସ୍ଥା ଜିଜିପିଆରକୁ ୫ କୋଟି ଓ କେଏମ୍‌ସିକୁ ୪.୫ କୋଟି ଟଙ୍କା ଜରିମାନା ପଡ଼ିଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହିଥିଲେ। ୨ ପ୍ରକଳ୍ପ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ ସୂଚନା ଦେଇଥିଲେ। ଆମ ଗାଁ ଆମ ବିକାଶ ଯୋଜନାରେ କ୍ରୀଡ଼ା ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣି ସଭ୍ୟ ରତିକାନ୍ତ ପଣ୍ଡା ଓ ଅରୁଣ ମିଶ୍ର ତଦନ୍ତ ଦାବି କରିଥିଲେ। ଏକ କମିଟି ଗଠନ ହୋଇ ତଦନ୍ତ କରାଯିବ ବୋଲି ଜିଲାପାଳ କହିଥିଲେ।

ଦୀର୍ଘ ବର୍ଷ ଧରି ଜିଲାର ଲ୍ୟାମ୍ପସ ଓ ମିଲରଙ୍କ ମିଳିତ ସହଯୋଗରେ ମିଥ୍ୟା ଚାଷୀ ପଞ୍ଜୀକରଣ କରି ସେହି ଧାନ ଓ ମାଣ୍ଡିଆକୁ ସିଧାସଳଖ ମିଲ୍‌କୁ ପଠାଯାଉଛି। ଲ୍ୟାମ୍ପସ୍‌କୁ ଚାଷୀ ପଞ୍ଜୀକରଣ ତଥ୍ୟ ମାଗିଲେ ମିଳୁନି। ଏପରିକି ସୂଚନା ଅଧିକାର ମାଧ୍ୟମରେ ତଥ୍ୟ ମାଗିଲେ ଲ୍ୟାମ୍ପସ ସୂଚନା ଅଧିକାରରେ ଆସୁନି କୁହାଯାଉଥିବା ଡା. ଲିପିକା ମାଝି କହିଛନ୍ତି। ମାଣ୍ଡିଆ ଯୋଗାଣ ନାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର ଓ ରତିକାନ୍ତ ପଣ୍ଡା କହିଥିଲେ। ପ୍ରତି ହିତାଧିକାରୀଙ୍କୁ ୧୦ କେଜି ବଦଳରେ ୫ କେଜି ମାଣ୍ଡିଆ ପ୍ରଦାନ କରି ଖାତାରେ ୧୦ କେଜି ବୋଲି ଲେଖାଯାଉଛି। ଜିଲାରେ ବଳକା ମାଣ୍ଡିଆ କୁଆଡ଼େ ଗଲା ଓ କେତେ ଟଙ୍କାର ଦୁର୍ନୀତି ହୋଇଛି ବୋଲି ପଚାରିବା ସହ ଏହାର ତଦନ୍ତ କରିବାକୁ ଦାବି କରିଥିଲେ। ପୂର୍ବ ବୈଠକଗୁଡ଼ିକରେ ଯେଉଁ ଅଭିଯୋଗ କରାଯାଉଛି, ତାହାର ସମାଧାନ ହେଉ ନ ଥିବା ଏବଂ ତଥ୍ୟ ମାଗିଲେ ମିଳୁ ନ ଥିବା ଏବଂ ସରକାରୀ ଅଧିକାରୀମାନେ ସଭ୍ୟମାନଙ୍କୁ ସହଯୋଗ କରୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। [illegible] ଦର୍ଶାଇ ଅର୍ଥ ହଡ଼ପ କରାଯାଉଥିବା ନେଇ ବୈଠକରେ ସଭ୍ୟମାନେ ପ୍ରଶ୍ନ କରିଥିଲେ। ଶ୍ରମ ବିଭାଗର କୌଣସି କର୍ମଚାରୀ ନ ଥିବାରୁ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ୭ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



ଖବରଦାତା ସମ୍ମିଳନୀରେ ସଂଘ ସଦସ୍ୟମାନେ।

**ତେନ୍ତୁଲିଖୁଣ୍ଟି, ୨୫।୨(ଦିବାକର ସାହୁ)**

**ଇନ୍ଦ୍ରାବତୀ ପ୍ରକଳ୍ପରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କ ଖବରଦାତା ସମ୍ମିଳନୀ**

ଇନ୍ଦ୍ରାବତୀ ଡ୍ୟାମ ସର୍କଲ ଅଧୀନରେ ଥିବା ପୁରାନ ଡିଭିଜନ, ପୋଡ଼ାଗଡ଼ ଡିଭିଜନ, ମେକାନିକାଲ ଡିଭିଜନ ଓ ମୁଖିଗୁଡ଼ାରେ ୨ ଟି ସବ୍ ଡିଭିଜନରେ କାର୍ଯ୍ୟରତ ଥିବା ସୁରକ୍ଷା କର୍ମୀ ଆଉଟ୍‌ସୋର୍ସିଂ ଏଜେନ୍ସୀ ଓ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନ୍ୟାୟର ଶିକାର ଅଭିଯୋଗ ନେଇ ଖାତିଗୁଡ଼ାରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏପରିକି ପ୍ରକଳ୍ପ କର୍ତ୍ତୃପକ୍ଷ ମଧ୍ୟ ଏଜେନ୍ସି ସପକ୍ଷରେ ବୋଲି ଅଭିଯୋଗ ହୋଇଛି। ପୁରୁଣା ଏଜେନ୍ସି ଅକ୍ଟୋବରରୁ ୩ ମାସର ବକେୟା ଦରମା ଦେଇ ନ ଥିବା ସହ ଇପିଏଫ୍‌ରୁ ବଞ୍ଚିତ କରିଛି। ନୂତନ ଏଜେନ୍ସି ଡିସେମ୍ବର ମାସର ଦରମାରୁ ୪ ହଜାର କମ୍ ଦେଉଛି। ଗନ୍‌ମ୍ୟାନମାନଙ୍କୁ ଲାଠି ଧାରୀ ଗାର୍ଡ ଭଳି ସମାନ ଦରମା ଦେଉଛି। ପ୍ରତିବାଦ କଲେ ଚାକିରୀ ଛାଡ଼ି ଦେବାକୁ ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ବକେୟା ଦରମା, ସୁରକ୍ଷା କର୍ମୀଙ୍କ ମୌଳିକ ଆବଶ୍ୟକତା, ୮ଘଣ୍ଟା ପାରିଶ୍ରମିକର ପ୍ରକୃତ ମୂଲ୍ୟ, ଭବିଷ୍ୟ ନିଧି ପାଣ୍ଠି ନିୟମିତ ଭାବରେ ପୈଠ, ଏଜେନ୍ସି ଅଧୀନରେ ନିଯୁକ୍ତି ନ କରି ସିଧାସଳଖ ପ୍ରକଳ୍ପରେ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଆଗାମୀ ୭ଦିନ ମଧ୍ୟରେ ଏଜେନ୍ସି / ପ୍ରକଳ୍ପ କର୍ତ୍ତୃପକ୍ଷ ସୁରକ୍ଷା କର୍ମୀଙ୍କ ଦାବି ପ୍ରତି ଧ୍ୟାନ ନ ଦେଲେ ଆନ୍ଦୋଳନ କରାଯିବ ନେଇ ଚେତାବନୀ ଦେଇଛନ୍ତି।

ପ୍ରକଳ୍ପର ଟେଣ୍ଡର ଅନୁସାରେ ୧୪୭ ସିକ୍ୟୁରିଟି ଚୁକ୍ତି ହୋଇଛି। ତେବେ ୧୬୧ ଜଣଙ୍କୁ କିଭଳି ନିଯୁକ୍ତି ଦିଆଯାଇଛି, କର୍ତ୍ତୃପକ୍ଷଙ୍କ ଅବଗତିରେ ଦରମା ପ୍ରଦାନ ରେ ତାରତମ୍ୟ ମଧ୍ୟରେ ଗାର୍ଡ ବୋଲି ପ୍ରଶ୍ନ ଉଠାଉଛନ୍ତି। ଚୁକ୍ତିନାମା ଅନୁସାରେ ତାଙ୍କୁ ଦରମା ଦିଆଯାଉନି। ଲାଠି ମ୍ୟାନ, ଗନ ମ୍ୟାନଙ୍କୁ ମାସିକ କେବଳ ୯୦୦୦ ଟଙ୍କା ଦିଆଯାଉଥିବା ଅଭିଯୋଗ ହୋଇଛି। ମୁହଁ ଖୋଲିଲେ କାର୍ଯ୍ୟରୁ ନିଲମ୍ବିତ କରିବାକୁ ଧମକ ମିଳୁଥିବା ଅଭିଯୋଗ ହୋଇଛି। ପୁରାନ ଡ୍ୟାମ ସର୍କଲର ୪ ଜଣଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଏ ନେଇ ଜଣାଇଲେ ଏଜେନ୍ସି ହିଁ ସବୁ ବୁଝିବ ବୋଲି କହିଥିଲେ। ଏହି ବିଷୟ ଉପରେ ପ୍ରକଳ୍ପର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନରେଶ ପାତ୍ରଙ୍କୁ ପଚାରିବାରୁ ପାଣ୍ଠି ନାହିଁ ଆସିଲେ ଦିଆଯିବ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଓଡିଶା ସିକ୍ୟୁରିଟି ଓ ସର୍ଭିସ ଏମ୍ପ୍ଲୟିସ ୟୁନିଅନ ଖାତିଗୁଡା ସଭାପତି ନୀଳାମ୍ବର ପରିଛା, ଉପସଭାପତି ମନୁ ତୁରୁକ, ସମ୍ପାଦକ ବାବୁଲା ନାୟକ, ସହସମ୍ପାଦକ ଲକ୍ଷ୍ମଣ ଯାନୀ ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟରତ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ।

# ଦେଶୀ ମଦ ଚାଲାଣବେଳେ ଚଢ଼ାଉ, ଜଣେ ଗିରଫ

**ଜୟପୁର, ୨୫।୨ (ପବନ ପାଣିଗ୍ରାହୀ)**

ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପୋଲିସ ଚଢ଼ାଉକରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଡ଼ପଦରର ନବୀନ ହରିଜନ। ପ୍ରକାଶ ଯେ ଏକ ବାଇକରେ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ତେଲିଗୁଡ଼ାରେ ଚଢ଼ାଉ କରିଥିଲା। ସେଠାରୁ ଅଭିଯୁକ୍ତ ନବୀନଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୪୦ ଲିଟର ଦେଶୀ ମଦ ଓ ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

# ସ୍ୱଚ୍ଛତାର ସଚେତନତା ଆସିଲେ ଗାଁ ସମୃଦ୍ଧ ହେବ

**ନନ୍ଦାହାଣ୍ଡି,୨୫।୨ (ପ୍ରତୀପ୍ କୁମାର୍ ଦାଶ)**



ସଫେଇ କାର୍ଯ୍ୟକ୍ରମରେ ବିଧାୟକ ଓ ବି. ମାଳିଗୁଡ଼ା ପଞ୍ଚାୟତବାସୀ।

ପ୍ରତ୍ୟେକ ଗ୍ରାମ ତଥା ସାହି ଗଳିକୁ ସବୁଜ ଓ ସଫା ସୁତୁରା ରଖିବା ଲକ୍ଷ୍ୟରେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ପଞ୍ଚାୟତ ସମିତି ବି. ମାଳିଗୁଡ଼ାଠାରେ ପଞ୍ଚାୟତସ୍ତରୀୟ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଚେତନତା ସୃଷ୍ଟି, ପ୍ରତି ୩ ଦିନରେ ସଫେଇ କାର୍ଯ୍ୟକ୍ରମ କରିବା, ପ୍ରତି ସାହିରେ ସ୍ୱଚ୍ଛତା ସଭ୍ୟ ଚୟନ, ଉତ୍ତମ ସ୍ୱଚ୍ଛତାକୁ ନେଇ ପୁରସ୍କୃତ, ପ୍ରୋଜେକ୍ଟର, ଭିଡିଓ, ଝୋଟି ଚିତା, ନାଚଗୀତ, କୁଇଜ୍ ମାଧ୍ୟମରେ ସଫେଇ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଚେଷ୍ଟା କରାଯିବ ବୋଲି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ କହିଛନ୍ତି ।

ପ୍ରଥମେ ଚୈତନ୍ୟ ନାଟଗୁରୁଙ୍କ ପ୍ରତିମୂର୍ତ୍ତି ପରିସର, ହନୁମାନ ମନ୍ଦିର ପରିସର ଓ ମୁଖ୍ୟ ରାସ୍ତା ଉପରେ ଥିବା ଅବର୍ଜନାମୟ ପରିବେଶ ସଫା କରାଯାଇଥିଲା। ସ୍ୱଚ୍ଛତାର ସଚେତନତା ଆସିଲେ ଗାଁ ସମୃଦ୍ଧ ହେବା ସହ ସମୃଦ୍ଧ ଦେଶ ଗଠନ ହେବ। ଏହି ସ୍ୱଚ୍ଛ ପରିବେଶ ମନକୁ ସୁନ୍ଦର ରଖିବା ସହ ସ୍ୱାସ୍ଥ୍ୟ ଭଲ ରହିବ ବୋଲି ବିଧାୟକ ମାଝୀ କହିଥିଲେ। ଏହାପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୮ ଲକ୍ଷ ଟଙ୍କା ଅନୁଦାନରେ ବି ମାଳିଗୁଡ଼ାରେ ତିଆରି ହୋଇଥିବା ଗ୍ରାମ୍ୟ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ପଣ୍ଡା, ପିଇଓ ଉତ୍କଳ ଭତ୍ରା, ବିଆର୍‌ସି ଅଭିଳାଷ ନାୟକ, ତୁଳସୀ ବିଷୋୟୀ, ସୁରେନ୍ଦ୍ର ବିଷୋୟୀ, ତ୍ରିପତି ବୈଦ୍ୟ, ଗଣପତି ମାଝୀ, ଲଛମନ ପଣ୍ଡା, କେଶବ ଜାନୀ, କାହ୍ନୁ ଦାସ, ଦିବାକର ରଜକ, ସରପଞ୍ଚ କର୍ପୁଲ ଭତ୍ରା, ସମିତି ସଭ୍ୟ ଡମ୍ବୁ ଅମାନାତ୍ୟ, ସୁନୀଲ ସାମନ୍ତ ପ୍ରମୂଖ ଉପସ୍ଥିତ ଥିଲେ।

# ଫି'କୁ ନେଇ ସ୍କୁଲ ଆକାଉଣ୍ଟାଣ୍ଟଙ୍କୁ ମାଡ଼

**ଜୟପୁର, ୨୫।୨(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ଫୁଲବାଡ଼ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ବିଜ୍ଞାନ ଇଣ୍ଟର ନ୍ୟାଶନାଲ ସ୍କୁଲ ଆକାଉଣ୍ଟାଣ୍ଟ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ମାଡ଼ ମରାଯାଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ୨ ଜଣଙ୍କୁ ଗିରଫକରି ଅପରାହ୍ନ ୪ଟାରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଉମୁରି ତଳସାହିର ପ୍ରବୀର ହରିଜନ ଆଲିୟସ୍ ନାଗ (୧୯) ଓ ମକାପୁଟର ସିମନ କୁଞ୍ଜରିଆ। ସୁଚନାନୁଯାୟୀ ସ୍କୁଲ ଫି' କୁ ନେଇ ଆକାଉଣ୍ଟାଣ୍ଟ ସୌମ୍ୟରଞ୍ଜନ ସ୍ୱାଇଁ ଓ ୨ ଅଭିଯୁକ୍ତ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ୬୨/ ୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ଜାଣି ପୋଲିସ ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

**SRI SRI NRUSINGHANATH TEMPLE**
Index No. 1406/8NS, At: Durgapali, P.O.: Paikmal
Dist.: Bargarh, Ph.: 7683834862
Web: www.nrusinghanathtemple.in
e-mail Id: srisrinrusinghanathtemple@gmail.com
Letter No. 34 (8) Date: 24.02.25

**ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନ କାର୍ଯ୍ୟସୂଚୀ ମତେ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଅଧୀନସ୍ଥ ଗାଡ଼ି ପାର୍କିଂ, ମୋଟର ସାଇକେଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ ଆଦିକୁ ସ୍ୱ ୨୦୨୫-୨୦୨୬ ଆର୍ଥିକ ବର୍ଷ ସକାଶେ ଏକ ବର୍ଷ ପାଇଁ ନିଲାମରେ ଦେବା ପାଇଁ ସ୍ଥିରୀକୃତ ହୋଇଅଛି। ଏଣୁ ନିଲାମ ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତି ତା୧୨।୦୩।୨୦୨୫ରିଖ ଗୁରୁବାର ଦିନ ସନ୍ଧ୍ୟା ୬ଘଟିକା ସୁଦ୍ଧା ଅମାନତ ଟଙ୍କା ସମ୍ପୃକ୍ତ ଟେଣ୍ଡର ଅଧିକାରୀଙ୍କଠାରେ ଜମାଦେଇ ରସିଦ ଗ୍ରହଣ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଗ୍ରହଣ କରାଯିବ ନାହିଁ। ଅମାନତ ଜମାକାରୀ ତା୧୨।୦୩।୨୦୨୫ରିଖ ଗୁରୁବାର ସକାଳ ୧୦ଘଟିକାରୁ ୬ଘଟିକା ସୁଦ୍ଧା ନିଜର ଡାକ ମୂଲ୍ୟକୁ ସିଲ୍‌କରି ଟେଣ୍ଡର ଅଧିକାରୀଙ୍କଠାରେ ଜମାଦେବେ। ତା୧୩।୦୩।୨୦୨୫ରିଖ ଶୁକ୍ରବାର ଦିନ ୧୧ଘଟିକାରେ ଟେଣ୍ଡର ଗ୍ରହଣକାରୀ ଓ ନିଲାମ ଅଧିକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ସର୍ବୋଚ୍ଚ ଡାକଥିବା ବ୍ୟକ୍ତିଙ୍କୁ ଦିଆଯିବ। ନିଲାମର ସର୍ତ୍ତାବଳୀ ଜାଣିବା ପାଇଁ ମନ୍ଦିର କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା ମନ୍ଦିର ୱେବ୍‌ସାଇଟ୍ **https://nrusinghanathtemple.in/tender/**ରେ ଦେଖନ୍ତୁ। ଟେଣ୍ଡର ଦାଖଲ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଟ.୫,୦୦୦/-ରେ ଟେଣ୍ଡର ଫର୍ମ ମନ୍ଦିର କାର୍ଯ୍ୟାଳୟରୁ କ୍ରୟକରି ଟେଣ୍ଡର ପକାଇପାରିବେ।

| କ୍ର.ନଂ. | ସମ୍ପତ୍ତିର ନାମ | ସମ୍ପତ୍ତିର ଧାର୍ଯ୍ୟ ମୂଲ୍ୟ | ଅମାନତ ଜମା |
|---|---|---|---|
| ୧ | ଗାଡ଼ି ପାର୍କିଂ | ଟ.୧୯,୮୦,୦୦୦.୦୦ | ଟ.୫,୯୪,୦୦୦.୦୦ |
| ୨ | ମୋଟର ସାଇକେଲ ଷ୍ଟାଣ୍ଡ | ଟ.୪,୪୦,୦୦୦.୦୦ | ଟ.୧,୩୨,୦୦୦.୦୦ |
| ୩ | ଜୋତା ଷ୍ଟାଣ୍ଡ | ଟ.୧,୪୮,୫୦୦.୦୦ | ଟ.୪୪,୫୫୦.୦୦ |

ସ୍ୱା./- ଏ.ବି.ଡି.ଓ. ପାଇକମାଳ ତଥା
ମଧ୍ୟବର୍ତ୍ତି କାଳୀନ ଟ୍ରଷ୍ଟି / ଟେଣ୍ଡର ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର

GOVERNMENT OF ODISHA, "e" PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER**
**KHORDHA (R&B) CIRCLE, KHORDHA**
**WORKS DEPARTMENT**
E-mail: rbcirclekhurda@gmail.com
**TENDER CALL NOTICE**
Bid Identification No. CCE-Khordha (R&B) Circle-27/2024-25
Memo No. 573 Dt.21.02.2025
No. B-1034: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in Double Cover System in ONLINE MODE from eligible contractors for Road works as detailed in the table below:

1. Nature of Work : Road Works
2. No. of Work : 2 Nos.
3. Tender Cost : Rs.10000.00 (Online)
4. Class of Contractor : A Class
5. Available of Bid document in the website : From 10.00 A.M. of Dt.28.02.2025 upto 05.00 P.M. of Dt.17.03.2025 upto 5.00 P.M.
6. Date of opening of Bid : Dt.18.03.2025 at 11.30 A.M.
7. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

OIPR-34127/11/0032/2425
Sd./- Chief Construction Engineer
Khordha (R&B) Circle, Khordha

# ନାଳରୁ ଜବତ ଦେଶୀ ମଦ ନଷ୍ଟ କଲେ ଅବକାରୀ ବିଭାଗ



ଜବତ ମଦ ଓ ପୋଚ।

**ନନ୍ଦାହାଣ୍ଡି, ୨୫।୨ (ପ୍ରତୀପ୍ କୁମାର୍ ଦାଶ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ଅଧୀନ ବି . ମାଳିଗୁଡା ଗ୍ରାମ ଶିବ ମନ୍ଦିର ନିକଟରେ ଥିବା ଏକ ନାଳରୁ ପ୍ରାୟ ୧୨ ଶହ ଲିଟର ମଦ ଏବଂ ପୋଚ ନବରଙ୍ଗପୁର ଅବକାରୀ ବିଭାଗ ଜବତ କରି ନଷ୍ଟ କରିଛି। ଅବକାରୀ ବିଭାଗ କର୍ମଚାରୀଙ୍କ ଦ୍ୱାରା ପାଟ୍ରୋଲିଂ ବେଳେ ସେହି ସ୍ଥାନରୁ ମଦ ପୋଚ ର ଗନ୍ଧ ହେଉଥିବାରୁ ଖୋଜାଖୋଜି କରିଥିଲେ। ୫ ଡ୍ରମ ଓ ୪ ବାଲ୍‌ଟିରେ ମଦ ଓ ପୋଚ ଥିବା ଦେଖିବାକୁ ପାଇଥିଲେ। ଜବତ ମଦ ଓ ପୋଚକୁ ନଷ୍ଟ କରାଯାଇଛି। କିଏ ସେଠାରେ ମଦ ରଖି ବିକ୍ରି କରୁଥିଲା ତାହା ଜଣା ପଡି ନ ଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ତେନ୍ତୁଳି ଗଛରୁ ପଡ଼ି ଜଣେ ମୃତ

**ଡାବୁଗାଁ, ୨୫।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଜୁନାପାଣି ପଞ୍ଚାୟତ ଅଧୀନ ଧନସରା ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ତେନ୍ତୁଳୀ ଗଛରୁ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଡାବୁଗାଁ ବ୍ଲକର ଜୁନାପାଣି ପଞ୍ଚାୟତ ଅଧୀନ ଧନସରା ଗ୍ରାମର ଭଗତ ଶବର (୫୫)। ସୂଚନାନୁଯାୟୀ ଭଗତ ନିଜ ବାଡିରେ ଥିବା ଗଛରେ ଚଢି ତେନ୍ତୁଳି ତୋଳୁଥିଲେ। ଏହି ସମୟରେ ହଠାତ୍ ସେ ଗଛ ଉପରୁ ତଳକୁ ପଡି ଯାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ସୁବାସ ଶବର ଅପରାହ୍ନ ୧ଟା ୩୦ରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲା ଆଧାରରେ ଥାନା ଏଏସ୍‌ଆଇ ଗୋପାଳକୃଷ୍ଣ ହଲଓା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଡାବୁଗାଁ ଥାନା କେସ ନଂ ୪/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Candidate needed for Survey Blockwise and Districtwise on product basic 70% subsidy available for consumer by Amar Jyoti.
Contact: 6291122660, 6291111691
Location:
Berhampur, Cuttack, Bhubaneswar

**ଆବଶ୍ୟକ**
କନ୍‌ଷ୍ଟ୍ରକସନ ସାଇଟ୍ ପାଇଁ ଡାଟା ଏଣ୍ଟ୍ରି ଅପରେଟର ଆବଶ୍ୟକ।
ଯୋଗାଯୋଗ:
7381066999 / 7381207777

**ENGINEER REQUIRED**
କଟକ, ଭୁବନେଶ୍ୱର, ପୁରୀ ଓ ଜଗତ୍‌ସିଂହପୁରରେ ବ୍ରିଜ୍ ଏବଂ ଅଫିସ୍ କାର୍ଯ୍ୟ ପାଇଁ Civil Engineer, ସୁପରଭାଇଜର, ଆକାଉଣ୍ଟାଣ୍ଟ ଏବଂ ରୋଷେୟା ଆବଶ୍ୟକ ।
ଫୋନ୍ ନଂ: 9937499625, 8114634847

See Career Appointment on every Wednesday & Saturday

**SBI**
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/30 | | | |
| 1 | ଡେପୁଟି ସିଟିଓ (ଆଇଟି ଇନଫ୍ରାଷ୍ଟ୍ରକ୍ଚର) | 01 | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/31 | | | |
| 1 | ସର୍କଲ୍ ଡିଫେନ୍ସ ବ୍ୟାଙ୍କିଂ ପରାମର୍ଶଦାତା - (ସିଡିବିଏ) ବେଙ୍ଗାଲୁରୁ | 01 | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/32 | | | |
| 1 | ଆଭ୍ୟନ୍ତରୀଣ ଲୋକପାଳ (ଆଇ.ଓ.) | 02 | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.02.2025 ରୁ 02.03.2025 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 08.02.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

कार्यपालक अभियंता का कार्यालय
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
अति अल्पकालीन ई–निविदा आमंत्रण सूचना
ई– निविदा सूचना संख्या – RDD/SD/CHAIBASA/12/2024-25(2nd Call) (MMGSY)
1.कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के तांतनगर प्रखण्ड अन्तर्गत चिटिमिटी पंचायत के ग्राम रूतासाई से विचाबुरू जाने वाली सड़क से तोरलो नदी पर पुल निर्माण। | 48459100.00 | 970000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 28.02.2025
3. ई–निविदा प्राप्ति की तिथि एवं समय–दिनांक 28.02.2025 से दिनांक 06.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.07.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति / दावा दर्ज कराये अन्यथा अवधि बीतने के पश्चात् कोई भी आपत्ति / दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।
PR 347217 West Singhbhum(24-25)D

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ଚକ୍ରଧରପୁର ନିମ୍ନଦର୍ଶିତ ଟେଣ୍ଡର ନଂ. ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ତା୧୯।୦୩।୨୦୨୫ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ଏସ୍‌ଟି-ସିକେପି-ଓଟି-୨୪-୨୫-୧୩୩** । ସୋଗ୍ରା-ଗରପୋଷ ଷ୍ଟେଶନ ମଧ୍ୟରେ ଅତିରିକ୍ତ ୱାଟର ୱେ ବ୍ରିଜ୍‌ର ନିର୍ମାଣ ପାଇଁ ଏସ୍ ଆଣ୍ଡ ଟି କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୨୩,୬୩,୯୫୯.୧୮, ଅମାନତ ରାଶି: ₹୪୭,୩୦୦/- । ୨. ଏସ୍‌ଟି-ସିକେପି-ଓଟି-୨୪-୨୫-୧୩୪** । ରାଙ୍ଗରା ଷ୍ଟେଶନଠାରେ ଅତିରିକ୍ତ ଲୋଡିଂ ଲାଇନ୍‌ର ନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୧,୧୨,୨୩,୩୯୦/-, ଅମାନତ ରାଶି: ₹୨,୦୬,୧୦୦/- । ୩. ଏସ୍‌ଟି-ସିକେପି-ଓଟି-୨୪-୨୫-୧୩୫** । ପାଟସାହି ଷ୍ଟେଶନଠାରେ ଅତିରିକ୍ତ ଲୋଡିଂ ଲାଇନ୍‌ର ନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୧,୫୫,୬୬,୯୭୫.୮୯/-, ଅମାନତ ରାଶି: ₹୨,୨୭,୮୦୦/- । ୪. ଏସ୍‌ଟି-ସିକେପି-ଓଟି-୨୪-୨୫-୧୩୬** । ଏସ୍‌ଏସ୍‌ଇ/ଟେଲି/ଡାଙ୍ଗୁଆପୋଷିଙ୍କ ଅଧୀନସ୍ଥ ସେକ୍ସନରେ ବିବିଧ ଦୂରସଞ୍ଚାର କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୫୦,୯୩,୩୩୦.୯୬/-, ଅମାନତ ରାଶି: ₹୧,୦୧,୯୦୦/-। ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୧୨ ମାସ । ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ ।
(PR-1176)

## ସଂକ୍ଷେପରେ

### ଦନ୍ତାହାତୀ ଆକ୍ରମଣରେ ଶ୍ରମିକ ଗୁରୁତର

ଭଞ୍ଜନଗର,୨୫।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଘୁମୁସର ଦକ୍ଷିଣ ବନଖଣ୍ଡ ବୁଗୁଡ଼ା ରେଞ୍ଜ ଅନ୍ତର୍ଗତ କିରାପଲ୍ଲୀ ଗ୍ରାମ ନିକଟରେ ସୋମବାର ରାତିରେ ଦନ୍ତାହାତୀ ଆକ୍ରମଣରେ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ଆନ୍ଧ୍ରପ୍ରଦେଶର ମହମ୍ମଦ ଜାଫର। ତାଙ୍କୁ ପ୍ରଥମେ ଭଞ୍ଜନଗର ମେଡିକାଲ ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଛି। ଖବରପାଇ ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନକରିବା ସହ ମେଡିକାଲରେ ପହଞ୍ଚି ଆହତଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। କିଛିଦିନ ହେବ ବେଲଗୁଣ୍ଠା–ବାଲିପଦର ମୁଖ୍ୟ ରାସ୍ତାର କିରାପଲ୍ଲୀ ଅଞ୍ଚଳରେ ଏକ ଦନ୍ତାହାତୀ ଘୁରି ବୁଲୁଛି। ସୋମବାର ରାତିରେ ରାସ୍ତାକଡ଼ରେ ପାଇପ ବିଛା କାମରେ ନିୟୋଜିତ ଥିବା ଆନ୍ଧ୍ର ଶ୍ରମିକ ଜାଫର ଏବଂ ତାଙ୍କ ବନ୍ଧୁ ମିଶି ଶୌଚ ପାଇଁ ଯାଇଥିବା ବେଳେ ହାତୀ ଦେଖି ଦୌଡ଼ିଥିଲେ। ଜାଫର ପଡ଼ିଯିବାରୁ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ସେମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଗୁରୁତର ଅବସ୍ଥାରେ ଜାଫରଙ୍କୁ ଉଦ୍ଧାରକରି ଭଞ୍ଜନଗର ହସ୍ପିଟାଲ ଆଣିଥିଲେ। ଡିଏଫ୍‌ଓ ଆଚାର୍ଯ୍ୟ କହିଛନ୍ତି, ଆହତଙ୍କ ଚିକିତ୍ସା ପାଇଁ ବର୍ତ୍ତମାନ ୫ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସରକାରଙ୍କ ନିୟମ ଅନୁସାରେ ଯାହା ସାହାଯ୍ୟ ଯୋଗାଇଦିଆଯିବ।

### ହତ୍ୟା ମାମଲା, ଦମ୍ପତି ନିର୍ଦ୍ଦୋଷ ସାବ୍ୟସ୍ତ

ଭଞ୍ଜନଗର,୨୫।୨(ବାବୁଲା ପ୍ରଧାନ)

ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ସୁଗୁମ ଗ୍ରାମର ମାଧବ ନାୟକ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳି ନ ଥିବାରୁ ଅଭିଯୁକ୍ତ ସ୍ୱାମୀ, ସ୍ତ୍ରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ରମେଶ ନାୟକ ଓ ରେବତୀ ନାୟକ ।

୨୦୨୧ ଅକ୍ଟୋବର ୭ ତାରିଖରେ ମାଧବ ନାୟକଙ୍କୁ ତାଙ୍କର ସମ୍ପର୍କୀୟ ଭାଇଭାଉଜ ମିଶି ହତ୍ୟା କରି ଏକ ଜଙ୍ଗଲରେ ମୃତଦେହକୁ ପୋତି ଦେଇଥିଲେ। ଏ ନେଇ ସେ ସମୟରେ ଜଗନ୍ନାଥପ୍ରସାଦ ପୋଲିସ ଏକ ମାମଲା ରୁଜୁ କରି ଦମ୍ପତିଙ୍କୁ ଗିରଫ କରିଥିଲା। ସେମାନେ ଜେଲ ଯାଇଥିଲେ। ବର୍ଷକ ତଳେ ରେବତୀ ଜାମିନରେ ଆସିଥିଲେ। ରମେଶ ଜେଲରେ ବନ୍ଦୀ ଜୀବନ ବିତାଉଥିଲେ। ଏହି ମାମଲାର ରାୟ ପ୍ରକାଶ ପାଇଛି। ମୁଦାଲାଙ୍କ ପକ୍ଷରୁ ଈଶ୍ୱର ମହାରଣା, ବିନାୟକ ପ୍ରଧାନ, ଚନ୍ଦ୍ରମଣି ମହାପାତ୍ର, ରାଜେଶ୍ୱର ରାଓ ଆଚାରୀ, ବିକାଶ ରଞ୍ଜନ ବେହେରା, ଅକ୍ଷୟ କୁମାର ସେଠୀ ମକଦ୍ଦମା ପରିଚାଳନା କରୁଥିଲେ।

# ବଢ଼ିଲାଣି ଖରା, ଥଣ୍ଡା ପାନୀୟ ଜଳ ମେଶିନ ଅଚଳ

ରାୟଗଡ଼ା,୨୫।୨(ଆଶିଷ ରଞ୍ଜନ ପଣ୍ଡା)

- ମେଶିନ ଲାଗିବାର ୩ ମାସ ପରେ ଖରାପ
- ପୌର ପ୍ରଶାସନର ଅବହେଳାରୁ ହୋଇପାରୁନି ରକ୍ଷଣାବେକ୍ଷଣ



ଜିଲା ପରିଷଦ କାର୍ଯ୍ୟାଳୟ ନିକଟସ୍ଥ ପାନୀୟ ଜଳ ମେଶିନ ଦୀର୍ଘ ମାସ ଧରି ଅଚଳାବସ୍ଥାରେ ପଡ଼ି ରହିଛି।

ରାୟଗଡ଼ା ପୌର ପରିଷଦ ପକ୍ଷରୁ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମେ ମାସରେ ସହରର ବିଭିନ୍ନ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ମେଶିନ ଲାଗିଥିଲା। ତେବେ ଏହା ଲାଗିବାର ମାତ୍ର ୩ ମାସ ପରେ ସେଗୁଡ଼ିକ ଅଚଳ ହୋଇପଡ଼ିଥିଲା। ସହରର ପ୍ରାୟ ସ୍ଥାନରେ ଏହି ଥଣ୍ଡା ପାନୀୟ ଜଳ ମେଶିନଗୁଡ଼ିକ କାମ କରୁନାହିଁ । ପୌରପାଳିକା ପକ୍ଷରୁ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଆଲୋଚନା ହେଉଛି । ଏବେ ଖରା ବଢ଼ୁଥିବାବେଳେ ବାଟୋଇ କିମ୍ବା ଯାତ୍ରୀ ପାଣି ପିଇବାକୁ ମେଶିନ ନିକଟକୁ ଆସୁଥିଲେ ମଧ୍ୟ ଏହା ଖରାପ ରହିଥିବା ଦେଖି ନିରାଶ ହୋଇ ଫେରୁଛନ୍ତି।

ସହରର ପ୍ରମୁଖ ଛକ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ମୋଟ ୨୭ଟି ମେଶିନ ସ୍ଥାପନା ହୋଇଥିଲା। ସେଥିମଧ୍ୟରୁ କିଛି ଜଳଯୋଗାଣ ମେଶିନ ଛାଡ଼ି ଦେଲେ ବଳକା ଅଚଳ ହୋଇପଡ଼ିଛି। ଫଳରେ ସାଧାରଣ ଲୋକେ ଥଣ୍ଡା ଏବଂ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ରାୟଗଡ଼ା ସହରର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରୁ ଆରମ୍ଭକରି ଜିଲା ପରିଷଦ କାର୍ଯ୍ୟାଳୟ, ପୌର ପରିଷଦ କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସ ସମେତ ବିଭିନ୍ନ ଛକରେ ରାଜ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପାନୀୟ ଜଳ ମେଶିନ ବ୍ୟବସ୍ଥା କରାଯାଇଥିଲା। ଗୋଟିଏ ମେଶିନ ଲାଗିବା ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ପାଇଁ ୪୦ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଖଞ୍ଜାଯାଇଥିବା ଏହି ମେଶିନ ସବୁ ଅଚଳ ହୋଇପଡ଼ିଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏହି ମେଶିନ ଲଗାଇବା ପଛରେ ବଡ଼ ଚଞ୍ଚକତା ମଧ୍ୟ ପରିଲକ୍ଷିତ ହୋଇଛି। ଯେଉଁ ଷ୍ଟାଣ୍ଡାର୍ଡ ମେଶିନ ପାଇଁ ପୌରପାଳିକା ନିର୍ଦ୍ଦେଶ ଦେଇଥିଲା, ସେଥିରେ ମଧ୍ୟ ଖିଲାପ କରାଯାଇଛି। କେବଳ ଏହି ୨୭ ମେଶିନ ନୁହେଁ, ପୂର୍ବତନ ଏମ୍‌ପି ଏନ୍‌. ଭାସ୍କର ରାଓ ନିଜସ୍ୱ ସାଂସଦ ଉନ୍ନୟନ ପାଣ୍ଠିରୁ ୪ଟି ବିଶୁଦ୍ଧ ପାନୀୟ ଜଳ ମେଶିନ ପ୍ରଦାନ କରିଥିଲେ। ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ୟୁଜିଏମ୍‌ଆଇଟି ବୈଷୟିକ ମହାବିଦ୍ୟାଳୟ ଓ ରିଂରୋଡ୍ ଛକରେ ଏହି ମେଶିନ ଲାଗିଥିଲା। ଏହାପରେ ରକ୍ଷଣାବେକ୍ଷଣ ପାଇଁ ସେଗୁଡ଼ିକ ପୌରପାଳିକା ଦାୟିତ୍ୱ ନେଇଥିଲେ। କିନ୍ତୁ ସେଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କୁ ପଚାରିବାରୁ ସମସ୍ତ ମେଶିନଗୁଡ଼ିକର ଫିଲ୍‌ଟର ପରିବର୍ତ୍ତନକରି ୨ ଦିନ ମଧ୍ୟରେ ଏହାକୁ ଚାଲୁ କରାଯିବ ଏବଂ ନିୟମିତ ଯାଞ୍ଚ କରାଯିବ ବୋଲି କହିଛନ୍ତି । ତେବେ ଉକ୍ତ ମେଶିନରେ ଲାଗିଥିବା ପାଣି ଟ୍ୟାପ୍‌ଗୁଡ଼ିକ ଚୋରି ହୋଇଯାଉଥିବାରୁ ଅସୁବିଧା ଉପୁଜୁଛି ବୋଲି ସେ କହିଛନ୍ତି ।

# ନେତା, କର୍ମୀ ସମନ୍ୱୟ ରଖି ଦଳ ସଂଗଠିତ କରିବାକୁ ଆହ୍ୱାନ


ରାୟଗଡ଼ା ଜିଲା ଭାଜପା ସଭାପତି ଗୋପୀ ଆନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମୁନିଗୁଡ଼ା,୨୫।୨
(ନନ୍ଦ କିଶୋର ପଟ୍ଟନାୟକ)

**ଭାଜପା ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା**

ରାୟଗଡ଼ା ଜିଲାର ନୂତନ ଭାଜପା ସଭାପତି ଗୋପୀ ଆନନ୍ଦଙ୍କୁ ମଙ୍ଗଳବାର ମୁନିଗୁଡ଼ା ଭାଜପା ମଣ୍ଡଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ମୁନିଗୁଡାର ଫରେଷ୍ଟ ଡାକ ବଙ୍ଗଳା ଅତିଥି ଭବନଠାରେ ମଣ୍ଡଳ ସଭାପତି ସୁବାସ ଗୌଡଙ୍କ ନେତୃତ୍ୱରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପ ସଭାପତି ରାମଚନ୍ଦ୍ର ବେହେରା, ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡ୍ରୁକା, ଜିଲା ସମ୍ପାଦିକା ସୁଶୀଳା ସରାଫ ପାତ୍ର, ବିଷମକଟକ ନିର୍ବାଚନ ମଣ୍ଡଳୀ ମିଡ଼ିଆ ସେଲ୍ ପ୍ରମୁଖ ଧନୁ କୁଶୁଲିଆ, ଓବିସି ମୋର୍ଚ୍ଚା ମଣ୍ଡଳ ସଭାପତି ପଦ୍ମ ବେହେରା, ପଞ୍ଚାନନ ସାହୁ, ସମ୍ପାଦକ ମୀନକେତନ ଗୌଡ଼, ଯୁବନେତା ଟୁନା କରକରିଆ, ଭୀମ ବେହେରା, ରୋହିତ ପାଣିଗ୍ରାହୀ, ବିଷମକଟକ ସଭାପତି ଦର୍ଶନ କୁଶୁଲିଆ, ବିଷମକଟକ କୃଷକ ମୋର୍ଚ୍ଚା ଉପ ସଭାପତି ବାଦଲ କୁମାର ରଣା, ରାମ ଉଲ୍ଲକା,ବରିଷ୍ଠ ନେତା ଦୁର୍ଯ୍ୟୋଧନ ପାଳ ପ୍ରମୁଖ ଜିଲା ସଭାପତି ଆନନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଜିଲାରେ ଭାଜପାର ଦୃଢ଼ ସଂଗଠନ କାର୍ଯ୍ୟକାରୀ ହେବା ସହ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଆଗକୁ ବଢ଼ିବାକୁ ଆଶାବ୍ୟକ୍ତ କରିଥିଲେ। ଜିଲା ସଭାପତି ସଭିଙ୍କୁ ନେଇ ଦଳ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ପରେ ସଭାପତିଙ୍କ ସହ ନେତା ଓ କାର୍ଯ୍ୟକର୍ତ୍ତାମାନେ ଚନ୍ଦ୍ରପୁରର ପ୍ରସିଦ୍ଧ ମୀନାଝୁଲା ମୀନକେତନଶ୍ୱର୍ ମହାଦେବ ଶୈବପୀଠ ଅଭିମୁଖେ ଯାଇଥିବା ଜଣାପଡିଛି ।

# ୪୯୫ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକରଣ


ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ପ୍ରଦାନ କରାଯାଉଛି।

ରାୟଗଡ଼ା,୨୫।୨(ଆଶିଷ ରଞ୍ଜନ ପଣ୍ଡା)

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ରାୟଗଡ଼ାସ୍ଥିତ ଅଶୋକ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌର ପରିଷଦର ବିଭିନ୍ନ ୱାର୍ଡରୁ ୪୯୫ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଦଳ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ୫୬ ଜଣ ଦୃଷ୍ଟିଶକ୍ତିବାଧିତ, ୬୨ ଜଣ କର୍ଣ୍ଣ, ନାସା ଓ ଗଳା ଶକ୍ତିବାଧିତ, ୧୨୨ ଜଣ ଶାରୀରିକ ବାଧିତ, ୪୮ ଜଣ ମାନସିକ ଭିନ୍ନକ୍ଷମ, ୬ ଜଣ ସିପି ଓ ୮ ଜଣ ରକ୍ତହୀନତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ୨୫ ଜଣଙ୍କୁ ହୁଇଲ ଚେୟାର, ୩ ଜଣଙ୍କୁ ସିପି ଚୌକି, ୮ ଜଣଙ୍କୁ ଆଶାବାଡ଼ି, ୧୬ ଜଣଙ୍କୁ ତିନିଚକିଆ ସାଇକେଲ ଓ ୭ ଜଣଙ୍କୁ ଧଳାବାଡ଼ି, ୨୨ ଜଣଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା। ପୌର ପରିଷଦ ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ଓ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ସମସ୍ତ କାଉନସିଲର, ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ଭଞ୍ଜନଗର ଝିଅ ମଣିପୁର ଏସ୍‌ପି

ଭଞ୍ଜନଗର,୨୫।୨
(ବାବୁଲା ପ୍ରଧାନ)


ବବିତାରାଣୀ ସ୍ୱାଇଁ

ଗଞ୍ଜାମ ଜିଲା ଭଞ୍ଜନଗର ବାଇପାସ ରୋଡ ବାସିନ୍ଦା କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଝିଅ ବବିତାରାଣୀ ସ୍ୱାଇଁ ମଣିପୁରର ଚାଣ୍ଡେଲ ଏସ୍‌ପି ଭାବେ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଖବର ଜଣାପଡିବା ପରେ ଭଞ୍ଜନଗର ବାସିନ୍ଦା ଖୁସିବ୍ୟକ୍ତ କରିଛନ୍ତି । ବବିତା ହେଉଛନ୍ତି ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ। ତାଙ୍କ ବାପା ବନ ବିଭାଗର ଜଣେ ଅଧିକାରୀ ଥିଲେ। ୨୦୨୦ରେ ବବିତା ୟୁପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହେବାପରେ ଆଇପିଏସ ଅଫିସର୍ ଭାବେ ଡେରାଡୁନରେ ତାଲିମ ନେଇଥିଲେ। ପରେ ସେ ମଣିପୁରର ଇମ୍ଫାଲ ଇଷ୍ଟରେ ଏସଡିପିଓ ଓ ପରେ ପୋରମପେଟ ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ। ଗତ ୨୮ ତାରିଖରେ ବବିତାଙ୍କୁ ରାଜ୍ୟପାଳ ଟାମେନଗୋଲଙ୍ଗ ଏସ୍‌ପି ଭାବେ ବଦଳି କରିଥିଲେ। ସେଠାରେ ଅଳ୍ପ ଦିନ କାର୍ଯ୍ୟ କରିବା ପରେ ପୁଣି ତାଙ୍କୁ ଚାଣ୍ଡେଲ ଏସପି ଭାବେ ବଦଳି ହୋଇଥିଲା। ବବିତା ମଙ୍ଗଳବାର ତାଙ୍କର ନୂତନ କାର୍ଯ୍ୟରେ ଯୋଗ ଦେଇଛନ୍ତି।

# ପଦ୍ମପୁର ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମୁନିଗୁଡ଼ା,୨୫।୨
(ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ାର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟ ବିଜୟାନନ୍ଦ ନାୟକଙ୍କ ସଭାପତିତ୍ୱ ଓ ଶିକ୍ଷକ ଶେଖ ଜାବିରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଅଗୁଲ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରେଶ କୁମାର ପରିଛା, ସ୍ୱତନ୍ତ୍ର ଅତିଥିଭାବେ ଅମ୍ବାଦଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ସି.ବାମନମୂର୍ତ୍ତି, ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାପତି ଯଦୁପତି ପିଡିକାକା, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପିଡ଼ିକାକା ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ପିଡିକାକା, ସିଆର୍‌ସିସି ଅତିଶୀ ତ୍ରିପାଠୀ, ମୁନିଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ସାହୁ, ମୁନିଖୋଲ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଶବର, ଇନ୍ଦୁମତୀ ଦାସ, ସୁଜାତା ନାୟକ, ସନ୍ତୋଷିନୀ ଦାସ ଉପସ୍ଥିତ ଥିଲେ। ପ୍ରଥମେ ପ୍ରଧାନ ଶିକ୍ଷକ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ କ୍ରୀଡ଼ା,ସଙ୍ଗୀତ, ନୃତ୍ୟ ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ପରେ ଛାତ୍ରୀମାନେ ଜନଜାତି ସମ୍ପ୍ରଦାୟ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲା । ସେବାଶ୍ରମର ପ୍ରଧାନ ଶିକ୍ଷକ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ନିତୁ ଜାକାକା, ଶିକ୍ଷୟିତ୍ରୀ ସୁମିତ୍ରା ପଣ୍ଡା, କର୍ମଚାରୀ କମଳିନୀ ମହାନ୍ତି, ଆଲୋକପ୍ରଭା ମହାନ୍ତି, ନୀଳିମା ସିକକା,ସାବିତ୍ରୀ ପିଡିକାକା, ନକ୍ଷତ୍ର ସିକକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ ।

# ମଦମୃତ୍ୟୁ ଘଟଣାର ତଦନ୍ତ କଲେ ଅବକାରୀ କମିଶନର

ଚିକିଟି,୨୫।୨(ପ୍ରକାଶ ଚନ୍ଦ୍ର ସାହୁ)


ଅବକାରୀ କମିଶନର ନରସିଂହ ଭୋଳ ମଦମୃତ୍ୟୁ ଘଟଣାର ତଦନ୍ତ କରୁଛନ୍ତି ।

ଗଞ୍ଜାମ ଜିଲା ଚିକିଟି ଏନ୍‌ଏସି ଅନ୍ତର୍ଗତ ଜେନାପୁର ଓ କରବାଲୁଆ ଗ୍ରାମରେ ବିଷାକ୍ତ ମଦପିଇ ୫ ଜଣଙ୍କ ମୃତ୍ୟୁ ଘଟଣାର ୬ ମାସ ପରେ ମଙ୍ଗଳବାର ଅବକାରୀ କମିଶନର ନରସିଂହ ଭୋଳ ତଦନ୍ତ ଆରମ୍ଭ କରିଛନ୍ତି। ସେ ଜେନାପୁର ଓ କରବାଲୁଆ ଗ୍ରାମକୁ ଯାଇ ମୃତକଙ୍କ ପରିବାର ଲୋକଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଘଟଣାର ୬ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ସରକାରୀ ଆର୍ଥିକ ସହାୟତା ମିଳି ନ ଥିବା ପରିବାର ଲୋକେ ଜଣାଇଥିଲେ। କମିଶନରଙ୍କ ସହ ଅବକାରୀ ବିଭାଗର ଆରକ୍ଷୀ ଅଧୀକ୍ଷକ ପ୍ରବୀଣ ପ୍ରଧାନ, ଡ଼ିଏସ୍‌ପି କୁମୁଦ ରଞ୍ଜନ, ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, କେ ନୂଆଗାଁ ଥାନାଧିକାରୀ କିଶୋର ସାମଲ, ଚିକିଟି ଅବକାରୀ ଉପନିରୀକ୍ଷକ ସଞ୍ଜୟ ଗୁପ୍ତା, ନିରୀକ୍ଷକ ସଞ୍ଜୟ ପଣ୍ଡା, ଅବକାରୀ ବିଭାଗର ଏସ୍‌ଆଇ ଆର. ଲକ୍ଷ୍ମୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ଚିକିଟି ମଦମୃତ୍ୟୁକୁ ନେଇ ବିଧାନସଭାରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଥିଲେ। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏଥିରେ ବିଜେଡିର ଲିଙ୍କ ରହିଥିବା ଏବଂ ବିଜେଡିର ବରିଷ୍ଠ ସଙ୍ଗଠକ ସୁରେନ୍ଦ୍ର ମଣ୍ଡଳଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଥିଲେ। ଅନ୍ୟପଟେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ଜିଲା କମିଟି ସଭାପତି ବିଭୁଧେନ୍ଦ୍ର ପାଢ଼ୀ କହିଛନ୍ତି, ଚିକିଟି ମଦମୃତ୍ୟୁ ଘଟଣାର ବିଚାର ବିଭାଗ ତଦନ୍ତ ପାଇଁ ଦଳ ତରଫରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଅବକାରୀ କମିଶନରଙ୍କୁ ଦାବି ଜଣାଇଥିଲୁ। ଏପର୍ଯ୍ୟନ୍ତ ସରକାର ଦାବି ଗ୍ରହଣ କରିନାହାନ୍ତି। ମଦମୃତ୍ୟୁ ଘଟଣାକୁ ଚାପିଦେବାକୁ ତଦନ୍ତ ନାମରେ ଅବକାରୀ କମିଶନର ଆସିଛନ୍ତି ବୋଲି ସେ କହିଛନ୍ତି। କେ.ନୂଆଗାଁ ଥାନା ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ଗତ ଅଗଷ୍ଟ ୧୯ରେ ବିଷାକ୍ତ ମଦ ପିଇ ୨୫ ଜଣ ଅସୁସ୍ଥ ହୋଇଥିଲେ। ସେଥିରୁ ୨୦ ଜଣ ଚିକିତ୍ସା ହୋଇ ଘରକୁ ଫେରିଥିବା ବେଳେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା।

# ଗୁଣପୁରରେ ପ୍ରଥମ ସୋଲାର ସଂଯୋଗୀକରଣ ଉଦ୍‌ଘାଟିତ

ଗୁଣପୁର, ୨୫।୨(ପ୍ରଦୀପ କୁମାର ପାଢ଼ୀ)

**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା**

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ମାଧ୍ୟମରେ ଓଡିଶା ବିଦ୍ୟୁତ ବିଭାଗର ପଞ୍ଜୀକୃତ ଇମ୍ପାନେଲ ଭେଣ୍ଡର ଜଗନ୍ନାଥ ସୋଲାର ଆଣ୍ଡ ଇଲେକ୍ଟ୍ରିକାଲ ଇନଫ୍ରାଟେକ ଆନୁକୂଲ୍ୟରେ ଗୁଣପୁରରେ ଆଇନଜୀବି ରମେଶ ଚନ୍ଦ୍ର ଲିମାଙ୍କ ବାସଭବନରେ ପ୍ରଥମ ସୋଲାର ସଂଯୋଗୀକରଣ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଶ୍ରୀ ଜଗନ୍ନାଥ ସୋଲାରର ମୁଖ୍ୟ ପରିଚାଳକ ଚିନ୍ମୟ ସାହୁଙ୍କ ତତ୍ତ୍ୱାବଧାନରେ ନିଖିଲ କୁମାର ପାଢିଙ୍କ ସହଯୋଗରେ ଉଚ୍ଚ ଗୁଣବତ୍ତାର ଉପକାରଣ ବ୍ୟବହାର କରାଯାଇଛି । ଏହାର ଉନ୍ମୋଚନ କରିବା ନିମନ୍ତେ ଗୁଣପୁର ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦିବାକର ସାହୁ, ଉପ ପରିଚାଳକ ବିତଓମ ପ୍ରକାଶ ନାୟକଙ୍କ ସହ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପାଢି, ହେମନ୍ତ ସେଠି, ରାମ ଶଙ୍କର ଜୟସ୍ୱାଲ, ଅବିନାଶ ସାହୁ, ରମାକାନ୍ତ ମିଶ୍ର ଏବଂ ୟୁନିଅନ ବ୍ୟାଙ୍କର ଶାଖା ପରିଚାଳକ ଭକ୍ତ ରଞ୍ଜନ ଜେନା ଓ ରମେଶ ଚନ୍ଦ୍ର ଲିମାଙ୍କ ପରିବାର ଉପସ୍ଥିତ ଥିଲେ । କିଭଳି ନିଜ ଛାତକୁ ବ୍ୟବହାର କରି ବିଜୁଳି ଦେୟ ଶତପ୍ରତିଶତ କମେଇପାରିବେ ଏବଂ କିଭଳି ସୌର ଶକ୍ତିର ସଦ୍‌ବ୍ୟବହାର କରିପାରିବେ ସେ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ରାଉତ ବୁଝାଇଥିଲେ। ଏଥିସହ ୧,୩୮,୦୦୦ ଟଙ୍କା ସବ୍‌ସିଡିର ଲାଭ କିଭଳି ଉଠେଇ ପାରିବେ ଏହାର ବାର୍ତ୍ତା ଦେଇଥିଲେ । ଶେଷରେ ଚିନ୍ମୟ ସାହୁ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


ନିର୍ବାହୀ ଯନ୍ତ୍ରୀ ସୋଲାର ସଂଯୋଗୀକରଣକୁ ଉଦ୍‌ଘାଟନ କରୁଛନ୍ତି।

# ମୀନାଝୋଲାରେ ତ୍ରିବେଣୀ ମହୋତ୍ସବ


ତ୍ରିବେଣୀ ମହୋତ୍ସବ ମଞ୍ଚରେ ଉପସ୍ଥିତ ଅତିଥି।


ମୀନାଝୋଲାସ୍ଥିତ ତ୍ରିବେଣୀ ସଙ୍ଗମ।

ରାୟଗଡ଼ା, ୨୫।୨ (ଆଶିଷ ରଞ୍ଜନ ପଣ୍ଡା )

**ଚଳିତ ବର୍ଷ ପ୍ରଥମ ଥର ପାଇଁ ଗଙ୍ଗା ଆଳତି କରାଯିବ**

ଦକ୍ଷିଣ ଓଡିଶାର ତ୍ରିବେଣୀ ସଙ୍ଗମ ଭାବେ ପରିଚିତ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ମୀନାଝୋଲାସ୍ଥିତ ଶୈବ ପୀଠରେ ମଙ୍ଗଳବାର ସନ୍ଧ୍ୟାରେ ତ୍ରିବେଣୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ଜିଲା ଏବଂ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସହିତ ରାଜନେତା ଓ ସରକାରୀ ଅଧିକାରୀ ଯୋଗଦେଇଥିଲେ। ଭାଜପା ଜିଲା ସଭାପତିଗୋପୀ ଆନନ୍ଦ, ଗୁଣପୁର ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ଗୁଣପୁର ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ରାୟଗଡ଼ା ଅତିରିକ୍ତ ଏସ୍‌ପି ବିଷ୍ଣୁ ପାତ୍ରଙ୍କ ସହ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ତ୍ରିବେଣୀ ସଙ୍ଗମରେ ଗଙ୍ଗା ଆଳତୀ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

ଏହି ତ୍ରିବେଣୀ ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଅତିଥିମାନେ ମତ ରଖିଥିଲେ। ତ୍ରିବେଣୀ ମହୋତ୍ସବରେ ଭକ୍ତଙ୍କୁ ମନୋରଞ୍ଜନ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିବେଶକୁ ସନ୍ତୁଳିତ କରିବା ପାଇଁ ବୃକ୍ଷ ରୋପଣ କରିବା ନିମନ୍ତେ ଦାଶକାଠିଆ କାର୍ଯ୍ୟକ୍ରମ ହୋଇଥିଲା। ବୁଧବାର ଜାଗର ଅବସରରେ ଜିଲା ସମେତ ରାଜ୍ୟ ଓ ପଡୋଶୀ ଆନ୍ଧ୍ରପ୍ରଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଜାଗର ସକାଳୁ ତ୍ରିବେଣୀ ସଙ୍ଗମରେ ବୁଡ ପକାଇ ମହାଦେବ ମୀନକେତନଶ୍ୱରଙ୍କୁ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ଭିଡ଼ ଜମିଥାଏ। ଗୁଡାରି ଧନଲକ୍ଷ୍ମୀ ପୂଜା କମିଟି ପକ୍ଷର ମଙ୍ଗଳବାରଠାରୁ ମାଗଣା ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି। ସୂଚନାଯୋଗ୍ୟ, ବଂଶଧାରା, ଚାଉଳ ଧୁଆ, ଫଳଫଳିଆ ନଦୀର ସଙ୍ଗମସ୍ଥଳ ଦକ୍ଷିଣ ଓଡିଶାର ତ୍ରିବେଣୀ ସଙ୍ଗମ ଭାବେ ପରିଚିତ।

# ୨୮ରେ ପୋଲାଭରମ୍ ପ୍ରକଳ୍ପ ପ୍ରତିବାଦରେ ମୋଟୁରେ ବିଶାଳ ସମ୍ମିଳନୀ

ମାଲକାନଗିରି,୨୫।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୋଟୁରେ ପୋଲାଭରମ୍ ପ୍ରକଳ୍ପ ପ୍ରତିବାଦରେ ବିଭିନ୍ନ ରାଜନୈତିକ ଦଳ ସହ ପଡୋଶୀ ଆନ୍ଧ୍ର, ତେଲଙ୍ଗାନା ଓ ଛତିଶଗଡର ବିଭିନ୍ନ ସଂଗଠନ ବିଶାଳ ଗଣ ସମ୍ମିଳନୀ ଆସନ୍ତା ୨୮ରେ କରି ପ୍ରତିବାଦ ଜଣାଇବ ବୋଲି ମଙ୍ଗଳବାର ମାଲକାନଗିରିର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏଥିରେ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ମାନସ ମାଡକାମି, ବହୁଜନ ସମାଜପାର୍ଟି ସଭାପତି ଜାରାଶବର ମାଡି, ପୋଲାଭରମ୍ ପ୍ରକଳ୍ପ ପ୍ରତିବାଦ ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ପ୍ରଭାକର ହନ୍ତାଳ, ବିଜେଡି ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ପ୍ରିତପାଲ ସିଂ ଓ ଜିଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ



ଖବରଦାତା ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ସୂଚନା ଦେଉଛନ୍ତି ।

ମୁଦୁଲିଙ୍କ ସହ ୧୪ ଜନଜାତି ସଂଘ ସଭାପତି ଉପସ୍ଥିତ ଥିଲେ। ଆନ୍ଧ୍ରପ୍ରଦେଶ ଏଲୁରୁ ଜିଲା ଗୋଦାବରୀ ନଦୀ ଉପରେ ପୋଲାଭରମ୍ ପ୍ରକଳ୍ପ ନିର୍ମାଣାଧୀନ ଥିବା ବେଳେ ଏହିପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମାଲକାନଗିରି ଜିଲାର ବହୁ ଅଞ୍ଚଳ ଜଳମଗ୍ନ ହେବା ଆଶଙ୍କା ଥିବାରୁ ଏହାକୁ ବିରୋଧ କରାଯିବ। ପୂର୍ବରୁ ଏହି ପ୍ରକଳ୍ପକୁ ବିରୋଧ କରାଯାଉଥିବାରୁ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିଲା। ରାଜ୍ୟରେ ନୂତନ ସରକାର ଗଠନ ହେଲା ପରେ କେନ୍ଦ୍ର ସରକାର ଚଳିତ ବର୍ଷ ବଜେଟରେ ପୋଲାଭରମ୍ ପ୍ରକଳ୍ପକୁ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖି ୧୫ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଅର୍ଥ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏହାପରେ ପ୍ରକଳ୍ପ କାମ ଦ୍ରୁତଗତିରେ ଆଗେଇଛି।

ପ୍ରକାଶଯେ, ଗୋଦାବରୀ ୱାଟର ଡିସ୍‌ପୁଟ ଟ୍ରିବ୍ୟୁନାଲରେ ଏହି ମାମଲାର ଶୁଣାଣି ପରେ ୧୯୮୦ ଜୁଲାଇ ୭ରେ ରାୟ ପ୍ରକାଶ ପାଇଥିଲା। ପୋଲାଭରମ୍ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ମଧ୍ୟ ଦେଇଥିଲେ। ଏହାର ଦକ୍ଷତା ୩୬ ଲକ୍ଷ କ୍ୟୁସେକ୍ ଜଳ ଧାରଣ କରିବ ବୋଲି କହିଥିଲେ। ପରେ ୨୦୦୬ରେ କେନ୍ଦ୍ରୀୟ ୱାଟର କମିଶନ୍ ଏହି ପ୍ରକଳ୍ପର ଢାଞ୍ଚା ପରିବର୍ତ୍ତନ କରିବା ସହ ବନ୍ୟାଜଳ କ୍ଷମତା ୩୬ ଲକ୍ଷ କୁସେକ୍‌ରୁ ୫୦ ଲକ୍ଷ କ୍ୟୁସେକ୍‌କୁ ବଢାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଓଡିଶାର ବିନା ସହମତି ଓ କ୍ଷୟକ୍ଷତି ଆକଳନ ନ କରି ଏହି ପ୍ରକଳ୍ପକୁ ଆଗେଇ ନ ନେବାପାଇଁ ନିର୍ଦ୍ଦେଶ ରହିଛି। ଏଥିସହ ୭୦୦ କୋଟି ଟଙ୍କା ବ୍ୟୟରେ ନଦୀର ଉଭୟ ପାର୍ଶ୍ୱରେ ମାଟି ଆଡିବନ୍ଧ ତିଆରିକରି ଓଡିଶା, ଆନ୍ଧ୍ର ଓ ଛତିଶଗଡକୁ ସୁରକ୍ଷା ଦେବା ପାଇଁ ନିର୍ଦ୍ଦେଶ ଥିବା ବେଳେ ଏଥିପ୍ରତି ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ।

# ଜୈବ ବିବିଧତା ସଂରକ୍ଷଣ ପାଇଁ ସଚେତନତା କାର୍ଯ୍ୟକ୍ରମ




ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଉଥିବା ରାଲି ।

ମାଲକାନଗିରି,୨୫।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ବ୍ଲକ ବୀରଲକ୍ଷ୍ମଣପୁର ଆଶ୍ରମ ବିଦ୍ୟାଳୟରେ ଜୈବ ବିବିଧତା ସଂରକ୍ଷଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକ ପଦଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ । ଏହି ପଦଯାତ୍ରାରେ ବୀରଲକ୍ଷ୍ମଣପୁର ସରପଂଚ ନୀଳକଣ୍ଠ ଖୋଲା, ଗ୍ରାମର ବିଶିଷ୍ଟ ବ୍ୟକ୍ତି ମୁକୁନ୍ଦେ ଖୋଲା, ଗାନ୍ଧୀ ଯୁବକ ସଂଘ ସଭାପତି ଭାରତ ବିଜୟ ଖେମୁଣ୍ଡୁ, ଜଙ୍ଗଲ ସୁରକ୍ଷା କମିଟି ସଭାପତି ଗୁରୁ ଖୋଲାଙ୍କ ସହ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଜଙ୍ଗଲରେ ନିଆଁ ଲଗାଇବା, ପଶୁପକ୍ଷୀ ଶିକାର ନ କରିବା, ପକ୍ଷୀବସା ପ୍ରସ୍ତୁତ କରିବା, ପକ୍ଷୀମାନଙ୍କୁ ଖାଦ୍ୟ ଜଳ ଇତ୍ୟାଦିର ବ୍ୟବସ୍ଥା କରିବା, ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା, ଜଙ୍ଗଲରୁ ଗଛ ନ କାଟିବା ଇତ୍ୟାଦି ବିଷୟରେ ଲୋକଙ୍କୁ ସଚେତନା କରିଥିଲେ। ପଦଯାତ୍ରା ପରେ ବିଦ୍ୟାଳୟରେ ଏକ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ଜୈବ ବିବିଧତା ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜୈବ ବିବିଧତା ସଂରକ୍ଷଣ ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଇକୋ ଫ୍ରେଣ୍ଡ୍‌ଲି ଚଡେଇ ବସା ପ୍ରସ୍ତୁତ କରା ଯାଇ ବିଦ୍ୟାଳୟର ବିଭିନ୍ନ ଗଛ ଗୁଡିକରେ ଟଙ୍ଗା ଯାଇଥିଲା।

# ଚକ୍ଷୁ ଚିକିତ୍ସା ଶିବିର

ଗୋବିନ୍ଦପାଲି,୨୫।୨(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ଗୋବିନ୍ଦପାଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କେୟାର ନେତ୍ରମ



ଅର୍ଗାନାଇଜେଶନ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭୦ ରୋଗୀ ଆଖି ପରୀକ୍ଷା କରିଥିଲେ। ଏଥିରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା । ଯେଉଁ ବ୍ୟକ୍ତିଙ୍କୁ ୧୬ବର୍ଷରୁ ଅଧିକ ହେଇଛି ସେମାନଙ୍କୁ ୨୫୦ ଟଙ୍କାରୁ ୩୦୦ ଟଙ୍କାରେ ଚଷମା ପ୍ରଦାନ କରାଯାଇଥିଲା। ସଂସ୍ଥା ତରଫରୁ ପ୍ରାୟ ୩୦ ରୋଗୀଙ୍କୁ ଆଗାମୀ ଦିନରେ ମୋତିଆବିନ୍ଦୁ ଥିବା ଚିହ୍ନଟ କରାଯିବା ସହ ଅପରେଶନ ପାଇଁ ପଞ୍ଜୀକରଣ କରାଯାଇଥିଲା। ଏଥିରେ ଅର୍ଗାନାଇଜେଶନ ଟିମ୍ ଲିଡର ଶାନ୍ତିଲତା ନାୟକ ଏବଂ ଗୁଡ୍‌ଭିଜନ ଟେକ୍ନିସିଆନ ଲିଜାରାଣୀ ପରିଡ଼ା ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ। ସ୍ଥାନୀୟ ସରପଞ୍ଚ ଶ୍ରୀନିବାସ ମୁଦୁଲି ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳକୃଷ୍ଣ ଦେହୁରୀ ଓ ଅନ୍ୟ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

# ୪ ମାସରୁ ଊର୍ଦ୍ଧ୍ୱ ହେଲାଣି ବ୍ଲକରେ ଚାଲିଛି ଫେଂବର ବ୍ଲକ କାର୍ଯ୍ୟ

## ରାସ୍ତାରେ ଜମାହୋଇଛି ସାମଗ୍ରୀ

କୋରୁକୋଣ୍ଡା,୨୫।୨(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତାର ଉଭୟ ପର୍ଶ୍ୱରେ ଚାଲିଥିବା ଫେଂବର ବ୍ଲକ କାର୍ଯ୍ୟ ୪ ମାସଧରି ଶେଷ ହେବାର ନାଁ ନେଉ ନ ଥିବା ବେଳେ ମନ୍ଥର ଗତିରେ ଚାଲିଛି। ଏଥି ନିମନ୍ତେ ବ୍ୟବହୃତ ସାମଗ୍ରୀ ଗୁଡିକ ରାସ୍ତାରେ ଜମା ହୋଇ ରହିଥିବା ବେଳେ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଏନେଇ ଅଞ୍ଚଳରେ ଅସନ୍ତୋଷ ବଢିବାରେ ଲାଗିଛି ।

ସୂଚନାଯୋଗ୍ୟ, ମାଲକାନଗିରିଠାରୁ ବାଲିମେଲା ସମେତ ଆନ୍ଧ୍ରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ହୋଇଥିବା ଫଳରେ ପ୍ରତେକ ଦିନ ଏହି ରାସ୍ତା ଦେଇ ବହୁ ଭାରିଯାନ ଓ ଅନ୍ୟାନ୍ୟ ଗାଡି ମଟର ଯାତାୟାତ କରୁଛି। ହେଲେ ଏହି ଫେଂବର



ରାସ୍ତାରେ ଜମା ହୋଇଥିବା ପଥର ।

ବ୍ଲକ କାର୍ଯ୍ୟ ୧୮୦୦ମିଟର ହେବାକୁ ଥିବା ବେଳେ ଦୀର୍ଘ ୪ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲେ ମଧ୍ୟ କାର୍ଯ୍ୟର ମନ୍ଥର ଗତିରେ ଚାଲିଥିବା ଯୋଗୁ ଶେଷ ହେବାର ନାଁ ନେଉନାହିଁ। ରାସ୍ତା ଅଧାରୁ ଅଧିକ ରାସ୍ତାରେ କାର୍ଯ୍ୟ ସାମଗ୍ରୀ ଗୁଡିକୁ ରଖାଯାଇଥିଲେ ମଧ୍ୟ ଠିକାଦାରଙ୍କ ପକ୍ଷରୁ କୌଣସି ସୁରକ୍ଷା ପାଚେରି କିମ୍ବା କୌଣସି ସଙ୍କେତ ଦିଆ ଯାଇନଥିବାରୁ ଗାଡି ଚାଳକମାନେ ବହୁ ଆସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି।

ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସୁସ୍ଥ ପରେ ଅଭିଯୁକ୍ତ କୋର୍ଟ ଚାଲାଣ

## ଆଦିବାସୀ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

କାଲିମେଲା,୨୫।୨(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ଥାନା ଅଞ୍ଚଳରେ ଗତ ବୁଧବାର ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ସୁସ୍ଥ ହେବା ପରେ ଅଭିଯୁକ୍ତ ଯୁବକଙ୍କୁ କାଲିମେଲା ପୋଲିସ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମୁକା ପଡିଆମୀ ।

ଥାନା ଭାରପ୍ରାପ୍ତ ଅଧିକାରୀ ଦୁର୍ଯ୍ୟୋଧନ ଶୁଣାନିଙ୍କ ସୂଚନା ଅନୁଯାଇ ମହିଳାଙ୍କ ମୃତଦେହ ନିଜଘରୁ ଜବତ କରାଯାଇଥିଲା । ସେ ଅସଜ୍ଜିତ ଅବସ୍ଥାରେ ପଡିଥିବା ବେଳେ ତାଙ୍କର କେମିତି ମୃତ୍ୟୁ ଘଟିଛି ସେ ନେଇ ପ୍ରାଥମିକ ତଦନ୍ତରୁ କିଛି ଜଣାପଡୁନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ ଘଟଣା ଜଣାପଡିବ। ସେପଟେ ପୁଲିମେଟଲା ଗାଁର ବିବାହିତ ଯୁବକ ମୁକା ମହିଳାଙ୍କ ଘରକୁ ଯିବାଆସିବା କରୁଥିବା ବେଳେ ଘଟଣା ଦିନ ଯୁବକ ଏବଂ ମହିଳାଙ୍କୁ ଅସଜ୍ଜିତ ଅବସ୍ଥାରେ ଗ୍ରାମବାସୀ ଦେଖି ଯୁବକଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ । ମୁକା ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ନେଇ ତାଙ୍କ ପରିବାର ଲୋକ କାଲିମେଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୭/୨୫ ରେ ଏକ ମାମଲା ରୁଜୁକରି ତଦନ୍ତ ସହ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅନୁସନ୍ଧାନ କରିଥିଲା ।

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

## ମାଥିଲି ପଞ୍ଚାୟତ ସମିତି ବୈଠକ

ମାଥିଲି, ୨୫।୨(ସୁବାଷ ଚନ୍ଦ୍ର ଖୁଢୁପିଆ)

ମାଥିଲି ବ୍ଲକରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ମହେଶ କୁମାର ବାକା, ଉପାଧ୍ୟକ୍ଷ, ବିଡିଓ ତପନ କୁମାର ସେନାପତି, ସମସ୍ତ ବିଭାଗର ପ୍ରାଶାସନିକ ଅଧିକାରୀ, ଏମ୍‌ପି ପ୍ରତିନିଧି,ସରପଞ୍ଚ ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟା, ସଭ୍ୟା ଯୋଗ ଦେଇଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ ଏବଂ ଜନସମସ୍ୟା ପାଇଁ ବିଭିନ୍ନ ଅଭିଯୋଗ କରାଯାଇଥିଲା। ମେକ୍କା ସରପଞ୍ଚ ରଞ୍ଜିତା ପୂଜାରୀଙ୍କ ପ୍ରସ୍ତାବ ଏବଂ ଲୋକମାନଙ୍କ ଦାବୀ ଅନୁସାରେ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା, ପାନୀୟ ଜଳ, ଶିଶୁ ବିକାଶ, ଭିନ୍ନକ୍ଷମ ଏବଂ ବୃଦ୍ଧାଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସମସ୍ତ ପ୍ରସ୍ତାବଗୁଡ଼ିକୁ ମାନ୍ୟତା ଦେଇ ମାଥିଲି ବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରସ୍ତାବଗୁଡ଼ିକ ଶୀଘ୍ର କାର୍ଯ୍ୟକାରୀ ହେବା ଏବଂ ଲୋକମାନେ ଏହାର ଲାଭ ପାଇବା ଉପରେ ଆଲୋଚନା ହୋଇଥିଲା।



ବୈଠକରେ ବ୍ଲକ ଅଧକ୍ଷ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

# ପଞ୍ଚାୟତ, ପୌର ନିର୍ବାଚନରେ ଭଲ ପ୍ରଦର୍ଶନ ନେଇ ରଣନୀତି



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭାଜପା ନେତାମାନେ।

## ଜିଲା ଭାଜପାର ସମ୍ବର୍ଦ୍ଧନା ବୈଠକ

କୋରାପୁଟ, ୨୫।୨(ଅମିତାଭ ବେହେରା)

କୋରାପୁଟ ଜିଲା ଭାଜପା ନୂତନ ସଭାପତି ଶିବ ମୁଦୁଲିଙ୍କ ନିମନ୍ତେ ସ୍ଥାନୀୟ ଆଦିବାସୀ ସଂଗ୍ରାହଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ପୂର୍ବତନ ଜିଲା ସଭାପତି ସୁମନ୍ତ ପ୍ରଧାନ, ନୂତନ ଜିଲା ସଭାପତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଜିଲାର ନୂତନ ସଭାପତି ଏବଂ ନୂତନ ମଣ୍ଡଳ ସଭାପତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ସୁମନ୍ତ ପ୍ରଧାନ, ବିଜୟ ମିଶ୍ର, ଶିବ ମୁଦୁଲି,କାଳୀରାମ ମାଝୀ, ଶିବ ପଟ୍ଟନାୟକ, ନିର୍ବାଚନ ଅଧିକାରୀ ତ୍ରିନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଯୁବ ସଭାପତିଙ୍କ ନେତୃତ୍ୱରେ ଜିଲାରେ ଭାଜପା ସ୍ଥିତି ସୁଦୃଢ ହେବ ବୋଲି କର୍ମକର୍ତ୍ତା ମାନେ ମତ ଦେଇଥିଲେ। ଆଗାମୀ ଦିନରେ ପଞ୍ଚାୟତରୁ ବିଧାନସଭା ସବୁଠି ଭାଜପା ଜିତିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ୨୦୨୭ ପଞ୍ଚାୟତ ନିର୍ବାଚନ, ପୌରପରିଷଦ ଏବଂ ଏନ୍‌ଏସି ନିର୍ବାଚନକୁ ଲଢ଼ିବା ସହ ସରକାର ଗଢିବା ପାଇଁ ରଣନୀତି ପ୍ରସ୍ତୁତି ଆରମ୍ଭ କରାଯିବା ଉପରେ ବିସ୍ତୃତ ଆଲୋଚନା ହୋଇଛି।

# ଗାଦବା ସମାଜ ବାର୍ଷିକ ଭେଟଘାଟ

ଗୋବିନ୍ଦପାଲ୍ଲୀ, ୨୫।୨(କାର୍ତ୍ତିକ ରଥ)

ଖଇରପୁଟ ବ୍ଲକ୍ ଗୋବିନ୍ଦପାଲ୍ଲୀରେ ଜିଲା ଗାଦବା ସମାଜ ତରଫରୁ ବାର୍ଷିକ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଦିବାସୀ ମହାସଂଘ ସଭାପତି ଏବଂ ୧୪ ଆଦିବାସୀ ସମାଜ ସଭାପତିମାନେ ଓ କୋରାପୁଟ ଜିଲା ଗାଦବା ସମାଜ ସଭାପତି ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ସମାଜର ସମସ୍ତଙ୍କୁ ଶିକ୍ଷା, ସଂସ୍କୃତି, ପରମ୍ପରା ଓ ଲୋକ କଳା ବିଷୟରେ ସଚେତନତା କରାଇବା, ସମାଜର ଆଦିବାସୀ ଲୋକ ଶୋଷଣର ଶିକାର ବିରୋଧରେ ସ୍ୱର ଉତ୍ତୋଳନ କରିବା, ବାଲ୍ୟବିବାହ ବନ୍ଦକରିବା ଓ ଯୁବଗୋଷ୍ଠୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲକରିବା, ନିଶା ନିବାରଣ ଉପରେ ଆଲୋକପାତ କରାଯାଇଥିଲା। ଏହି ଉତ୍ସବରେ ମାଲକାନଗିରି ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲିଙ୍କ ସମେତ ଖଇରପୁଟ ବ୍ଲକ୍‌ର ସମସ୍ତ ସରପଞ୍ଚ ଏବଂ ଗାଦବା ସମାଜ ସଭାପତି ଭୀଷ୍ମ ଖିଲ, ସମ୍ପାଦକ ସଞ୍ଜୀବ ବଡ଼ନାୟକ, କୋଷାଧକ୍ଷ ଧନୁର୍ଜୟ ଦୁର୍ଲିଆ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉନ୍ନୟନ କାର୍ଯ୍ୟରେ ମିଥ୍ୟା ବିଲ କରି ଟଙ୍କା ହଡ଼ପ ଅଭିଯୋଗ

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

କାଲିମେଲା, ୨୫।୨(ଜୀବନ କୃଷ୍ଣ ଦାସ )

କାଲିମେଲା ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ ଓ ପଞ୍ଚଦଶ ଅର୍ଥ କମିଶନ ଖର୍ଚ୍ଚର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଉପସ୍ଥିତ ଥିବା ବେଳେ,ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ କୁମାର ସାମଲ ଅଧକ୍ଷତା କରିଥିଲେ। ମେମ୍ବର ଜୀବନ କୃଷ୍ଣ ଦାସ ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଥିଲେ । ବିଏସ୍‌ଓ ମୁରଲୀ କ୍ରିଷ୍ଣା ଏବଂ ସଲିମ ସଗରିଆ ସଭା ପରିଚାଳନା କରିଥିଲେ । ଶିବିରରେ ବହୁ ଅଧିକାରୀ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ବିଡିଓ, ବ୍ଲକ ଅଧକ୍ଷା ଅନୁପସ୍ଥିତ ଥିଲେ । ୫ ପିଇଓଙ୍କ ସହ ୱାଟରସେଟ, ଆଇସିଡିଏସ ,କାଡା ଏବଂ ଶିକ୍ଷା ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ। ବ୍ଲକରେ ଥିବା ୨୩ ପଞ୍ଚାୟତକୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବହୁ ପଞ୍ଚାୟତରେ ଅର୍ଥ ହେରଫେର ସହ କାମ ନ ହୋଇ ବିଲ ଉଠା ଯାଇଥିବା ଦୃଷ୍ଟିକୁ ଆସିଛି। ଅନେକ କାର୍ଯ୍ୟରେ ସୂଚନା ଫଳକ ନ ଥିବା ଜଣା ପଡିଛି। ଶୁଣାଣି ସମୟରେ ତେଲରାଇ ପଞ୍ଚାୟତରେ ପୋଖରୀରେ ପଥର ବନ୍ଧ କାର୍ଯ୍ୟ ପାଇଁ ଦିନେଶ ଶର୍କରା ଏବଂ ସିଙ୍ଗେ କବାସିଙ୍କ କାର୍ଯ୍ୟ ନ କରାଯାଇ ଟଙ୍କା ଉଠା ଯାଇଛି। ସେହିପରି ଚିନ୍ତାଲୱାର୍ଡ଼ା ପଞ୍ଚାୟତରେ ଜଙ୍ଗଲ ବିଭାଗ ଦ୍ୱାରା ଭର୍ମିକମ୍ପୋଷ୍ଟ କରା ନ ଯାଇ ୧୮ ହଜାର ଟଙ୍କା ହଡପ କରାଯାଇଥିବା ଜଣା ପଡିଛି । କାଙ୍ଗୁରୁକୋଣ୍ଡା ପଞ୍ଚାୟତ ରେ ୧୦ ପୋଖରି ଖୋଳା ବାବଦରେ ହୋଇଥିବା ଖର୍ଚ୍ଚର ହିସାବ ୱାଟରସେଡ୍ ବିଭାଗ ଦେଇ ନ ଥିବା ଜଣାପଡିଛି। ପୁସୁଗୁଡା ପଞ୍ଚାୟତରେ ଏମ୍‌ଭି ୧୩୧, ଏମ୍‌ପିଭି-୫୫,ପୁସୁଗୁଡା ଏହି ଗ୍ରାମରେ ପୋଖରି ଖୋଳା ପାଇଁ ୩ ଜଣଙ୍କ ନାମରେ ୯୫ ହଜାର ଟଙ୍କା ଉଠା ଯାଇଥିବା ବେଳେ ସେଠାରେ କାମ ହୋଇନାହିଁ । ସେହିପରି ମାନ୍ୟମକୋଣ୍ଡା ପଞ୍ଚାୟତର ଏମ୍‌ପିଭି ୪୧ ଗ୍ରାମରେ ଫିଲ୍ଡ କେନାଲ କାମ ପାଇଁ ୬୧ ହଜାର ଟଙ୍କା ଅନିୟମିତତା ହୋଇଥିବା ଜଣାପଡିଛି। ମୋଟୁ ପଞ୍ଚାୟତରେ ପାଇଖାନା ଏବଂ ପାଣି ଯୋଗାଣ ନିମନ୍ତେ ୭୧ ହଜାର ୬୬୫ ଟଙ୍କା ର କାମ କରା ନ ଯାଇ ବିଲ କରି ଟଙ୍କା ଉଠାଣ କରାଯାଇଛି। ସେହିପରି ଚିନ୍ତାଲୱାର୍ଡ଼ା ଏବଂ ଗୁମ୍ପାକୋଣ୍ଡା ଭଳି ଅନେକ ପଞ୍ଚାୟତରେ କ୍ୟାସ୍ ବୁକ ନ ଥାଇ କାର୍ଯ୍ୟ ଚାଲୁଥିବା ଶିବିର ମାଧ୍ୟମରେ ଜଣାପଡିଛି । ଏଥିସହ ଅନେକ ପଞ୍ଚାୟତରେ କାର୍ଯ୍ୟର ସୂଚନା ସାମାଜିକ ଜନ ଶୁଣାଣିରେ ଦାଖଲ କରାଯାଇ ନ ଥିବା ଦେଖିବାକୁ ମିଳିଛି । ତେବେ ପଞ୍ଚାୟତରେ ହୋଇଥିବା କାର୍ଯ୍ୟର ହୋଇଥିବା ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

# ଯନ୍ତ୍ରୀ ନ ଥାଇ ନିର୍ମାଣ ଚାଲିଛି ପ୍ରକଳ୍ପ

## ବାଲିମେଲା ଏନ୍‌ଏସି ଗଣମାଧ୍ୟମକୁ ପ୍ରେସ ବିବୃତି ଦେଲେ ଉପାଧକ୍ଷାଙ୍କ ସମେତ ୭ କାଉନ୍‌ସିଲର

କୋରୁକୋଣ୍ଡା, ୨୫।୨(ଶିବଦତ୍ତ ସାହୁ )



କାଉନ୍‌ସିଲର ଦେଖାଉଥିବା ପ୍ରେସ୍ ରିଲିଜ୍ ।

ବିନା ସହକାରୀ ଯନ୍ତ୍ରୀରେ ନିର୍ମାଣ ହେଉଛି ବହୁ କୋଟି ଟଙ୍କାର ପ୍ରକଳ୍ପ, ଏପରି ମନମୁଖୀ କାର୍ଯ୍ୟକୁ ବିରୋଧ କରି ଗଣମାଧ୍ୟମକୁ ପ୍ରେସ ବିବୃତି ଦେଲେ ପାରିଷଦର ଉପାଧକ୍ଷାଙ୍କ ସମେତ ୭ କାଉନ୍‌ସିଲର। କାଉନ୍‌ସିଲରଙ୍କ ପକ୍ଷରୁ ଗଣମାଧମକୁ ଦିଆଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି, ବାଲିମେଲାରେ ଭଲ ପାର୍କ ନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଏନ୍‌ଏସି ପକ୍ଷରୁ ଗତ ୭ ମାସ ତଳେ ସ୍ମାର୍ଟ ପାର୍କ ନାମରେ ୧ କୋଟି ୧୨ ଲକ୍ଷର ଟେଣ୍ଡର କରାଯାଇଥିଲା। ଏହି କାମଟିକୁ ବ୍ରହ୍ମପୁରର ଏକ ଠିକା ସଂସ୍ଥାପାଇ ନିର୍ମାଣ ଆରମ୍ଭ କରିଥିଲା। ତେବେ କାର୍ଯ୍ୟଟି ୨୭ ସେପ୍ଟେମ୍ବର ୨୦୨୪ରେ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଏନ୍‌ଏସିର କୌଣସି କାଉନ୍‌ସିଲରଙ୍କ ବିନା ଅବଗତରେ ଏହି ଟେଣ୍ଡର ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ନିଜ ଇଚ୍ଛାରେ ଏହି ଟେଣ୍ଡର କରିଥିବା ନେଇ ଏନଏସିର ଉପାଧକ୍ଷା ରଶ୍ମିତା ବାଙ୍କାଙ୍କ ସମେତ ୭ କାଉନ୍‌ସିଲର ଅଭିଯୋଗ କରିଛନ୍ତି। ଏଥିସହ ଏନ୍‌ଏସିରେ ନିଜସ୍ୱ ରେଗୁଲାର ଯନ୍ତ୍ରୀ ଥିବା ସତ୍ତ୍ୱମଧ ସେହି ସମୟର ପୂର୍ବ ସରକାରଙ୍କ ମୁକ୍ତା ଯୋଜନାର ଯନ୍ତ୍ରୀ ଆନନ୍ଦ ମାଲଙ୍କୁ ଏହି ନୂତନ ପାର୍କର ଯନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଥିଲା। କାର୍ଯ୍ୟ ଆରମ୍ଭ ହେବାର ୩ ଦିନ ପରେ ମୁକ୍ତା ଯୋଜନା ବନ୍ଦ ହୋଇଯାଇଥିବା ବେଳେ ଯନ୍ତ୍ରୀ ମାଲଙ୍କର ଚାକିରୀରୁ ଛଟେଇ ହୋଇଥିଲା। ପରେ ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିନା କୌଣସି ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀରେ ଲକ୍ଷାଧିକ ଟଙ୍କାର କାର୍ଯ୍ୟ ହେଲା ବୋଲି ଏହି କାଉନ୍‌ସିଲର ପ୍ରଶ୍ନ କରିଛନ୍ତି।

ଏନେଇ କାଉନ୍‌ସିଲର ବୃନ୍ଦ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଏହି ନିର୍ମାଣ କାର୍ଯ୍ୟ କେବେଠୁ ଚାଲିଛି ସେ ସମ୍ପର୍କରେ ମୁଁ ଅବଗତ ନ ଥିବା କହିଛନ୍ତି। ତେବେ ୭୫ ଲକ୍ଷ ଟଙ୍କା ଏହି ସ୍ମାର୍ଟ ପାର୍କ ନିର୍ମାଣ କାର୍ଯ୍ୟ ପାଇଁ ଟଙ୍କା ରହିଥିବା ବେଳେ ୧ କୋଟି ୧୨ ଲକ୍ଷ ଟଙ୍କାର ଏହି ଟେଣ୍ଡର କାହା ନିର୍ଦ୍ଦେଶରେ କରାଯାଇଥିଲା ବୋଲି କାଉନ୍‌ସିଲରମାନେ ଅଭିଯୋଗ କରିଥିବା ଉକ୍ତ ପ୍ରେସ ବିବୃତିରେ ଉଲ୍ଲେଖ ରହିଛି। ଏବେ ମାତ୍ର ୩ ମାସ ହେବ ଏହି ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଯନ୍ତ୍ରୀ ଭାବେ ରଶ୍ମି ରଞ୍ଜନ ମହାନ୍ତି ରହିଥିବା ବେଳେ ସେ କାର୍ଯ୍ୟ ଦେଖିବା ନିମନ୍ତେ ନିୟମିତ ଆସୁନାହାନ୍ତି। ତେଣୁ ଠିକାଦାର ନିଜ ମନ ଇଚ୍ଛା ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ଏନ୍‌ଏସି ଉପାଧକ୍ଷା ରଶ୍ମିତା ବାଙ୍କା, କାଉସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, କୃଷ୍ଣ ବାଘ, ସନ୍ତୋଷ ପଣ୍ଡା, ସୁନିତା ଗୁରୁ, ବିମଳ ବେହେରା, ତୁଳାମଣି ଛତ୍ରି ଓ ମଙ୍ଗୁଳି ହିଆଲ ପ୍ରମୁଖ ଏକ ଲିଖିତ ପ୍ରେସ ବିବୃତି ଗଣମାଧମକୁ ପ୍ରଦାନ କରିଛନ୍ତି। ଏନେଇ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁନା ତୁରୁକଙ୍କୁ ପଚାରିବାରୁ ନୂତନ ଭାବେ ଏନଏସିରେ ଯୋଗଦାନ କରିଥିବାରୁ ଘଟଣା ସମ୍ବନ୍ଧରେ ଅବଗତ ନ ଥିବା ବେଳେ ଏନେଇ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଘଟଣାର ଠିକ ତଦନ୍ତ କରିବି ବୋଲି କହିଥିଲେ। ଯଦି ନିମ୍ନମାନର କାର୍ଯ୍ୟ ହୋଇଥାଏ ତାହେଲେ ତାକୁ ଭାଙ୍ଗି ପୁନଃ ନିର୍ମାଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା କାଉନ୍‌ସିଲର ଗଣମାଧମକୁ ଦେଇଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି ।

## ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ପୀଠ

# ବର୍ଷକୁ ଥରେ ଗାଁ ବୁଲନ୍ତି ବାବା ଚନ୍ଦ୍ରଶେଖର

ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡାରେ ରହିଛି ବାବା ବିଶ୍ୱେଶ୍ୱରଙ୍କ ପୀଠ। ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ଶୈବପୀଠ ମଧ୍ୟରେ ବାବା ବିଶ୍ୱେଶ୍ୱରଙ୍କ ପୀଠର ମହିମା ସ୍ୱତନ୍ତ୍ର। ୨୦୨୩ ନଭେମ୍ବର ୨୪ରେ ଏହି ପୀଠରେ ଦେଶର ବିଭିନ୍ନ ପ୍ରାନ୍ତରେ ରହିଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରତିକୃତିରେ ୧୨ଟି ମନ୍ଦିର ଏକାଠି କରି ରତ୍ନମୁଦ ସମ୍ପୂର୍ଣ୍ଣ କରାଯାଇଛି; ଯାହା କି ବିଶ୍ୱେଶ୍ୱର ପୀଠର ମହିମା ଓ ଶୋଭାକୁ ଦ୍ୱିଗୁଣିତ କରିଛି। ଏହି ପୀଠରେ ବର୍ଷର ବିଭିନ୍ନ ସମୟରେ ନାନା ପର୍ବ ପାଳନ କରାଯାଏ। ସେହି ପର୍ବଗୁଡ଼ିକ ମଧ୍ୟରୁ ମହାଶିବରାତ୍ରି ମେଳା ବାବାଙ୍କର ପ୍ରମୁଖ ପର୍ବ ତଥା ଯାତ୍ରା ମହୋତ୍ସବ। ଏହିଦିନ ବାବାଙ୍କ ଦର୍ଶନ ପାଇଁ ଭୋରରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ସନ୍ଧ୍ୟା ୫ରୁ ଉଜାଗର ଥିବା ଭକ୍ତ ମାନସିକ ଦୀପ ଜାଳି ଚାରି ପ୍ରହର ପୂଜାପାଠ ସହ ଆଳତି କରିଥାନ୍ତି। ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଲା ପରେ ଭକ୍ତମାନେ ଉଜାଗର ଶେଷ କରନ୍ତି। ଶ୍ରଦ୍ଧାଳୁମାନେ ଦେବ ଦେବ ମହାଦେବଙ୍କ ଦର୍ଶନ ସହିତ ମେଳାର ମଜା ଉଠାଇଥାନ୍ତି। ମହାଶିବରାତ୍ରି ଅବସରରେ ସରଣ୍ଡା ପ୍ରତିନିଧିଙ୍କ ସ୍ୱତନ୍ତ୍ର ଉପସ୍ଥାପନା।



### ଇତିହାସ ଆଇନା



ଅବିଭକ୍ତ ସମ୍ବଲପୁରର ପ୍ରଥମ ରାଜା ଥିଲେ ପାଟଣା ରାଜବଂଶୀୟ ବଳରାମ ଦେବ। ୧୫୫୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଜ୍ୟେଷ୍ଠ ଭ୍ରାତା ନରସିଂହ ଦେବଙ୍କଠାରୁ ଭାଗସୂତ୍ରରେ ସେତେବେଳେ ସେ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରିଥିବା ଜନଶ୍ରୁତିରୁ ଜଣାପଡ଼େ। ସେହି ସମୟରେ ବରଗଡ଼ ଥିଲା ତାଙ୍କ ପ୍ରମୁଖ ସାମରିକ କେନ୍ଦ୍ର। ପରବର୍ତ୍ତୀ ସମୟରେ ଚୌହାନମାନଙ୍କ ଆଗମନରୁ ସମ୍ପୃକ୍ତ ଅଞ୍ଚଳରେ କଳା, ସ୍ଥାପତ୍ୟର ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ଯଦିଓ ଚୌହାନ ରାଜାମାନେ ଦେବୀ ମା' ସମଲେଇଙ୍କୁ ପୂଜା କରୁଥିଲେ, ପରେ ବିଭିନ୍ନ ସ୍ଥାନରେ ଶିବ ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଲୋକକଥାରୁ ଜଣାପଡ଼େ। ଏଭଳି ଭାବେ ପଶ୍ଚିମ ଓଡ଼ିଶାରେ ଅଷ୍ଟଶମ୍ଭୁ ପୀଠ ଯଥା ସମ୍ବଲପୁର ଜିଲା ହୁମାର ବିମଳେଶ୍ୱର, ମାନେଶ୍ୱରର ମାନ୍ଧାତା, ବରଗଡ଼ ଜିଲା ସରଣ୍ଡାର ବିଶ୍ୱେଶ୍ୱର, ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ଗାଇସୀମାର ବରାଡ଼ ବାଲୁଙ୍କେଶ୍ୱର, ନୀଳଜୀର ନୀଳକଣ୍ଠେଶ୍ୱର, ଅମ୍ବାଭୋନାର କେଦାରନାଥ ଏବଂ ଦେଓଗାଁର ବୈଦ୍ୟନାଥ ବାବାଙ୍କ ମନ୍ଦିର ଗଢ଼ିଉଠିଥିଲା।

### ମନ୍ଦିର ନିର୍ମାଣ

ଅଷ୍ଟଶମ୍ଭୁ ପୀଠ ମଧ୍ୟରୁ ହୁମାର ବିମଳେଶ୍ୱର ଶିବ ମନ୍ଦିର ସମ୍ବଲପୁର ରାଜା ବଳିଆର ସିଂହଙ୍କ ଦ୍ୱାରା ୧୬୧୭ରୁ ୧୬୫୭ ମସିହା ମଧ୍ୟରେ ନିର୍ମାଣ ହୋଇଥିଲା। ସରଣ୍ଡାର ବିଶ୍ୱେଶ୍ୱର ଶୈବପୀଠ ସହ ଅବଶିଷ୍ଟ ୭ଟି ମନ୍ଦିର ୧୬୯୫ରୁ ୧୭୬୬ ମସିହା ମଧ୍ୟରେ ରାଜାଙ୍କ ଦେୱାନ ଦକ୍ଷିଣ ରାୟଙ୍କ ଦ୍ୱାରା ନିର୍ମାଣ ହୋଇଥିଲା; ଯାହା କି ଶିବପ୍ରସାଦ ଦାଶଙ୍କ ଦ୍ୱାରା ରଚିତ ସମ୍ବଲପୁର ଇତିହାସ ୧୯୬୨ ମସିହା ସଂସ୍କରଣର ୨୭୨ ପୃଷ୍ଠାରେ ଉଲ୍ଲେଖ ରହିଛି।

### ଜନଶ୍ରୁତିରେ ରାଜାଙ୍କ ଘୋଡ଼ା

ବିଶ୍ୱେଶ୍ୱର ମନ୍ଦିର ନିର୍ମାଣ ସମୟରେ ଯାନବାହନ ଚଳାଚଳ ନ ଥିଲା । ଘୋଡ଼ା ସବାରରେ ତତ୍କାଳୀନ ରାଜା ପାଟଣା ଯାତାୟାତ କରୁଥିଲେ। ଦିନେ ତତ୍କାଳୀନ ଚୌହାନ ବଂଶୀୟ ରାଜା ପାଟଣାରୁ ସମ୍ବଲପୁର ଫେରୁଥିବା ସମୟରେ ହଠାତ୍ ଘୋଡ଼ାଟି ବର୍ତ୍ତମାନ ଶିବ ଲିଙ୍ଗ ରହିଥିବା ସ୍ଥାନରେ ଅଟକି ଯାଇଥିଲା। ଯାହା ଚେଷ୍ଟା କଲେ ବି ଘୋଡ଼ାଟି ଆଗକୁ ନ ବଢ଼ିବାରୁ ରାଜା ଆଚମ୍ବିତ ହୋଇ ସେହି ସ୍ଥାନ ଖୋଳିବା ପରେ ସେଠାରେ ଶିବଲିଙ୍ଗ ଆବିର୍ଭାବ ହୋଇଥିଲା। ଖୋଳିବା ସମୟରେ ଶିବଲିଙ୍ଗଟି କୋଦାଳରେ ବାଜି କ୍ଷତାକ୍ତ ହୋଇଥିଲା; ଯାହା କି ଏବେ ବି ଶିବଲିଙ୍ଗରେ କ୍ଷତ ଚିହ୍ନ ବାରି ହୋଇପଡୁଛି। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଲୌକିକ ଦୈବଶକ୍ତି ତଥା ଶିବଭକ୍ତି ଭାବ ଜାଗ୍ରତ ହୋଇଥିଲା । ଏପରି କି ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ମଧ୍ୟ ଏଠାରେ ମନ୍ଦିର ନିର୍ମାଣ କରିଥିଲେ ବୋଲି ଲୋକକଥାରୁ ଜଣାପଡ଼େ।

### ବର୍ଷକୁ ଦିନେ ବାହାରନ୍ତି ବାବା ଚନ୍ଦ୍ରଶେଖର

ବର୍ଷକୁ ଦିନକ ପାଇଁ ବିଶ୍ୱେଶ୍ୱର ଶୈବ ପୀଠରୁ ବାବା ଚନ୍ଦ୍ରଶେଖର ବାହାରକୁ ବାହାରି ସମସ୍ତଙ୍କ ଘର ସମ୍ମୁଖରେ ପୂଜା ପାଆନ୍ତି ଏବଂ ଦର୍ଶନ ଦିଅନ୍ତି। ବାବା ଚନ୍ଦ୍ରଶେଖର ଶିବରାତ୍ରି ଦିନ ହିଁ ଗୋଟିଏ ବେଳା ସରଣ୍ଡା ଗ୍ରାମ ପରିକ୍ରମା କରନ୍ତି। ଏହିଦିନ ପୂର୍ବାହ୍ନ ୧୧ଟାରୁ ବାବା ଚନ୍ଦ୍ରଶେଖରଙ୍କୁ ଏକ ସ୍ୱତନ୍ତ୍ର ସୁସଜ୍ଜିତ ରଥରେ ଆସୀନ କରାଇ ଶୋଭାଯାତ୍ରାରେ ନିଆଯାଏ। ତାଙ୍କୁ ସରଣ୍ଡା, କଟାପାଲି, ମୁରଲିଟିକ୍ରା ଆଦି ସ୍ଥାନ ପରିକ୍ରମା କରାଯାଇଥାଏ। ଏହି ସମୟରେ ପ୍ରତି ଘର ସମ୍ମୁଖରେ ଲିପାପୋଛା ହେବା ସହ ଝୋଟି, କଳସ ସ୍ଥାପନ କରି ବାବାଙ୍କ ଗୋଡ଼ଧୁଆ ଓ ପୂଜାର୍ଚ୍ଚନା କରାଯାଏ। ଏଥିରେ ଭଗବାନ ଓ ଭକ୍ତଙ୍କ ଅନାବିଳ ପ୍ରେମ ପରିଲକ୍ଷିତ ହୁଏ।

### ମନ୍ଦିର ପରିଚାଳନା କମିଟି


ସରଣ୍ଡା ବିଶ୍ୱେଶ୍ୱରଙ୍କ ମନ୍ଦିର ପରିଚାଳନା ପାଇଁ ଏକ କମିଟି ରହିଛି। ଏଥିରେ ସଚ୍ଚିଦାନନ୍ଦ ମିଶ୍ର ସଭାପତି, ବିନୋଦ ମେହେର ସମ୍ପାଦକ, ପ୍ରମୋଦ ମହାପାତ୍ର କୋଷାଧ୍ୟକ୍ଷ, ରାଧେଶ୍ୟାମ ମହାପାତ୍ର ଉପସଭାପତି, କୁବେର ପ୍ରଧାନ ସହସମ୍ପାଦକ, ଦାରାସିଂ ମହାପାତ୍ର ସହ କୋଷାଧ୍ୟକ୍ଷ ରହିଛନ୍ତି। ସେହିପରି ମହାଶିବରାତ୍ରି ମେଳା ପରିଚାଳନା ପାଇଁ ମନୋଜ ମହାପାତ୍ର, ଅନ୍ତର୍ଯାମୀ ମହାପାତ୍ର, ମଧୁସୂଦନ ମହାପାତ୍ର, ଝସକେତନ ମହାପାତ୍ର, ଶଶୀ ମହାପାତ୍ର, ବୃଷଭ ମେହେର, ତରଣୀ ମହାପାତ୍ର, ମଧୁ ମହାପାତ୍ର, ଶ୍ୟାମସୁନ୍ଦର ପଧାନ, ଶ୍ରୀକାନ୍ତ ସିଂହଦେଓ ପ୍ରମୁଖ ସଭ୍ୟ ଅଛନ୍ତି। ପ୍ରଚାର ପ୍ରସାର ଆବାହକ ଭାବେ ଧରିତ୍ରୀ ଖବରଦାତା ଯୁଧିଷ୍ଠିର ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି।

ରିପୋର୍ଟ :
ଯୁଧିଷ୍ଠିର ମହାପାତ୍ର
























Your classified advertisement published in Dharitri will be listed free in Dharitri online edition :
www.dharitri.com

# ବ୍ଲକ୍ ଅଧ୍ୟକ୍ଷା, ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କୁ ଅସମ୍ମାନ

ପଟ୍ଟାଙ୍ଗି, ୨୫।୨(ଶରତ କୁମାର ଧଳ)

■ ପଞ୍ଚାୟତ ସମିତି ବୈଠକ
■ ଅଧାରୁ ଉଠିଗଲେ ବିଇଓ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଭାଗୃହରେ ଅଧ୍ୟକ୍ଷା କଳ୍ପନା ପାଙ୍ଗିଙ୍କ ସଭାପତିତ୍ୱରେ ଷଷ୍ଠତମ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଆରମ୍ଭ ହେବା ପୂର୍ବରୁ ବିଡ଼ିଓ ରାମକୃଷ୍ଣ ନାୟକଙ୍କ ପ୍ରସ୍ତାବ କ୍ରମେ ଜିପିଓ କିରଣ କୁମାର ସାହୁ ପୂର୍ବ ପଞ୍ଚାୟତ ସମିତି ବୈଠକରେ ଆଲୋଚନା ହୋଇଥିବା ବିବରଣୀ ଉପସ୍ଥାପନ କରିଥିଲେ । ଏହା ପରେ ଆରମ୍ଭ ହୋଇଥିଲା ବୈଠକ। ଏହାର ପ୍ରଥମ ବିଷୟ ରହିଥିଲା ଶିକ୍ଷା ବିଭାଗର ସମସ୍ୟା ଓ ଏହାର ସମାଧାନ। ଯେଉଁଥିରେ ବିଇଓ ଟି. ମିନତୀ ନିଜ ବିଭାଗର ସୂଚନା ଉପସ୍ଥାପନ କରିବା ପରେ ଉପସ୍ଥିତ ଥିବା ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ସମିତି ସଭ୍ୟା ଶିବାନି ନାୟକ ନିଜ ପଞ୍ଚାୟତରେ ଶିକ୍ଷାର ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିବା ସହ ଗତ ଦିନରେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ୪୦ଶଯ୍ୟା ବିଶିଷ୍ଟ ଛାତ୍ର ନିବାସରେ ଖାଦ୍ୟକୁ ନେଇ ହେଉଥିବା ବାଟମାରଣା ଦୃଶ୍ୟ ଦୃଷ୍ଟିରେ ଅଛି କି ନାହିଁ ପ୍ରଶ୍ନକରି ଏହିପରି ଅବ୍ୟବସ୍ଥାକୁ କାହିଁକି ସମାଧାନ କରା ଯାଉନାହିଁ। ନିଜ ମନମୁତାବକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡେପୁଟେସନ୍‌କରି ଶିକ୍ଷା ବ୍ୟବସ୍ଥାରେ ସମସ୍ୟା ସୃଷ୍ଟି କାହିଁକି କରାଯାଉଛି ବୋଲି ପଚାରିଥିଲେ। ଯେଉଁଥିରେ କି ଅନୁରୂପ ଅଭିଯୋଗ ଅମ୍ପାବାଲି ଓ ମାଳିପୁଟ ୨ ସରପଞ୍ଚ ନିଜ ନିଜର ପଞ୍ଚାୟତରେ ରହିଥିବା ଶିକ୍ଷାର ଅବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ।


ପଞ୍ଚାୟତ ସମିତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ଏହିପରି କିଛି ପ୍ରଶ୍ନ ଉତ୍ତରରେ ବିଇଓ ମିନତୀ ରାଗି ଯାଇ ସରପଞ୍ଚ ଓ ସମିତି ସଭ୍ୟାଙ୍କୁ ତୁମେ କିଏ ମତେ କହିବାକୁ ମତେ କ'ଣ ତୁମେ ଚାକିରୀ ଦେଇଛ ଓଲଟା ପ୍ରଶ୍ନ କରି ଯୁକ୍ତିତର୍କ କରିବା ସହ ମତେ ପ୍ରଶ୍ନ ପଚାରି ପାରିବେ ନାହିଁ ବୋଲି ତାଗିଦ୍ କରିଥିଲେ। ବିଇଓଙ୍କ ଏହିପରି ବ୍ୟବହାରକୁ ନେଇ ବିଡ଼ିଓ ନାୟକ ଯେତେ ଚେଷ୍ଟା କରିଥିଲେ ମଧ୍ୟ ବିଇଓଙ୍କୁ ବୁଝାଇବା ପାଇଁ ବିଇଓ ମିନତୀ ବୈଠକରୁ ଉଠି ଚାଲି ଯାଇଥିଲେ। ଯାହାକି ବିଇଓଙ୍କ ଏହିପରି ବ୍ୟବହାରକୁ ନେଇ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ନାପସନ୍ଦ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ପାଙ୍ଗି ମଧ୍ୟ ଜଣେ ସରକାରୀ ଅଧିକାରୀ ହୋଇ ଜନସାଧାରଣଙ୍କ ପାଇଁ କାମ କରୁଥିବା ଉକ୍ତ ଅଧିକାରୀଙ୍କ ଏହିପରି ବ୍ୟବହାର କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ସମୟରେ ନୂଆଗାଁ ସରପଞ୍ଚ ସୁବାଷ ଖରା ପଞ୍ଚାୟତରେ ରହିଥିବା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଘଟି ଯାଇଥିବା ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଉ ବୋଲି ଲିଖିତ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହା ଉପରେ କୈଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କାହିଁକି କରାଯାଇନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଉକ୍ତ ବୈଠକରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଆରମ୍ଭ ହୋଇଥିବା ଆଲୋଚନା ମଧ୍ୟ ଅସମ୍ପୂର୍ଣ୍ଣ ରହି ଯାଇଥିଲା ।

ସେହିପରି ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ଆରମ୍ଭ ହୋଇଥିଲା ଆଲୋଚନା। ଯାହାକି ଜୋନ୍ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା ବିଭିନ୍ନ ଗ୍ରାମରୁ ଆସୁଥିବା ଲୋକମାନେ ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ହଇରାଣ ହେଉଥିବା ବେଳେ ଏହା ଉପରେ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ ଦୃଷ୍ଟି ଦେବା ଆବଶ୍ୟକ ରହିଛି ବୋଲି ପ୍ରସ୍ତାବ ଦେଇଥିଲେ । ଏହି ସମୟରେ ଏମ୍‌ପି ସପ୍ତଗିରି ଉଲକା ଏବଂ ବିଧାୟକ ରାମଚନ୍ଦ୍ର କାଡାମ୍ ପହଞ୍ଚି ବୈଠକରେ ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟ କ୍ରମ ଉପରେ ଆଲୋଚନା କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଏଇଇ ବିଶ୍ୱନାଥ ମାଦିଲି ବିଭାଗର ସାମୁହିକ ସୂଚନା ଦେଇଥିଲେ। ଯାହାକୁ ନେଇ ଉପସ୍ଥିତ ସମିତି ସଭ୍ୟା ସଭ୍ୟ ଆମ ବିନା ପରାମର୍ଶରେ ଓ ଅଜାଣତରେ ପଞ୍ଚାୟତରେ କାହିଁକି କାମ ଦିଆ ଯାଉଛି ଏବଂ ଏଥିରେ କିଏ ରେକମେଣ୍ଡେନ ଦେଉଛି ଏହିପରି ପ୍ରଶ୍ନ ଉଠାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ପାଙ୍ଗିଙ୍କୁ ସମସ୍ତେ ଘେରି ଯାଇଥିଲେ। ଯେଉଁଥିରେ କି ଅଧ୍ୟକ୍ଷା ପାଙ୍ଗି ଉତ୍ତର ଦେବାରେ ବିଚଳିତ ହୋଇ ପଡିଥିଲେ। ବୈଠକରେ ଏହିପରି ହୋ ହାଲ୍ଲା ଦେଖି ଏମ୍‌ପି ଉଲାକା ବିଗତ ସରକାର ସମୟରେ ହୋଇଥିବା ନବୀନ ଓଡିଶା ଆମ ଓଡିଶା କାର୍ଯ୍ୟକ୍ରମରେ ୧୩୧ କାର୍ଯ୍ୟ ରୁ ୪୨କାର୍ଯ୍ୟ ବର୍ତ୍ତମାନ ଯାଏ ଅସମ୍ପୂର୍ଣ୍ଣ ହୋଇ ରହିଥିବା ସହ ଉକ୍ତ କାର୍ଯ୍ୟକ୍ରମର ସ୍ଥିତି କଣ ପଚାରିବା ସହ ବର୍ଷକୁ ସମିତି ସଭ୍ୟା ସଭ୍ୟଙ୍କ ଅନୁଦାନ ୨୫ ଲକ୍ଷ ରହିଥିବା ବେଳେ ସେମାନଙ୍କୁ ମାତ୍ର ୨ ଲକ୍ଷ ଅନୁଦାନ ଆସୁଥିବା ଜଣାପଡୁଛି । ଯାହାକି ଗୋଟିଏ ସମିତି ସଭ୍ୟାସଭ୍ୟ ୫ ଲକ୍ଷ ଟଙ୍କାର କାମ ଦେଇ ପାରିବା ବ୍ୟବସ୍ଥା ରହିଥିବା ବେଳେ ପଞ୍ଚାୟତରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସରପଞ୍ଚ ସମିତି ସଭ୍ୟାସଭ୍ୟଙ୍କୁ ଅବଗତ କରାଇବା ନିୟମ ରହିଛି । ଯାହାକି ଉକ୍ତ ବୈଠକରୁ ଜଣାପଡୁଛି ଏଠି ସରପଞ୍ଚ ସମିତି ସଭ୍ୟାସଭ୍ୟଙ୍କୁ କୈଣସି ସୂଚନା ଦିଆ ଯାଉନାହିଁ । ତେଣୁ ଏହିପରି ଅଫିସର

ରାଜ୍ ଚାଲିବା ବନ୍ଦ୍ ହେବା ଆବଶ୍ୟକ ରହିଛି ବୋଲି ଏମ୍‌ପି ତାଗିଦ୍ କରିଥିଲେ। ଏହିପରି କି ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଏମ୍‌ପି ଉଲାକାଙ୍କ ପ୍ରଶ୍ନରେ ହଡ଼ବଡେଇ ଯାଇଥିଲେ ଏଇଇ ମାଦିଲି। ଯାହାର ଉତ୍ତର ମଧ୍ୟ ଠିକ୍ ଭାବେ ଉକ୍ତ ଅଧିକାରୀ ଜଣକ ଦେଇ ପାରି ନ ଥିବା ବେଳେ ସରକାରଙ୍କଠାରୁ ଆସିଥିବା ବିଭିନ୍ନ ବିଭାଗର ଅନୁଦାନ ୧ କୋଟି ୬୦ ଲକ୍ଷ ଖର୍ଚ୍ଚ ନ ହୋଇ ପାରି ଫେରିଯିବା ଦୁର୍ଭାଗ୍ୟଜନକ ବୋଲି ଏମ୍‌ପି ଉଲାକା କହିଥିଲେ। ଏହିପରି ଉକ୍ତ ବୈଠକ ହୋ ହାଲାରେ ସରିଥିବା ବେଳେ ଅନ୍ୟ ବିଭାଗର ବିଷୟ ବସ୍ତୁ ଉପରେ ମଧ୍ୟ ଆଉ ଆଲୋଚନା ହୋଇ ପାରି ନ ଥିବା ବେଳେ ବୈଠକକୁ ସାରି ଦିଆ ଯାଇଥିଲା। ଉକ୍ତ ବୈଠକରେ ଜୋନ ୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ୍, ଉପାଧ୍ୟକ୍ଷ ତ୍ରିନାଥ କଟା, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ଅର୍ଜୁନ ବାଙ୍କା ଓ ଶୁକ୍ରା ଖରା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ବିଭିନ୍ନ ପ୍ରସଙ୍ଗକୁ ନେଇ ମୁହଁ ଖୋଲିଲେ ଏମ୍‌ପି

ସୁନାବେଡ଼ା, ୨୫।୨(କୃତ୍ତିବାସ ପ୍ରଧାନ)


କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଖବରଦାତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି ।

ପଟ୍ଟାଙ୍ଗିଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ବିଭିନ୍ନ ପ୍ରସଙ୍ଗକୁ ନେଇ ମୁହଁ ଖୋଲିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ୟୁନିଫର୍ମ ସିଭିଲ କୋର୍ଡକୁ ଜୋର ଜବରଦସ୍ତି ଲଦିଦିଆଯାଉଛି । ଏହା ଆଦିବାସୀଙ୍କ ଉପରେ ଲାଗୁହେବ ନାହିଁ। ଆଦିବାସୀ ପରମ୍ପରା ଓ ସଂସ୍କୃତିକୁ ନେଇ ଯଥେଷ୍ଟ ସଚେତନତା ଆବଶ୍ୟକତା ରହିଥିବା କହିବା ସହ ସାମାଜିକ ସ୍ତରରେ ସଚେତନକଲେ ଉତ୍ତମ ହେବ। ଏଥିସହ ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ରୋକିବା ପାଇଁ ନିଆଯାଉଥିବା ପଦକ୍ଷେପକୁ ସ୍ୱାଗତ କରିବା ସହ ଅଧିକ ସଚେତନତାର ଆବଶ୍ୟକ ଥିବା ଓ ବଡ଼ମାର୍ଲା ଗାଁରୁ ନାବାଳିକା ଭାବି ସାବାଳିକା ଝିଅକୁ ପ୍ରଶାସନ ଉଠାଇ ନେବା ପରିତାପର ବିଷୟ । ଏନେଇ ସେ ଜିଲାପାଳଙ୍କ ସହ ଆଲୋଚନାକରି ଏଥିରେ ସାମିଲ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତଭାବେ ନିଆଯିବ ବୋଲି କହିଛନ୍ତି । ନନ୍ଦପୁର ବ୍ଲକ୍ ବାଲଡ଼ା ଗୁମ୍ମା ଓ ଖଣି ଖୋଳା ବିରୋଧକୁ ପ୍ରଶ୍ନର ଉତ୍ତରରେ ଏଠାରେ ଖଣି ଖାଦାନ ହେବ ନାହିଁ ବୋଲି କହିବା ସହ ଆମେ ଗ୍ରାମବାସୀଙ୍କ ସହ ରହିଛୁ ଏବଂ ସମର୍ଥନ କରୁଛୁ । ତା'ଛଡ଼ା ଏଠାରେ ଖଣି ଖାଦାନ ହେଲେ କାରଖାନା ହେବାର ଆବଶ୍ୟକତା ରହିଛି । ତେଣୁ ଏଠାରେ ଖଣି ଖାଦାନ କରିବାକୁ ଦେବେନାହିଁ ବୋଲି ଏମ୍‌ପି ଉଲାକା କହିଛନ୍ତି ।

# ରୌପ୍ୟ, କାଂସ୍ୟ ପଦକ ଜିତିଲେ ଦିବେଶ

ସେମିଳିଗୁଡ଼ା, ୨୫।୨
(ବାସୁଦେବ ବରାଡ଼)



ଭୁବନେଶ୍ୱରରେ ଉତ୍କଳ କରାଟେ ସ୍କୁଲରେ ୩୬ତମ ଅଣ୍ଡର ୨୧ ଓ ସିନିୟର ରାଜ୍ୟ କରାଟେ ଚାମ୍ପିୟନଶିପ୍ ଫେବୃଆରୀ ୨୩ରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ ସେମିଳିଗୁଡ଼ାର ଦିବେଶ କୁମାର ବରାଡ଼ ଅଣ୍ଡର ୨୧ ବର୍ଷ ,୬୦ କିଲୋ ଓଜନ ବର୍ଗର କୁମିତେରେ ରୌପ୍ୟ ପଦକ ଏବଂ ସିନିୟର ୬୦ କିଲୋ ଓଜନ ବର୍ଗର କୁମିତେରେ କାଂସ୍ୟ ପଦକ ଜିତିଛନ୍ତି। ରାଜ୍ୟରୁ ୧୦୦ରୁ ଅଧିକ କରାଟେକା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହାପରେ ଓସକା ସଚିବ ଗୌରୀ ମହାନ୍ତି, ରାଜ୍ୟ (ଓସକା) ପ୍ରଧାନ ହାଂସୀ, ଡାକ୍ତର ହରିପ୍ରସାଦ ପଟ୍ଟନାୟକ, କୋରାପୁଟ ଜିଲା କରାଟେ-ଡୋ ଆସୋସିଏସନ୍ ସଚିବ ସେଂସେଇ ଦୁର୍ଗା ପ୍ରସାଦ ରଥ ପ୍ରମୁଖ ଦିବେସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ସଦର ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଜୟପୁର, ୨୫।୨(ପବନ ପାଣିଗ୍ରାହୀ)

କୋରାପୁଟ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ସଦର ଥାନାଧିକାରୀଭାବେ ସଚିନ୍ଦ୍ର ପ୍ରଧାନ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ସେମିଳିଗୁଡ଼ା ଥାନା ଅଧିକାରୀ ଥିଲେ। ସଦର ଥାନାର ପୂର୍ବତନ ଆଇଆଇସି ଈଶ୍ୱର ତାଣ୍ଡିଙ୍କୁ ଜୟପୁର ଟାଉନ ଥାନାକୁ ବଦଳି କରାଯାଇଛି।

### ଏନ୍‌ଏଚ୍‌ରେ ଟ୍ରେଲର ଦୁର୍ଘଟଣା



କୋରାପୁଟ,୨୫।୨(ଅମିତାଭ ବେହେରା)

କୋରାପୁଟ ସହର ଆର୍‌ଟିଓ ଅଫିସ ଓ ମଙ୍ଗଳା ମନ୍ଦିର ଛକ ମଧ୍ୟରେ ଥିବା ୨୬ ନଂ ଜାତୀୟ ରାଜପଥରେ ଏକ ଟ୍ରେଲର ଦୁର୍ଘଟଣା ଘଟିଛି। ଟ୍ରଲରଟି ଜୟପୁର ଆଡ଼କୁ ଯାଉଥିବାବେଳେ ହଠାତ୍ ଡାଲା ଖସିପଡ଼ିଥିଲା। ଚାହୁଁ ଚାହୁଁ ଇଞ୍ଜିନରୁ ଡାଲା ଟି ଅଲଗା ହୋଇଗଲା। ଡାଲାଟି ପଛକୁ ଗଡ଼ି ରାସ୍ତା ପାର୍ଶ୍ୱ ଖାଲ ମଧ୍ୟରେ ଖସିଯାଇଥିଲା। ଟ୍ରଲର ଡାଲା ଛିଡି ତଳକୁ ଗଡୁଥିବା ଦେଖି ପଛରେ ଥିବା ଲୋକେ ଦୌଡ଼ି ପଳାଇଥିଲେ। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

### ଚୋରି ସାମଗ୍ରୀ ଜବତ

ଜୟପୁର,୨୫।୨(ପବନ ପାଣିଗ୍ରାହୀ)

ଜୟପୁର ପୁରୁଣାଗଡ ଛକ ରେ ଥିବା ଜେନେରାଲ ଷ୍ଟୋରରୁ କାନ୍ଥଭାଙ୍ଗି ସାମଗ୍ରୀ ଚୋରି କରିଥିବା ଅଭିଯୋଗରେ ମଙ୍ଗଳବାର ଟାଉନପୁଲିସ ୨ଜଣକୁ ନାବାଳକକୁ କାବୁ କରି ଜୁଭେନାଇନ ଜଷ୍ଟିସ ବୋର୍ଡ ନକଟରେ ହଜାର କରିଛି। ଗତ ୨୨ ତାରିଖରେ ନାବାଳକମାନେ ଅଜୟ ସିଂଙ୍କ ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି କରିବା ସହ ନଗଦ ୪୦ ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାରେ ସମ୍ପୃକ୍ତ ନାବାଳକମାନଙ୍କୁ କାବୁ କରିଛି। ଚୋରି ସମାଗ୍ରୀ ସେମାନେ ଏକ ଜେନେରାଲ ଷ୍ଟୋରରେ ଦେଇଥିବା ନାବାଳକମାନେ କହିଥିଲେ। ପୋଲିସ ସେଠାରେ ପହଞ୍ଚି ମାଜା ବୋତଲ, ଲିଚି ବୋତଲ,ଚକଲେଟ ଓ ସିଗାରେଟ ଆଦି ଚୋରୀ ସାମଗ୍ରୀ ଜବତ କରିଛି।

# ରାସାୟନିକ ବିପର୍ଯ୍ୟୟ ପରିଚାଳନା ନେଇ ଟେବୁଲ ଟପ୍ ଏକ୍ସରସାଇଜ

କୋରାପୁଟ,୨୫।୨
(ଅମିତାଭ ବେହେରା)

କୋରାପୁଟ ଜିଲା ପରିଷଦ ସମ୍ମିଳନୀ ଗୃହରେ ମଙ୍ଗଳବାର ରାସାୟନିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲ ଟପ ଏକ୍ସରସାଇଜ ଆୟୋଜିତ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହିତ ସମନ୍ୱୟ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କୋରାପୁଟ ଜିଲାପାଳ ଭି କୀର୍ତ୍ତି ଭାସନ, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ଡିଆଇପିଆର୍‌ଓ ସ୍ୱରାଜ୍ୟ ସୀସାଙ୍କ ସହ ଅନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ। ୨୮ ତାରିଖରେରେ ଅନୁରୂପ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲା ଜରୁରୀ ଅଧିକାରୀ ସୁବ୍ରତ ପଟ୍ଟନାୟକ ବୈଠକରେ ସୂଚନା ଦେଇଛନ୍ତି।


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଧାନ ଚୋରି ମାମଲାରେ ୫ ଗିରଫ

ଜୟପୁର, ୨୫।୨(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ଧାନ ଚୋରି ମାମଲାର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ହାଟପଦାର ସିମିତ ଖରା (୨୮), ଅଜୟ ହରିଜନ (୨୨), ମୁନା ବେନିୟା (୨୮), ପୁରଣାଗଡ଼ ଉପର ସାହି ଲବ ବୈରାଗି (୨୫)ଙ୍କୁ ଗିରଫ କରାଯାଇଛି। ଏଥିରେ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି। ଅଭିଯୁକ୍ତଙ୍କଠାରୁ ୧୪୦ ଧାନ ବସ୍ତା ଜବତ କରାଯାଇଛି। ସୂଚନାନୁଯାୟୀ, ହାଟପଦାସ୍ଥିତ ଶକୁନ୍ତଳା ଓ କ୍ରିଷ୍ଣା ରାଓ ମିଲ୍‌ରେ ଦୁର୍ବୃତ୍ତମାନ ୧୬୦ ଧାନ ବସ୍ତା ଚୋରି କରିଥିବା ନେଇ ଗତ ୨୪ ତାରିଖରେ ଜୟପୁର ଭୁପତି ସାହିର ଏ ପବନ କୁମାର ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ପୋଲିସ ୬୧/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କେନାଲ ସାହି ଗାନ୍ଧୀ ଛକରେ ଅଭିଯୁକ୍ତମାନେ ଲୁଚାଇ ରଖିଥିବା ଧାନ ଜବତ କରାଯାଇଛି। ଚୋରିରେ ବ୍ୟବହୃତ ଅଟୋକୁ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ସନ୍ଧ୍ୟା ୬ଟାରେ କୋର୍ଟ ଚାଲାଣ କରାଯାଇଥିଲା। ନାବାଳକଙ୍କୁ ଜୁଭେନାଇନ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ହାଜର କରାଯାଇଥିବା ଜୟପୁର ଟାଉନ ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ସାବତ ମାମୁଙ୍କୁ ୬ ବର୍ଷ କାରାଦଣ୍ଡ

ଜୟପୁର, ୨୫।୨(ପବନ ପାଣିଗ୍ରାହୀ)

**ନାବାଳିକା ଯୌନ ନିର୍ଯାତନା ମାମଲା**

ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାର ଶୁଣାଣିକରି କୋରାପୁଟ ଜିଲା ଜୟପୁରସ୍ଥିତ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୧୮ଟି ଦସ୍ତାବିଜକୁ ଭିତ୍ତି କରି ପୀଡ଼ିତାଙ୍କ ସାବତ ମାମୁଙ୍କୁ ୬ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅନାଦାୟେ ଆଉ ୬ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ। ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାନୁଯାୟୀ, ନାବାଳିକାଙ୍କ ମା'ଙ୍କ ମୃତ୍ୟୁ ପରେ ତାଙ୍କ ବାପା ସୁନାବେଡ଼ା ଥାନା ଅଞ୍ଚଳରେ ରହୁଥିବା ସାବତ ମାମୁଙ୍କ ଘରେ ପଢ଼ିବାକୁ ଛାଡ଼ିଥିଲେ। ୨୯ ଜାନୁଆରୀ ୨୦୨୩ରେ ନାବାଳିକାଙ୍କ ମାଈଁ ଘରେ ନ ଥିବା ସମୟରେ ଅଭିଯୁକ୍ତ ସୁପ୍ ପିଇବାକୁ ଡାକିଥିଲେ। ସେ ମନା କରିବାକୁ ଅଭିଯୁକ୍ତ ତାଙ୍କ ତଣ୍ଟି ଚିପିଥିଲେ। ନାବାଳିକା ଭୟରେ ପଡ଼ୋଶୀଙ୍କ ଘରକୁ ଚାଲିଯାଇଥିଲେ। ମାମୁ ଯୌନ ନିର୍ଯାତନା ଦେଉଥିବା ପୀଡ଼ିତା ତାଙ୍କ ପଡ଼ୋଶୀଙ୍କୁ କହିଥିଲେ। ଘଟଣା ବିଷୟରେ ଜାଣିବା ପରେ ଗ୍ରାମବାସୀ ସୁନାବେଡ଼ା ଥାନାରେ ଜଣାଇଥିଲେ। ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିବାକୁ ମନା କରିବାରୁ କୋରାପୁଟ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନାବେଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରୀ ଦେବୀ ମାମଲା ପରିଚାଳନା କରିଥିଲେ।

# ୪୪ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ

କୋରାପୁଟ, ୨୫।୨(ଅମିତାଭ ବେହେରା)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ ଜିଲା ପ୍ରସାଶନ ଏବଂ ହାଲ, ସୁନାବେଡ଼ାର ମିଳିତ ଉଦ୍ୟମରେ ସଦର ବ୍ଲକ ଏବଂ ପୌରପାଳିକାର ୪୪ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକଣ ବଣ୍ଟନ କରାଯାଇଛି। ହାଲ୍ ଏଜିଏମ୍ ଅଜିତ୍ କୁମାର ପୋଚରୀ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ କୋରାପୁଟ ବ୍ଲକ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼, ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ହାଲ୍ ବରିଷ୍ଠ ପରିଚାଳକ ସ୍ମିତା ମହାପାତ୍ର, କୋରାପୁଟ ଜିଲା ଭିନ୍ନକ୍ଷମ ପୂନର୍ବାସ ଅଧିକାରୀ ସୁଶ୍ରୀ ପ୍ରେମ ଦାନି କିଣ୍ଡୋ ଉପସ୍ଥିତ ଥିଲେ। ସହାୟତା ପାଇଥିବା ହିତାଧିକାରୀଙ୍କୁ ନଭେମ୍ବର ୨୦୨୪ରେ ଚିହ୍ନଟ କରାଯାଇଥିଲା। ମଙ୍ଗଳବାର ସେମାନଙ୍କୁ ବ୍ୟାଟେରି ଚାଳିତ ଟାଇସାଇକେଲ, ସ୍ମାର୍ଟ ଫୋନ, ହୁଇଲ୍ ଚେୟାର, ଆଶାବାଡ଼ି, ବ୍ରେଲ୍ କିଟ୍, ଶ୍ରବଣ ଯନ୍ତ୍ର ଆଦି ୧୪୪ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଆଲିମକୋରୁ ଆସିଥିବା ଟେକ୍ନିସିଆନମାନେ ପରିକ୍ଷା ନିରୀକ୍ଷା କରି କର୍ଣ୍ଣ ଯନ୍ତ୍ର ସମେତ ଅନ୍ୟ ଉପକରଣ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। କୋରାପୁଟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପିଙ୍କି ଅଚାରୀ ଏବଂ କାର୍ଯ୍ୟକ୍ରମ ସହାୟକ ନୀତିନ କୁମାର ଭୁକ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶାରେ ଜନଜାତିଙ୍କ ଶିକ୍ଷାଗତ ବିକାଶ ନେଇ ଆଲୋଚନା

କୋରାପୁଟ,୨୫।୨ (ଅମିତାଭ ବେହେରା)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା-ପଶ୍ଚିମ ପ୍ରାନ୍ତ ପକ୍ଷରୁ କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମରେ ଜନଜାତି ଛାତ୍ର ସଂସଦ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରୀୟ ଜନଜାତି ପ୍ରମୁଖ ପ୍ରମୋଦ ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ ନେଶ ଶବର ମୁଖ୍ୟବକ୍ତା, ଅନ୍ୟ ଅତିଥିଙ୍କ ମଧ୍ୟରେ ଓଡିଶା ପଶ୍ଚିମ ଜନଜାତି ପ୍ରମୁଖ ଡ ସୁନିତ ପାଶୱାନ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା, ପ୍ରାନ୍ତ ଜନଜାତି ସଂଯୋଜକ ଚୂଡ଼ାମଣି ପ୍ରଧାନ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ଉପସଭାପତି ନିର୍ଝରିଣୀ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶାରେ ଜନଜାତିଙ୍କ ଶିକ୍ଷାଗତ ବିକାଶ, ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଆଦି ସମ୍ପର୍କରେ ଏହି ଜନଜାତି ଛାତ୍ର ସଂସଦରେ ଆଲୋଚନା କରାଯାଇଥିଲା। ତିନୋଟି ଅଧିବେଶନରେ ଏହି ଜନଜାତି ଛାତ୍ର ସଂସଦ ଶେଷ ହୋଇଥିଲା। ଓଡ଼ିଶାର ପଶ୍ଚିମ ପ୍ରାନ୍ତର ବିଭିନ୍ନ ଜିଲା ଯଥା ସୁନ୍ଦରଗଡ଼,ସମ୍ବଲପୁର, ବୌଦ୍ଧ,ମାଲକାନଗିରି, ନବରଙ୍ଗପୁର, କୋରାପୁଟ ଆଦି ଜିଲାର ଜନଜାତି ଏବିଭିପି ବିଦ୍ୟାର୍ଥୀ ଯୋଗ ଦେଇ କାର୍ଯ୍ୟକ୍ରମରେ ଅନେକ ଶିକ୍ଷଣୀୟ ଜ୍ଞାନ ଆହରଣ କରିଥିଲେ। ପ୍ରାୟ ଶହେ ଜଣ ଏବିଭିପି ବିଦ୍ୟାର୍ଥୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

# ଜଙ୍ଗଲ ସୁରକ୍ଷିତ ରହିଲେ ବଞ୍ଚିବ ଜୀବଜଗତ


ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନେଇ ସମସ୍ତେ ଶପଥପାଠ କରୁଛନ୍ତି।

ସୁନାବେଡ଼ା/ସେମିଳିଗୁଡ଼ା,୨୫।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

**ଜଙ୍ଗଲ ନିଆଁ ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ**

କୋରାପୁଟ ବନଖଣ୍ଡ ଅଧୀନ ସେମିଳିଗୁଡା ବନାଞ୍ଚଳ ପକ୍ଷରୁ ଜଙ୍ଗଲରେ ନିଆଁକୁ ବାରଣ ସମ୍ପର୍କୀୟ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡ଼ାମ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, କୋରାପୁଟ ଏଫ୍‌ଇଏସ୍ ପ୍ରୋଜେକ୍ଟ କୋଅର୍ଡିନେଟର ପ୍ରଦୀପ ମିଶ୍ର, ବନାଞ୍ଚଳ ଅଧିକାରୀ ତ୍ରିପତି ପଣ୍ଡା, ଆୟୁର୍ବେଦ ଚିକିତ୍ସକ ହରି ପାଙ୍ଗି ଯୋଗ ଦେଇଥିଲେ। ଜଙ୍ଗଲକୁ ସୁରକ୍ଷିତ ରଖିଲେ ଆମେ ସୁରକ୍ଷିତ ରହିପାରିବା। ଜିଲାରେ ଭରପୁର ଜଙ୍ଗଲ ରହିଛି। ଏହାକୁ ସୁରକ୍ଷା ଦେଲେ ଖଣି ସହ ସମଗ୍ର ଜୀବ ଜଗତ ବଞ୍ଚି ରହିବ ବୋଲି ଅତିଥିମାନେ ମତ ଦେଇଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ଅଧିକରୁ ଅଧିକ ସଚେତନ କରିବା ଏକମାତ୍ର ବିକଳ୍ପ ବୋଲି ଅତିଥିମାନେ ମତ ରଖିଥିଲେ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ପରିବେଶ ବିଗିଡିବା, ଜଳବାୟୁ ପରିବର୍ତ୍ତନ, ବର୍ଷା ପରିମାଣ କମିବା ସହ ଗରମ ହେବା ଓ ପ୍ରଦୂଷଣ ବୃଦ୍ଧି ପାଉଥିବା କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ କହିଥିଲେ। ଜଙ୍ଗଲରେ ନିଆଁ ନ ଲଗାଇବା ତଥା ଲାଗିଥିବା ନିଆଁ କିପରି ଆୟତ୍ତ କରିବା ନେଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିବା ସହ ସେ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ ସୁରକ୍ଷା ସମିତି ଏନିମେଟର, ସଭାପତିଙ୍କ ସହ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଏବଂ ଅନେକଗୁଡିଏ ଗାଁର ଲୋକେ ଉପସ୍ଥିତ ଥିଲେ। ଜଙ୍ଗଲ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ସୁରକ୍ଷା କର୍ମୀ ସିଙ୍ଗୁର ହନ୍ତାଳ, ସୁବାରେଙ୍ଗା ବୋଇ ଏବଂ ଲକ୍ଷ୍ମଣ ଖରାଙ୍କୁ ସମ୍ମାନୀତ କରାଯାଇଥିଲା। ନାରାୟଣପାଟଣା ବନପାଳ ଲକ୍ଷ୍ମୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋରାପୁଟ ବନାଞ୍ଚଳର ଡେପୁଟି ରେଞ୍ଜର ବିକାଶ ପାତ୍ର, ସେମିଳିଗୁଡ଼ା ବନପାଳ ନିରଞ୍ଜନ ଶତପଥୀ, ବନରକ୍ଷୀ ସୌମ୍ୟରଞ୍ଜନ ବେହେରା, ଡିଇଓ ସୁଶୀଲ କୁମାର ପାଣିଗ୍ରାହୀ ସହଯୋଗ କରିଥିଲେ।

# ସରସ ଆଜୀବିକା ମେଳାରେ ଦାରିଙ୍ଗବାଡ଼ିର ଲକ୍ଷପତି ଦିଦି | କନ୍ଧମାଳ ହଳଦୀ, ମସଲା କିଣିଲେ କେନ୍ଦ୍ରମନ୍ତ୍ରୀ

ଦାରିଙ୍ଗବାଡ଼ି, ୨୫।୨ (ଅରୁଣ ସାହୁ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିର ଲକ୍ଷପତି ଦିଦି ଝରଣା ସାହୁ ଉତ୍ତର ପ୍ରଦେଶର ନଏଡ଼ାଠାରେ ଚାଲିଥିବା ସରସ ଆଜୀବିକା ମେଳାରେ ସାମିଲ ହୋଇଛନ୍ତି। ଆଜୀବିକା ମେଳାକୁ ମଙ୍ଗଳବାର କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶ୍ୱାନ ଓ ଗ୍ରାମାଞ୍ଚଳ ବିକାଶ, ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଶେଖର ପ୍ରେମ୍ମାସାନି ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଉଭୟ ସେଠାରେ କନ୍ଧମାଳ ଷ୍ଟଲରୁ ହଳଦୀ ସହ ମସଲା ସାମଗ୍ରୀ କ୍ରୟକରି ଲକ୍ଷପତି ଦିଦି ଝରଣାଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ବିଭିନ୍ନ ରାଜ୍ୟରୁ ୩ ଶହରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଥିବା ବେଳେ ସେଥିମଧ୍ୟରେ ଓଡ଼ିଶାରୁ ୭ଟି ରହିଛି। କନ୍ଧମାଳ ଜିଲ୍ଲା ଷ୍ଟଲ ସହ ଯାଜପୁର ଜିଲ୍ଲାର ଶାଢ଼ି, କେନ୍ଦ୍ରାପଡ଼ାର କାଇଁଚରୁ ପ୍ରସ୍ତୁତ ସାମଗ୍ରୀ, ଗଞ୍ଜାମରୁ ତେଡି ଓ କାଠରେ ପ୍ରସ୍ତୁତ ସାମଗ୍ରୀ, ପୁରୀ ଜିଲ୍ଲାର ପଟ୍ଟଚିତ୍ର, ବାଲେଶ୍ୱର ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ ଓ ସୋନପୁର ଶାଢ଼ି ଷ୍ଟଲରେ ବିକ୍ରିବଟା ଚାଲିଛି। କନ୍ଧମାଳ ହଳଦୀ, ତେଜ୍ପତ୍ର, ଡାଲମା ମସଲା, ଗରମ ମସଲା, ସୋରିଷ, ତେଜପତ୍ର, ଡାଲିଜାତୀୟ ସାମଗ୍ରୀ, ମାଣ୍ଡିଆ ଆଦିର ଚାହିଦା ଅଧିକ ରହିଛି। ଆସନ୍ତା ମାର୍ଚ୍ଚ ୧୦ରେ ମେଳା ଉଦ୍ଯାପିତ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୪ରେ ଝରଣା ସାହୁ ଉକ୍ତ ହାଟରେ ଲକ୍ଷାଧିକ ଟଙ୍କାର ହଳଦୀ ସମେତ ମସଲା, ଜଙ୍ଗଲଜାତ ସାମଗ୍ରୀ ବିକ୍ରିକରି ପୁରସ୍କୃତ ହୋଇଥିବା ବେଳେ ଲକ୍ଷପତି ଦିଦିର ଉପାଧି ପାଇଥିଲେ। ଚଳିତବର୍ଷ ମଧ୍ୟ ଏହି ମେଳାରେ ଭଲ ବିକ୍ରି ହେବ ବୋଲି ଝରଣା ଖୁସିଛନ୍ତି। ସେ କନ୍ଧମାଳ ସମେତ ବିଭିନ୍ନ ପ୍ରକାର ମସଲା, ବଡ଼ି, ପାମ୍ପଡ଼, ଆଚାର ଆଦି ପ୍ରସ୍ତୁତକରି ମେଳାକୁ ନେଇଥିବା କହିଛନ୍ତି।



କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶ୍ୱାନ ଦାରିଙ୍ଗବାଡ଼ିର ଝରଣା ସାହୁଙ୍କଠାରୁ ହଳଦୀ କିଣୁଛନ୍ତି।

## OFFICE OF THE EXECUTIVE ENGINEER, RWS&S DIVISION, ATHAGARH

At/Post: Athagarh, Email: eerwssathagarh@gmail.com

**1st Corrigendum to Tender Call Notice No.RWS/ATH/10/2024-2025**

No.227, Dt.20.02.2025

**No.O-1527:** The e-Procurement Notice No.RWS/ATH/10/2024-25 & Letter No.111, dt.28.01.2025 of RWSS Division, Athagarh is hereby modified due to unavoidable circumstances.

**RESCHEDULED TIME TABLE**

| Sl.No. | Item | As per Notice | Rescheduled Date & Time |
|---|---|---|---|
| 1 | Availability of Bid Documents in the website in the portal | 20.02.2025 at 10.00 AM to Dt.03.03.2025 upto 5.30 PM | 21.02.2025 at 10.00 AM to 03.03.2025 upto 5.30 PM |
| 2 | Date and Time of seeking Tender Clarification | 20.02.2025 to 21.02.2025 upto 5.30 PM | 21.02.2025 to 22.02.2025 upto 5.30 PM |

All other terms & conditions shall remain unchanged.

Sd./- (Er. Chachin Mishra)
Executive Engineer, RWS&S Division, Athagarh

OIPR-25165/11/0005/2425

## DISTRICT PROJECT OFFICE SAMAGRA SHIKSHA, MAYURBHANJ

Murgabadi Golai, Baripada, PIN-757002
Email: dpcmayurssa.opepa@nic.in
No.744/ Date:24.02.2025

**NOTICE**

**No.n-230:** In pursuance of the advertisement published vide No.878, dtd.04.03.2024 and corrigendum No. 1818, dtd.02.07.2024, the Draft Valid & Invalid list of candidates for different posts in Kasturba Gandhi Balika Vidyalayas (KGBV Type-III) under Mayurbhanj District have been hosted in the website of www.osepa.odisha.gov.in and www.mayurbhanj.odisha.gov.in for information of the candidates. If there is any objection on the published list, then the candidates may file their objections with documentary proof in person at District Project Office, Samagra Shiksha, Mayurbhanj at Murgabadi, Baripada from 25.02.2025 to 07.03.2025 during office hour.

Sd./-
District Education Officer-cum-DPC
Samagra Shiksha, Mayurbhanj

OIPR-27140/11/0009/2425

## ପୌର ପରିଷଦ କାର୍ଯ୍ୟାଳୟ, ବଲାଙ୍ଗୀର

OFFICE OF THE MUNICIPAL COUNCIL: BALANGIR
Address:- Office of the Municipal Council Balangir, Opp. of Rajendra Park, Balangir
Pin:-767001, Ph.No.:-06652-232720, Email Id:bgrmc1972@gmail.com
Letter No.865 Date:24.02.25

**ଅଭିବ୍ୟକ୍ତି ପ୍ରକାଶନ – ଆଶ୍ରୟସ୍ଥଳୀ ପରିଚାଳନା ନିମନ୍ତେ**

ନଂ.C-1729: ଏତଦ୍ଵାରା ବଲାଙ୍ଗୀର ପୌର ପରିଷଦ ଅନ୍ତର୍ଗତ/ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ମହାସଂଘମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବଲାଙ୍ଗୀର ପୌର ପରିଷଦ ଅଧୀନରେ ଥିବା ଆଶ୍ରୟସ୍ଥଳୀ ପରିଚାଳନା ନିମନ୍ତେ ଆବେଦନ ଗ୍ରହଣ କରାଯାଉଅଛି। ଦେଶୁ ଲକ୍ଷ୍ମ ଏବଂ ଦକ୍ଷ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘମାନେ ତା.୨୪.୦୨.୨୦୨୫ ରିଖରୁ ତା.୧୦.୦୩.୨୦୨୫ ରିଖ (ଅପରାହ୍ନ ୪.୦୦ ଘଟିକା) ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ କାଗଜପତ୍ର ସହିତ ବନ୍ଦ/ମୁଦା ଲଫାପାରେ ବଲାଙ୍ଗୀର ପୌର ପରିଷଦ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ କରାଗଲା। ସବିଶେଷ ବିବରଣୀ: https://balangir.odisha.gov.in ରେ ଉପଲବ୍ଧ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ପୌର ପରିଷଦ, ବଲାଙ୍ଗୀର

OIPR-13169/11/0032/2425

## BERHAMPUR MUNICIPAL CORPORATION

No. 2614/XVIII.E6.125/23 Date : 24.02.2025

**Quotation Call Notice**

**No.C-1733** : Sealed Quotations are invited from Authorised Firms/ Agencies from Odisha registered under appropriate authority for **"Supply and Installation of AC in the 1st Floor Conference Hall of BeMC"**. The detailed terms & conditions are available at our office website www.berhampur.gov.in. The last date of receipt of Quotation in this office by 06.03.2025 17:00 Hrs and will be opened on 07.03.2025 at 11:30 Hrs. in the office of undersigned.

The Authority reserves the right to accept or reject any Quotation without assigning any reason thereof.

Sd./- Commissioner
Berhampur Municipal Corporation

OIPR-13035/11/0032/2425

## ODISHA JOINT ENTRANCE EXAMINATION 2025, OJEE 2025

**Ref No. : 065/OJEE** **Date : 25-02-2025**

**NOTICE**

**No.h-20** : For extension of date of submission of bids in r/o Tender ID No. OJEE/737 dated 08.01.2025 for Online Examination (Computer Based Test): Conduct and Processing of Entrance Examinations of ODISHA JOINT ENTRANCE EXAMINATION (OJEE) – 2025.

With reference our advertisements published in newspapers and our websites vide No : OJEE/735 dated 08.01.2025 and subsequent tender corrigendum No : OJEE/743, dated 21.01.2025 bidders are hereby informed that the last date to submit the complete tender documents is further extended as given below :

Submission of complete tender document : 12.03.2025 at 5:00 P.M.

Bids opening date & time : 13.03.2025 at 11:30 A.M.

All other terms and conditions will remain same as per original tender document and subsequent corrigendum notice. For other details please visit https://ojee.nic.in, www.odishajee.com.

OIPR-44026/11/0015/2425 Sd./- Chairman, OJEE

## MUNICIPAL OFFICE: JAJPUR

(Ph.06728-222073/E-mail: jajpur.m.1869@gmail.com)
No.591/Date:21.2.2025

**QUOTATION CALL NOTICE FOR WALL PAINTING, HOARDING, FLEX BANNER & VINYL STICKER**

No.C-1735:The Executive Officer, Jajpur Municipality invites sealed quotation(s) in from the intending bidder(s)/contractors (S) / Agencies for " Wall Painting, Hoarding Flex Banner & Vinyl Stick" for focus on IEC activities relating to Swachh Survekshan -2024 in respect of Jajpur Municipality. The intending bidders satisfying the eligible criteria as provided in the quotation paper can take part in the bidding process. The quotation paper containing general bid of information, term & conditions will be issued from the office of the undersigned w.e.f 24.02.2025 to 01.03.2025 in the working days & hours respectively on payment of cash of Rs.1000/- (One Thousand). Such quotation paper duly filled in properly shall be submitted to the undersigned by Regd.Post/Speed Post /Courier service /by hand on or before 5.00 pm on Dt. 01.03.2025 which shall be opened on 03.03.2025 at 4.00 PM in presence of the bidders or their authorized representatives in the Municipal Office, Jajpur. The date of opening shall not be deferred in the absence of either bidder or their authorized representatives. The bidder should attaches the copy of GST /PAN card and declaration towards EMD.

**SPECIFICATION**

| Sl. No. | Item | Unit | Price per Unit (Including GST) |
|---|---|---|---|
| 01 | Wall Painting | Per Sqft | |
| 02 | Hoarding | Per Sqft | |
| 03 | Flex Banner | Per Sqft | |
| 04 | Vinyl Sticker | A4 Size | |
| 05 | Leaflet | 8"x6" Size | |

The authority reserves the right to reject or cancel this quotation call notice without assigning any reason thereof.

Sd./- Executive Officer
Jajpur Municipality

OIPR-13171/11/0012/2425

## ZILLA SWASTHYA SAMITI, MALKANGIRI

**TENDER CALL NOTICE**

No. 2057/2025 Date : 21.02.2025

**No.E-785** : Sealed tenders are invited from interested / bonafied / registered printing agency for supply of various printing materials on annual rate contract basis to C.D.M & P.H.O, Malkangiri. The details regarding specifications, terms and conditions may be downloaded from district website www.malkangiri.odisha.gov.in. The bids in sealed envelope should reach the office of the undersigned by 10.03.2025 (Monday) till 4.00 P.M. along with all relevant documents. The tender will be opened at 05.00 P.M. on 10.03.2025 (Monday) in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

Sd./- C.D.M & P.H.O-cum-District Mission Director, District Health Mission, Malkangiri

OIPR-10086/11/0010/2425

## OFFICE OF THE ROURKELA MUNICIPAL CORPORATION

UDITNAGAR, ROURKELA, ODISHA - 769012
E-Mail Id : rourkelamunicipality@gmail.com

Letter No. : 2737 Date : 20.02.2025

**Tender Call Notice for O & M of Road Sweeping Machine**

**No.C-1728** : Rourkela Municipal Corporation (RMC), Rourkela invites bids from experienced Service Provider / Agencies under Two Bid System (Technical Bid & Commercial Bid) for **"Comprehensive Operation & Maintenance of 03 (Three) Single Engine Truck Mounted Road Sweeping Machine under Rourkela Municipal Corporation"**. The details of Tender document may be seen / download from www.rmc.in. Any Changes, corrigendum etc. will be updated at the mentioned portal only. For further queries / comments, please contact to E-mail ID of rourkelamunicipality@gmail.com.

Bids are to be submitted through sealed cover envelope containing two separate sealed envelopes for Technical and Financial Bids. The interested bidders should submit the complete tender in the sealed cover addressed to Commissioner, Rourkela Municipal Corporation, Uditnagar, Rourkela - 769012 (Odisha) superscribing as **"Tender for Comprehensive Operation & Maintenance of 03 (Three) Single Engine Truck Mounted Road Sweeping Machine"** through Speed Post / Registered Post/ Courier or by Hand on or before **12.03.2025** up to **1.00 P.M.** The Tender will be opened on the same day at **4.30 P.M.** in presence of the Bidders who wish to attend. If the last date of submission & opening of bid happens to be a holiday, the next working day will be treated as the submission and opening of bid respectively. Authority reserves the right to accept / reject any or all tenders without assigning any reason thereof.

Sd./- Commissioner
Rourkela Municipal Corporation

OIPR-13131/11/0097/2425

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA

Phone No. : 06856-235603, Fax No. : 06856-235603

Adv No. : 1506/2025 Date : 20.02.2025

**SHORT TENDER CALL NOTICE**

**No.E-** : SEALED TENDERS ARE INVITED BY SUPERSCRIPTING ON THE TOP OF THE ENVELOPE FINALISATION OF RATE CONTRACT OF EQUIPMENT & FURNITURE FOR MIDWIFERY LED CARE UNIT (MLCU) FOR THE YEAR 2024-25. THE TENDER PAPERS WITH ALL TERMS AND CONDITIONS SHALL BE DOWNLOADED FROM DISTRICT WEBSITE i.e. www.rayagada.odisha.gov.in FROM 20.02.2025 TO 03.03.2025 ON PAYMENT OF Rs. 2000/- (Non Refundable) IN SHAPE OF BANK DRAFT DRAWN IN FAVOUR OF CDM & PHO, RAYAGADA FROM ANY NATIONALIZED / SCHEDULED BANK, PAYABLE AT RAYAGADA. THE LAST DATE OF RECEIPT OF TENDER IS 03.03.2025 UPTO 5.30 P.M. THE SAME WILL BE OPENED AT 11.00 A.M. ON 07.03.2025. IN THE OFFICE CHAMBER OF CDM & PHO, RAYAGADA. THE PARTIES /AUTHORIZED REPRESENTIVES MAY BE PRESENT BEFORE THE TENDER OPENING TIME. THE UNDERSIGNED RESERVES THE RIGHT TO REJECT ANY OR ALL THE TENDERS WITHOUT ASSIGNING ANY REASON THEREOF.

Sd./- Dr. Lalmohan Routroy
Chief District Medical & Public Health Officer, Rayagada

OIPR-10035/11/0013/2425

## OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR

GOVERNMENT OF ODISHA, "e"-PROCUREMENT NOTICE
**WORKS DEPARTMENT**
E-mail: ceworldbankprojects@gmail.com

**2nd Corrigendum to Bid Identification No. CE-BRIDGES - 12/2024-25**

**No.B-1031** : Tender for the work at Sl.01 "Construction of H. L. Bridge over Chhatisha Nallah at Chainage 4.760km on Old Cuttack - Sambalpur Road in the District of Cuttack under State Plan for the year 2024-25" invited vide Bid Identification No. CE-BRIDGES – 12/ 2024–25 is hereby cancelled due to single qualified bid in 1st tender call.

Sd./- Chief Engineer, Bridges, Odisha, Bhubaneswar

OIPR-34174/11/0038/2425

## SECTION-1 GOVERNMENT OF ODISHA OFFICE OF THE PANCHAYAT SAMITI, KRUSHNAPRASAD, PURI

Email : ori-krushnaprasad@nic.in

**NOTICE INVITING TENDERS FOR THE WORK NATIONAL COMPETITIVE BIDDING THROUGH e-Procurement Identification No.**

**No.i-509** : **The OFFICE OF THE PANCHAYAT SAMITI, KRUSHNAPRASAD, PURI, ODISHA** on behalf of Govt. of Odisha invites **Percentage Rate Bids** through e-Procurement in conformity with the terms and conditions of the Detailed Tender Call Notice (DTCN) in Single Bid System from Class of Contractors as mentioned in Col. 6 of table registered with the State Government and contractors of equivalent Grade / Class registered with Central Government/MES/ Railways for drawn up in the standard **P1 Contract Form**. The Bid should be submitted on-Line in the website **www.tendersodisha.gov.in** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement.

| | | | |
|---|---|---|---|
| 1 | Name of the Works | : | Constn. of 5 Nos. of ACR of different Schools under Krushnaprasad Block |
| 2 | No. of Works | : | 05 |
| 3 | Estimated Cost | : | Rs.13,46,750/- to Rs.13,99,127/- |
| 4 | Period of Completion | : | 90 days |
| 5 | Date and Time of Availability of Bid Documents in the Portal | : | From Dt.21.02.2025 at 11 A.M. to 03.03.2025 upto 17 hours |
| 6 | Last Date/Time of Receipt of Bids in the Portal | : | Dt.03.03.2025 upto 17 hours |
| 7 | Date of Opening of Bids | : | Dt.04.03.2025, 12.00 Noon onwards |
| 8 | Name and Address of the OIT | : | Office of the Panchayat Samiti, Krushnaprasad, Puri, Odisha |

Sd./- Block Development Officer
Krushnaprasad

OIPR-19428/11/0004/2425

## OFFICE OF THE SUPERINTENDING ENGINEER MINOR IRRIGATION DIVISION, GANJAM-II, BERHAMPUR

No.A-
(Email ID : mi2exe.engr@yahoo.co.in, Phone No. 06802290475)
No. /GMID-II, Berhampur Dated

**SHORT QUOTATION / TENDER CALL NOTICE**
GMID-II / 950 / Date : 21.02.2025

| | | | |
|---|---|---|---|
| 1 | Name of the Work | : | Supply of Office Stationery & Printing materials for use in 50 Nos. of Pani Panchayat Offices of 50 Nos. of MIPs under MI Division, Ganjam No II, Berhampur in seven blocks |
| 2 | Period of Completion | : | Before 15th March, 2025 |
| 3 | Date, Time and Place of Receipt of Bid | : | From 11.00 A.M. of 24.02.2025 to 28.02.2025 up to 2.00 P.M. at M.I. Division, Ganjam No.-II, Berhampur |
| 4 | Date, Time and Place of opening of Quotation / Tender | : | At 3.00 P.M. on Dtd. 28.02.2025 in the Office of **The Superintending Engineer, Minor Irrigation Division, Ganjam No. II, Berhampur** |
| 5 | Name and Address of the Inviting Officer | : | The Superintending Engineer, Minor Irrigation Division, Ganjam No. II, Berhampur Email : mi2_exe.engr@yahoo.co.in |

The complementary copies for the same may please be sent to this office for reference and record.

Yours faithfully
Sd./- Superintending Engineer
M.I. Divn. Ganjam-II, Berhampur

OIPR-32043/11/0016/2425

## ODISHA HYDRO POWER CORPORATION LIMITED

OHPC
BALIMELA HYDRO ELECTRIC PROJECT,
POST:BALIMELA:DIST:MALKANGIRI (ODISHA)
PIN:764051, Phones:06861-232581 (O)/232659 (O), Fax:06861-232541
E-Mail:unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED
BHOI NAGAR, JANAPATH, BHUBANESWAR-22
Tel:91-0674-2542983, 2542802, 2545526, Fax:2542102, GRAM:HYDROPOWER
E-MAIL: ohpc.co@gmail.com/md@ohpcltd.com, Web: www.ohpcltd.com
CIN:U40101OR1995SGC003963

**TENDER CALL NOTICE NO: BHEP-52/2024-25, DATED-20.02.2025**

**No.CAD-2669:** Sealed tenders are invited in single part bid basis from the Manufacturers/authorized dealers/ channel partners/ reputed suppliers as per eligibility criteria for supply of the following materials.

| Sl.No. | Description of Work | Cost of Tender Paper in Rs. |
|---|---|---|
| 1 | Procurement of Cathode Reagent Hydranal Coulomat, Anode Reagent Hydranal Coulomat, Methanol Emplura & Lithium-Ion Battery for BHEP, Balimela | Rs.2360/- (Rs.2,000/- + GST @ 18%) (Non-Refundable) |

| | | |
|---|---|---|
| The sale /download of Tender Paper will be from | : | **Dtd. 27.02.2025 to 12.00 Hrs. on Dtd.17.03.2025** |
| The last date & time of receipt of tender | : | **Upto 12.30 Hrs. on Dtd.17.03.2025** |
| The date and time of opening of technical bid of tender | : | **At 13:00 Hrs. on Dtd.17.03.2025** |

For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com.

Sd./- C & P Head
BHEP, Balimela

OIPR-04019/11/0061/2425

## OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-II AT/PO - BHASKARGANJ, BALASORE

No.B-1033

Contact No : 06782-263149, E Mail ID : eepwdbls2@gmail.com

**SHORT TENDER CALL NOTICE**

**BID INVITATION NO. EE (R and B) BLS-II-33/2024-25**
**No. 1054 dt. 20.02.2025**

| | | | |
|---|---|---|---|
| 1 | The Executive Engineer, Balasore (R&B) Division-II, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works. | | |
| 2 | No. of Work | : | 2 Nos. |
| 3 | Nature of work | : | Building and Bridge Work of Balasore (R&B) Division-II |
| 4 | Class of Contractor | : | **"C" and "B"** |
| 5 | Approx. value of work | : | Rs.21.84 Lakhs to 23.13 Lakhs |
| 6 | Tender Cost | : | Rs.6000.00 |
| 7 | Availability of Bid Documents in the website | : | From 10.00 A.M. of 25.02.2025 to 4.00 P.M. of 06.03.2025 |
| 8 | Date of Opening of Bid | : | Dt. 06.03.2025 at 4.30 P.M. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

Sd./- Superintending Engineer,
Balasore (R&B) Division-II

OIPR-34155/11/0017/2425

See Career Appointment on every Wednesday & Saturday

## DISTRICT OFFICE, SUNDARGARH

(Social Welfare Section)
No. 838/Dt. 21.02.2025

**TENDER CALL NOTICE**

**No.g-185** : Sealed tenders in the prescribed format are invited from intending registers Printing Press/Supplying Agencies/Firm Proprietor for printing and supply of Nua Arunima Workbook I&II, Child Assessment Card and Picture/Numeracy Book (6 to 8 Nos.) to all ICDS Project in Sundargarh District.

The tender notice along with Terms & Conditions and other details for the above purpose can be downloaded from District Websites (https://sundargarh.odisha.gov.in/ or can be seen in the Tender Notice displayed in the notice board of DSWO, Sundargarh.

Sd./- District Social Welfare Officer
Sundargarh

OIPR-24400/11/0008/2425

## ODISHA CONSTRUCTION CORPORATION LTD.

(A Govt. of Odisha Undertaking)
CENTRAL WORKSHOP, RASULGARH, BHUBANESWAR-751010 (ODISHA)
Tel-0674:2580107, Email:smppmcws@gmail.com, (GSTIN- 21AAACO2571K2ZM)

**Tender Call Notice No.OCC/CWS/PROC/CS-01/72/2024-25, dtd. 21.02.2025**

**No.CAD-2665:** Type of Work: Supply of Pulley Pin for Kanupur Irrigation Project (130 T Rope drum Hoist). Total No. of Work: 01 (One). Period of Completion: 10 (Ten) days.

| Procurement Officer | Tender Call Notice No. | Cost of Tender Document (including GST) | Sale of Tender Document | Submission of Tender Document (Off-line mode) |
|---|---|---|---|---|
| Senior Manager (Mech.), OCC Ltd. Central Workshop, Rasulgarh, Bhubaneswar | OCC/ CWS/ PROC/ CS-01/72/ 2024-25 dtd.21.02.2025 | Rs.4720/- (Non-Refundable) | 22.02.2025 10.00 AM to 04.03.2025 1.00 PM | 22.02.2025 10.00 AM to 04.03.2025, 3.00 PM |

Date of Opening of the Tender : 04.03.2025 at 4.00 P.M.
Further details can be seen from the website **(www.odishaconstruction.com)**
**Amendment/ Corrigendum/ Cancellation, if any shall be posted on-line only (OCCL website).**

Sd./- Senior Manager (Mech.)-I, OCC Ltd., Bhubaneswar

OIPR-34163/11/0051/2425

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

**e-Procurement Notice**

No.O-1536:

| | | | |
|---|---|---|---|
| 1. | Name of Work | : | Improvement of Road in the district of Bolangir under MMSY-TRIP for the year 2024-25 |
| 2. | No. of Work | : | 2 (Two) Works |
| 3. | Time for Completion | : | 9 (Nine) Calendar Months |
| 4. | Approximate estimated cost varies from | : | Rs.337.55 lakhs to Rs.376.64 lakhs |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | : | |

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R. W. Circle, Bolangir | BLGR-Online - 13/2024-25 | 27.02.2025 at 11.00 AM | 13.03.2025 upto 5.00 PM | 12.03.2025 upto 5.00 PM | 17.03.2025 at 11.00 AM | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer,
R.W. Circle, Bolangir

OIPR-25118/11/0025/2425

## MUNICIPAL OFFICE, JHARSUGUDA

**"E" Procurement Notice**

**Tender Call Notice No. 701/JM Dt. 21.02.2025**

**No.C-1724** : BID Documents consisting of Work, Estimated Cost, Cost of tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

1. Tender Reference : EO/JMC/07/2024-25
2. Tender ID No. : 2025_ORULB_111046
3. Name of the Work : Civil Construction works as mentioned in website
4. No. of Works : As per DTCN
5. Estimated Cost : As per DTCN
6. Date & Time of availability of Bid Documents in the Portal : 24.02.2025 at 06.00 P.M.
7. Last date & time for receipt of Bids in the Portal : 06.03.2025 at 06.00 P.M.
8. Bids received online shall be opened on : 07.03.2025 at 03.30 P.M.
9. Name and address of the Officer inviting : Executive Officer, Jharsuguda Municipality
10. Further details can be seen from the procurement portal i.e. www.tenderodisha.gov.in

Sd./- Executive Officer
Jharsuguda Municipality

OIPR-13165/11/0048/2425

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER, RUSHIKULYABAHUDA BASIN, BERHAMPUR- 760004

e-Mail Id: se_sicbam@yahoo.com

**e-Procurement Notice No.ACE,RBB-13/2024-25**

**No.A-1098:** 1. Type of Work: Flood Protection works. 2. Total No. of Works: 02 (Two) No. 3. Amount put to tender: Rs.832.95 Lakh to Rs.687.12 Lakh. 4. Period of Completion: 11 (Eleven) Calendar Months. 5. Class of Contractor: 'A' & 'Spl'.

| Procurement Officer | Bid Identification No. | Name of Work | Bid Amount (Rs. in Lakh) | Availability & Submission of Bid On-line |
|---|---|---|---|---|
| Additional Chief Engineer, RushikulyaBahuda Basin, Berhampur | ACE,RBB (BNID)-26/2024-25 | Improvement to LFB of river Rushikulya near village Brahmunichhai | 832.95 | From 27.02.2025 10.00 AM to 13.03.2025 5.00 PM |
| | ACE,RBB (BNID)-27/2024-25 | Improvement to RFB of river Badanadi near village Kamagada | 687.12 | |

Date of Opening of the Technical Bid: **17.03.2025 at 11.30 A.M.**
Further details can be seen from the Govt. website **www.tendersodisha.gov.in**

Sd./- Additional Chief Engineer
RushikulyaBahuda Basin, Berhampur

OIPR-32111/11/0008/2425

## OFFICE OF THE PANCHAYAT SAMITI,BEGUNIAPADA,GANJAM

Letter No. [illegible], Date:20.02.2025

**DETAIL TENDER CALL NOTICE 05/BDO-BEGUNIAPADA OF 2024-25**

**No.i-511:** The Block Development Officer, Beguniapada invites sealed percentage rate tenders in single cover system on behalf of Governor of Odisha from registered and eligible class of civil contractor of the state PWD (R&B) Water Resources/ Rural Works/ M.I./ CPWD for the following work eventually to be drawn up in the PWD Form P-1 in conformity with the Detailed Tender Call Notice.

| Sl. No. | Name of the Work | Value of tender work excluding GST | Bid Security @ 1% (in Rs.) | Cost of Bid document (in Rs.) | Class of Bidder | Period of Completion |
|---|---|---|---|---|---|---|
| 1 | Construction of Addl. Class Room at Deuliapada U.P.S. | 1,325,407/- | 13255/- | 6000/- | C & D Class | 6 (Six) Calendar Months |
| 2 | Construction of Addl. Class Room at Sandhamula P.U.P.S. | 1,325,407/- | 13255/- | 6000/- | C & D Class | 6 (Six) Calendar Months |
| 3 | Construction of Addl. Class Room at Dhananjayapur Primary School at Digapada | 1,325,407/- | 13255/- | 6000/- | C & D Class | 6 (Six) Calendar Months |
| 4 | Construction of Addl. Class Room at Beguniapada P.U.P.S. | 1,325,407/- | 13255/- | 6000/- | C & D Class | 6 (Six) Calendar Months |
| 5 | Construction of Addl. Class Room at Kanta Girls High School, Beguniapada | 14,84,033/- | 14850/- | 6000/- | C & D Class | 6 (Six) Calendar Months |

Sale of tender paper- 24.02.2025 to 16.03.2025 upto between 10.30 AM to 5.00 PM (excluding Govt. Holiday)
Last Date of receipt of tender paper- 17.03.2025 upto 5.00 PM
Date of Opening of tender paper- 18.03.2025 at 11.00 AM
The details of terms & conditions of the tender/bid documents can be seen & downloaded from www.ganjam.nic.in and also seen and received from the Office of the Block Development Officer, Beguniapada.

OIPR-19417/11/0005/2425 Sd./- Block Development Officer, Beguniapada

# ଥରୁରଙ୍କୁ ନେଇ କଂଗ୍ରେସରେ ଫାଟ

## ବୈଠକ ଡାକିଲା କେରଳ କଂଗ୍ରେସ




କଂଗ୍ରେସ ନେତା ଶଶୀ ଥରୁର ମଙ୍ଗଳବାର ଭାଜପା ନେତା ପୀୟୂଷ ଗୋୟଲ ଏବଂ ବ୍ରିଟିଶ ବାଣିଜ୍ୟ ସଚିବ ଜୋନାଥନ ରେନୋଲ୍ଡସ୍‌ଙ୍କ ସହ ସେଲ୍‌ଫି ନେଉଛନ୍ତି।

ନୂଆଦିଲ୍ଲୀ,୨୫।୨

ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କ କେତେକ ମନ୍ତବ୍ୟକୁ ନେଇ କେରଳ କଂଗ୍ରେସରେ ବିବାଦ ଦେଖାଦେଇଛି। ଦଳ ପକ୍ଷରୁ ଭାବମୂର୍ତ୍ତି ସଜାଡ଼ିବା ଉଦ୍ୟମ ସ୍ୱରୂପ ବୈଠକ ଡକାଯାଇଛି। ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଦଳର ବହୁ ବରିଷ୍ଠ ନେତା ଯୋଗଦେବେ। ତେବେ ଥରୁରଙ୍କ ମନ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ନ ଦେବାକୁ ଦଳ ନିଷ୍ପତ୍ତି ନେଇଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଥିରୁଭାନନ୍ଥପୁରମ୍‌ରୁ ୪ ଥର ଏମ୍‌ପି ହୋଇଥିବା ଥରୁର ନିକଟରେ କେରଳରେ ସିପିଏମ୍‌ର ନୀତି ଓ ରାଜ୍ୟର ଅଭିବୃଦ୍ଧିକୁ ପ୍ରଶଂସା କରିଥିଲେ। ଏଥିସହିତ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୈଠକକୁ ମଧ୍ୟ ପ୍ରଶଂସା କରି ମତାମତ ଦେଇଥିଲେ। ଦଳ ଭିତରେ ରହି ଦଳକୁ ଦୁର୍ବଳ କରାଇବା ଆତ୍ମହତ୍ୟା ସଦୃଶ ବୋଲି କେରଳ କଂଗ୍ରେସ ମୁଖପତ୍ର ସମ୍ପାଦକୀୟରେ ଲେଖାଯିବା ସହ ଥରୁର ବିକୃତ ରାଜନୀତି କରୁଥିବା ଅଭିଯୋଗ ହୋଇଥିଲା। ଏହାର ଜବାବରେ ଥରୁର କହିଥିଲେ, କଂଗ୍ରେସ ଯଦି ତାଙ୍କୁ ନ ଚାହେଁ, ତେବେ ବିକଳ୍ପ ରହିଛି। ଦଳରେ ଫାଟ ବଢୁଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ଥରୁର ମଙ୍ଗଳବାର ଭାଜପା ନେତା ତଥା କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବ୍ରିଟିଶ ବାଣିଜ୍ୟ ସଚିବ ଜୋନାଥନ ରେନୋଲ୍ଡସ୍‌ଙ୍କ ସହ ସେଲ୍‌ଫି ଉଠାଇ ଏକ୍ସ’ରେ ପୋଷ୍ଟ କରିବା ପରେ ଦଳରେ ତାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଆହୁରି ବଢ଼ିଛି।

# ରାଜ୍ୟର ମର୍ଯ୍ୟାଦା ରକ୍ଷାରେ ଡବଲ ଇଞ୍ଜିନ ସରକାର ବିଫଳ: ରାଜନ୍

## କିଟ୍ ଛାତ୍ରୀ ଆତ୍ମହତ୍ୟା ଘଟଣା



ଖବରଦାତା ସମ୍ମିଳନୀରେ ବିଧାୟକ ରାଜନ୍ ଏକ୍କା ଓ ଅନ୍ୟମାନେ।

ଭୁବନେଶ୍ୱର, ୨୫।୨(ସୁନିତ୍ ମିଶ୍ର)

ନେପାଳୀ ଛାତ୍ରୀ ମୃତ୍ୟୁ ଭଳି ସଙ୍ଗୀନ ଘଟଣାର ଦୀର୍ଘଦିନ ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ପୂର୍ଣ୍ଣ ନୀରବ ରହିବା, ରାଜ୍ୟ ଶିକ୍ଷାମନ୍ତ୍ରୀ ଘଟଣାର ୧୦ ଦିନ ପରେ ମଧ୍ୟ ଘଟଣାସ୍ଥଳକୁ ନ ଯିବା ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅହେତୁକ ନୀରବତା ବହୁ କିଛି ଅକୁହା କଥା କହିପକାଉଛି। ନେପାଳ ସହ ଭାରତର ଦ୍ୱିପାକ୍ଷିକ ସମ୍ପର୍କ ଅତ୍ୟନ୍ତ ନିବିଡ଼। କିନ୍ତୁ କିଟ୍ ଘଟଣାରେ ଯେଉଁଭଳି ଏହି ଦ୍ୱିପାକ୍ଷିକ ସମ୍ପର୍କ ବ୍ୟାଘାତ ଘଟିଲା ଏହାକୁ ନେଇ ଦେଶ ଏବଂ ରାଜ୍ୟ ନେପାଳବାସୀଙ୍କ ସମ୍ମୁଖରେ ଘୋର ନିନ୍ଦିତ ଓ ଅପମାନିତ ହୋଇଛି। ଡବଲ ଇଞ୍ଜିନ ସରକାର ଦେଶ ଓ ରାଜ୍ୟର ମର୍ଯ୍ୟାଦା ରକ୍ଷା କରିବାରେ ବିଫଳ ହୋଇଥିବା ରାଜଗାଙ୍ଗପୁର ବିଧାୟକ ସି.ଏସ୍. ରାଜନ ଏକ୍କା କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜନ ଏକ୍କା କହିଛନ୍ତି, ଖାଲି ସେତିକି ନୁହେଁ, ଯେଉଁଭଳି କିଟ୍ କର୍ତ୍ତୃପକ୍ଷ ନେପାଳ ଛାତ୍ରୀଛାତ୍ରଙ୍କୁ ଜୋର ଜବରଦସ୍ତ ରେଲୱେ ଷ୍ଟେଶନରେ ଛାଡ଼ିଦେଲେ ତାହା ଅତ୍ୟନ୍ତ ଅମାନବୀୟ ଓ ରାଜ୍ୟ କଂଗ୍ରେସ ଏହି ଘଟଣାକୁ ଘୋର ନିନ୍ଦା କରୁଛି। ନେପାଳର ପ୍ରଧାନମନ୍ତ୍ରୀ କିଟ୍ ଘଟଣା ଉପରେ ସାମାଜିକ ଗଣମାଧ୍ୟମ ଏକ୍ସରେ ତାଙ୍କ ବିବୃତି ରଖିବା ପରେ କେନ୍ଦ୍ର ଓ ରାଜ୍ୟ ସରକାର ଉକ୍ତ ଘଟଣା ଜାଣିବାକୁ ପାଇଲେ। ସରକାର ସମ୍ପୂର୍ଣ୍ଣ ନିଦାବିଷ୍ଟ ସାଜି ଶୋଇରହିଥିଲେ। ଏଭଳି ଏକ ସଙ୍ଗିନ ପରିସ୍ଥିତିକୁ ନେଇ ବିଧାନସଭାରେ କଂଗ୍ରେସ ବିଧାୟକ ଦଳର ନେତା ଘୋର ଉଦ୍‌ବେଗ ପ୍ରକାଶ କଲା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୋଟିଏ ପଦ କହିଲେ ନାହିଁ। ମାତ୍ର ୮ କିଲୋମିଟର ବ୍ୟବଧାନରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଥାଇ ମଧ୍ୟ ମୁଖ୍ୟମନ୍ତ୍ରୀ କିମ୍ବା ଉଚ୍ଚଶିକ୍ଷା ମନ୍ତ୍ରୀ ଘଟଣାସ୍ଥଳକୁ କାହିଁକି ଗଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାସ୍ଥଳକୁ ଯିବା ପାଇଁ କାହାରିକୁ ସମୟ ମିଳୁନାହିଁ। କଥାରେ କେବଳ ଓଡ଼ିଆ ଅସ୍ମିତା, କିନ୍ତୁ କାମରେ ରାଜ୍ୟ ସ୍ୱାର୍ଥ ବିରୋଧୀ। ନେପାଳୀ ଛାତ୍ର ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଛାତ୍ର ଅଦ୍‌ଭିକ୍ ଶ୍ରୀବାସ୍ତବକୁ ଏପର୍ଯ୍ୟନ୍ତ ପୋଲିସ୍ କାହିଁକି ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ଉପସ୍ଥାପନ କରୁନାହିଁ। ଅଦ୍‌ଭିକ୍‌ଙ୍କ ପିତା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅତି ନିକଟତମ ସହଯୋଗୀ। ଏପରିକି ସେ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ଯଥା ଅମିତ ଶାହା ଓ ବହୁ ବରିଷ୍ଠ ଭାଜପା ନେତାଙ୍କ ନିକଟତମ ବ୍ୟକ୍ତି। ଏକଥା ଆଉ ଲୁଚିରହିନାହିଁ। ଏହି ସମ୍ପର୍କ ଯୋଗୁ ଅଦ୍‌ଭିକ୍‌ଙ୍କୁ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ଯଦି ଅତିଶୀଘ୍ର ଦୋଷୀକୁ ଦଣ୍ଡ ନ ଦିଅନ୍ତି ଆଗାମୀ ଦିନରେ ଏକ ବଡ଼ ଆନ୍ଦୋଳନ ହେବ ଏବଂ କିଭଳି ନେପାଳ-ଭାରତ ସମ୍ପର୍କ ଅକ୍ଷୁଣ୍ଣ ରହିବ ସେଥିପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯତ୍ନବାନ୍ ରହିବା ଦରକାର ବୋଲି ସେ କହିଛନ୍ତି।

# କିଟ୍‌ର ଡିମ୍‌ଡ ୟୁନିଭର୍ସିଟି ମାନ୍ୟତା ପ୍ରତ୍ୟାହାର ହେଉ: ଛାତ୍ର, ଯୁବକଂଗ୍ରେସ

ଭୁବନେଶ୍ୱର, ୨୫।୨(ସୁନିତ୍ ମିଶ୍ର)

ପ୍ରଦେଶ ଯୁବ, ଛାତ୍ର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବି ଜୋର୍ ଧରିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଯୁବ ଓ ଛାତ୍ର କଂଗ୍ରେସର ନେତା ଏବଂ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କିଟ୍ ଯେଉଁଭଳି ପରିଚାଳିତ ହେଉଛି ଏଥିରୁ ସ୍ପଷ୍ଟ, କିଟ୍ ପାଖରେ ଆଉ ଡିମ୍‌ଡ ୟୁନିଭର୍ସିଟି ମାନ୍ୟତା ରହିବା ଉଚିତ ନୁହେଁ। ତେଣୁ ତୁରନ୍ତ ଏହି ମାନ୍ୟତା ପ୍ରତ୍ୟାହାର କରିନିଆଯାଉ। ଛାତ୍ରୀଛାତ୍ରମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର କିଟ୍ ୟୁନିଭର୍ସିଟିକୁ ସ୍ୱତନ୍ତ୍ର ଭାବେ ନିୟନ୍ତ୍ରଣ କରିବାକୁ ବ୍ୟବସ୍ଥା କରନ୍ତୁ। ନେପାଳୀ ଓ ଅନ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କୁ ନ୍ୟାୟ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି, କିଟ୍‌ରେ ଛାତ୍ରୀ ଆତ୍ମହତ୍ୟା ଓ ଏହାର ପରବର୍ତ୍ତୀ ପରିସ୍ଥିତିରେ ବଳପୂର୍ବକ ନେପାଳୀ ଛାତ୍ରୀଛାତ୍ରମାନଙ୍କୁ ହଷ୍ଟେଲରୁ ତଡ଼ି ଦିଆଯାଇଛି। ଏହି ପ୍ରସଙ୍ଗରେ ଅଚ୍ୟୁତ ସାମନ୍ତଙ୍କ ଭୂମିକା ନିନ୍ଦନୀୟ। ଏହି ଛାତ୍ରୀଛାତ୍ରମାନେ ସାଇନ୍ ଡାଏ ଘୋଷଣା ହେବା ପରେ ଏବଂ କିଟ୍ କର୍ତ୍ତୃପକ୍ଷଙ୍କଠାରୁ ଅତ୍ୟାଚାରିତ ହୋଇ ହଷ୍ଟେଲରୁ ବାହାରିବା ପରେ ଭୋକ ଉପାସରେ ରହି ବହୁ କଷ୍ଟରେ ନେପାଳ ଫେରିଲେ। କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଷଡ଼ଯନ୍ତ୍ର କରି ନିଜ କର୍ମଚାରୀମାନଙ୍କୁ ଏଥିରେ ଫସାଇ ନିଜେ ଦୋଷମୁକ୍ତ ହୋଇଯାଉଛନ୍ତି। ଅଚ୍ୟୁତଙ୍କ ବିନା ନିର୍ଦ୍ଦେଶରେ କିଟ୍‌ରେ ଗଛର ପତ୍ର ହଲେନାହିଁ। ନେପାଳୀ ଛାତ୍ରୀଛାତ୍ରଙ୍କ ଉପରେ ଯେଉଁ ନିର୍ଯାତନା ଦିଆଯାଇଥିଲା, ତାହା ଅଚ୍ୟୁତଙ୍କ ନିର୍ଦ୍ଦେଶରେ ହୋଇଥିଲା ବୋଲି ସଙ୍ଗଠନ ପକ୍ଷରୁ କୁହାଯାଉଛି। କିଟ୍ ପରିସରରେ ପ୍ରତିବର୍ଷ ମୃତ୍ୟୁ ଘଟଣା ଖବର ପ୍ରସାରିତ ହେଉଛି, ମାତ୍ର ଏହାର ଠିକ୍ ତଦନ୍ତ ହୋଇପାରୁନାହିଁ। କାରଣ କିଟ୍‌ର ପ୍ରତିଷ୍ଠାତା ପ୍ରଶାସନକୁ ପ୍ରଭାବିତ କରିବାରେ ସଫଳ ହୋଇପାରୁଛନ୍ତି। ସରକାରଙ୍କ ପାଖରେ ନିଶ୍ଚିତ ଭାବେ ଏ ଖବର ଅଛି, କିନ୍ତୁ ଏହାର ପ୍ରତିକାର କରିବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି। କିଟ୍ କେଳେଙ୍କାରୀକୁ ନେଇ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ଘଟଣାରେ କୌଣସି ଟିପ୍ପଣୀ ନ ଦେବା ଆଶ୍ଚର୍ଯ୍ୟଜନକ। ଅଚ୍ୟୁତ ସାମନ୍ତ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଯେଉଁ ଭିତିରି ସମ୍ପର୍କ ରହିଛି ତାହା ଜଳଜଳ ହୋଇ ଦିଶୁଛି। ଯଦି ଅଚ୍ୟୁତ ଗିରଫ ନ ହୁଅନ୍ତି, ତେବେ ସାଧାରଣ ଜନତାଙ୍କର ଯେଉଁ ସନ୍ଦେହ ପ୍ରକଟିତ ହୋଇଛି ତାହା ସତ୍ୟ ବୋଲି ପ୍ରମାଣିତ ହେବ। କିଟ୍ ୟୁନିଭର୍ସିଟିର ଉନ୍ନତି ଆଳରେ ବହୁ ଜଙ୍ଗଲ ଜମି, ଗୋଚର ଓ ଆଦିବାସୀ ଜମି ବେଆଇନ ଭାବେ ଦଖଲ କରିଛନ୍ତି। ଏପରିକି ବହୁ ନିରୀହ ଲୋକଙ୍କ ଜମି ମଧ୍ୟ ସେଠାରେ ମାଡ଼ି ବସିଛନ୍ତି। ସରକାରୀ ଜମିକୁ ଅଚ୍ୟୁତଙ୍କ କବ୍‌ଜାରୁ ମୁକ୍ତକରିବା ସହ ସାଧାରଣ ଲୋକଙ୍କ ଜମିକୁ ସେମାନଙ୍କୁ ଫେରାଇବାକୁ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

# ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ଭୋଟ ସ୍ଥଗିତ

ପାଟଣା,୨୫।୨(ବୀରକିଶୋର ଦାଶ)


କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଣଘାଟି ସରପଞ୍ଚ ରାଉତ ମୁଣ୍ଡାଙ୍କ ବିରୋଧରେ ମଙ୍ଗଳବାର ହେବାକୁଥିବା ଅନାସ୍ଥା ଭୋଟ ସ୍ଥଗିତ ରହିଛି। ହାଇକୋର୍ଟଙ୍କ ଅନ୍ତିମ ଶୁଣାଣି ପର୍ଯ୍ୟନ୍ତ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳେଇ ପତ୍ର ସଂଖ୍ୟା ୨୩୭୪ରେ ଅନାସ୍ଥା ଭୋଟକୁ ବାତିଲ କରିଛନ୍ତି। ଏନେଇ ସରପଞ୍ଚଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି।

ସୂଚନାଯୋଗ୍ୟ, ପଲାଣଘାଟି ପଞ୍ଚାୟତର ୧୧ଜଣ ୱାର୍ଡସଭ୍ୟଙ୍କ ମଧ୍ୟରୁ ୮ ଜଣ ଗତ ଡିସେମ୍ବର ୨୪ ତାରିଖରେ ସରପଞ୍ଚଙ୍କ ବିରୋଧରେ ଏକାଠି ହୋଇ ଉପଜିଲାପାଳ ଉମାଶଙ୍କର ଦଳେଇଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ତେବେ ଏହି ଅନାସ୍ଥା ବିରୋଧରେ ସରପଞ୍ଚ ହାଇକୋର୍ଟରେ ରିଟ୍ ପିଟିଶନ କରିଥିଲେ। ହାଇକୋର୍ଟ ଏହି ପିଟିଶନ ଡବ୍ଲ୍ୟୁପି(ସି) ୩୬୦୫/୧୩।୨।୨୫ର ଶୁଣାଣି କରି ମାମଲାର ଶୁଣାଣି ନ ସରିବା ପର୍ଯ୍ୟନ୍ତ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ଦଳେଇଙ୍କୁ ପଚାରିବାରୁ ଉଭୟ ଉଚ୍ଚ ନ୍ୟାୟାଳୟ ଓ ଜିଲାପାଳଙ୍କ ନିର୍ଦ୍ଦେଶରେ ପଲାଣଘାଟି ସରପଞ୍ଚଙ୍କ ବିରୋଧରେ ହେବାକୁଥିବା ଅନାସ୍ଥା ଭୋଟ ସ୍ଥଗିତ ରଖାଯାଇଥିବା କହିଛନ୍ତି। ଉଲ୍ଲେଖଯୋଗ୍ୟ, ନାଏବ ସରପଞ୍ଚ ସୋନାଲି ମୁଣ୍ଡାଙ୍କ ନେତୃତ୍ୱରେ ୭ ୱାର୍ଡସଭ୍ୟ ସରପଞ୍ଚଙ୍କ ବିରୋଧରେ ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ନାଏବ ସରପଞ୍ଚ ଓ ୱାର୍ଡସଭ୍ୟଙ୍କୁ ବିଶ୍ୱାସରେ ନ ନେବା, ମିଟିଂ ନ କରି ମନଇଚ୍ଛା କାର୍ଯ୍ୟ କରିବା, ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି, ନିୟମିତ ମାସିକିଆ ବୈଠକ ନ ଡାକିବା ଫଳରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯିବା ଅଭିଯୋଗରେ ଦର୍ଶାଇଥିଲେ।

## Business

# ସର୍ବୋଚ୍ଚ ସ୍ତରରେ ସୁନା ଦର

## ୮୯,୦୦୦ ଉପରେ ସୁନା ଦର



ନୂଆଦିଲ୍ଲୀ,୨୫।୨

କ୍ରମାଗତ ଦ୍ୱିତୀୟ ଦିନ ଲାଗି ସୁନା ଦର ବୃଦ୍ଧି ପାଇଛି। ଏପରିକି ମଙ୍ଗଳବାର ଘରୋଇ ବଜାରରେ ସୁନା ଦର ୨୫୦ ଟଙ୍କା ବଢ଼ି ପ୍ରତି ୧୦ ଗ୍ରାମ ପିଛା ୮୯,୩୫୦ ଟଙ୍କାରେ ପହଞ୍ଚିଛି ବୋଲି ଅଲ ଇଣ୍ଡିଆ ସରାଫ ଆସୋସିଏଶନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ୯୯.୫ ପ୍ରତିଶତର ଶୁଦ୍ଧ ସୁନା ଉପରେ ୨୫୦ ଟଙ୍କା ବୃଦ୍ଧି ଘଟି ପ୍ରତି ୧୦ ଗ୍ରାମ ପିଛା ୮୮,୯୫୦ ଟଙ୍କାରେ ରହିଛି। ଏପରିକି ପୂର୍ବ ଦିନରେ ଏହି ସୁନାର ମୂଲ୍ୟ ପ୍ରତି ୧୦ଗ୍ରାମ ପିଛା ୮୮,୭୦୦ ଟଙ୍କା ଥିଲା।

ସେହିଭଳି ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୮,୦୦୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୦,୭୫୦ ଟଙ୍କା ରହିଛି। ଏପରିକି ୧୮ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୬୬,୦୭୦ ଟଙ୍କାରେ କାରବାର ହେଉଥିଲା ବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ପ୍ରାୟ ୧,୦୯,୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୮,୦୫୩ ଟଙ୍କାରେ ବିକ୍ରି ହେଉଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୦,୭୨୩ ଟଙ୍କା ରହିଛି। ଏପରିକି ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୬୬,୦୦୦ ଟଙ୍କା ଉପରେ କାରବାର ହେଉଥିଲାବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ପ୍ରାୟ ୧,୦୪,୨୦୦ ଟଙ୍କାରେ ପହଞ୍ଚିଛି।

ବର୍ତ୍ତମାନ ସାରା ଦେଶରେ ବିବାହ ଓ ଶୁଭକାର୍ଯ୍ୟ ଜାରି ରହିଥିଲାବେଳେ ଦରବୃଦ୍ଧି ଉଭୟ ଗ୍ରାହକ ଓ ଖୁଚୁରା ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗୋଟିଏ ପଟରେ ଗ୍ରାହକ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ କ୍ରୟ କରୁଥିଲାବେଳେ ବଜାରରେ ଦର ଉଚ୍ଚ ରହିଥିବା କାରଣରୁ ବ୍ୟବସାୟୀମାନେ ମଧ୍ୟ କାରବାର ବୃଦ୍ଧି ପାଇଁ ଆକର୍ଷଣୀୟ ଅଫର ଓ ରିହାତି ପ୍ରଦାନ କରୁଥିବା ଘରୋଇ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ମତପ୍ରକାଶ କରିଛନ୍ତି।

## ଶେୟାର ବଜାର ନିବେଶକ ନିରୁତ୍ସାହିତ

ମୁମ୍ବାଇ,୨୫।୨

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୮ (୧୪୭.୭୧) ପଏଣ୍ଟ ବୃଦ୍ଧି ଘଟି ୭୪,୬୦୨(୭୪,୬୦୨.୧୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୬ (୫.୮୦) ପଏଣ୍ଟ ହ୍ରାସ ଘଟି ୨୨,୫୪୭ (୨୨,୫୪୭.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୫।୨

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ନୂତନ ଶାଖା (ନୟାଗଡ଼ର ଇଟାମାଟି ଶାଖା) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇର ଭୁବନେଶ୍ୱର ସର୍କଲ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥ୍ୱୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ମହାପ୍ରବନ୍ଧକ ପୋନ୍ନମବଲମ ଏମ୍, ଉପ ମହାପ୍ରବନ୍ଧକ ପ୍ରଶାନ୍ତ କୁମାରଙ୍କ ସମେତ ଏସ୍‌ବିଆଇର ଖୋର୍ଦ୍ଧା କ୍ଷେତ୍ରୀୟ ପ୍ରବନ୍ଧକ ନରେନ୍ଦ୍ର ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ନୟାଗଡ଼ ଜିଲାରେ ଏହା ଏସ୍‌ବିଆଇର ୧୩ତମ ଶାଖା ହୋଇଥିଲାବେଳେ ଏହି ଶାଖା ଦ୍ୱାରା ଆଖପାଖ ଅଞ୍ଚଳର ଶତାଧିକ ଗ୍ରାହକ ବିଶେଷଭାବେ ଉପକୃତ ହେବେ। ଅପରପକ୍ଷରେ ଜନସାଧାରଣଙ୍କ ବହୁ ପ୍ରତୀକ୍ଷିତ ଦାବିକୁ ଏସ୍‌ବିଆଇ ପୂରଣ କରିଛି।

# ବେଦାନ୍ତ ପକ୍ଷରୁ ଜେଡିଏଏକୁ ଆର୍ଥିକ ସହାୟତା



ଭୁବନେଶ୍ୱର,୨୫।୨

ଝାରସୁଗୁଡ଼ା ଜିଲା ଆଥ୍‌ଲେଟିକ୍ ଆସୋସିଏସନ (ଜେଡିଏଏ) କୁ ବେଦାନ୍ତ ଆଲୁମିନିୟମ ଆର୍ଥିକ ସହାୟତା ପ୍ରଦାନ କରିଛି। ଏପରିକି ଜେଡିଏଏର ଏକ ଆଧୁନିକ ପ୍ରଶାସନିକ ବିଲ୍‌ଡିଂ ନିର୍ମାଣ ପାଇଁ କମ୍ପାନୀ ପକ୍ଷରୁ ୫୦ ଲକ୍ଷ ଟଙ୍କା ସହାୟତା ଦିଆଯାଇଛି। ବିଶେଷକରି ସମ୍ପୃକ୍ତ ଅଞ୍ଚଳରେ କ୍ରୀଡା ଏବଂ କ୍ରୀଡା ପ୍ରତିଭାକୁ ପୋଷଣ କରିବା ପାଇଁ କମ୍ପାନୀ ତା’ର ପ୍ରତିବଦ୍ଧତାକୁ ଦୃଢ଼ କରିଛି। ଏହି ପଦକ୍ଷେପର ଏକ ଅଂଶ ଭାବେ କମ୍ପାନୀ କୋଠାର ବିକାଶ ପାଇଁ ୫୦ଲକ୍ଷ ଟଙ୍କା ସହାୟତା କରିଛି, ଯାହା ଜିଲାର କ୍ରୀଡ଼ା ଆକାଂକ୍ଷାକୁ ସମର୍ଥନ କରିବା ପାଇଁ ଏକ ସୁସଜ୍ଜିତ ସ୍ଥାନ ସୃଷ୍ଟି ନିଶ୍ଚିତ କରିଛି।

ଉଲ୍ଲେଖଯୋଗ୍ୟ, ଝାରସୁଗୁଡା ଜିଲା ଆଥ୍‌ଲେଟିକ୍ ଆସୋସିଏସନ (ଜେଡିଏଏ) ର ପ୍ରଶାସନିକ କୋଠା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପତି ପ୍ରସାଦ ତମାଙ୍ଗ କମାଣ୍ଡାଣ୍ଟ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡା ଏବଂ ବିଜୟ ଦାସ ଜିଲା କ୍ରୀଡା ଉପାଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

# ଆସାମରେ ନିବେଶକୁ ୪ ଗୁଣା ବୃଦ୍ଧି କରିବ ରିଲାଏନ୍ସ: ମୁକେଶ

ମୁମ୍ବାଇ,୨୫।୨

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ରିଲାଏନ୍ସ ଗ୍ରୁପ୍ ଆସାମରେ ତା’ର ନିବେଶକୁ ୪ ଗୁଣ ବୃଦ୍ଧିକରି ୫୦,୦୦୦ କୋଟି ଟଙ୍କା କରିବାକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଗୁଆହାଟୀରେ ଚାଲିଥିବା ‘ଆଡ୍‌ଭାନଟେଜ୍ ଆସାମ ୨.୦ ସମ୍ମିଳନୀ’ରେ ଯୋଗଦେଇ ଏଭଳି ଘୋଷଣା କରିଛନ୍ତି। ଏପରିକି ଅମ୍ବାନୀ କହିଛନ୍ତି, ରିଲାଏନ୍ସ ଗ୍ରୁପ୍ ବର୍ତ୍ତମାନ ସୁଦ୍ଧା ଆସାମରେ ୧୨ ହଜାର କୋଟିରୁ ଅଧିକ ଟଙ୍କା ବିନିଯୋଗ କରିସାରିଛି ଏବଂ ଆସନ୍ତା ୫ ବର୍ଷ ମଧ୍ୟରେ କମ୍ପାନୀ ତା’ର ନିବେଶକୁ ୪ ଗୁଣ ବୃଦ୍ଧିକରି ୫୦,୦୦୦ କୋଟି ଟଙ୍କା କରିବାକୁ ମୁକେଶ ଅମ୍ବାନୀ ଘୋଷଣା କରିଛନ୍ତି। ଆସାମକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସକ୍ଷମ କରିବା ରିଲାଏନ୍ସର ପ୍ରାଥମିକତା ରହିଥିବା ଅମ୍ବାନୀ କହିଛନ୍ତି। ଆସାମରେ ବିଶ୍ୱସ୍ତରୀୟ ଡିଜିଟାଲ ସଂଯୋଗ ଭିତ୍ତିଭୂମି ସୃଷ୍ଟିକରିବା ପରେ ରିଲାଏନ୍ସ ବର୍ତ୍ତମାନ ଏଠାରେ କମ୍ପ୍ୟୁଟିଂ ଭିତ୍ତିଭୂମି ସ୍ଥାପନ କରିବ। ଆସାମରେ ରିଲାଏନ୍ସ ଏକ ଏଆଇ ଆଧାରିତ ଏଜ୍ ଡାଟା ସେଣ୍ଟର ନିର୍ମାଣ କରିବ ବୋଲି ଅମ୍ବାନୀ ଘୋଷଣା କରିଛନ୍ତି। ରିଲାଏନ୍ସ ରିଟେଲ ମଧ୍ୟ ରାଜ୍ୟରେ ତା’ର ଷ୍ଟୋର ସଂଖ୍ୟାକୁ ଦ୍ୱିଗୁଣ ବା ୪୦୦ ରୁ ୮୦୦ କୁ ବୃଦ୍ଧି କରିବାକୁ ଯାଉଛି। ଏହାଦ୍ୱାରା ଯୁବପିଢ଼ିଙ୍କ ପାଇଁ ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅପରପକ୍ଷରେ ଆସାମକୁ ସ୍ୱଚ୍ଛ ଏବଂ ସବୁଜ ଶକ୍ତିର କେନ୍ଦ୍ର କରିବାକୁ ପ୍ରତିବଦ୍ଧତା ଜାହିରକରି ଆଣବିକ ଶକ୍ତି ସହ ଆସାମର ଟାଙ୍ଗରା ଭୂମିରେ ଦୁଇଟି ବାୟୋଗ୍ୟାସ୍ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ ବୋଲି ମୁକେଶ କହିଛନ୍ତି। ଏଥିରୁ ବାର୍ଷିକ ୮ଲକ୍ଷ ଟନ୍ ସ୍ୱଚ୍ଛ ବାୟୋଗ୍ୟାସ୍ ଉତ୍ପାଦନ ହେବ, ଯାହା ପ୍ରତିଦିନ ୨ଲକ୍ଷ ଯାତ୍ରୀବାହୀ ଯାନକୁ ଇନ୍ଧନ ଦେବ।

# ଓଡ଼ିଶାରେ ମାଲାବାରର ବ୍ୟବସାୟ ସମ୍ପ୍ରସାରଣ




ମାଲାବାରର ନୂତନ ଶୋ’ରୁମ୍ ଉଦ୍‌ଘାଟନ ପୂର୍ବରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଅତିଥି ଓ ମାଲାବାର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଅଛନ୍ତି।

- ଆଜି ଅନୁଗୋଳରେ ଖୋଲିବ ନୂଆ ଶୋ’ରୁମ୍
- ୨୮ରେ ରାଉରକେଲା ଷ୍ଟୋର

ଭୁବନେଶ୍ୱର,୨୫।୨ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ମାଲାବାର)ର ଓଡ଼ିଶା ୟୁନିଟ୍ ପକ୍ଷରୁ ଚଳିତ ମାସରେ ଆଉ ୨ଟି ନୂଆ ଶୋ’ରୁମ୍ ସହ ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଓଡ଼ିଶାରେ ମାଲାବାରର ପୂର୍ବରୁ ୪ ଟି ଶୋ’ରୁମ୍ (୨ଟି ଭୁବନେଶ୍ୱର ଏବଂ କଟକ ଓ ସମ୍ବଲପୁର) ରହିଥିଲାବେଳେ ବର୍ତ୍ତମାନ ଆଉ ୨ଟି ନୂତନ ଶୋ’ରୁମ୍ ଅନୁଗୋଳ ଏବଂ ରାଉରକେଲାରେ ଖୋଲିବାକୁ ଯାଉଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ଫେବୃଆରୀ ୨୬ରେ ଓଡ଼ିଶାର ଅନୁଗୋଳଠାରେ ଏବଂ ଫେବୃଆରୀ ୨୮ରେ ରାଉରକେଲାର ଉଦିତନଗରଠାରେ ମାଲାବାରର ଏକ୍ସକ୍ଲୁସିଭ ଶୋ’ରୁମ୍‌ର ଆନୁଷ୍ଠାନିକ ଶୁଭାରମ୍ଭ ହେବାକୁ ଯାଉଛି ବୋଲି ମାଲାବାର ଓଡ଼ିଶା ୟୁନିଟ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ୩ ପିଲାଙ୍କୁ କୂଅରେ ପକାଇ ମାରିଦେଲେ ମା'

ସମସ୍ତିପୁର(ବିହାର), ୨୫।୨

କଥାରେ ଅଛି ସକାଳ ଝଗଡ଼ା ସନ୍ଧ୍ୟାରେ ନ ଥାଏ। ପାରିବାରିକ କଳହ ପ୍ରାୟ ସବୁ ପରିବାରରେ ଦେଖାଦେଇଥାଏ। ହେଲେ ଏହି କଳହ ବେଳେବେଳେ ଏମିତି ସ୍ଥିତି ସୃଷ୍ଟିକରେ ଯେଉଁଠି ଦମ୍ପତି ନିଜ ହିତାହିତ ଜ୍ଞାନ ଭୁଲିଯାଇ କିଛି ବି କରିପକାନ୍ତି। ଏପରି କି ନିଜର ଜନ୍ମକଲା ପିଲାଙ୍କୁ ମଧ୍ୟ ଛାଡ଼ି ନ ଥାନ୍ତି। ଏମିତି ଏକ ଘଟଣା ଘଟିଛି ବିହାର ସମସ୍ତିପୁର ଜିଲାରେ। ସ୍ୱାମୀଙ୍କ ସହ ଝଗଡ଼ା ହେବାରୁ ଜଣେ ମହିଳା ତାଙ୍କ ୩ ପିଲାଙ୍କୁ କୂଅରେ ପକାଇ ମାରିଦେଇଛନ୍ତି। ନିଜ ଅପକର୍ମ ଲୁଚାଇବାକୁ ଯାଇ ପିଲାମାନଙ୍କୁ କେହି ଅପହରଣ କରିନେଇଥିବା ସ୍ୱାମୀଙ୍କ ନିକଟରେ ମହିଳା କହିଥିଲେ। ସ୍ୱାମୀ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ମହିଳା ନିଜେ ପିଲାଙ୍କୁ କୂଅରେ ପକାଇ ମାରିଥିବା ସ୍ୱୀକାର କରିବା ପରେ ଘଟଣା ଏବେ ଲୋକଲୋଚନକୁ ଆସିଛି।




୩ ପିଲାଙ୍କୁ ପକାଇଥିବା କୂଅ ନିକଟରେ ପୋଲିସର ତଦନ୍ତ।(ବାମ) ଅଭିଯୁକ୍ତ ମହିଳାଙ୍କୁ ପୋଲିସ ନେଉଛି।

ମିଳିଥିବା ସୂଚନା ଅନୁସାରେ, ପାରିବାରିକ କଳହକୁ ନେଇ ସୀମା ଦେବୀ(୩୬)ଙ୍କ ସ୍ୱାମୀ ଚନ୍ଦନ ମହଥାଙ୍କ ସହ ଝଗଡ଼ା ହୋଇଥିଲା। ଏପରି କି ଝଗଡ଼ା ଉଗ୍ରରୂପ ନେଇଥିଲା। ପରେ ସୀମା ନିଜର କ୍ରୋଧକୁ ନିୟନ୍ତ୍ରଣ କରି ନ ପାରି ସ୍ୱାମୀ ଘରେ ନ ଥିବାବେଳେ ପ୍ରଥମେ ବଡ଼ପୁଅ ତରୁନ୍(୬)ଙ୍କୁ କୂଅରେ ପକାଇ ଦେଇଥିଲେ। ପରେ ଝିଅ ତନୟା(୪) ଏବଂ ତନିସ୍କ(୨)ଙ୍କୁ ମଧ୍ୟ କୂଅରେ ପକାଇ ମାରିଦେଇଥିଲେ। ଏହାପରେ ପିଲାଙ୍କୁ କେହି ଅପହରଣ କରିନେଇଥିବା ନେଇ ସୀମା ସ୍ୱାମୀ ଚନ୍ଦନଙ୍କୁ ଜଣାଇଥିଲେ। ଏହା ଶୁଣି ଚନ୍ଦନ ଥାନାରେ ଲିଖିତ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ସୋମବାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଘର ନିକଟରେ ଥିବା ଏକ କୂଅରୁ ୩ ପିଲାଙ୍କ ମୃତଦେହ ଜବତ କରିଥିଲା। ଘଟଣା ସମ୍ପର୍କରେ ସୀମାଙ୍କୁ ପଚରାଉଚରା କରିବା ସମୟରେ ସେ ପୋଲିସ ନିକଟରେ ସତ ମାନି ଯାଇଥିଲେ। ଏହା ପରେ ପୋଲିସ ସୀମାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

# ଗଞ୍ଜେଇ ଚାଲାଣକାରୀଙ୍କୁ ଉଠାଇନେଲା ହରିୟାଣା ପୋଲିସ

ଦାରିଙ୍ଗବାଡ଼ି, ୨୫।୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରୁ ହରିୟାଣା ପୋଲିସ ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଉଠାଇନେଇଛି। ସେ ହେଲେ ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସୋନପୁରର ବେଲାଳସେନ ରୂପାମାଝୀ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। କନ୍ଧମାଳରେ ପ୍ରବଳ ମାତ୍ରାରେ ଗଞ୍ଜେଇ ଚାଷ ହେଉଥିବା ବେଳେ ପୋଲିସ ଗଛ ନଷ୍ଟ ସହ ଗଞ୍ଜେଇ ଜବତ କରୁଥିବା ବେଳେ ବେଆଇନ ବ୍ୟବସାୟୀଙ୍କୁ ବାନ୍ଧିବାରେ ଅନେକ ସମୟରେ ବିଫଳ ହେଉଛି। ସେପଟେ କିନ୍ତୁ ୧୦ କି.ଗ୍ରା. ୪୦୦ ଗ୍ରାମ ଗଞ୍ଜେଇ ପାଇଁ ଶହ ଶହ ମାଇଲ ଦୂରରୁ ଦୁର୍ଗମ ଅଞ୍ଚଳକୁ ଆସି ଗଞ୍ଜେଇ ଚାଲାଣକାରୀଙ୍କୁ ଉଠାଇନେବା ଘଟଣାରେ ହରିୟାଣା ପୋଲିସର କାର୍ଯ୍ୟଶୈଳୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ହରିୟାଣାରେ ଚୋରାରେ ଗଞ୍ଜେଇ ବ୍ୟବସାୟ କରୁଥିବା ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳର ପ୍ରଦୀପ ବିଶୋଇଙ୍କୁ ସେଠାକାର ପୋଲିସ ଗିରଫ କରିଥିଲା। ତାଙ୍କଠାରୁ ୧୦ କି.ଗ୍ରା. ୪୦୦ ଗ୍ରାମର ଗଞ୍ଜେଇ ହରିୟାଣା ପୋଲିସ ଜବତ କରିଥିଲା। ଏ ନେଇ ଫରିଦାବାଦ ଜିଲାର ପଲ୍ଲା ଥାନାରେ ପ୍ରଦୀପଙ୍କ ନାମରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିଲା। ପ୍ରଦୀପଙ୍କୁ ପଚରାଉଚୁରା ବେଳେ ସେ ଉକ୍ତ ଗଞ୍ଜେଇ ଦାରିଙ୍ଗବାଡ଼ି ଥାନା ସୋନପୁର ଅଞ୍ଚଳରୁ ନେଇଥିବା କହିଥିଲେ। ଏହା ଜାଣିବା ପରେ ହରିୟାଣା ପୋଲିସ ମୁଖ୍ୟ ଚାଲାଣକାରୀଙ୍କୁ ଧରିବା ପାଇଁ ଓଡ଼ିଶା ଆସିଥିଲା। ଏକ ଟିମ୍ ଭ୍ୟାନ୍‌ରେ ଦାରିଙ୍ଗବାଡ଼ିକୁ ଆସି ସ୍ଥାନୀୟ ପୋଲିସ ସହଯୋଗରେ ଅଭିଯୁକ୍ତ ବେଲାଳସେନଙ୍କୁ ଗିରଫକରି ହରିୟାଣା ନେଇଯାଇଥିବା ସୂଚନା ମିଳିଛି।



ଅଭିଯୁକ୍ତ ବେଲାଳସେନ ରୂପାମାଝୀଙ୍କୁ ହରିୟାଣା ପୋଲିସ ଗିରଫକରି ନେଉଛି।

# ପତ୍ନୀହନ୍ତା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡ଼ା, ୨୫।୨ (ଆଶିଷ ରଞ୍ଜନ ପଣ୍ଡା)

ପାରିବାରିକ କଳହକୁ ନେଇ ସ୍ତ୍ରୀଙ୍କୁ ହତ୍ୟା ମାମଲାର ଶୁଣାଣିକରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ରାୟଗଡା ଅତିରିକ୍ତ ଜିଲା ଓ ଦୌରାଜଜ୍ ଅଞ୍ଜନା ସ୍ୱାଇଁ। ଏଥିସହ ୫୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ ହେଲେ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାୟଗଡ଼ା ଥାନା ଅନ୍ତର୍ଗତ ଫୁଲଗୁଡ଼ା ଗ୍ରାମର ରାତୁନୁ ନିଶିକା।

ଘଟଣାରୁ ପ୍ରକାଶ, ଫୁଲଗୁଡ଼ା ଗ୍ରାମର ରାତୁନୁ ସେହି ଗ୍ରାମର ହରି ମିଣିଆକାଙ୍କ ଝିଅ ସାମ୍ପାଙ୍କୁ ବିବାହ କରିଥିଲେ। ୨୦୨୧ ଜୁନ୍ ୧୬ରେ ପାରିବାରିକ କହଳକୁ ନେଇ ଉଭୟ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ରାତୁନୁ ଉତ୍ୟକ୍ତ ହୋଇ ଏକ ଶାବଳରେ ସାମ୍ପାଙ୍କୁ ପିଟିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ବାପା ହରି ମିଣିଆକା ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ରାତୁନୁ ଏକ ରକ୍ତଲଗା ଶାବଳ ଧରି ସେଠାରୁ ଖସି ଚାଲିଯାଇଥିଲେ। ଅଭିଯୋଗର ପରଦିନ ରାୟଗଡ଼ା ପୋଲିସ ହତ୍ୟାରେ ବ୍ୟବହୃତ ଶାବଳ ସହ ରାତୁନୁଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୨୩ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ରାମପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ।

# ଗୋଟିଏ ରାତିରେ ୪ ଘରୁ ଲୁଟିଲେ ଟଙ୍କା, ସୁନା

ପାରଳାଖେମୁଣ୍ଡି, ୨୫।୨ (ଗିରିଧାରୀ ପରିଛା)

**ପାରଳାଖେମୁଣ୍ଡିରେ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ**

ଗଜପତି ଜିଲା ପାରଳାଖେମୁଣ୍ଡିରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛନ୍ତି। ଗୋଟିଏ ରାତିରେ ୪ ଘରେ କଳାକନା ବୁଲାଇଛନ୍ତି। ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସୋମବାର ରାତିରେ ସହରର ଗଜପତି ଷ୍ଟାଡିୟମ ପାର୍ଶ୍ୱରେ ଥିବା ଦାମୋଦର ବିହାର ଅଞ୍ଚଳରୁ ଦୁର୍ବୃତ୍ତମାନେ ଏହି ଚୋରି କରିଛନ୍ତି। ୪ଟି ଘର ମଧ୍ୟରୁ ୨ଟି ଘରର ମାଲିକ କୌଣସି କାମରେ ବାହାରକୁ ଯାଇଥିବା ଏବଂ ସେମାନେ ଫେରି ନ ଥିବାରୁ ସେମାନଙ୍କ ଘରୁ କେତେ ମୂଲ୍ୟର ସୁନା ଓ ଟଙ୍କା ଚୋରି ହୋଇଛି ତାହା ଜଣାପଡିନାହିଁ। ସାନଡୁଣ୍ଡି ପଞ୍ଚାୟତର ସରପଞ୍ଚ ସଂଘମିତ୍ରା ଶବର ଏବଂ ତାଙ୍କ ଘର ନିକଟରେ ରହୁଥିବା ସେବାନିବୃତ୍ତ ପୋଲିସ କର୍ମଚାରୀ ସୁଧୀର ଶତପଥୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ଲକ୍ଷାଧିକ ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡିଛି। ସରପଞ୍ଚ ସଂଘମିତ୍ରା ସୋମବାରଠାରୁ ନିଜ ପଞ୍ଚାୟତକୁ କୌଣସି କାମରେ ଯାଇଥିଲେ। ମଙ୍ଗଳବାର ସକାଳୁ ତାଙ୍କ ପଡ଼ୋଶୀ ସଂଘମିତ୍ରାଙ୍କ ଘରର ସମ୍ମୁଖ ଗ୍ରୀଲ କବାଟର ଗେଡା ଭାଙ୍ଗିଥିବା ଦେଖି ଫୋନ କରି ତାଙ୍କୁ ସୂଚନା ଦେଇଥିଲେ। ସଂଘମିତ୍ରା ଘରକୁ ଆସି ଦେଖିବା ବେଳକୁ ଘରର କବାଟ ସବୁ ଭଙ୍ଗାଯାଇଛି ଏବଂ ଆଲମିରାରେ ଥିବା ୧୨ଭରି ଓଜନର ସୁନା ଅଳଙ୍କାର ସମେତ ନଗଦ ୩୫ ହଜାର ଟଙ୍କା ଚୋରି ହୋଇଥିବା ସେ ଜାଣିବାକୁ ପାଇଥିଲେ।

ସେହିପରି ସେବାନିବୃତ୍ତ ପୋଲିସ ବିଭାଗର କର୍ମଚାରୀ ଶତପଥୀ କୌଣସି କାମରେ ଗତ କିଛିଦିନ ହେଲା ସପରିବାର ବ୍ରହ୍ମପୁର ଯାଇଛନ୍ତି। ତାଙ୍କ ସାମ୍ନା ଘରେ ରହୁଥିବା ଲୋକେ ମଙ୍ଗଳବାର ଘରର କବାଟ ତାଲା ଭଙ୍ଗାଯାଇଥିବା ଦେଖି ଫୋନ ଯୋଗେ ଶତପଥୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଶତପଥୀଙ୍କ ପୁଅ ଦେବାଶିଷ ପହଞ୍ଚି ଦେଖିଲା ବେଳକୁ ତାଙ୍କ ଘରେ ଥିବା ୨ ଭରି ସୁନା ଅଳଙ୍କାର ସହ ନଗଦ ୧ ଲକ୍ଷ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ସରପଞ୍ଚ ଓ ଦେବାଶିଷ ପୃଥକ୍ ପୃଥକ୍ ଅଭିଯୋଗ କରିଥିଲେ।

# ମହିଳା ହୋମ୍‌ଗାର୍ଡଙ୍କୁ ପ୍ରେମ ପ୍ରତାରଣା ଅଭିଯୋଗ

**ଆଇଆଇସିଙ୍କୁ ଜିଲା ପୋଲିସ ମୁଖ୍ୟାଳୟ ସ୍ଥାନାନ୍ତର**

ଜଗତ୍‌ସିଂହପୁର, ୨୫।୨ (ପ୍ରମୋଦ କୁମାର ନାୟକ)

ଜଣେ ମହିଳା ଗୃହରକ୍ଷୀ (ହୋମଗାର୍ଡ)ଙ୍କୁ ପ୍ରେମ ପରେ ପ୍ରତାରଣା କରାଯାଇଛି। ଏନେଇ ଜଗତ୍‌ସିଂହପୁର ଥାନାର ପୂର୍ବତନ ଅତିରିକ୍ତ ଆଇଆଇସି ତଥା ବର୍ତ୍ତମାନର କୁଜଙ୍ଗ ଆଇଆଇସି ତପନ ନାହାକଙ୍କ ନାମରେ ଲିଖିତ ଅଭିଯୋଗ ହୋଇଛି। ସମ୍ପୃକ୍ତା ହୋମଗାର୍ଡ ଜଗତ୍‌ସିଂହପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଆଇଆଇସି ତପନଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ତପନ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତିଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ପ୍ରତାରିତ କରିଥିଲେ। ଅଭିଯୋଗକୁ ଗ୍ରହଣ କରି ଜଗତ୍‌ସିଂହପୁର ପୋଲିସ ଥାନାରେ ମାମଲା (ନଂ. ୧୧୭/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

ଏ ସମ୍ପର୍କରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରସଙ୍ଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆଇଆଇସି ତପନ ଏବଂ ମହିଳା ଗୃହରକ୍ଷୀଙ୍କୁ ତତ୍କାଳ ଜିଲା ପୋଲିସ ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ଏହି ମାମଲାର ତଦନ୍ତ କରୁଛନ୍ତି। ଅପରପକ୍ଷେ ଅଭିଯୋଗକାରିଣୀ ମହିଳା ଗୃହରକ୍ଷୀଙ୍କ ଡାକ୍ତର ମାଇନା ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ମନା କରିଦେଇଛନ୍ତି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

କୁଚିଣ୍ଡା, ୨୫।୨ (ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା ମଙ୍ଗଳବାର ସ୍ତ୍ରୀ ହତ୍ୟାକାରୀ ପ୍ରେମଚାନ୍ଦ ତିର୍କୀ(୩୫)ଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୪୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଦେଶ ଦେଇଛନ୍ତି। କୋର୍ଟ ୧୦ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଏହି ଦଣ୍ଡାଦେଶ ଦେଇଛନ୍ତି। କୁଚିଣ୍ଡା ଥାନା ବାବେୟୁରୀ ଗ୍ରାମର ପ୍ରେମଚାନ୍ଦ ତିର୍କୀ ସମ୍ବଲପୁର ଜିଲା ଶାସନ ଥାନା ଲଖମନି ଗ୍ରାମର ଭାରତୀ ବାଘଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଦେଢ଼ବର୍ଷର ଜଣେ ଶିଶୁକନ୍ୟା ଅଛନ୍ତି। ପ୍ରେମଚାନ୍ଦ ବିଭିନ୍ନ ସମୟରେ ନିଶାସେବନ କରି ଭାରତୀଙ୍କୁ ଯୌତୁକ ନିର୍ଯାତନା ଦେବା ସହ ମାରପିଟ କରୁଥିଲେ। ୨୦୨୦ଡିସେମ୍ବର ୧୫ ରାତିରେ ପ୍ରେମଚାନ୍ଦ ତାଙ୍କୁ ମାଡ଼ ମାରିଥିଲେ। ଏହାର ପ୍ରତିବାଦ କରିବାରୁ ଭାରତୀଙ୍କୁ ଏକ କୁରାଢ଼ିରେ ହାଣି ହତ୍ୟାକରିଥିଲେ। ସକାଳେ ଖବରପାଇ ଭାରତୀଙ୍କ ବାପା ଆନନ୍ଦ ବାଘ କୁଚିଣ୍ଡା ଥାନାରେ ଏତଲା ଦେଇଥିଲେ। କୁଚିଣ୍ଡା ପୋଲିସ ଦଫା ୪୯୮(ଏ)/୩୦୨ରେ ଏକ ମାମଲା(ନଂ.୨୫୩/୨୦୨୦) ରୁଜୁକରିଥିଲା। ସରକାରୀ ଓକିଲ ରବୀନ୍ଦ୍ରକୁମାର ନାୟକ ମାମଲାର ପରିଚାଳନା କରୁଥିଲେ।

# ୩ ଦୋଷୀଙ୍କୁ ୭ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ

## ଭାରତୀୟ ନ୍ୟାୟ ସଂହିତାରେ ଦଣ୍ଡ ଘୋଷଣା ବାଲେଶ୍ୱର ଜିଲାରେ ପ୍ରଥମ

ବାଲେଶ୍ୱର, ୨୫।୨ (ବାଞ୍ଛାନିଧି ଦେ)

**ଡକାୟତି ଯୋଜନା ମାମଲା**

ଏକ ସଶସ୍ତ୍ର ଡକାୟତି ଯୋଜନା କରୁଥିବା ମାମଲାର ଶୁଣାଣି କରି ମଙ୍ଗଳବାର ବାଲେଶ୍ୱର ଓପିଆଇଡି କୋର୍ଟ ଜଜ୍ ବିଶ୍ୱଜିତ ଦାସ ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୭ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୭ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧୭ମାସ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଭାରତୀୟ ନ୍ୟାୟ ସଂହିତାରେ ବାଲେଶ୍ୱର ଜିଲାରେ ଏହା ପ୍ରଥମ ଦଣ୍ଡ।

ସୂଚନା ଯେ, ଗତ ୨୦୨୪ ଅଗଷ୍ଟ ୨୪ ତାରିଖ ବିଳମ୍ବିତ ରାତିରେ ବାଲେଶ୍ୱର ଟାଉନ ଥାନା ଅଧୀନ ବାଲିଘାଟଠାରେ ଡକାୟତି ଯୋଜନା କରୁଥିବା ୬ଜଣିଆ ଗ୍ୟାଙ୍ଗକୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ଥିଲେ। ସେମାନଙ୍କଠାରୁ ୨ ଅଫୁଟା ବୋମା, ୨ ଧାରୁଆ ଖଣ୍ଡା, ମୋବାଇଲ୍ ଓ ୬ଟି ବାଇକ୍ ଜବତ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୩୦୧/୨୪) ରୁଜୁ ହୋଇଥିବା ତଦନ୍ତ ଅଧିକାରୀ ଏସ୍‌ଆଇ ଶୁଭେନ୍ଦୁ ମିଶ୍ର ତଦନ୍ତ ଜାରି ରଖିଥିଲେ। ଅଭିଯୁକ୍ତମାନେ ଉକ୍ତ ରାତିରେ ବାରବାଟୀ ଅଞ୍ଚଳରୁ ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଏଥିସହ ସହରର ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରିରେ ସମ୍ପୃକ୍ତ ଥିବା ମାନିଥିଲେ। ଏହାପରେ ତଦନ୍ତ ଅଧିକାରୀ ମିଶ୍ର ଚଢ଼ାଉ କରି ଆଉ ୧୧ଟି ଚୋରି ବାଇକ ଜବତ କରିଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଚୋରି, ଡକାୟତି ଆଦି ଅପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଥିଲା। ଏହି ମାମଲାରେ ୭ ଜଣ ସାକ୍ଷୀ ଓ ୩୦ ଦଲିଲ୍, ଦସ୍ତାବିଜକୁ ଆଧାର କରି ଜଜ୍ ଦାସ ଚାନ୍ଦିପୁର ଥାନା ରଣସାହି ଗ୍ରାମର ୩ ଦୋଷୀ ସୁରେଶ କୁମାର ଜେନା, ଭବେନ୍ଦ୍ର ଦାସ ଓ ଦୀପକ ଦାସଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୨୫।୨ (ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅପହରଣ ଏବଂ ବଳାତ୍କାର କରିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ରାଜେଶ ଦାସ ମାମଲାର ବିଚାର କରି ଅଭିଯୁକ୍ତ ଟିକାବାଲି ଥାନା ଅଞ୍ଚଳର ବାଦଲ ଦିଗାଲ(୨୫)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫୭ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟ ଅଧିକ ୧୧ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନ ପ୍ରାଧିକାରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ବାଦଲଙ୍କର ନାବାଳିକାଙ୍କ ସହ ଏକ ଭୋଜିରେ ଦେଖା ସାକ୍ଷାତ ହୋଇଥିଲା। ପ୍ରାୟ ୪ ମାସ ପରେ ୨୦୨୦ ଜୁନ ୧୩ ତାରିଖ ରାତି ସାଢ଼େ ୮ଟାରେ ବାଦଲ ନାବାଳିକାଙ୍କ ଘରକୁ ଆସି ତାଙ୍କୁ ଭଲ ପାଉଥିବା କହିବା ସହ ବିବାହ ପ୍ରତିଶ୍ରୁତି ଦେଇ ସାଙ୍ଗରେ ପଳାଇ ଆସିବାକୁ କହିଥିଲେ। ନାବାଳିକା ଜଣକ ମନା କରିବା ସତ୍ତ୍ୱେ ସେ ବିଭିନ୍ନ ପ୍ରଲୋଭନ ଦେଖାଇ ନେଇ ପଳାଇଥିଲେ। ବାଦଲ ବୌଦ୍ଧ ଜିଲା ଲଣ୍ଡେଜୁ ଗ୍ରାମରେ ଥିବା ମାମୁ ଘରକୁ ନାବାଳିକାଙ୍କୁ ନେଇ ରଖିବା ସହ ସେଠାରେ ଶାରୀରିକ ସମ୍ପର୍କ ରଖିଥିଲେ। ଏପଟେ ନାବାଳିକାଙ୍କ ପରିବାର ଲୋକେ ଝିଅକୁ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ୨/୩ ଦିନ ପରେ ଝିଅ ବୌଦ୍ଧରେ ଥିବା ଜାଣି ପରିବାର ଲୋକେ ସେଠାକୁ ଯାଇଥିଲେ। ଝିଅକୁ ଛାଡ଼ି ଦେବାକୁ କହିବାରୁ ବାଦଲ ସେମାନଙ୍କୁ ଗାଳିଗୁଲଜ କରି ତଡି ଦେଇଥିଲେ। ପରେ ଏ ନେଇ ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ। ପୋଲିସ ୩୭/୨୦ରେ ମାମଲା ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଡାକ୍ତରୀ ମାଇନା ପରେ ବାଦଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳା ପକାଇ ମଣିବ**
**ପଥର ପକେଇ ତଷିବ।**

ବଳଦକୁ ପ୍ରଥମେ ହାଲୁକା କାମ ଦେଇ ପରେ କଠିନ କାମ ଦିଆଯାଇଥାଏ। ସେହିପରି ବ୍ୟକ୍ତିଙ୍କୁ ପ୍ରଥମେ ଅଳ୍ପ ଅଳ୍ପ କାର୍ଯ୍ୟ କରିବାକୁ ଦେଇ ପରେ ତା'ର ଅଭିଜ୍ଞତା ତଥା ଯୋଗ୍ୟତା ଆଧାରରେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଅର୍ପଣ କରାଯିବା ଉଚିତ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଥିଲେ ବୋହୂ ବାପର ଶ୍ରାଦ୍ଧ ହୁଏ**
**ନ ଥିଲେ ଆପଣା ବାପର ଶ୍ରାଦ୍ଧ ନୁହେଁ।**

ହାତରେ ଅଜସ୍ର ଧନ ଥିଲେ ବ୍ୟକ୍ତି ବେପରୁଆ ବା ବଦଖର୍ଚ୍ଚୀ ହୋଇଯାଏ। ତା'ର ଖର୍ଚ୍ଚ କରିବାର ସବୁ ସୀମା ଟପିଯାଏ। ଯଥା ଅଯଥାକୁ ସେ ସେତେଟା ଗୁରୁତ୍ୱ ଦେଇ ନ ଥାଏ। ସେହିପରି ଦାରିଦ୍ର୍ୟ ଘଟିଲେ ବ୍ୟକ୍ତି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଧନ ଅଭାବରୁ ଅତି ଆବଶ୍ୟକ ମନେହେଉଥିବା କାର୍ଯ୍ୟ ମଧ୍ୟ ସେ କରିବାକୁ ଅସମର୍ଥ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# ହଂସିତାଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କଟକ, ୨୫।୨ (କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ହାଇପ୍ରୋଫାଇଲ୍ ଠକେଇରେ ସମ୍ପୃକ୍ତ ହଂସିତା ଅଭିଲିପ୍ସାଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଆବେଦନ ଖାରଜ ହେବା ପରେ ହଂସିତା ନିରାଶ ହୋଇଛନ୍ତି। ହଂସିତା ତାଙ୍କ ସ୍ୱାମୀଙ୍କ ଅସୁସ୍ଥତା ଦର୍ଶାଇ ୪ ସପ୍ତାହର ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ବହୁ ବ୍ୟବସାୟୀ ଓ କର୍ପୋରେଟ୍ ସଂସ୍ଥାଠାରୁ ଆର୍ଥିକ ଠକେଇ କରିଥିବା ଅଭିଯୋଗରେ ହଂସିତା ଓ ତାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରିଥିଲା।



ହଂସିତା ଅଭିଲିପ୍ସା





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାଡ଼ମାରି ଦୁର୍ବୃତ୍ତ ଲୁଟିନେଲେ ଟଙ୍କା, ବାଇକ୍, ଏଟିଏମ୍ କାର୍ଡ

ରାଇକିଆ, ୨୫।୨ (ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ଥାନା କୁମ୍ଭାରଖାଡି ଗ୍ରାମର ମଧୁସୂଦନ ନାୟକଙ୍କୁ ୩ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଅପହରଣ କରି ମାଡ଼ ମାରି ତାଙ୍କ ବାଇକ୍, ଟଙ୍କା ଓ ଏଟିଏମ୍ କାର୍ଡ ଲୁଟି ନେଇଛନ୍ତି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ମଧୁସୂଦନ ସୋମବାର ରାଇକିଆ ବଜାରକୁ ଆସି ନିଜ କାମ ସାରି ସନ୍ଧ୍ୟାରେ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ରାଇକିଆ - କରଡ଼ା ରାସ୍ତାର ସିଡିଙ୍ଗପଟା ଛକ ନିକଟରେ ୩ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ସେଠାରୁ ଟିଆଙ୍ଗିଆ ରାସ୍ତାର ଏକ ନିଛାଟିଆ ଜାଗାକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ନିସ୍ତୁକ ମାଡ଼ ମାରିବାରୁ ମଧୁସୂଦନ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ବାଇକ୍, ନଗଦ ୪ହଜାର ୫୦୦ ଟଙ୍କା, ଏଟିଏମ କାର୍ଡ ଲୁଟି ନେଇଯାଇଥିଲେ। କିଛି ସମୟ ପରେ ତାଙ୍କ ଚେତା ଫେରିବା ପରେ ୨ କି.ମି. ଦୂରରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ। ପରେ ରାଇକିଆ ଥାନାରେ ଜଣାଇଥିଲେ।

# ବହୁଗୁଣ ଲାଭ ଦେବା ଆଳରେ ଠକେଇ, ଜଣେ ଗିରଫ

## ଅହମ୍ମଦାବାଦ ରେଳଷ୍ଟେଶନରୁ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ଭୁବନେଶ୍ୱର, ୨୫।୨ (ସତ୍ୟଜିତ୍ ରାଉତ)

- ଜାମିନ ପରେ ସର୍ତ୍ତ ଅନୁଯାୟୀ ଟଙ୍କା ଜମା ନ କରି ଫେରାର ଥିଲେ
- ଗିରଫ ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଇଓଡବ୍ଲ୍ୟୁ

ବହୁଗୁଣ ଲାଭ ଦେବାକୁ କହି ୧.୦୫ କୋଟି ଟଙ୍କା ଠକେଇ ମାମଲାରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଖଇରାଗଡ଼ ଗ୍ରାମର ମନୋରଞ୍ଜନ ରାୟ। ସେ ନୂଆଦିଲ୍ଲୀର ସାଉଥ୍‌ୱେଷ୍ଟ ଏବଂ ଅହମ୍ମଦାବାଦରେ ରହୁଥଲେ। ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଆଧାରରେ ଇଓଡବ୍ଲ୍ୟୁ ଟିମ୍ ମନୋରଞ୍ଜନଙ୍କୁ ଅହମ୍ମଦାବାଦ ରେଳଷ୍ଟେଶନରୁ କାବୁ କରିଛି। ଗିରଫ ପରେ ତାଙ୍କୁ ଅହମଦାବାଦସ୍ଥିତ ଘିକଣ୍ଟା ଅତିରିକ୍ତ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରୁ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ମଙ୍ଗଳବାର କଟକସ୍ଥିତ ଓପିଆଇଡି ଆକ୍ଟର ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ମନୋରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ତାଳଚେର ବଡ଼ବଜାର ଅଞ୍ଚଳର ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ଏତଲା ଆଧାରରେ ଇଓଡବ୍ଲ୍ୟୁ ୨୦୧୬ ଏପ୍ରିଲ ୨୨ରେ ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୮/୨୦୧୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ମନୋରଞ୍ଜନ ମେସର୍ସ ଇଣ୍ଟର ଓସେନ୍ ବିଦେଶ ଲିଃ, ଇଣ୍ଟରଓସେନ ରିଟେଲ (ଇଣ୍ଡିଆ) ଲିଃ, ରିୟଲକନ୍ ଲିଃ, ଅଲପିନ୍ ଫିନକ୍ରୋପ୍ ଲିଃ ଏବଂ ଇଣ୍ଟର ଓସେନ ରିୟଲକନ୍ ଲିଃ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଥିବାବେଳେ ବହୁଗୁଣ ଲାଭ ଦେବା ଆଳରେ ଲୋକମାନଙ୍କୁ ଠକିଥିଲେ। ମନୋରଞ୍ଜନ ୨୦୧୦ରୁ ୨୦୧୬ ମସିହା ମଧ୍ୟରେ ବେଆଇନ ଭାବେ ୧୦୬୧ ଜଣ ନିବେଶକାରୀଙ୍କଠାରୁ ୧ କୋଟି ୫ ଲକ୍ଷ ୫୪ ହଜାର ୮୦୦ ଟଙ୍କା ଠକି ନେଇଥିଲେ। ତଦନ୍ତ ବେଳେ ଇଓଡବ୍ଲ୍ୟୁ ୨୦୧୯ ଅକ୍ଟୋବର ୨୦ରେ ମନୋରଞ୍ଜନଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଇଓଡବ୍ଲ୍ୟୁ ପକ୍ଷରୁ ମନୋରଞ୍ଜନ ଓ ତାଙ୍କ କମ୍ପାନୀଗୁଡ଼ିକ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଓପିଆଇଡି କୋର୍ଟରେ ଏହି ମାମଲାର ଶୁଣାଣି ମଧ୍ୟ ଚାଲିଛି। ତେବେ ୨୦୨୧ ଜୁନ୍ ୪ରେ ମନୋରଞ୍ଜନଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ସେ ମୁକୁଳିବା ସମୟରେ ତାଙ୍କୁ ପ୍ରଥମେ ୧୦ ଲକ୍ଷ, ଦୁଇ ମାସ ମଧ୍ୟରେ ୪୦ ଲକ୍ଷ ଏବଂ ୬ ମାସ ମଧ୍ୟରେ ଅବଶିଷ୍ଟ ୫୯ ଲକ୍ଷ ୫୦୦ ଟଙ୍କା ଦେବାକୁ ସର୍ତ୍ତ ରଖାଯାଇଥିଲା। ଜୁନ୍ ୧୧ରେ ୧୦ ଲକ୍ଷ ଟଙ୍କା ଜମା କରି ସେ ଜେଲରୁ ମୁକୁଳିବା ପରେ କୋର୍ଟଙ୍କ ସର୍ତ୍ତକୁ ଅବମାନନା କରିଥିଲେ। ଆଉ ଟଙ୍କା ଜମା ନ କରି ସେ ଫେରାର ହୋଇଯାଇଥିଲେ। ଫଳରେ ୨୦୨୨ ଜୁଲାଇ ୧୯ରେ କଟକ ଓପିଆଇଡି କୋର୍ଟ ମନୋରଞ୍ଜନଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ଏହାପରେ ଇଓଡବ୍ଲ୍ୟୁ ଟିମ୍ ମନୋରଞ୍ଜନଙ୍କୁ ଗିରଫ କରିବା ପାଇଁ ଖୋଜାଖୋଜି ଚଳାଇଥିବାବେଳେ ସେ ନିୟମିତ ନିଜ ଠିକଣା ବଦଳାଇ ବିଭିନ୍ନ ରାଜ୍ୟ ଘୁରି ବୁଲୁଥିଲେ।



ଗିରଫ ଅଭିଯୁକ୍ତ ମନୋରଞ୍ଜନ ରାୟ

## ଜନ୍ମଦିନର ଶୁଭେଚ୍ଛା


ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ମ୍ୟାଚ ବାତିଲ


ବର୍ଷା ଯୋଗୁ ରାୱଲପିଣ୍ଡି ଷ୍ଟାଡିୟମ ପଡ଼ିଆକୁ କଭର କରି ରଖାଯାଇଛି।

**ରାୱଲପିଣ୍ଡି,୨୫।୨**

ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଖେଳାଯିବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିର ସପ୍ତମ ମ୍ୟାଚ ବର୍ଷାରେ ଧୋଇଯାଇଛି। ଲଗାଣ ବର୍ଷା କାରଣରୁ ମ୍ୟାଚରେ ଟସ ମଧ୍ୟ ପଡ଼ିପାରି ନ ଥିଲା। ପରିସ୍ଥିତି ଅଧିକ ଖରାପ ହେବାରୁ ମ୍ୟାଚ ରେଫରୀ ମ୍ୟାଚକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟ ଇତିହାସରେ ଚତୁର୍ଥ ଥର ପାଇଁ ଅଷ୍ଟ୍ରେଲିଆର ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଛି। ଏଥିଯୋଗୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି। ଉଭୟ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ୨ ମ୍ୟାଚରୁ ୩ ଲେଖାଏ ପଏଣ୍ଟ ସହ ଗ୍ରୁପ-ବି'ରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚର ଏଭଳି ଫଳାଫଳ ଯୋଗୁ ବୁଧବାର ଇଂଲଣ୍ଡ ଓ ଆଫଗାନିସ୍ତାନ ମଧ୍ୟରେ ହେବାକୁ ଥିବା ଲିଗ ମ୍ୟାଚର ଗୁରୁତ୍ୱ ବୃଦ୍ଧି ପାଇଛି। ଏହି ମ୍ୟାଚରେ ପରାଜିତ ହେବାକୁ ଥିବା ଦଳ ସେମିଫାଇନାଲ ଦୌଡ଼ରୁ ବାଦ ପଡ଼ିବ।

## ଚାମ୍ପିୟନ୍ସ ଟ୍ରଫି

**(ଆଜିର ମ୍ୟାଚ)**
**ଆଫଗାନିସ୍ତାନ ବନାମ ଇଂଲଣ୍ଡ**
**ସ୍ଥାନ: ଲାହୋର ସମୟ: ଅପରାହ୍ନ ୨:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ-୧୮**


## ଜନ୍ମଦିନ ଶୁଭେଚ୍ଛା




**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ।
ଧ-୭୬୫୧୯


## ପୂର୍ବାଞ୍ଚଳ ଏଜି ହକି ପ୍ରତିଯୋଗିତା ଉଦ୍‌ଘାଟିତ

**ଭୁବନେଶ୍ୱର, ୨୫।୨ (ତପନ ସ୍ୱାଇଁ):** ପୋଖରୀପୁଟ ହକି ଷ୍ଟାଡିୟମ୍‌ରେ ଇଣ୍ଡିଆନ ଅଡିଟ୍ ଓ ଆକାଉଣ୍ଟ୍ସ ବିଭାଗର ପୂର୍ବାଞ୍ଚଳ ହକି ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ୨୮ ତାରିଖରେ ଶେଷ ହେବାକୁଥିବା ପ୍ରତିଯୋଗିତାର ପରବର୍ତ୍ତୀ ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯିବ। ଏଥିରେ ଏଜି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଓଡ଼ିଶାର ହକି ଦଳ ଭାଗ ନେଉଛନ୍ତି। ମହାଲେଖାକାର ଅତୁଲ ପ୍ରକାଶ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଉପ ମହାଲେଖାକାର ବିଭାଂଶୁ ଶେଖର ନାୟକ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଓଡ଼ିଶା ୬-୨ ଗୋଲରେ ବିଜୟୀ ହୋଇଛି। ସିଆର୍‌ପିଏଫ୍ ବ୍ରାସ ବ୍ୟାଣ୍ଡ ଗ୍ରୁପ ଦ୍ୱାରା ଚିତ୍ତାକର୍ଷକ ବାଦ୍ୟ ପରିବେଷଣ କରାଯାଇଥିଲା।

## 'ଭାରତ-ବି ଦଳକୁ ପାକିସ୍ତାନ ହରାଇବା କଷ୍ଟକର ହେବ'

**ନୂଆଦିଲ୍ଲୀ,୨୫।୨(ପି.ଟି.):** ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତଠାରୁ ଲଜ୍ଜାଜନକ ପରାଜୟ ମିଳିବା ପରେ ପାକିସ୍ତାନ ଦଳକୁ ପ୍ରବଳ ସମାଲୋଚନା କରାଯାଉଛି। ଏହି ଧାରାରେ ଭାରତର କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଯୋଡ଼ି ହୋଇଛନ୍ତି। ତାଙ୍କ ମତରେ ପାକିସ୍ତାନ ଦଳ ଭାରତର ବି' ଦଳକୁ ହରାଇବାରେ ସଂଘର୍ଷ କରିବ। ଭାରତ ୬ ଉଇକେଟରେ ପାକିସ୍ତାନକୁ ହରାଇଥିଲା। ମୋ ମତରେ ଭାରତର ବି' ଦଳ ପାକିସ୍ତାନକୁ କଡ଼ା ଟକ୍କର ଦେବ। ଭାରତର ସି' ଦଳକୁ ନେଇ ମୁଁ ନିଶ୍ଚିତ ନୁହେଁ। କିନ୍ତୁ ପାକିସ୍ତାନ ଦଳ ବର୍ତ୍ତମାନ ଯେଉଁ ଫର୍ମରେ ଅଛି, ତାହାକୁ ଦୃଷ୍ଟିରେ ରଖି ସେମାନଙ୍କ ଲାଗି ଭାରତର ବି' ଦଳକୁ ହରାଇବା ଖୁବ କଷ୍ଟକର ହେବ ବୋଲି ଗାଭାସ୍କର କହିଛନ୍ତି।

# ଆଜିଠୁ ରଣ୍‌ଜୀ ଟ୍ରଫି ଫାଇନାଲ

**ନାଗପୁର,୨୫।୨(ପି.ଟି.)**

ସ୍ଥାନୀୟ ଭିସିଏ ଷ୍ଟାଡିୟମରେ ବୁଧବାରଠାରୁ ବିଦର୍ଭ ଓ କେରଳ ମଧ୍ୟରେ ୯୦ତମ ରଣ୍‌ଜୀ ଟ୍ରଫି ସଂସ୍କରଣ ଫାଇନାଲ ମ୍ୟାଚ ଖେଳାଯିବ। ବିଦର୍ଭ ଦୁଇ ଥରର ଚାମ୍ପିୟନ ଓ ଗତ ଥରର ରନରଅପ ହୋଇଥିବା ବେଳେ କେରଳ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଚଳିତ ସିଜନରେ ଅକ୍ଷୟ ୱାଡକରଙ୍କ ନେତୃତ୍ୱାଧୀନ ବିଦର୍ଭ ଜବରଦସ୍ତ ପ୍ରଦର୍ଶନ କରିବା ସହ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ଗ୍ରୁପ ପର୍ଯ୍ୟାୟରେ ୭ରୁ ୬ ମ୍ୟାଚ ଜିତିବା ପରେ କ୍ୱାର୍ଟର ଫାଇନାଲରେ ତାମିଲନାଡ୍ରୁକୁ ୧୯୮ ରନରେ ଓ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇକୁ ୮୦ ରନରେ ହରାଇ ବିଦର୍ଭ ଫାଇନାଲରେ ପହଞ୍ଚିଛି। ୨୦୧୭-୧୮ ଓ ୨୦୧୮-୧୯ ସଂସ୍କରଣର ଚାମ୍ପିୟନ ବିଦର୍ଭ ଚତୁର୍ଥ ଥର ପାଇଁ ରଣ୍‌ଜୀ ଫାଇନାଲ ଖେଳିବାକୁ ଯାଉଛି।

# ମହେନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ୨୮ରୁ



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୫।୨ (ତପନ ସ୍ୱାଇଁ)**

ଟାଉନ୍ କ୍ଲବ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ମହେନ୍ଦ୍ର କୁମାର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ମାର୍ଚ୍ଚ ୯ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ରାମେଶ୍ୱର ସ୍ପୋର୍ଟିଂ, ପ୍ରଗତି ଓ ପାରାମାଉଣ୍ଟ ସ୍ପୋର୍ଟିଂ ଏବଂ ଗ୍ରୁପ୍ 'ବି'ରେ ଟାଉନ୍ କ୍ଲବ, ସହିଦ ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ସ୍ଥାନ ପାଇଛି। ଲିଗ୍ ପର୍ଯ୍ୟାୟରେ ପ୍ରତି ଗ୍ରୁପରେ ସ୍ଥାନ ପାଇଥିବା ଦଳଗୁଡ଼ିକ ପରସ୍ପର ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବେ। ପରେ ୨ଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ମାର୍ଚ୍ଚ ୬ ଓ ୭ ତାରିଖରେ ସେମିଫାଇନାଲ ଏବଂ ୯ରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ମୁଖ୍ୟ ତଥା ଟାଉନ୍ କ୍ଲବ କୋଷାଧ୍ୟକ୍ଷ ନିହାରକାନ୍ତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ସହ ଯଥାକ୍ରମେ ୧୫,୦୦୦ ଓ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବ୍ୟତୀତ ଟୁର୍ନାମେଣ୍ଟ ଶେଷରେ ବିଭିନ୍ନ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ମ୍ୟାଚଗୁଡ଼ିକ ୩୫ ଓଭର ବିଶିଷ୍ଟ ହେବ। ଏହି ଟୁର୍ନାମେଣ୍ଟରେ କେବଳ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସହ ଅନୁବନ୍ଧିତ ଖେଳାଳିମାନେ ଖେଳିପାରିବେ ବୋଲି ନୀହାରକାନ୍ତ ସ୍ପଷ୍ଟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ମହେନ୍ଦ୍ର ଜେନାଙ୍କ ପୁଅ ଦିଲୀପ କୁମାର ଜେନା, ଟାଉନ୍ କ୍ଲବ ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, ପୂର୍ବତନ ଖେଳାଳି ଦୀପକ କୁମାର ମାଝି, କୋଚ୍ ବିଶାଳ କର ଏବଂ କମିଟି ସଦସ୍ୟ ଆଶିଷ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୋହଲିଙ୍କଠାରୁ ଭଲ ଦିନିକିଆ ବ୍ୟାଟର ଦେଖି ନାହିଁ: ପଣ୍ଟିଂ

**ଦୁବାଇ,୨୫।୨(ପି.ଟି.):** ମୁଁ ବିରାଟ କୋହଲିଙ୍କଠାରୁ ଭଲ ଦିନିକିଆ ବ୍ୟାଟର ଦେଖି ନାହିଁ ବୋଲି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ କହିଛନ୍ତି। ଏଥିସହିତ କୋହଲି ୫୦ ଓଭର ଫର୍ମାଟରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ସର୍ବାଧିକ ରନ କରିବାର ରେକର୍ଡକୁ ପଛରେ ପକାଇପାରନ୍ତି ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଗତ ରବିବାର ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ କୋହଲି ଅପରାଜିତ ୧୦୦ ରନ କରିଥିଲେ, ଯାହାକି ତାଙ୍କ କ୍ୟାରିୟରର ୫୧ତମ ଦିନିକିଆ ଶତକ ଥିଲା। ମୋ ମତରେ ମୁଁ କୋହଲିଙ୍କଠାରୁ ଭଲ ଦିନିକିଆ ବ୍ୟାଟର ଦେଖି ନାହିଁ। ଦିନିକିଆରେ ସର୍ବାଧିକ ରନ କରିଥିବା ବ୍ୟାଟରଙ୍କ ତାଲିକାରେ କୋହଲି ମୋତେ ଅତିକ୍ରମ କରିଛନ୍ତି। ଏହି ତାଲିକାରେ ବର୍ତ୍ତମାନ ଦୁଇ ଜଣ ତାଙ୍କଠାରୁ ଆଗରେ ଅଛନ୍ତି। ମୁଁ ନିଶ୍ଚିତ ଯେ, ଦିନିକିଆରେ ସର୍ବାଧିକ ରନ ସ୍କୋରର ହେବା ପାଇଁ ସେ ନିଜକୁ ଶ୍ରେଷ୍ଠ ସୁଯୋଗ ଦେବେ। ସେ ଶାରୀରିକ ଭାବେ ପୂର୍ବ ଭଳି ପୂରା ଫିଟ ଅଛନ୍ତି ଏବଂ ସେ ଖୁବ୍ ଅଭ୍ୟାସ ମଧ୍ୟ କରୁଛନ୍ତି। ସେ ଏବେ ବି ସଚିନଙ୍କଠାରୁ ୪ ହଜାର ରନ ପଛରେ ଅଛନ୍ତି। କିନ୍ତୁ କୋହଲିଙ୍କୁ କଦାପି ଅଣଦେଖା କରାଯାଇ ପାରିବ ନାହିଁ ବୋଲି ପଣ୍ଟିଂ ଆଇସିସି ରିଭ୍ୟୁରେ କହିଛନ୍ତି। କୋହଲି ଏବେ ଦିନିକିଆରେ ୧୪,୦୮୫ ରନ୍ କରିଥିବା ବେଳେ ସେ ଏବେ ସଚିନ (୧୮,୪୨୬ ରନ୍)ଙ୍କଠାରୁ ୪,୩୪୧ ରନ ପଛରେ ରହିଛନ୍ତି।


# Classified Everyday

**0674-2580101, 9692975378**




**GROOM WANTED**

Wanted Govt. Officers Groom for Fair Khandayat girl 1998, 5'4", MSC, serving Health Officer State Govt. "Sunasansar". 9937512659. D-76244





**SALE**

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

ଭୁବନେଶ୍ୱର Sum Hospital-2 ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

ଭୁବନେଶ୍ୱର ଛତାବର ଛକରୁ ୧୦୦ ମିଟର ଦୂର (ଛତାବର-ଇନ୍‌ଫୋସିସ୍ ରାସ୍ତା)କୁ ଲାଗି ଉଚ୍ଚ ବର୍ଗର ଅଧିକାରୀ, ଇଞ୍ଜିନିୟର, ବ୍ୟାଙ୍କ ମ୍ୟାନେଜର ଇତ୍ୟାଦି କ୍ରୟ କରିଥିବା ୪୬ ପ୍ଲଟ୍ ମଧ୍ୟରୁ ୩ ଗୋଟି ପ୍ଲଟ୍ ବିକ୍ରୟ କରାଯିବ। ଯୋଗାଯୋଗ- 7064055712, 9777301255 D-71596

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584.** D-3071




**House (1st/2nd/3rd Floor) available for Rent at Unit-III, Kharavela Nagar, Near Mahakali Atakala, Bhubaneswar. Suitable for Office / Residence. Contact: 8455885362 / 8895816403.** D-3044




Positively health benefited SPA by expert female therapist, Bapujinagar. 8018429809. D-76198

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By an affidavit I, Champamani Bhatra @ Damayanti Bagh 49, D/o- Jakaba Khosla @ N. Bauri, Vill- Sapsil, P.O.- Dumuriput, P.S.- Koraput, PIN- 764021 hereby state that my name wrongly mentioned as Champamani in my Savings Passbook A/C No.- 544310110002673 instead of Damayanti Bagh. Hence both Champamani Bhatra and Damayanti Bagh are one and same person. D-3066

I, Rahnuma Ali Ahmad, Aged about 51 years, S/o- Anwar Ali Khan, Village- Binjharpur (Talasahi), P.O./P.S.- Binjharpur, Dist.- Jajpur do hereby solemnly affirm & state before the Executive Magistrate, Binjharpur, on dt.24.02.2025. My minor son namely "NAFISH AHMAD", DOB is 19.03.2012 name has wrongly been enrolled as Satyam Behera, S/o-Saroj Behera of his Aadhaar Card No.- XXXX XXXX 3549. I swear & declare on behalf of my minor son shall be known & recorded as "NAFISH AHMAD", S/o-Sabnam Parween (Mother) & Rahnuma Ali Ahmad (Father) of Village- Binjharpur (Talasahi), P.O./ P.S.- Binjharpur, Dist.- Jajpur, PIN-755004 for all purpose. D-3069

By virtue of an affidavit sworn before Executive Magistrate, Bhuban, dated 19.02.2025, I, Kabita Sethy, Address: Village- Bhuban Hariharpurpatana, Ward No.-12, P.O./P.S.- Bhuban, Dist.-Dhenkanal, Odisha-759017 declare that I have changed my name from Babi Sethy to Kabita Sethy. Henceforth, I shall be known as Kabita Sethy for all purposes.
Kabita Sethy D-3065

By virtue of an affidavit sworn before Executive Magistrate, Bhubaneswar, dated 24.02.2025, I, PARIJA VIGNESH, Address: P.O.- Anolipatna, P.S.-Kujanga, Dist.- Jagatsinghpur, Odisha-754140 declare that I have changed my son's name from PARIJA VIGNESH to P. VIGNESH. Henceforth, he shall be known as P.VIGNESH for all purposes.
Sarojini Parija D-3064

By virtue of an affidavit sworn before Executive Magistrate, Bhubaneswar, dated 18.02.2025, I, Suvendra Kumar Pradhan, S/o- Bhagaban Pradhan, At- Gotalgram, Post- Satyabhamapur, P.S.- Balianta, Dist.- Khordha, Odisha, PIN- 752100 declare that I have changed my daughter's name from S.N. Subhalaxmi to S N Subhalaxmi. Henceforth, she shall be known as S N Subhalaxmi for all purposes. D-3077

By virtue of an affidavit bearing No.- 264, 21.02.2025 before Executive Magistrate, Tangi, Khordha, I have changed my name as Minati Dei, W/o- Hari Patsani instead of Minati Devi, W/o- Hari Patsani for future purpose. D-3079

By virtue of an affidavit sworn before the Executive Magistrate, Binjharpur, dated 21.02.2025, I, Malíprava Panda, Address: At/ P.O.-Brahmanigan, P.S.- Alakunda, Dist.- Jajpur, Odisha-755027 declare that I have changed my name from Mali Panda to Malíprava Panda. Henceforth, I shall be known as Maliprava Panda for all purposes. D-3074

By virtue of an affidavit sworn before the Executive Magistrate, Dharmasala, dated 24.02.2025, I, Swarnaprava Patra, Address: At-Sukutijhar, P.O.-Purunabaulamal, P.S.- Jenapur, Dist.- Jajpur, Odisha-755023 declare that I have changed my name from Simarani Patra to Swarnaprava Patra. Henceforth, I shall be known as Swarnaprava Patra for all purposes. D-3075

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Bari, dated 17.02.2025, I, Sanjaya Kumar Jena, Address: At-Nahan, P.O.-Abhimanyubalia, P.S.- Bariramachandra pur, Dist.- Jajpur, Odisha- 755005 declare that I have changed my name from Sanjya Kumar Jena to Sanjaya Kumar Jena. Henceforth, I shall be known as Sanjaya Kumar Jena for all purposes. D-3076

By virtue of an affidavit sworn before the Executive Magistrate, Darpan, dated 21.02.2025, I, Samsad Begum, Address: At-Manduka, P.O./P.S.- Balichandrapur, Dist.- Jajpur, Odisha-754205 declare that I have changed my name from Samasaha Bibi to Samsad Begum. Henceforth, I shall be known as Samsad Begum for all purposes. D-3073

I, Shri Hata Kishore Biswal, S/o- Late Tanguru Biswal, Patanapada, P.O.- Patamandir, Parjang, Dhenkanal-759120 states by an affidavit No.- 2092, date 25.02.2025, before Executive Magistrate, Cuttack, that I have changed my daughter's name Kirtirekha Biswal to Kirti Rekha Biswal. Kirtirekha Biswal and Kirti Rekha Biswal is one and same person. Henceforth, She will be known as Kirti Rekha Biswal for all purposes. D-3080

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ସୁଷମା ରାଣୀ ପଣ୍ଡା**
ସରପଞ୍ଚ, ହୁଗୁଳି ପଞ୍ଚାୟତ
ଭୋଗରାଇ, ବାଲେଶ୍ୱର
ଆବିର୍ଭାବ: ୩୧।୧୨।୧୯୬୭
ତିରୋଧାନ: ୧୬।୦୨।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ତୁମର ଆଦର୍ଶ, ତ୍ୟାଗ, ନିଷ୍ଠା, ଶ୍ରଦ୍ଧା ଓ ନିଃସ୍ୱାର୍ଥପର ଜନସେବା ଆମମାନଙ୍କ ପାଇଁ ଚିରଦିନ ଉଦାହରଣ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବାବା ଚନ୍ଦନେଶ୍ୱର ମହାଦେବ, ବାବା ଭୂଷଣ୍ଡେଶ୍ୱର ମହାଦେବ, ମା' ବାସୁଳୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ- ହତଭାଗ୍ୟ ସ୍ୱାମୀ: ଶ୍ରୀ ତପନ କୁମାର ପଣ୍ଡା, ଚନ୍ଦନେଶ୍ୱର ମହାଦେବଙ୍କ ମୁଖ୍ୟ ମୌରସୀ ତଥା ବିଜୁଜନତା ଦଳର ଜିଲା ଉପସଭାପତି, ପୁତ୍ର-ଅଭିଜିତ କୁମାର ପଣ୍ଡା, ବୋହୂ- ଅଞ୍ଜନା ପଣ୍ଡା, ଝିଅ- ସୋମା ଶତପଥୀ, ଜ୍ୱାଇଁ - ନୀଳାଦ୍ରି ବିହାରୀ ଶତପଥୀ, ଶୋକସନ୍ତପ୍ତ ପରିବାରବର୍ଗ ଓ ପଞ୍ଚାୟତବାସୀ।
ଧ-୩୦୭୮

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ବୁଦ୍ଧିନାଥ ସାହୁ**
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ତା୧୬।୦୫।୧୯୩୪
ତିରୋଧାନ: ତା୦୧।୦୩।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ। ସ୍ୱର୍ଗବାସ ଶାନ୍ତି ପ୍ରଦାୟକ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ପତ୍ନୀ: ଉଲ୍ଲାସ, ପୁତ୍ର: ରବୀନ୍ଦ୍ର, ବଧୂ: ଚଞ୍ଚଳା, ନାତି: ଚନ୍ଦନ, ଭିକି, କାହ୍ନା, ନାତୁଣୀ: ଲକି, ବିଯୁଟି, ପ୍ରୀତି, ଜ୍ୟୋତି, ରାଣୀ, ସୋନି, ଶିଖାପର୍ଣ୍ଣା, ଅଣନାତି: ତୁତୁଲ, ବନ୍ଧୁ ଓ ସାହୁ ପରିବାରବର୍ଗ।
ଧ-୩୦୬୭

# ମୁଗ ଫସଲରେ ଜଳସେଚନ



**ଖ**ରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନକଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

# ଆଖୁରେ ସାର ପ୍ରୟୋଗ



**ଆ**ଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗକରି ହୁଡ଼ା ଟେକିଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାରକଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବରଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁଗଛ ମୂଳରେ ଦିଅନ୍ତୁ।

## ପ୍ରାଣୀଙ୍କ ଯତ୍ନ

**ଗୋ**ରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କର ନାଲିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବା ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର୍ ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।



# ହାଇଡ୍ରୋପୋନିକ୍ସ ପଦ୍ଧତିରେ ଧାନତଳି ଉତ୍ପାଦନ



ଡା. ଶିବାନୀ ମହାପାତ୍ର

**ଭା**ରତରେ ମୋଟ ଖାଦ୍ୟଶସ୍ୟ ଉତ୍ପାଦନରେ ଧାନର ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହା ଦେଶର ମୋଟ ଚାଷଜମିର ପ୍ରାୟ ୨୫%ରେ ଚାଷ କରାଯାଇଥାଏ ଏବଂ ଏହା ଭାରତର ୬୦%ରୁ ଅଧିକ ଜନସଂଖ୍ୟାର ମୁଖ୍ୟ ଖାଦ୍ୟ । ଆମ ଦେଶ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଧାନ ଉତ୍ପାଦନକାରୀ ଦେଶ । କିନ୍ତୁ ଆମ ଦେଶର କୃଷକମାନେ ଧାନଚାଷ ପାଇଁ ଜମି ଉପଲବ୍ଧତା ଜଳସେଚନର ବ୍ୟବସ୍ଥା ଏବଂ କୃଷି ଉଦ୍ଦେଶ୍ୟରେ ଶ୍ରମିକଙ୍କ ଉପଲବ୍ଧତା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳସ୍ୱରୂପ, ଆଜିକାଲି ଯୁବକମାନେ ଉପରୋକ୍ତ କାରଣ ହେତୁ କୃଷିକ୍ଷେତ୍ର ବାହାରେ ଚାକିରି କରିବାକୁ ପସନ୍ଦ କରୁଛନ୍ତି। ନିକଟ ଭବିଷ୍ୟତରେ, ଆମ ଦେଶରେ ଉଚ୍ଚମାନର ଧାନଚାଷ କରିବା ଏକ ଚ୍ୟାଲେଞ୍ଜର ପ୍ରଶ୍ନ ହୋଇ ରହିଆସିଛି। କୃଷକମାନଙ୍କୁ ଏହି ଆହ୍ୱାନର ସାମ୍ନା କରିବାକୁ ନୂତନ ଜ୍ଞାନକୌଶଳର ଆବଶ୍ୟକ ଯାହାକି ଚାଷର ମୂଲ୍ୟ ହ୍ରାସ କରିପାରିବ ଏବଂ ଅମଳର ଉନ୍ନତି ଆଣିପାରିବ।

ଅତୀତରେ ସାଧାରଣତଃ ଧାନଚାଷ ପାଇଁ ଛଟାବୁଣା ପ୍ରଣାଳୀ ପ୍ରଚଳିତ ଥିଲା। କିନ୍ତୁ ଆଜିକାଲି ଅଧିକାଂଶ କୃଷକ ପ୍ରତିରୋପଣ ପ୍ରଣାଳୀ ବ୍ୟବହାର କରୁଛନ୍ତି ଏବଂ ପାରମ୍ପରିକ ତଳି ବଦଳରେ ଉଚ୍ଚ ଅମଳକ୍ଷମ ତଳି ବ୍ୟବହାର କରୁଛନ୍ତି। ତଳି ରୋପଣ ପାଇଁ ଏକ ନର୍ସରି ପ୍ରତିଷ୍ଠା ଆବଶ୍ୟକ। ସାଧାରଣତଃ ଆମ କୃଷକମାନେ କାଦୁଅ ନର୍ସରି ବ୍ୟବହାର କରନ୍ତି, ଯେଉଁଠାରେ ଜଳସେଚନ ପାଇଁ ଜଳ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ। ଧାନତଳିକୁ ଭଲଭାବେ କାଦୁଅ କରି ସମତଳ ମାଟିରେ ବୁଣାହୁଏ। ସୁସ୍ଥ ତଳି ଉତ୍ପାଦନ ପାଇଁ ମୂଳସାର ଭାବରେ ଜୈବିକ ଖତ ଏବଂ ଅଳ୍ପ ପରିମାଣର ରାସାୟନିକ ସାରର ପ୍ରୟୋଗ ମଧ୍ୟ ଆବଶ୍ୟକ। ଭଲ ଧାନଫସଲ ପାଇଁ ସୁସ୍ଥ ତଳି ଆବଶ୍ୟକ। ନଚେତ୍ ଏହା ଫସଲର ଉତ୍ପାଦନର ଅତିକମ୍‌ରେ ୧୦% ହ୍ରାସ କରିପାରିବ। ଆଜିକାଲି କୃଷକମାନେ ଉପଯୁକ୍ତ ଧାନ ନର୍ସରି ପ୍ରତିଷ୍ଠା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୃଷକମାନେ ସମ୍ମୁଖୀନ ହେଉଥିବା ଅସୁବିଧାମାନ ହୋଇଥାଏ। ସେଗୁଡିକ ମଧ୍ୟରେ ରହିଛି–

- ନର୍ସରି ପ୍ରତିଷ୍ଠା ପାଇଁ ଉପଯୁକ୍ତ ଜମି ଉପଲବ୍ଧ ହୁଏ ନାହିଁ ।
- ବିଳମ୍ବିତ ମୌସୁମୀ ସମୟରେ ଜଳସେଚନ ପାଇଁ ଜଳ ଉପଲବ୍ଧ ହୁଏନାହିଁ।
- ଦରକାର ସମୟରେ କୃଷି ଶ୍ରମିକ ଉପଲବ୍ଧ ହୁଅନ୍ତି ନାହିଁ।
- ରୋଗ ଓ ପୋକ ପାଇଁ କୀଟନାଶକ ଇତ୍ୟାଦିର ଆବଶ୍ୟକତା ପଡ଼ିଥାଏ ।
- ମଞ୍ଜି ବୁଣିବା ପରେ ପକ୍ଷୀ, ମୂଷା ଏବଂ ଗୁଣ୍ଡୁଚିରେ ଆକ୍ରମଣ ସମ୍ଭାବନା ଥାଏ ।
- ଅଧିକ ପରିମାଣର ମଞ୍ଜି ଅର୍ଥାତ୍ ଏକର ପିଛା ସର୍ବନିମ୍ନ ୧୦ କି.ଗ୍ରା.ରୁ ୨୦ କି.ଗ୍ରା. ଯାଏ ଆବଶ୍ୟକ ହୋଇଥାଏ ।
- ଅଧିକ ପରିମାଣର ସମୟ ଅର୍ଥାତ୍ ବୁଣିବାଠାରୁ ପ୍ରତିରୋପଣ ପର୍ଯ୍ୟନ୍ତ ୨୧ ଦିନ ଲାଗିଥାଏ ।

ଅନ୍ୟପକ୍ଷରେ, ଧାନ ତଳି ପ୍ରସ୍ତୁତି ପାଇଁ ହାଇଡ୍ରୋପୋନିକ୍ସ ପଦ୍ଧତି କୃଷକମାନଙ୍କ ପାଇଁ ଅଧିକ ଲାଭଦାୟକ, କାରଣ ଏହା ମାଟି ବିନା ଏବଂ ନିୟନ୍ତ୍ରିତ ପରିବେଶରେ ଚାଷକରାଯାଇଥାଏ। ଅନ୍ୟାନ୍ୟ ଲାଭଗୁଡ଼ିକ ମଧ୍ୟରେ ରହିଛି....

- ଏହା ଏକ ହାଇଡ୍ରୋପୋନିକ୍ସ ସେଡ୍‌ରେ ଚାଷ ହେଉଥିବାରୁ ଏଥିପାଇଁ କମ୍ ସ୍ଥାନ ଆବଶ୍ୟକ କରେ।
- ପ୍ଲାଷ୍ଟିକ ଟ୍ରେରେ ବୁଣାଯାଉଥିବାରୁ ୯୦% କମ୍ ଜଳ ଆବଶ୍ୟକ ହୋଇଥାଏ।
- କମ୍ ପରିଶ୍ରମ ଆବଶ୍ୟକ ହୋଇଥାଏ।
- ଏକ ବନ୍ଦ କୋଠରିରେ ଚାଷ ହେଉଥିବାରୁ ରୋଗ, କୀଟ ଓ ପକ୍ଷୀମାନଙ୍କ ଆକ୍ରମଣ ଇତ୍ୟାଦି କମ୍ ସମ୍ଭାବନା ଥାଏ। ତଳି ଚାରା ୭ ଦିନରେ ପ୍ରସ୍ତୁତ ହୋଇଥାଏ।
- ଅଳ୍ପ ମଞ୍ଜି ଆବଶ୍ୟକ ହୁଏ। ଏକର ପ୍ରତି ମାତ୍ର ୫ କିଗ୍ରା ମଞ୍ଜି ଦରକାର।

ଭାରତରେ, ଆୟୁର-ଭେଟ ଅନୁସନ୍ଧାନ ଫାଉଣ୍ଡେଶନ ଦ୍ୱାରା ୨୦୦୯ ମସିହାରୁ ହାଇଡ୍ରୋପୋନିକ୍ସ ଧାନତଳି ଉତ୍ପାଦନ କାର୍ଯ୍ୟ ଚାଲିଆସୁଛି। ଏହି କାର୍ଯ୍ୟ ୨୦୧୬ରେ ନାବାର୍ଡ ଚଣ୍ଡିଗଡ଼ ଦ୍ୱାରା ମଧ ପରୀକ୍ଷଣ କରାଯାଇଛି। ବୃହତ୍ ହାଇଡ୍ରୋପୋନିକ୍ସ ଉତ୍ପାଦନ ୟୁନିଟ୍‌ଗୁଡ଼ିକରେ ଉପରୋକ୍ତ ସ୍ଥାନରେ ପରୀକ୍ଷା କରାଯାଇଥିଲା, ଯାହା ବୃହତ୍ ଚାଷୀଙ୍କ ପାଇଁ ଉପଯୁକ୍ତ । କ୍ଷୁଦ୍ର ଏବଂ ନାମମାତ୍ର କୃଷକଙ୍କ ପାଇଁ ଧାନତଳି ପ୍ରସ୍ତୁତି ନିମନ୍ତେ ଏକ ବିକଳ୍ପ ସ୍ୱଳ୍ପମୂଲ୍ୟର ହାଇଡ୍ରୋପୋନିକ୍ସେଡ ପ୍ରସ୍ତୁତ କରିପାରିବ। ୧ ଏକର ଜମି ପାଇଁ (୫'x୫'x୨')ର ସବୁଜଗୃହ ନିର୍ମାଣ ପାଇଁ ବାଉଁଶ କିମ୍ବା କାଠ ସାମଗ୍ରୀରେ ୪ ସ୍ତରୀୟ ବ୍ୟବସ୍ଥା କରାଯାଇ ଏଗ୍ରିନେଟ୍ ଦ୍ୱାରା ଆଚ୍ଛାଦନ କରାଯାଇଥାଏ। ଏହାବ୍ୟତୀତ ୫ କି.ଗ୍ରା. ମଞ୍ଜି ପାଇଁ ସମୁଦାୟ ୧୬ଟି ଟ୍ରେ (୧.୫'x୧') ଆବଶ୍ୟକ ହୋଇଥାଏ। ଏହି ପ୍ରକ୍ରିୟାରେ କୌଣସି ଖତ କିମ୍ବା ରାସାୟନିକ ସାରର ଆବଶ୍ୟକତା ନାହିଁ। ସବୁଜଗୃହର ତାପମାତ୍ରା ୩୦ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ୩୩ ଡିଗ୍ରୀ ସେଣ୍ଟିଗ୍ରେଡ୍ ଏବଂ ଆର୍ଦ୍ରତା ୭୫ ରୁ ୮୦% ମଧ୍ୟରେ ରଖାଯାଏ। ଧାନମଞ୍ଜିଗୁଡ଼ିକ ୨୪ ଘଣ୍ଟା ଭିଜିବା ପରେ ପ୍ଲାଷ୍ଟିକ୍ ଟ୍ରେରେ ବୁଣାଯାଏ ଏବଂ ଶୀଘ୍ର ଅଙ୍କୁରିତ ହେବା ପାଇଁ ଅଖା ବ୍ୟାଗ୍‌ରେ ୨୪ ଘଣ୍ଟା ଭର୍ତ୍ତିକରି ରଖାଯାଏ। ତଳି ୭ ଦିନ ମଧ୍ୟରେ ପ୍ରତିରୋପଣ ପାଇଁ ପ୍ରସ୍ତୁତ ହୁଏ ଏବଂ ଉତ୍ତମ ଚାରା ପାଇଁ ପ୍ରତିଦିନ ୩-୪ ଥର ପାଣି ଛିଞ୍ଚିବା ଆବଶ୍ୟକ ହୋଇଥାଏ। ଏହି ପଦ୍ଧତି ଅବଲମ୍ବନକରି ଭାରତୀୟ କ୍ଷୁଦ୍ର ଏବଂ ନାମମାତ୍ର କୃଷକମାନେ ବହୁ ପରିମାଣର ଜଳ, ଶ୍ରମ, ସମୟ ଏବଂ ଅନ୍ୟାନ୍ୟ ସମ୍ବଳ ସଞ୍ଚୟ କରିପାରିବେ। ଏହି ଉତ୍ପାଦନ ପ୍ରକ୍ରିୟା ପ୍ରଦୂଷଣମୁକ୍ତ ଏବଂ ଧାନତଳି ଉତ୍ପାଦନ ପରେ ବିଭିନ୍ନ ଘରୋଇ ପଶୁଙ୍କ ପାଇଁ ସବୁଜ ଗୋଖାଦ୍ୟ ଉତ୍ପାଦନ ଲାଗି ଏହି ସବୁଜଗୃହକୁ ବ୍ୟବହାର କରାଯାଇପାରିବ।

–ସହକାରୀ ପ୍ରଫେସର (ଗବେଷଣା, ଔଦ୍ୟୋଗିକ ଜୈବପ୍ରଯୁକ୍ତି ବିଦ୍ୟା ଗବେଷଣା କେନ୍ଦ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)
ମୋ : ୬୩୭୨୫୯୮୯୯୩

"ଭାରତରେ,ଆୟୁର-ଭେଟ ଅନୁସନ୍ଧାନ ଫାଉଣ୍ଡେଶନ ଦ୍ୱାରା ୨୦୦୯ ମସିହାରୁ ହାଇଡ୍ରୋପୋନିକ୍ସ ଧାନତଳି ଉତ୍ପାଦନ କାର୍ଯ୍ୟ ଚାଲିଆସୁଛି। ଏହି କାର୍ଯ୍ୟ ୨୦୧୬ରେ ନାବାର୍ଡ ଚଣ୍ଡିଗଡ଼ ଦ୍ୱାରା ମଧ ପରୀକ୍ଷଣ କରାଯାଇଛି। ବୃହତ୍ ହାଇଡ୍ରୋପୋନିକ୍ସ ଉତ୍ପାଦନ ୟୁନିଟ୍‌ଗୁଡ଼ିକରେ ଉପରୋକ୍ତ ସ୍ଥାନରେ ପରୀକ୍ଷା କରାଯାଇଥିଲା, ଯାହା ବୃହତ୍ ଚାଷୀଙ୍କ ପାଇଁ ଉପଯୁକ୍ତ । କ୍ଷୁଦ୍ର ଏବଂ ନାମମାତ୍ର କୃଷକଙ୍କ ପାଇଁ ଧାନତଳି ପ୍ରସ୍ତୁତି ନିମନ୍ତେ ଏକ ବିକଳ୍ପ ସ୍ୱଳ୍ପମୂଲ୍ୟର ହାଇଡ୍ରୋପୋନିକ୍ସେଡ ପ୍ରସ୍ତୁତ କରିପାରିବ।"



## ଖେଳ ଖବର

# ଚାମ୍ପିୟନ ନେଦରଲାଣ୍ଡ୍ସକୁ ହରାଇଲା ଭାରତ



ଗତଥରର ଚାମ୍ପିୟନ ନେଦରଲାଣ୍ଡ୍ସକୁ ହରାଇବାପରେ ଉଲ୍ଲସିତ ଭାରତୀୟ ମହିଳା ହକି ଦଳ। (ଫଟୋ: ବିକାଶ ନାୟକ)

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି

ଭୁବନେଶ୍ୱର, ୨୫।୨ (ତପନ ସ୍ୱାଇଁ)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକିରେ ଭାରତୀୟ ମହିଳା ଦଳ ମଙ୍ଗଳବାର ଚମକପ୍ରଦ ପ୍ରଦର୍ଶନ କରିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ଡିଫେଣ୍ଡିଂ ଚାମ୍ପିୟନ ନେଦରଲାଣ୍ଡ୍ସକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି। ନେଦରଲାଣ୍ଡ୍ସ ବିଶ୍ୱର ନମ୍ବର ୱାନ ଦଳ ହୋଇଥିବାବେଳେ ଭାରତର ର୍ୟାଙ୍କ୍ ହେଉଛି ନବମ। ପୂର୍ବଦିନ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ୨-୪ ଗୋଲରେ ହାରି ଯାଇଥିବା ଭାରତ ରିବାଉଣ୍ଡ ମ୍ୟାଚରେ ଶୁଟ୍‌ଆଉଟ ୨-୧ ଗୋଲରେ ବିଜୟୀ ହୋଇ ପରାଜୟର ମଧୁର ପ୍ରତିଶୋଧ ନେଇଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିବାପରେ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା।

ସୋମବାର ପରାଜୟରୁ ଶିକ୍ଷା ଲାଭ କରି ଭାରତୀୟ ଦଳ ପଡ଼ିଆକୁ ଓହ୍ଲାଇଥିଲା। ଆରମ୍ଭରୁ ଶକ୍ତିଶାଳୀ ନେଦରଲାଣ୍ଡ୍ସକୁ କଡ଼ା ଚ୍ୟାଲେଞ୍ଜ ଦେଇ ପ୍ରଥମ କ୍ୱାର୍ଟରରେ ଅଗ୍ରଣୀ ହାସଲର ସୁଯୋଗ ଦେଇ ନ ଥିଲା। ମାତ୍ର ମହିଳା ହକିର ପାୱାର ହାଉସ ନେଦରଲାଣ୍ଡ୍ସ ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୧୭ତମ ମିନିଟରେ ପାଇଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଅଗ୍ରଣୀ ନେଇଥିଲା। ଅଧିନାୟିକା ପେନ୍ ସାଣ୍ଡର୍ସ ଏହି ଗୋଲଟି ଦେଇ ଭାରତ ଉପରେ ଚାପ ପ୍ରୟୋଗ କରିଥିଲେ। କେବଳ ସେତିକି ନୁହେଁ ୨୮ତମ ମିନିଟରେ ଭାନ୍ ଡର୍ ଇଲେଷ୍ଟ ଫେ ଏକ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ନେଦରଲାଣ୍ଡ୍ସର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚି ଯାଇଥିଲା। ମାତ୍ର ମନୋବଳ ନ ହରାଇ ଭାରତୀୟ ଦଳ ଦ୍ୱିତୀୟାର୍ଦ୍ଧରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲା। ୩୫ତମ ମିନିଟରେ ଦୀପିକା ଏକ ଗୋଲ ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଆସି ଯାଇଥିଲା। ୪୩ତମ ମିନିଟରେ ବଳଜିତ କୌର ଏକ ଫିଲ୍ଡ ଗୋଲ ଦେବାରୁ ତୃତୀୟ କ୍ୱାର୍ଟର ଶେଷ ବେଳକୁ ମ୍ୟାଚ ୨-୨କୁ ଚାଲି ଆସିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ନେଦରଲାଣ୍ଡ୍ସ ସମସ୍ତ ବଳ ଖଟାଇଥିଲା। ମାତ୍ର ଭାରତୀୟ ରକ୍ଷଣଭାଗ ପ୍ରାଚୀର ସଦୃଶ ଛିଡ଼ା ହୋଇ ବିପକ୍ଷ ଦଳର ସମସ୍ତ ଉଦ୍ୟମକୁ ପ୍ରତିହତ କରିଥିଲା। ଶୁଟ୍‌ଆଉଟ ପର୍ଯ୍ୟାୟରେ ଭାରତର ଦୀପିକା ଓ ମୁମତାଜ ଖାଁ ଗୋଲ ଦେଇଥିବାବେଳେ ବିୟୁଟି ଡୁଙ୍ଗ ଡୁଙ୍ଗ୍ ଓ ବଳଜିତ କୌର ମିସ୍ କରିଥିଲେ। ନେଦରଲାଣ୍ଡ୍ସ ଖେଳାଳିଙ୍କ ମଧ୍ୟରୁ ଆଶ୍ଚର୍ଯ୍ୟଜନକ ଭାବେ କେବଳ ମାରିଜନ ଭେନ୍ ଗୋଲ ଦେଇଥିବାବେଳେ ଅଧିନାୟିକା ପେନ୍ ସାଣ୍ଡର୍ସ, ଭାନ୍ ଡର୍ ଇଲେଷ୍ଟ ଫେ, ଲୁନା ଫୋକେ ଓ ପେନ୍ ଡିକେ ମିସ୍ କରିଥିଲେ। ଗୋଲକିପର ସବିତା ପୁନିଆ ଚମତ୍କାର ସେଭ୍ କରି ଭାରତକୁ ମ୍ୟାଚ ଜିତାଇବାରେ ବଡ଼ ଭୂମିକା ନେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ସବିତା ପୁନିଆ।

# ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ସରିଲା

ଭୁବନେଶ୍ୱର, ୨୫।୨ (ତପନ ସ୍ୱାଇଁ)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ମଙ୍ଗଳବାର ଶେଷ ହୋଇଛି। ଏଠାରେ ଭାରତୀୟ ମହିଳା ଓ ପୁରୁଷ ଦଳ ଅଭିଯାନ ଆରମ୍ଭ କରି ୮ଟି ଲେଖାଏ ମ୍ୟାଚ ଖେଳିଛନ୍ତି। ଭାରତୀୟ ପୁରୁଷ ଦଳ ୮ ମ୍ୟାଚରୁ ୫ ବିଜୟ ଓ ୩ ପରାଜୟ ସହ ୧୫ ପଏଣ୍ଟ ପାଇଛି। ଫଳରେ ଦଳ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। କାର୍ଯ୍ୟସୂଚୀ ଅନୁସାରେ ଭାରତ ଆସନ୍ତା ଜୁନ୍‌ରେ ଆମଷ୍ଟରଡାମ୍‌ରେ ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା ବିପକ୍ଷରେ ଖେଳିବା ପରେ ଆଣ୍ଟୱେର୍ପରେ ଅଷ୍ଟ୍ରେଲିଆ ଓ ବେଲ୍‌ଜିୟମ ସହିତ ମୁକାବିଲା କରିବ। ସେହିପରି ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ମୁକାବିଲା କରି ଭାରତୀୟ ମହିଳା ଦଳ ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୧ ଶୁଟ୍‌ଆଉଟ ପରାଜୟ ଓ ୪ ପରାଜୟ ସହିତ ୯ ପଏଣ୍ଟ ହାସଲ କରି ୬ଷ୍ଠ ସ୍ଥାନରେ ରହିଛି। ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁସାରେ ମହିଳା ଦଳ ଜୁନ୍‌ରେ ଇଂଲଣ୍ଡ ଯାଇ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ। ଏହାପରେ ଆଣ୍ଟୱେର୍ପରେ ଘରୋଇ ବେଲ୍‌ଜିୟମ ସହିତ ଖେଳିବାପରେ ବର୍ଲିନରେ ଚାଇନା ସହିତ ମୁକାବିଲା କରିବ।

# ବିଜୟ ସହ କଳିଙ୍ଗରେ ଭାରତର ଅଭିଯାନ ଶେଷ

ଭୁବନେଶ୍ୱର, ୨୫।୨ (ତପନ ସ୍ୱାଇଁ)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ଦଳ ବିଜୟ ସହ ଘରୋଇ ପରିବେଶରେ ଏହାର ଅଭିଯାନ ଶେଷ କରିଛି। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭାରତ ୨-୧ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଛି। ସୋମବାର ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ୨-୩ ଗୋଲରେ ହାରିଥିବାରୁ ଏହି ବିଜୟ ସହ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ୨୬ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ଦେଇ ଅଧିନାୟକ ହରମନପ୍ରୀତ ସିଂ ଭାରତକୁ ଅଗ୍ରଣୀ କରିଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ଭାରତର ଯୁଗରାଜ ସିଂଙ୍କୁ ରେଫରି ୟେଲୋ କାର୍ଡ ଦେବାସହ ଇଂଲଣ୍ଡକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ପ୍ରଦାନ କରିଥିଲେ। ଏହାର ଫାଇଦା ନେଇ ଇଂଲଣ୍ଡ ଅଧିନାୟକ କନର ୱିଲିୟମସନ ଗୋଲ ଦେବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ତେବେ ୩୨ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ହରମନପ୍ରୀତ ଯେଉଁ ଅଗ୍ରଣୀ ଦେଇଥିଲେ ତାହା ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ଅନ୍ୟଏକ ମ୍ୟାଚରେ ଜର୍ମାନୀ ୪-୨ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଭାରତ-ଇଂଲଣ୍ଡ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ - ତଥାଗତ ସତପଥୀ







72198 21111 | BAJAJ SECURE | *Terms and conditions apply. *Ex-showroom price for Pulsar 125 variants. Bajaj Auto reserves the right to withdraw any or all offers without prior notice. Stunts have been performed by experts, under professional supervision, in a controlled and enclosed environment, in isolation from general public or public roads. Do not attempt to replicate these stunts and always follow traffic and safety rules. AMC available on specific models and in specific states. Check with Bajaj dealer for more details. Road Side Assistance is provided by third parties and is subject to their terms and conditions.

**Authorized Dealers for Bajaj Auto Ltd.:** Jeypore: DURRANI TRADERS 9124212491 • Nabarangapur DURRANI TRADERS 9124212490 • Raighar DURRANI TRADERS 8260225498 • Bhawanipatna KALINGA BAJAJ 8763863692 • Bolangir URBASI BAJAJ 7381052046 • Rayagada SITA RAMA BAJAJ – 7205631185. **Authorised Service Centre:** Authorised Service Centre: Authorised Service Centre: Junagarh 9437092196, Muniguda 9124600099, Padampur 9668826075 Rajkhariar 9437188542, Khariar Road 9437188542, Titilagarh 9658050722, Bangamunda 7381052046 Patnagarh 9937301752, Umorkote 9556165165, Gaisilet 9437417977, Saintala-8114662939 / 9658030100, M Rampur 9337897005, Tusura 7381052046, Tarbha 7381052046, Lathor 8018785694, Kantamanjhi 7205911835, Narla 9337025341, Charbahal 7008814195, Kotpad 8770141460, Simliguda 8328854352, Nabrangpur 9022149263, Malkangiri 7894323080, Baliguda 7008301945.